ବର୍ଷ-୫୪ : ସଂଖ୍ୟା-୧୨ ଡିସେମ୍ବର, ୨୦୨୩ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ସେ ଆମ ସହ ନିରନ୍ତର ବିଦ୍ୟମାନ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ପ୍ରକୃତ ମୁକ୍ତି | ··· | ଶ୍ରୀମା | ··· | ୭ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ସପ୍ତମ ପରିଚ୍ଛେଦ) ସାମାଜିକ ବିକାଶର ଆଦର୍ଶ ବିଧାନ | ··· | ଶେଖ ଅବଦୁଲ କାଶମ | ··· | ୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୫) | ··· | ··· | ··· | ୧୨ |
| ଅବତାରଙ୍କ ଉଦ୍ଦେଶ୍ୟ (୨) | ··· | ରାମକୃଷ୍ଣ ଦାସ | ··· | ୧୫ |
| ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳଭିତ୍ତି | ··· | ପ୍ରପତ୍ତି | ··· | ୧୮ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୮୦) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୨ |
| ଫେରସ୍ତ (କବିତା) | ··· | ସନ୍ତୋଷ ରଥ | ··· | ୨୫ |
| ସୁବର୍ଣ୍ଣ ଶୃଙ୍ଖଳ | ··· | ନଳିନୀକାନ୍ତ ଗୁପ୍ତ | ··· | ୨୬ |
| ପ୍ରଣବଦା'ଙ୍କ ଜନ୍ମ ଶତବାର୍ଷିକୀର ଶ୍ରଦ୍ଧାର୍ଘ୍ୟ | ··· | ରାମଚନ୍ଦ୍ର ପାଣି | ··· | ୨୮ |
| ଦ୍ୱୀପାନ୍ତରର କଥା (ଷଷ୍ଠ ପରିଚ୍ଛେଦ) ଉପେନ୍ଦ୍ରର କଥା – ଧର୍ମଘଟ (୧) | ··· | ବାରୀନ୍ଦ୍ର କୁମାର ଘୋଷ | ··· | ୩୪ |
| ନୂତନ ଶିକ୍ଷାର ଆହ୍ୱାନ (୩) | ··· | ଗୟାଧର ଦାଶ | ··· | ୩୬ |
| ଅଜ୍ଞାତଶକ୍ତିର ଗନ୍ତାଘର : ତୁମେ ! | ··· | ମନୋଜ ଦାସ | ··· | ୩୯ |
| ସୁନିଲ-ଦା' (୭) | ··· | ··· | ··· | ୪୧ |
| ସମୁଦ୍ର ପକ୍ଷୀଙ୍କର ଏକ କାହାଣୀ | ··· | ··· | ··· | ୪୪ |
| ଦେବାଶିଷର କୁମ୍ଭୀର | ··· | ପ୍ରସାଦ ତ୍ରିପାଠୀ | ··· | ୪୯ |
| ଅଜଣା ଦ୍ୱୀପର ଆଶୀର୍ବାଦ | ··· | ମନୋଜ ଦାସ | ··· | ୫୧ |
| ସହଚର ପୂର୍ଣ୍ଣତାର (କବିତା) | ··· | କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ | ··· | ୫୩ |
| ନୀଳଦରିଆର ଆକର୍ଷଣ | ··· | ବନମାଳୀ ଆଚାର୍ଯ୍ୟ | ··· | ୫୪ |
| ପାଦ ତଳେ ଦିଅ ସ୍ଥାନ (କବିତା) | ··· | ଗୋପାଳକୃଷ୍ଣ ପଟ୍ଟନାୟକ | ··· | ୫୬ |
| ରାଧା ବାସ୍ତବ ନା କଳ୍ପନା ? | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

ମୋତେ ପ୍ରଦାନ କର ତୁମରି ଆଲୋକ, ହେ ଭଗବାନ୍, ଏହାହିଁ ମଞ୍ଜୁର କର ମୁଁ ଯେପରି କୌଣସି ଭ୍ରାନ୍ତିରେ ନିମଜ୍ଜିତ ନହୁଏ । ମଞ୍ଜୁର କର ଯେମିତିକି ମୁଁ ତୁମକୁ ଅର୍ପଣ କରୁଛି ଯେଉଁ ଅନନ୍ତ ସମ୍ମାନ, ଏକାନ୍ତ ଭକ୍ତି ଏବଂ ପ୍ରଗାଢ଼ ପ୍ରେମ, ତାହା ହେଉ ଦୀପ୍ତିମୟ, ହୃଦ୍‌ବୋଧକ, ସର୍ବସଞ୍ଚାରୀ, ଏବଂ ସବୁରି ହୃଦୟରେ ଜାଗରିତ ।

ହେ ଭଗବାନ୍, ଶାଶ୍ୱତ ପ୍ରଭୁ, ତୁମେହିଁ ମୋର ଆଲୋକ ଏବଂ ମୋର ଶାନ୍ତି; ମୋ ପଦକ୍ଷେପକୁ ଦିଅ ଦିଗ୍‌ଦର୍ଶନ, ମୋ ନୟନ କର ଉନ୍ମୀଳନ, ମୋ ହୃଦୟ କର ଭାସ୍ୱର ଏବଂ ମୋତେ କର ତୁମ ଅଭିମୁଖୀ ଋଜୁ ପଥର ପଥିକ ।

ହେ ଭଗବାନ୍, ଭଗବାନ୍, ମଞ୍ଜୁର କର ଯେପରିକି ତୁମ ସଂକଳ୍ପ ବ୍ୟତିରେକେ ମୋର ନଥିବ ଅନ୍ୟ କୌଣସି ସଂକଳ୍ପ ଏବଂ ମୋର ସମସ୍ତ କର୍ମ ଯେପରି ହେବ ତୁମ ଦିବ୍ୟବିଧାନର ଏକ ଅଭିବ୍ୟକ୍ତି ।

ଏକ ମହତୀ ଆଲୋକ ମୋ ସମଗ୍ର ସତ୍ତା କରେ ପ୍ଲାବିତ, ଏବଂ ତୁମ ବିନା ଅନ୍ୟ କୌଣସି ବିଷୟରେ ସଚେତନ ନୁହେଁ ମୁଁ ....

ଶାନ୍ତି, ଶାନ୍ତି, ସାରା ପୃଥିବୀପୃଷ୍ଠରେ ଶାନ୍ତି ।

ଡିସେମ୍ବର ୧୩, ୧୯୧୩ — ଶ୍ରୀମା



# ସେ ଆମ ସହ ନିରନ୍ତର ବିଦ୍ୟମାନ

We stand in the Presence of Him who has sacrificed his physical life in order to help more fully his work of transformation.

He is always with us, aware of what we are doing, of all our thoughts, of all our feelings and all our actions.

(CWM, Vol. 13, p. 8 ) – The Mother

(18. 01. 1951)

ଯିଏ ତାଙ୍କର ରୂପାନ୍ତର କାର୍ଯ୍ୟକୁ ଅଧିକ ପୂର୍ଣ୍ଣ ରୂପେ ସହାୟତା ପ୍ରଦାନ ନିମନ୍ତେ ନିଜର ଭୌତିକ ଶରୀରକୁ ବଳି ଦେଇଛନ୍ତି ତାଙ୍କରି (ଶ୍ରୀଅରବିନ୍ଦଙ୍କ) ଉପସ୍ଥିତି ମଧ୍ୟରେ ଆମେ ଆଜି ଦଣ୍ଡାୟମାନ ।

ଆମେ କ'ଣ କରୁଛୁ, ଆମର ସମସ୍ତ ଚିନ୍ତା, ସମସ୍ତ ଅନୁଭୂତି, ସମସ୍ତ କର୍ମ ସମ୍ବନ୍ଧେ ସଚେତନ ରହି ସେ ଆମ ସହ ନିରନ୍ତର ବିଦ୍ୟମାନ ରହିଛନ୍ତି ।

– ଶ୍ରୀମା

(୧୮. ୦୧. ୧୯୫୧)



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୩୫)

## ଶ୍ରୀଅରବିନ୍ଦ

Above in a high breathless stratosphere,
Overshadowing the dwarfish trinity,
Lived, aspirants to a limitless Beyond,
Captives of Space, walled by the limiting heavens,
In the unceasing circuit of the hours
Yearning for the straight paths of eternity,
And from their high station looked down on this world
Two sun-gaze Daemons witnessing all that is.

ଊର୍ଦ୍ଧ୍ୱରେ ଏକ ସମୁଚ୍ଚ ଶ୍ୱାସହରା ବାୟୁମଣ୍ଡଳରେ ବାମନାକୃତି ତ୍ରିମୂର୍ତ୍ତିକୁ ଛାୟାଚ୍ଛନ୍ନ କରି ନିବାସ କରୁଥିଲେ ନିଃସୀମ ପାରାନ୍ତର ପ୍ରତି ଅଭୀପ୍ସୁବୃନ୍ଦ, ମହାବ୍ୟୋମର ବନ୍ଦୀ ସେମାନେ, ସୀମାବଦ୍ଧକାରୀ ସ୍ୱର୍ଗାବଳି ଦ୍ୱାରା ପ୍ରାଚୀରବେଷ୍ଟିତ, ଘଟିକାଚୟର ଅବିରାମ ପରିକ୍ରମାରେ ଶାଶ୍ୱତତାର ସଳଖ ସରଣୀସକଳ ଲାଗି ଆକୁଳ ଆକାଂକ୍ଷୀ, ଏବଂ ସେମାନଙ୍କର ତୁଙ୍ଗ ସ୍ଥିତିରୁ ଥାଇ ସୂର୍ଯ୍ୟ-ଦୃଷ୍ଟିଯୁଗଳ ଉପଦେବତା ଯାହାସବୁ ବିଦ୍ୟମାନ ତାହାର ସାକ୍ଷୀସ୍ୱରୂପ ଏହି ଜଗତ୍ ଉପରେ ଦୃଷ୍ଟିପାତ କରୁଥିଲେ ।

A power to uplift the laggard world,
Imperious rode a huge high-winged Life-Thought
Unwont to tread the firm unchanging soil:
Accustomed to a blue infinity,
It planed in sunlit sky and starlit air;
It saw afar the unreached Immortal's home
And heard afar the voices of the Gods.

ଅଳସଗତି ଏଇ ପୃଥିବୀକୁ ଉତ୍ତୋଳିତ କରି ନେବାକୁ ଏକ ଶକ୍ତି ଏକ ବିଶାଳ ଉଚ୍ଚ-ପକ୍ଷ ଜୀବନ-ଭାବନା ଉପରେ ସଦର୍ପ ଆରୋହଣ କରି ଆସୁଥିଲା, ସ୍ଥିର ପରିବର୍ତ୍ତନରହିତ ମାଟିରେ ପଦଚାଳନା କରିବାରେ ଅନଭ୍ୟସ୍ତ ସେ : ଏକ ସୁନୀଳ ଅସୀମତା ପ୍ରତି ଅଭ୍ୟସ୍ତ, ସୌରଦୀପ୍ତ ଆକାଶ ଓ ତାରାଲୋକିତ ସମୀରରେ ସେ ଉଡ଼ି ଚାଲୁଥିଲା; ଦୂରରୁ ସେ ଦେଖୁଥିଲା ଅଲଭ୍ୟ ଅମରଙ୍କର ନିଳୟ ଏବଂ ସୁଦୂରରୁ ଶୁଣୁଥିଲା ଦେବଗଣଙ୍କର କଣ୍ଠସ୍ୱର ।

Iconoclast and shatterer of Time's forts,
Overleaping limit and exceeding norm,
It lit the thoughts that glow through the centuries
And moved to acts of superhuman force.

ପ୍ରତିମା-ବିଧ୍ୱଂସୀ ଏବଂ କାଳର ଦୁର୍ଗରାଜିର ଚୂର୍ଣ୍ଣକାରୀ, ସୀମା ଉଲ୍ଲଙ୍ଘନ କରି ଓ ରୀତିନୀତିକୁ ଅତିକ୍ରମି ତାହା ପ୍ରଜ୍ୱଳିତ କରିଦେଲା ଚିନ୍ତାରାଶି ଯାହା ଉଦ୍ଭାସିତ ହେଉଥାଏ ଶତାବ୍ଦୀ ଶତାବ୍ଦୀ ଧରି ଏବଂ ଅତିମାନବୀୟ ଶକ୍ତିର କର୍ମସକଳରେ ପ୍ରବୃତ୍ତ ହେଲା ।

As far as its self-winged air-planes could fly,
Visiting the future in great brilliant raids
It reconnoitred vistas of dream-fate.

ଯେତେ ଦୂର ତା'ର ସ୍ୱୟଂ-ପକ୍ଷଚାଳିତ ବିମାନଗୁଡ଼ିକ ଉଡ଼ି ପାରୁଥିଲା, ବିରାଟ ବିଚକ୍ଷଣ ଅତର୍କିତ ଆକ୍ରମଣ ଯୋଗେ ଭବିଷ୍ୟତ୍ ଭିତରେ ପ୍ରବେଶପୂର୍ବକ (ସେତେ ଦୂର) ସେ ଅନୁସନ୍ଧାନ କରୁଥିଲା ସ୍ୱପ୍ନ-ନିୟତିର ବୀଥିକାଶ୍ରେଣୀ ।

Apt to conceive, unable to attain,
It drew its concept-maps and vision-plans
Too large for the architecture of mortal Space.

କଳ୍ପନା କରିବାରେ ପଟୁ, ଅଧିଗତ କରି ନେବାକୁ ଅକ୍ଷମ, ସେ

କିନ୍ତୁ ଆଙ୍କି ଦେଉଥିଲା ତା' ଧାରଣାର ମାନଚିତ୍ରାବଳୀ ଏବଂ ଭବିଷ୍ୟ ଦୃଷ୍ଟିର ଯୋଜନାସକଳ ଯାହା ମର୍ତ୍ତ୍ୟ ଆକାଶର ସ୍ଥାପତ୍ୟ ସକାଶେ ଅତୀବ ବିପୁଳ ।

Beyond in wideness where no footing is,
An imagist of bodiless Ideas,
Impassive to the cry of life and sense,
A pure Thought-Mind surveyed
the cosmic act.

ସେପାରିର ବିସ୍ତୃତି ଭିତରେ ଯେଉଁଠି କୌଣସି ପଦପାତ ହୋଇ ନାହିଁ, ବିଦେହୀ ବିଚାରଚୟର ଏକ ଭାବଶିଳ୍ପୀ, ଜୀବନ ଓ ଇନ୍ଦ୍ରିୟର ଆକୂତି ପ୍ରତି ନିରୁଦ୍‌ବେଗ, ଏକ ବିଶୁଦ୍ଧ ଚିନ୍ତାଶ୍ରୟୀ ମନ ଜାଗତିକ କର୍ମର ପର୍ଯ୍ୟବେକ୍ଷଣ କଲା ।

Archangel of a white transcending realm,
It saw the world from solitary heights
Luminous in a remote and empty air.

ଏକ ଶୁଭ୍ର ବିଶ୍ୱାତୀତ କ୍ଷେତ୍ରର ମହା ଦେବଦୂତ, ସୁଦୂର ଓ ଶୂନ୍ୟ ବାତାବରଣରେ ଜ୍ୟୋତିର୍ମୟ ବିଜନ ଉଚ୍ଚତାସକଳରୁ ଅବଲୋକନ କଲା ଏହି ପୃଥିବୀକୁ ।

(ଦଶମ ସର୍ଗ ସମାପ୍ତ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

ଚୈତ୍ୟସତ୍ତାକୁ ସମ୍ମୁଖକୁ ଆଣିବାର ପ୍ରଥମ କାର୍ଯ୍ୟ ହେଲା ନିରବଚ୍ଛିନ୍ନ ଆନ୍ତରିକ ଅଭୀପ୍ସା ଏବଂ ଭଗବତ୍ ଅଭିମୁଖୀ ହେବାର ଗଭୀର ଇଚ୍ଛା ।

ସାଧନା ପାଇଁ ସର୍ବାପେକ୍ଷା ଅଧିକ ଦୁଇଟି ମହାନ୍ ଆବଶ୍ୟକ ହେଉଛି ଶୁଦ୍ଧୀକରଣ ଓ ଆତ୍ମସମର୍ପଣ । ଯେଉଁମାନଙ୍କର ଆଧାର ବିଶୁଦ୍ଧ ହେବା ପୂର୍ବରୁ କୌଣସି ଦିବ୍ୟ ଅନୁଭୂତି ହୋଇଥାଏ ସେମାନଙ୍କ ପାଇଁ ତାହା ବିପଜ୍ଜନକ ହୋଇପାରେ । ପ୍ରଥମେ ହୃଦୟକୁ ବିଶୁଦ୍ଧ ରଖିବା ହେଉଛି ଉତ୍ତମ; କାରଣ ତା'ପରେ ପଥ ପରିଷ୍କାର ଓ ନିରାପଦ ହୁଏ । ସେଥିପାଇଁ ପ୍ରକୃତି ମଧ୍ୟରେ ଚୈତ୍ୟଗତ ପରିବର୍ତ୍ତନ ଉପରେ ମୁଁ ଏତେ ଗୁରୁତ୍ୱ ଦିଏ – କାରଣ ତାହାର ଅର୍ଥ ହେଉଛି ହୃଦୟକୁ ବିଶୁଦ୍ଧ କରିବା ।

*

ଚୈତ୍ୟପୁରୁଷ ଭଗବାନଙ୍କର ଏକ ଅଂଶ; ସତ୍ୟ ତଥା ଭଗବାନଙ୍କ ପ୍ରତି ଏହାର ରହିଛି ଏକ ସ୍ୱାଭାବିକ ଆକର୍ଷଣ । କିନ୍ତୁ ସେ ଆକର୍ଷଣରେ ନ ଥାଏ କାମନା, ଦାବି ଓ ନିମ୍ନତର କ୍ଷୁଧାସକଳ ।

*

ଜାଗ୍ରତ୍ ଅବସ୍ଥା ଅର୍ଥ ଚୈତ୍ୟସତ୍ତା ଯେତେବେଳେ ଅନ୍ତରାଳରୁ ସଚେତନ ଭାବରେ କାର୍ଯ୍ୟ କରେ । ଚୈତ୍ୟସତ୍ତା ଯେତେବେଳେ ସମ୍ମୁଖକୁ ଆସେ ସେତେବେଳେ ସେ ମନ, ପ୍ରାଣ ଓ ଶରୀର ଉପରେ ଆଧିପତ୍ୟ ବିସ୍ତାର କରି ନିଜସ୍ୱ ରୂପରେ ସେହିସବୁ ସତ୍ତାର ଗତିବୃତ୍ତିକୁ ଗଢ଼ି ତୋଳେ । ଏହି କାର୍ଯ୍ୟ ଉତ୍ତମ ରୂପେ ସାଧିତ ହୁଏ ଯେତେବେଳେ ଚେତନାରେ ଥାଏ ଅଭୀପ୍ସା ଓ ଶ୍ରୀମା'ଙ୍କ ପ୍ରତି ସଂଶୟାତୀତ ଓ ସଂପୂର୍ଣ୍ଣ ଉନ୍ମୀଳନ ଓ ସମର୍ପଣ ।

*

ଆନ୍ତର ସତ୍ତାରେ ରହିଛି ଆନ୍ତର ମନ, ଆନ୍ତର ପ୍ରାଣ ଓ ଆନ୍ତର ଶରୀର । ଚୈତ୍ୟସତ୍ତା ଚେତନାର ଗଭୀରତମ ପ୍ରଦେଶରେ ସତ୍ତାର ଅନ୍ୟ ସମସ୍ତ ଅଂଶକୁ ଧାରଣ କରି ରହିଛି ।

– ଶ୍ରୀଅରବିନ୍ଦ

# ପ୍ରକୃତ ମୁକ୍ତି

## ଶ୍ରୀମା

### (୧)

ସର୍ବବିଧ ଆସକ୍ତିରୁ ମୁକ୍ତି କହିଲେ ଏପରି ବୁଝିବା ଉଚିତ ନୁହେଁ ଯେ ଆସକ୍ତିକୁ ଭୟ କରି ସବୁକିଛିଠାରୁ ପଳାୟନ କରିବା । ଏହିଭଳି ଲୋକେ ଯେଉଁମାନେ କୃଚ୍ଛ୍ର-ସାଧନା ଉପରେ ଜୋର୍ ଦିଅନ୍ତି, ସେମାନେ କେବଳ ନିଜେ ପଳାୟନ କରନ୍ତି ନାହିଁ ବରଂ ଅନ୍ୟମାନଙ୍କୁ ମଧ୍ୟ ସଂସାର ଭିତରେ ରହି କିଛି ଚେଷ୍ଟା ନ କରିବାକୁ ଚେତାବନୀ ଶୁଣାଇ ଥା'ନ୍ତି !

ଏ କଥାଟି ମୋ ପାଖରେ ବେଶ୍ ସ୍ପଷ୍ଟ । ତୁମେ ଯେତେବେଳେ ଗୋଟିଏ ବିଷୟରେ ଅଭିଜ୍ଞତା ହାସଲ ନକରି ସେଥିରୁ ପଳାୟନ କରିବାକୁ ବସ, ତାହା ସୂଚାଇ ଦିଏ ଯେ ତୁମେ ସେ ବିଷୟଟିର ଊର୍ଦ୍ଧ୍ୱକୁ ଉଠିପାରି ନାହଁ — ଏବଂ ତୁମେ ସେ ବିଷୟଟିର ସମାନ ସ୍ତରରେ ରହିଛ ।

ଯାହାକିଛି ତୁମକୁ ଚାପିଦିଏ, ଛୋଟ କରିଦିଏ ଓ ନିମ୍ନକୁ ନିଏ, ତାହା ତୁମକୁ ମୁକ୍ତି ଦେଇ ପାରିବ ନାହିଁ । ତୁମର ସମଗ୍ର ଜୀବନରେ ଏବଂ ସମସ୍ତ ଇନ୍ଦ୍ରିୟବୋଧ ଭିତରେ ତୁମକୁ ମୁକ୍ତିର ଅଭିଜ୍ଞତା ହାସଲ କରିବାକୁ ହେବ ।

...ସମ୍ଭାବ୍ୟ ସମସ୍ତ ପ୍ରମାଦମାନଙ୍କ ଊର୍ଦ୍ଧ୍ୱରେ ରହିବା ପାଇଁ ଆମେ ପ୍ରଯତ୍ନ କରି ଭୁଲ୍ ହେବାର ସବୁପ୍ରକାର ପରିସ୍ଥିତିକୁ ଦୂରେଇ ଦେଉ । ଉଦାହରଣ ସ୍ୱରୂପ, ତୁମେ ଯଦି କୌଣସି ନିରର୍ଥକ ଶବ୍ଦ ଉଚ୍ଚାରଣ କରିବାକୁ ନ ଚାହଁ, ତେବେ ତୁମେ ମୂଳରୁ କଥା କହିବା ବନ୍ଦ କରି ଦେଇଥାଅ । ଯେଉଁମାନେ ନୀରବ ରହିବାକୁ ପ୍ରତିଜ୍ଞା କରିଥା'ନ୍ତି ସେମାନେ ଧାରଣା କରନ୍ତି ଯେ ଏହାହିଁ ବାକ୍‌ସଂଯମ — କିନ୍ତୁ ଏହା ସତ ନୁହେଁ ! ଏହା କେବଳ କଥା କହିବାର ପରିସ୍ଥିତିଟିଏ ସୃଷ୍ଟି ନ କରିବା ବା ତା'ଠାରୁ ଦୂରେଇ ରହିବା । ତେଣୁ ବଳେ ବଳେ ନିରର୍ଥକ ବାକ୍ୟ କହିବାର ସୁଯୋଗ ଆଉ ନଥିବ ! ଖାଦ୍ୟ ବିଷୟରେ ବି ସେଇ ଏକା କଥା : ଯେତିକି ଆବଶ୍ୟକ ସେତିକି ଖାଇବା ଉଚିତ ... କିନ୍ତୁ ସାଧାରଣତଃ ଲୋକଙ୍କର ପ୍ରବୃତ୍ତି ହେଲା ଉପବାସ କରିବା — ଏହା ଏକ ଭୁଲ୍ କଥା !

### (୨)

କୌଣସି କାର୍ଯ୍ୟ କଲେ କାଳେ କିଛି ପ୍ରମାଦ ଘଟିଯିବ, ସେଥିପାଇଁ ଆମେ ମୂଳରୁ କାର୍ଯ୍ୟ କରିବା ବନ୍ଦ କରିଦେଉ; କଥା କହିଲେ କାଳେ କିଛି ଭୁଲ୍ କଥା ପାଟିରୁ ବାହାରିଯିବ, ସେଥିପାଇଁ ମୂଳରୁ ଆମେ କଥା କହିବା ମଧ୍ୟ ବନ୍ଦ କରିଦେଉ । କାଳେ ଖାଉ ଖାଉ ଲୋଭରେ ବେଶୀ ଖାଇହୋଇ ଯିବ, ସେଥିପାଇଁ ଆମେ ଆଦୌ ଖାଉ ନାହିଁ — ଏହା କିନ୍ତୁ ମୁକ୍ତି ବା ସ୍ୱାଧୀନତା ନୁହେଁ, ଏହା କେବଳ ପରିପ୍ରକାଶକୁ ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ କମାଇ ଦେବା ଭଳି କଥା ହୁଏ; ଏବଂ ଏହାର ଶେଷ ମୀମାଂସା ହେଲା ନିର୍ବାଣ । କିନ୍ତୁ ଈଶ୍ୱର ଯଦି କେବଳ ନିର୍ବାଣ ଚାହିଥା'ନ୍ତେ, ତା'ହେଲେ ନିର୍ବାଣ ବ୍ୟତୀତ ଆଉ କିଛି ହିଁ ନ ଥା'ନ୍ତା ! ଏକଥା ସ୍ପଷ୍ଟ ଯେ **ଈଶ୍ୱର** ପରସ୍ପର ବିରୋଧୀ ବିଷୟଗୁଡ଼ିକୁ ଏକତ୍ର ରହିବାର ପରିକଳ୍ପନା କରିଛନ୍ତି ଏବଂ **ତାଙ୍କ** ପାଇଁ ଏହା ଏକ ସାମଗ୍ରିକତାର ଆରମ୍ଭ । ...

ଜଣେ ଯଦି କିଛି ପ୍ରମାଦ ନ କରିବାକୁ ଆସ୍ପୃହା କରିବ, ତେବେ ସେ ଏହି ପ୍ରମାଦରୁ ଅବ୍ୟାହତି ପାଇବା ଲାଗି ସବୁପ୍ରକାର କାର୍ଯ୍ୟକ୍ରମ ବନ୍ଦ କରିଦେବ — ଏହା କେବେ ବି ପ୍ରତିକାର ହେବ ନାହିଁ ।

କିନ୍ତୁ ଅନ୍ୟ ବାଟଟି ମଧ୍ୟ ଖୁବ୍, ଖୁବ୍ ଅଧିକ କଷ୍ଟକର ।

ନା ! ଏହାର ସମାଧାନ ହେଉଛି — ତୁମେ କେବଳ ଦିବ୍ୟ ପ୍ରଚୋଦନାରେ କାର୍ଯ୍ୟ କରିବ, କଥାବାର୍ତ୍ତା କରିବ, କେବଳ ଦିବ୍ୟ ପ୍ରଚୋଦନାରେ ଭୋଜନ କରିବ । ଏହା ବଡ଼ କଷ୍ଟକର କଥା । କାରଣ, ସ୍ୱଭାବତଃ ତୁମେ ଯେତେବେଳେ କିଛି ପ୍ରେରଣା ବା ପ୍ରଚୋଦନା ତୁମ ଭିତରେ ଅନୁଭବ କର — ତାହା ତୁମର ବ୍ୟକ୍ତିଗତ ପ୍ରେରଣା କି ଦିବ୍ୟ ପ୍ରେରଣା, ସେକଥା ତୁମେ ଠିକ୍ ଜାଣି ପାରି ନଥାଅ । (କାରଣ, ଏହି ଦୁଇଟିଯାକ ପ୍ରେରଣା ତୁମକୁ ଏକ ବୋଲି ମନେ ହୋଇପାରେ ।)

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ସପ୍ତମ ପରିଚ୍ଛେଦ)

## ସାମାଜିକ ବିକାଶର ଆଦର୍ଶ ବିଧାନ

**ଶେଖ ଅବଦୁଲ କାଶମ**

ମନୁଷ୍ୟ ଭୌତିକ ଓ ପ୍ରାଣଗତ ବିବର୍ତ୍ତନ ମଧ୍ୟ ଦେଇ ଗତି କରି ମନଃସ୍ତରରେ ଆସି ଉପନୀତ ହୋଇଛି । ବର୍ତ୍ତମାନ ତା' ଆଗରେ ଏକ ପରବର୍ତ୍ତୀ ସୋପାନକୁ ଉଠିଯିବାର ସମ୍ଭାବନା ଦେଖା ଦେଇଛି । ଏହା ତା'ର ନିୟତି ନିର୍ଦ୍ଦିଷ୍ଟ । ଭବିଷ୍ୟତରେ ପ୍ରକୃତି ଭିତରେ କେଉଁ ପରିବର୍ତ୍ତନ ସଂଘଟିତ ହେବ ଏବଂ ସେଥିରେ ମନୁଷ୍ୟର କେଉଁ ଭୂମିକା ରହିବ, ତାହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ସେହି ଅନୁସାରେ ବ୍ୟକ୍ତିଗତ ଓ ସାମାଜିକ ବିକାଶର ଆଦର୍ଶ ବିଧାନ ନିର୍ଦ୍ଧାରିତ ହେବ । ଆଶୟପ୍ରଧାନ ଯୁଗରେ ମନୁଷ୍ୟ ଅଧିକ ସୃଜନସମର୍ଥ ହୋଇଥାଏ । ଅନ୍ୟ ଯୁଗରେ ସେ ସତ୍ୟର କେବଳ ଗୋଟିଏ ବିଭାବକୁ ଅବଲମ୍ବନ କରି ରହିଥାଏ । ସେତେବେଳେ ତା'ର ବିକାଶ ଯାନ୍ତ୍ରିକତାମୟ ଆବେଗ ଉପରେ ନିର୍ଭରଶୀଳ ହୋଇଥାଏ । ପ୍ରକୃତିର ଏକ ବହିରଙ୍ଗୀୟ ପ୍ରଭାବ ତା'ର ଜୀବନକୁ ଗଠନ କରୁଥାଏ । ମାତ୍ର ଆଶୟପ୍ରଧାନ ପର୍ଯ୍ୟାୟରେ ମନୁଷ୍ୟ ଅନ୍ତର୍ମୁଖୀ ହୁଏ, ଆତ୍ମ ପରିଚୟ ଲାଭ ଲାଗି ତା'ର ପ୍ରସ୍ତୁତି ଆରମ୍ଭ ହୋଇଯାଏ । ତା' ଭିତରର ଅନନ୍ତ ସମ୍ଭାବନା ଗୋଟି ଗୋଟି କରି ଉନ୍ମୋଚିତ ହୋଇ ଆସନ୍ତି । ସେ ଏକ ପରିପୂର୍ଣ୍ଣ ଆତ୍ମସୃଜନ ସକାଶେ ଯୋଗ୍ୟ ହୋଇଉଠେ ।

ଅସ୍ତିତ୍ୱର ଅନନ୍ତ ସତ୍ୟ ଭିତରେ ଆମେ ସମସ୍ତେ ଅବିଚ୍ଛେଦ୍ୟ ଭାବରେ ଅନ୍ତର୍ଭୁକ୍ତ । ଅସ୍ତିତ୍ୱର ଅନନ୍ତ ବିସ୍ତାର ଓ ଅନନ୍ତ ରୂପାୟନ ପ୍ରତି ଦୃକ୍‌ପାତ କଲେ ଜଣାଯାଏ ଯେ ଏସବୁର ମୂଳରେ ଗୋଟିଏ ବିଧାନ ନିର୍ଦ୍ଦିଷ୍ଟ ହୋଇ ରହିଛି । ଜଗତର ସକଳବସ୍ତୁ ଓ ସତ୍ତା ଗୋଟିଏ ଉତ୍ସରୁ ଉଦ୍ଭୂତ ହୋଇଛନ୍ତି ଏବଂ ସେ ସମସ୍ତ ଗୋଟିଏ ସାଧାରଣ ନିୟମ ଦ୍ୱାରା ପରିଚାଳିତ ହେଉଛନ୍ତି । ପ୍ରତ୍ୟେକ ବସ୍ତୁର ପୁଣି ଏକ ସ୍ୱକୀୟ ବୈଚିତ୍ର୍ୟମୟ ବିଧାନ ରହିଛି । ଜଡ଼ର ଭୂମିରେ ଏହି ବୈଚିତ୍ର୍ୟ ଖୁବ୍ ସୀମାବଦ୍ଧ ହୋଇଥାଏ । ପ୍ରାଣର ବିକାଶ ପରେ ବ୍ୟକ୍ତିର ଜୀବନରେ ବୈଚିତ୍ର୍ୟ ଲାଗି ଅଧିକ ସାମର୍ଥ୍ୟ ସୃଷ୍ଟି ହୋଇଛି । ମନର ଆବିର୍ଭାବ ଯୋଗୁଁ ସେହି ସାମର୍ଥ୍ୟର ବୃଦ୍ଧି ଘଟିଛି ।

ମନୁଷ୍ୟ ଭିତରେ ମନୋମୟ ଚେତନା ବିକଶିତ ହୋଇଥିବାରୁ ସେ ଆପଣାର ଜୀବନ ବିଧାନଟିକୁ ଅଧିକ ବୁଝିବା ଲାଗି ସମର୍ଥ ହୋଇଛି । ସେ ଆପଣା ବିକାଶର ଧାରାକୁ ଅଧିକ ବ୍ୟବସ୍ଥିତ ଓ ପ୍ରବେଗଯୁକ୍ତ କରି ପାରୁଛି । ମନୁଷ୍ୟ ଆପଣାର ମନୋମୟ ଭୂମିକୁ ମଧ୍ୟ ଅତିକ୍ରମ କରିଯାଇ ପାରୁଛି । ସେ ପରମ ସତ୍ୟଟି ବିଷୟରେ ସଚେତନ ହୋଇ ପାରୁଛି ଏବଂ ପରମ ଇଚ୍ଛା ଦ୍ୱାରା ନିଜକୁ ପରିଚାଳିତ କରି ପାରୁଛି । ମନୁଷ୍ୟ ଦିନେ ବାହ୍ୟ ପରିବେଶ ଓ ପରିସ୍ଥିତିଗୁଡ଼ିକ ଦ୍ୱାରା ଆଉ ପରାଭୂତ ନହୋଇ ପ୍ରକୃତିର ପ୍ରଭୁ ରୂପେ ନିଜକୁ ପ୍ରତିଷ୍ଠିତ କରି ପାରିବ । ମନର ସୀମାକୁ ଅତିକ୍ରମ କରି ପରମ ଆତ୍ମାର କ୍ଷେତ୍ରରେ ଯାଇ ପ୍ରବିଷ୍ଟ ହୋଇ ପାରିଲେ ଏହା ତା' ପକ୍ଷରେ ସମ୍ଭବ ହେବ । ସେ ମାନବୀୟ ଅସ୍ତିତ୍ୱର ବିଧାନକୁ ମାନିବା ସହିତ ଦିବ୍ୟ ବିଧାନ ଓ ଦିବ୍ୟ ଇଚ୍ଛା ଦ୍ୱାରା ମଧ୍ୟ ନିଜର ଜୀବନକୁ ପରିଚାଳିତ କରିବ । ମାନବିକ ତଥା ଦିବ୍ୟ ଉଭୟ ଦୃଷ୍ଟିରୁ ସେ ନିଜ ଉପରେ ତଥା ବିଶ୍ୱ ଉପରେ ପ୍ରଭୁତ୍ୱ ଲାଭ କରିବ । ଏହି ନିୟତିକୁ ସିଦ୍ଧ କରିବା ସକାଶେ ମନୁଷ୍ୟ ତା'ର ବ୍ୟକ୍ତିଗତ ତଥା ସାମାଜିକ ଜୀବନକୁ ଉପଯୁକ୍ତ ଭାବରେ ଗଠନ କରିବା ଆବଶ୍ୟକ ।

ପରମ ଦିବ୍ୟସତ୍ତା ପ୍ରତ୍ୟେକ ମନୁଷ୍ୟର ବ୍ୟକ୍ତି-ଆତ୍ମା ରୂପେ ନିଜକୁ ଆବିଷ୍କାର ଓ ପ୍ରକାଶିତ କରିବା ଲାଗି ଚାହାଁନ୍ତି । ମନୁଷ୍ୟର କର୍ତ୍ତବ୍ୟ ହେଲା ସେଥିରେ ସହଯୋଗ କରିବା । ମନୋଭୂମିର ଊର୍ଦ୍ଧ୍ୱରେ ରହିଥିବା ପରମ ଦିବ୍ୟସତ୍ତାଙ୍କ ସାହାଯ୍ୟ ନେଇ ସେ ଏହା କରିପାରିବ । ପ୍ରତ୍ୟେକ ବ୍ୟକ୍ତି ଭିତରେ ଭଗବାନଙ୍କ ଏକ ନିର୍ଦ୍ଦିଷ୍ଟ ଅଭିପ୍ରାୟ ବା ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେବା ପାଇଁ ଅପେକ୍ଷା କରି ରହିଛି । ବ୍ୟକ୍ତିର ଚତୁଃପାର୍ଶ୍ୱରେ ରହିଥିବା ଜୀବନ ଓ ପରିସ୍ଥିତି ବ୍ୟକ୍ତିକୁ ସେହି ଉଦ୍ଦେଶ୍ୟର କାର୍ଯ୍ୟକାରିତା ଦିଗରେ ସାହାଯ୍ୟ କରେ । ଅନ୍ୟ ବ୍ୟକ୍ତିମାନେ ବ୍ୟକ୍ତି ହିସାବରେ ତା'ର ସମର୍ଥନ କରି ହେଉ ବା ସଂଘ ମାଧ୍ୟମରେ ବିରୋଧ କରି ହେଉ ଦିବ୍ୟ ଉଦ୍ଦେଶ୍ୟକୁ ବହନ କରିଥିବା ସେଇ ବ୍ୟକ୍ତିକୁ ସାହାଯ୍ୟ କରିଥା'ନ୍ତି । ଏକ ଆଦର୍ଶ

ସମାଜରେ ବ୍ୟକ୍ତି ସମଗ୍ର ପୃଥିବୀ ଲାଗିହିଁ ଆପଣାର ନିୟତିଟିର ଉପଲବ୍ଧି ଚାହୁଁଥାଏ, କେବଳ ଆପଣା ପାଇଁ ନୁହେଁ । ବିଶ୍ୱଗତ ପରମ ଇଚ୍ଛାଟି ଦ୍ୱାରା ପ୍ରେରିତ ହୋଇହିଁ ବ୍ୟକ୍ତି ଆପଣା ବିବର୍ତ୍ତନର ଚରମ ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇଥାଏ ।

ମନୁଷ୍ୟ ଯେପରି ଆପଣା ଯଥାର୍ଥ ସତ୍ତା ବିଷୟରେ ଅଧିକରୁ ଅଧିକ ସଚେତନ ହେବ ଏବଂ ତା'ର ଜୀବନର ମାନରେ ଯେପରି ଅଭିବୃଦ୍ଧି, ବ୍ୟକ୍ତି ତଥା ବ୍ୟକ୍ତି ସମୂହର ସର୍ବାଙ୍ଗୀନ ଅଭିବୃଦ୍ଧି ମାଧ୍ୟମରେ ସମାଜ ଦିବ୍ୟ ପରିପୂର୍ଣ୍ଣତା ଅଭିମୁଖରେ ଅଗ୍ରସର ହୋଇ ପାରିବ । ଏହାହିଁ ସମାଜର ଯଥାର୍ଥ ଲକ୍ଷ୍ୟ ।

ମନୁଷ୍ୟଜାତି ସାଫଲ୍ୟର ସହିତ ଆପଣାର ଲକ୍ଷ୍ୟରେ ପହଞ୍ଚି ପାରିବାକୁ ହେଲେ ଦୁଇଟି ନୀତି ପାଳନ କରିବାର ଆବଶ୍ୟକତା ରହିଛି । ପ୍ରଥମଟି ହେଲା ପ୍ରତ୍ୟେକ ବ୍ୟକ୍ତି ଓ ଜାତି ନିଜର ସ୍ୱାଧୀନ ଇଚ୍ଛାକୁ ପ୍ରୟୋଗ କରିପାରୁଥିବା ଉଚିତ । ଏହା ଦ୍ୱାରା ବୈଚିତ୍ର୍ୟର ବିଧାନଟି ସିଦ୍ଧ ହୁଏ । ଦ୍ୱିତୀୟଟି ହେଲା, ବ୍ୟକ୍ତି ଭିତରେ ରହିଥିବା ବିଭିନ୍ନ ଶକ୍ତି ଓ ସାମର୍ଥ୍ୟଗୁଡ଼ିକ ମଧ୍ୟରେ ପରସ୍ପର ସହଯୋଗୀକରଣ ଆବଶ୍ୟକ । ଜାତି ଭିତରେ ବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କ ପ୍ରୟାସ ଏକତ୍ରିତ ଓ ଏକମୁଖୀ ହେବା ଉଚିତ । ସମସ୍ତେ ପରସ୍ପରର ଉଦ୍ୟମଶୀଳତାକୁ ସମ୍ମାନ ଦେବା ସହିତ ସେଥିରେ ସହଯୋଗ କରିବା ବିଧେୟ । ସମଗ୍ର ମନୁଷ୍ୟଜାତି ମଧ୍ୟରେ ଯେତେଗୁଡ଼ିଏ ଜାତି ରହିଛି ସେସବୁ ପରସ୍ପରର ସହଯୋଗୀ ହେବା ଓ ପରସ୍ପର ମଧ୍ୟରେ ସଙ୍ଗତି ଓ ସମନ୍ୱୟ ରକ୍ଷା କରିବା ଆବଶ୍ୟକ । ଏହା ଦ୍ୱାରା ଏକତ୍ୱର ଆଦର୍ଶ ପ୍ରତିଷ୍ଠିତ ହୁଏ । ମନୁଷ୍ୟ ଯଦି ଆତ୍ମଜ୍ଞାନ ଓ ଆତ୍ମନିୟନ୍ତ୍ରଣ ସହିତ ଲକ୍ଷ୍ୟ ଅଭିମୁଖରେ ଆଗେଇଯାଏ ଏବଂ ସବୁ ମଣିଷଙ୍କ ସହିତ ଆଧ୍ୟାତ୍ମିକ ତଥା ଚୈତ୍ୟସ୍ତରୀୟ ଏକତା ଓ ସମନ୍ୱୟ ରକ୍ଷା କରେ ତେବେ ସମାଜର ଈପ୍ସିତ ଲକ୍ଷ୍ୟ ସାଧିତ ହେବ । ସମାଜରେ ଯଥାର୍ଥ ପରିବେଶ ସୃଷ୍ଟି ହେବ । ଆତ୍ମାର ଉପଲବ୍ଧି ମାଧ୍ୟମରେହିଁ ବ୍ୟକ୍ତି ଓ ସମାଜର ପ୍ରଗତି ତଥା ପରିପୂର୍ଣ୍ଣତାକୁ ସୁନିଶ୍ଚିତ କରାଯାଇ ପାରିବ ।

ଭୌତିକ, ପ୍ରାଣିକ, ସଂବେଗଗତ ତଥା ମାନସିକ ପ୍ରକୃତିର କ୍ଷେତ୍ରରେ ମନୁଷ୍ୟଜାତି ମଧ୍ୟରେ ଏକ ମୂଳଭୂତ ଏକତ୍ୱ ରହିଛି । ଏହି ଏକତ୍ୱକୁ ଆଧାର କରିହିଁ ମନୁଷ୍ୟଜାତି ତା'ର ନିୟତିର ସନ୍ଧାନ କରିବ । ଏକ ମାନବିକ ସମଗ୍ରତା ରୂପେ ସମୁଦାୟ ମାନବଜାତିର ଯେ ଏକ ନିୟତି ରହିଛି ଏହା ସ୍ୱୀକାର ନକଲେ ଯଥାର୍ଥ ଅଗ୍ରଗତି ସମ୍ଭବ ହେବ ନାହିଁ । କେବଳ ଗୋଟିଏ ଜାତି ବା ଗୋଷ୍ଠୀର ଅଭିବୃଦ୍ଧି ତଥା ଏକକ ସାଫଲ୍ୟର କୌଣସି ସ୍ଥାୟୀ ମୂଲ୍ୟ ନାହିଁ । ପ୍ରତ୍ୟେକ ଜାତିକୁ ସମଗ୍ର ମାନବଜାତିର ଅଭିଯାତ୍ରାରେ ନିଜର ଅବଦାନ ଦେବାକୁ ହେବ । 'ଲୋକସଂଗ୍ରହ' (The holding together of the race in its cyclic evolution) ନିମିତ୍ତହିଁ ଆମର ଯାବତୀୟ କର୍ମ ଅଭିପ୍ରେତ ବୋଲି ପ୍ରାଚୀନ ଭାରତୀୟ ଶାସ୍ତ୍ର ମତ ଦେଇଛି । ଅର୍ଥାତ୍ ମାନବଜାତିର ବିବର୍ତ୍ତନ ଗତିଚକ୍ରରେ ଆମକୁ ସମସ୍ତ ଲୋକଙ୍କୁ ଏକତ୍ର ଧାରଣ କରିହିଁ ଅଗ୍ରସର ହେବାକୁ ପଡ଼ିବ । ଆମର ସମସ୍ତ କର୍ମ ମଧ୍ୟରେ ସେହି ସାର୍ବଜନୀନ ଏକତ୍ୱର ଭାବ ପ୍ରତିଷ୍ଠିତ ହେବା ଆବଶ୍ୟକ ।

ପ୍ରତ୍ୟେକ ବ୍ୟକ୍ତି ଆପଣା ପ୍ରକୃତିର ଧାରାଟିକୁ ଅନୁସରଣ କରି ବିକାଶ ଲାଭ କରିବ । ସେ ନିଜ ଭିତରର ସମ୍ଭାବନାକୁ ଉନ୍ମୋଚିତ କରି ଆତ୍ମ ପରିପୂର୍ଣ୍ଣତା ସକାଶେ ପ୍ରୟାସ କରିବ । କୌଣସି କଠୋର ଓ ଯାନ୍ତ୍ରିକ ଉପାୟ ଦ୍ୱାରା ମନୁଷ୍ୟଜାତିର ଯଥାର୍ଥ ବିକାଶ ସାଧନ ସମ୍ଭବ ନୁହେଁ । ସମୂହର ଶରୀର ଭିତରେ ବ୍ୟକ୍ତି କେବଳ ଗୋଟିଏ କ୍ଷୁଦ୍ର କୋଷ ବୋଲି ଭାବିବା ଠିକ୍ ନୁହେଁ । ବ୍ୟକ୍ତି ସାମୂହିକ ଜୀବନର ଅଭିବୃଦ୍ଧିରେ ଏକ ନିଷ୍କ୍ରିୟ ସାଧନ ମାତ୍ର ନୁହେଁ । ବ୍ୟକ୍ତି ହେଉଛି ଅନେକ ବୃହତ୍ ସମ୍ଭାବନାକୁ ବହନ କରି ରହିଥିବା ଏକ ଆତ୍ମା । ତାକୁ ଏକ ଅନମନୀୟ ସୂତ୍ର ବା ଛାଞ୍ଚ ଅନୁସାରେ ନିର୍ଦ୍ଦିଷ୍ଟ ଆକାର ଦେଇ ଗଢ଼ି ହେବ ନାହିଁ । କୌଣସି ଧର୍ମଗତ ଅନୁଷ୍ଠାନ ତାକୁ ମୁକ୍ତି ପ୍ରଦାନ କରିପାରିବ ନାହିଁ । ନୀତିଶାସ୍ତ୍ର, ସମାଜଶାସ୍ତ୍ର ବା ଧର୍ମଶାସ୍ତ୍ରଗୁଡ଼ିକ ବ୍ୟକ୍ତିର ସ୍ୱାଭାବିକ ବିକାଶ କ୍ଷେତ୍ରରେ କୌଣସି ସୀମା ସଂକୋଚନ ବା କଟକଣା ଆରୋପ କରିପାରିବେ ନାହିଁ । ଯଦି କୌଣସି କଟକଣା ଆବଶ୍ୟକ ହୁଏ ତାହା ହେବ ସାମୟିକ, ବ୍ୟକ୍ତି ସେଥିରୁ ଶିକ୍ଷା ଗ୍ରହଣ କରି ତାକୁ ପୁଣି ଅତିକ୍ରମ କରିଯିବ । ଦିବ୍ୟ ସ୍ୱତନ୍ତ୍ରତାହିଁ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରତିଷ୍ଠିତ କରିବ । ସମୂହର ଅଟ୍ଟାଳିକା ଭିତରେ ବ୍ୟକ୍ତି ନିଷ୍କ୍ରିୟ ପଥରଟାଏ ହୋଇ ରହିବ ନାହିଁ । ସେ ବିବର୍ତ୍ତନ ପଥର ଯାତ୍ରୀ ହିସାବରେ ଚିରନ୍ତନ ଅଗ୍ରଗତି କରୁଥିବ, ଆତ୍ମ-ଅତିକ୍ରମଣ କରୁଥିବ ।

ବ୍ୟକ୍ତି ଯେତିକି ଅଧିକ ମୁକ୍ତ ଓ ପ୍ରଶସ୍ତ ଭାବରେ ଆପଣାର ଜୀବନଟିକୁ ବଞ୍ଚି ପାରୁଥିବ ସେହି ଅନୁପାତରେହିଁ ସେ ବିଶ୍ୱର ଅନ୍ୟମାନଙ୍କର ସହାୟତା କରିପାରିବ । ବ୍ୟକ୍ତି ତା'ର ଅଗ୍ରଗତିରେ ଆଦର୍ଶ, ଶୃଙ୍ଖଳା ଓ ସହଯୋଗ ରୀତିକୁ

ବ୍ୟବହାରରେ ଲଗାଇବ, ମାତ୍ର କୌଣସି ନିୟମ ବା ଶୃଙ୍ଖଳାର ଦାସ ହୋଇ ରହିବ ନାହିଁ । ସେସବୁର ପ୍ରୟୋଜନୀୟତା ସରିଗଲେ ସେ ସେଥିରୁ ସ୍ୱଚ୍ଛନ୍ଦରେ ବାହାରି ଆସି ପାରୁଥିବ । ବ୍ୟକ୍ତି ତା'ର ଆପଣାର ଚାରି ପାଖରେ ଥିବା ଅନ୍ୟ ମନୁଷ୍ୟମାନଙ୍କଠାରୁ ସହାୟତା ଗ୍ରହଣ କରିବ, ମାନବ ସଭ୍ୟତାର ବିଗତ ଯୁଗଗୁଡ଼ିକରୁ ସେ ଅଭିଜ୍ଞତା ସଂଗ୍ରହ କରିବ । ନିଜର ମାନସିକ ଆୟତନ ଭିତରେ ସେ ନିଜକୁ ଆବଦ୍ଧ ଓ ସଂକୀର୍ଣ୍ଣ କରି ରଖିବ ନାହିଁ । ଶ୍ରୀଅରବିନ୍ଦ କହୁଛନ୍ତି ଯେ ସ୍ୱାଧୀନତାର ଆକାଙ୍କ୍ଷା ହେଉଛି ବ୍ୟକ୍ତି ମଧ୍ୟରେ ରହିଥିବା ଦିବ୍ୟ ସହଜାତ ପ୍ରବୃତ୍ତିଟିର ଆକାଙ୍କ୍ଷା, ଏହା ହେଉଛି ତା' ଭିତରେ ଥିବା ପରମ ଆତ୍ମାଟିର ବିଧାନ । ଆତ୍ମାର ଉନ୍ମୋଚନ ସକାଶେ ଏହି ସ୍ୱାଧୀନତା ହେଉଛି ଏକ ଅପରିହାର୍ଯ୍ୟ ସର୍ତ୍ତ ।

ବ୍ୟକ୍ତି ଆପଣା ପ୍ରକୃତିର ବୈଚିତ୍ର୍ୟମୟତାକୁ ନେଇ ଜୀବନ ବଞ୍ଚୁଥାଏ । ମନୋଗତ, ପ୍ରାଣଗତ, ସୌନ୍ଦର୍ଯ୍ୟବୋଧଗତ, ନୈତିକ ଓ ଆଧ୍ୟାତ୍ମିକ ଆଦି ବିଭିନ୍ନ ପ୍ରବୃତ୍ତି ତାକୁ ପରିଚାଳିତ କରୁଥାଏ । ଏହା ସଙ୍ଗେ ବ୍ୟକ୍ତି ଏକ ଜାତି ବା ଗୋଷ୍ଠୀର ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ଜାତିର ଅନ୍ୟମାନଙ୍କ ସହିତ ତା'ର କେତେକ ସାଦୃଶ୍ୟ ଓ କେତେକ ପାର୍ଥକ୍ୟ ରହିଥାଏ । ସମାଜ ମଧ୍ୟରେ ନାନା ଅନୁଷ୍ଠାନ, ସମ୍ପ୍ରଦାୟ, ସଂଘ ଭିତରେ ସେ ନିଜକୁ ଜଡ଼ିତ କରି ରଖେ । ସେଥିରୁ ସେ ବିଭିନ୍ନ ଭାବରେ ଉପକୃତ ହୁଏ ତଥା ସେଗୁଡ଼ିକୁ ମଧ୍ୟ ସମୃଦ୍ଧ କରିବାରେ ଆପଣାର ଅବଦାନ ଦେଇଥାଏ । ବ୍ୟକ୍ତି ଏକ ଜାତିର ଅନ୍ତର୍ଭୁକ୍ତ ହୋଇ ମଧ୍ୟ ସେହି ଜାତିର ସୀମାଗୁଡ଼ିକୁ ଅତିକ୍ରମ କରିଯିବାକୁ ଚେଷ୍ଟା କରିଥାଏ । ସେ ସମଗ୍ର ମାନବସମାଜର ଏକ ଅଂଶ ରୂପେ ନିଜକୁ ଦେଖିବାକୁ ଆରମ୍ଭ କରେ । ତା' ଭିତରେ ଏକ ବୃହତ୍ତର ଅଂଶ ବି ଥାଏ ଯେଉଁଠି ସେ କେବଳ ପରମେଶ୍ୱରଙ୍କର ହୋଇ ରହିବାକୁ ଚାହେଁ । ବ୍ୟକ୍ତି କିଛି କାଳ ପାଇଁ ଜାତିର ସୀମା ଭିତରେ ନିଜକୁ ଆବଦ୍ଧ କରି ରଖେ । ମାତ୍ର ତା' ଭିତରେ ଜାତିର ସୀମାକୁ ଡେଇଁଯିବା ଲାଗି ତଥା ଆପଣାର କ୍ରିୟାଶୀଳତା ଓ ପରିବେଶଗୁଡ଼ିକୁ ସମ୍ପ୍ରସାରିତ କରିବା ପାଇଁ ମଧ୍ୟ ଏକ ପ୍ରବୃତ୍ତି ରହିଥାଏ । ଯେଉଁ ପରମ ଆତ୍ମା ସମଗ୍ର ଜଗତରେ ନିଜକୁ ଅଭିବ୍ୟକ୍ତ କରି ରଖିଛନ୍ତି ତାଙ୍କର ଅନ୍ତହୀନତା, ବହୁମୁଖିତା ଓ ମୁକ୍ତ ବୈଚିତ୍ର୍ୟର ଲୀଳା ଭିତରେ ବ୍ୟକ୍ତି ବର୍ତ୍ତମାନ ଆପଣାର ଭୂମିକା ଓ ଅଂଶ ଗ୍ରହଣକୁ ସୁନିଶ୍ଚିତ କରିବାକୁ ଚାହେଁ । ବ୍ୟକ୍ତିର ଜୀବନ କ୍ଷେତ୍ରକୁ ଅନ୍ତରରୁ ତଥା ଊର୍ଦ୍ଧ୍ୱରୁ ବୃହତ୍ତମ ସମ୍ଭାବ୍ୟ ସାମଗ୍ରୀ ଆସି ତାକୁ ସମୃଦ୍ଧ କରୁଛି ଏବଂ ସେ ସମାଜରେ ଆପଣାର ସମୃଦ୍ଧି ଓ ସିଦ୍ଧିଗୁଡ଼ିକର ଦିବ୍ୟ ସମ୍ପ୍ରସାରଣ ମଧ୍ୟ କରିବାକୁ ସମର୍ଥ ହେଉଛି ।

ଗୋଷ୍ଠୀ ବା ସମୂହ ହେଉଛି ମନୁଷ୍ୟ ବ୍ୟକ୍ତି ଏବଂ ମନୁଷ୍ୟଜାତି ମଧ୍ୟରେ ଏକ ସଂଯୋଜକ । ଏହା କେବଳ ଆପଣା ଲାଗିହିଁ ତିଷ୍ଠି ରହିବ ନାହିଁ, ବରଂ ଉଭୟ ବ୍ୟକ୍ତି ଓ ମନୁଷ୍ୟଜାତିର ଅଭିବୃଦ୍ଧି ଲାଗି ତାହା ନିଜକୁ ନିୟୋଜିତ କରି ରଖିବ । ବ୍ୟକ୍ତି ଓ ମନୁଷ୍ୟଜାତି ଯେମିତି ପରସ୍ପରର ପରିପୂର୍ଣ୍ଣତା ଲାଭରେ ପରିପୂରକ ହୋଇ ରହିବେ ସେଥିଲାଗି ଗୋଷ୍ଠୀ ବା ସମୂହ ପ୍ରୟାସ କରିବ । ଗୋଷ୍ଠୀ, ସମାଜ ବା ଜାତି କେହି ବି କେବଳ ଆପଣାର ବୃଦ୍ଧି ଓ ପରିପୂର୍ଣ୍ଣତା ସକାଶେହିଁ ବଞ୍ଚି ରହିବେ ନାହିଁ । କୌଣସି ଜାତି ବ୍ୟକ୍ତିର ଜୀବନକୁ ସ୍ୱେଚ୍ଛାଚାରୀ ଭାବରେ ଆତ୍ମସାତ୍ କରିବାକୁ ଚେଷ୍ଟା କରିବ ନାହିଁ କିଂବା କୌଣସି ଆଳ ଦେଖାଇ ସମଗ୍ର ମାନବଜାତିର କ୍ଷତିସାଧନ କରିବାକୁ ପ୍ରବୃତ୍ତ ହେବ ନାହିଁ ।

ବ୍ୟକ୍ତି ହେଉ ବା ଜାତି, ଯଦି ତାହା ଅହଂ ପ୍ରଣୋଦିତ ଭାବରେ କାର୍ଯ୍ୟ କରିବାକୁ ଲାଗେ ତାହାକୁ ସତ୍ୟର ଏକ ସାଂଘାତିକ ବିଚ୍ୟୁତି ବୋଲିହିଁ କୁହାଯିବ । ବ୍ୟକ୍ତି ଓ ଗୋଷ୍ଠୀ ଆପଣା ସ୍ୱଭାବଟିର ସ୍ୱକୀୟ ବିଧାନ ଅନୁଯାୟୀ ବିକଶିତ ହେବେ ଏବଂ ସେମାନେ ମାନବଜାତିର ସାମଗ୍ରିକ ସ୍ୱାର୍ଥ ଲାଗି ମଧ୍ୟ କାର୍ଯ୍ୟ କରିବେ । ଏହିପରି ଏକ ମୁକ୍ତ ଓ ସୁସ୍ଥ ବିକାଶ ପ୍ରତ୍ୟେକ ବ୍ୟକ୍ତି ଓ ଜାତିର ଧ୍ୟେୟ ଓ ଲକ୍ଷ୍ୟ ହୋଇ ରହିବା ଉଚିତ ।

ପ୍ରତ୍ୟେକ ଜାତି ଏହି ବିଷୟ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ ଯେ କୌଣସି ବଦ୍ଧ ବିଶ୍ୱାସ, ପୂର୍ବାଗ୍ରହ, ସୀମିତତା ଓ ଅପୂର୍ଣ୍ଣତା ଭିତରେ ସେ ଯେମିତି ନିଜକୁ କିଳି କରି ନ ରଖେ ଏବଂ ବର୍ତ୍ତମାନର ସିଦ୍ଧିଗୁଡ଼ିକୁ ନେଇ ସେ ଯେମିତି ଆତ୍ମସନ୍ତୁଷ୍ଟ ହୋଇ ଅଟକି ରହି ନଯାଏ । ଅବଶିଷ୍ଟ ପୃଥିବୀ ସହିତ ତାହାର ଭୌତିକ ଓ ମାନସିକ କ୍ଷେତ୍ରରେ ଆଦାନପ୍ରଦାନ ଅନବରତ ଚାଲିଥିବା ଉଚିତ । ଅନ୍ୟ ଜାତିମାନଙ୍କ ସହିତ ତାହାର ଆଧ୍ୟାତ୍ମିକ ଓ ପ୍ରକୃତ ସମ୍ମିଳନ ଘଟି ପାରୁଥିବା ଉଚିତ । ସମାଜ ଓ ମାନବଜାତିର ଯଥାର୍ଥ ବିକାଶ ଲାଗି ସର୍ବୋତ୍ତମ ସର୍ତ୍ତଟି କ'ଣ ସେ ବିଷୟରେ ଶ୍ରୀଅରବିନ୍ଦ କହନ୍ତି –

"As the free development of individuals from within is the best condition for the growth and perfection of the community, so the free

development of the community or nation from within is the best condition for the growth and perfection of mankind.”

(The Human Cycle, P. 71)

ଅର୍ଥାତ୍, ‘‘ପ୍ରତ୍ୟେକ ବ୍ୟକ୍ତିର ଅନ୍ତଃପ୍ରେରିତ ମୁକ୍ତ ବିକାଶହିଁ ଯେପରି ସମାଜର ଅଭିବୃଦ୍ଧି ତଥା ପରିପୂର୍ଣ୍ଣତା ଲାଗି ଅନୁକୂଳ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିପାରିବ, ଠିକ୍ ସେହିପରି ପ୍ରତ୍ୟେକ ସମାଜ ବା ଜାତିର ଅନ୍ତଃପ୍ରେରିତ ମୁକ୍ତ ବିକାଶ ମଧ ସମଗ୍ର ମାନବଜାତିର ଅଭିବୃଦ୍ଧି ତଥା ପରିପୂର୍ଣ୍ଣତା ଲାଗି ପ୍ରକୃତ ଓ ପ୍ରକୃଷ୍ଟ ପରିବେଶଟିକୁ ଯୋଗାଇ ଦେଇ ପାରିବ ।’’

ସୁତରାଂ ବ୍ୟକ୍ତି ଲାଗି ଯଥାର୍ଥ ବିଧାନଟି ହେଉଛି ସେ ଆପଣା ଭିତରୁହିଁ ପ୍ରେରଣା ଲାଭ କରି ଆପଣାର ମୁକ୍ତ ବିକାଶ ଲାଗି ପ୍ରୟାସ କରିବ । ଏହା ତା’ର ବ୍ୟକ୍ତିତ୍ୱକୁ ଅଧିକ ପରିପୂର୍ଣ୍ଣ କରିଦେବ । ଏତତ୍ ସଙ୍ଗେ ସେ ଅନ୍ୟମାନଙ୍କର ମୁକ୍ତ ବିକାଶଟିକୁ ସମ୍ମାନ ଜଣାଇବା ସହ ସେମାନଙ୍କର ସହାୟତା ମଧ କରିବ । ଗୋଷ୍ଠୀ ବା ସମାଜର ଜୀବନ ସହିତ ଆପଣାର ଜୀବନଟିକୁ ସମନ୍ୱିତ କରି ରଖିବା ହେଉଛି ବ୍ୟକ୍ତିର ବିଧାନ । ଏହି ବିଧାନଟିକୁ ମାନିବାକୁ ହେଲେ ବ୍ୟକ୍ତି ଆପଣାକୁ ଏକ ଶକ୍ତି ରୂପେ ସମଗ୍ର ମାନବସମାଜର ଅଭିବୃଦ୍ଧି ଓ ପରିପୂର୍ଣ୍ଣତା ଲାଗି ଉତ୍ସର୍ଗ କରିଦେବା ଅନିବାର୍ଯ୍ୟ ଅଟେ ।

ଠିକ୍ ସେହିପରି ଗୋଷ୍ଠୀ ବା ଜାତିର ପ୍ରକୃତ ବିଧାନଟି ହେଉଛି, ସେ ନିଜ ଭିତରୁ ପ୍ରେରିତ ହୋଇ ମୁକ୍ତ ବିକାଶର ପ୍ରକ୍ରିୟାକୁ ଅବଲମ୍ବନ କରିବ ଏବଂ ତଦ୍ଦ୍ୱାରା ତାହାର ଯୌଥ ଜୀବନ (corporate existence)ଟି ଅଧିକରୁ ଅଧିକ ପରିପୂର୍ଣ୍ଣ ହେବ । ବ୍ୟକ୍ତିର ମୁକ୍ତ ବିକାଶରେ ପୂର୍ଣ୍ଣ ସହାୟତା କରିବା ହେଉଛି ଜାତିର ପ୍ରକୃତ ବିଧାନ ଏବଂ ତଦ୍ଦ୍ୱାରା ଜାତି ମଧ ଉପକୃତ ହେବ ଓ ସମୃଦ୍ଧି ପଥରେ ଆଗେଇ ଯିବ । ପ୍ରତ୍ୟେକ ଗୋଷ୍ଠୀ ବା ଜାତି ସମଗ୍ର ମାନବଜାତିର ଜୀବନଟି ସହିତ ଆପଣାର ଜୀବନକୁ ସମନ୍ୱିତ କରି ରଖିବା ପ୍ରୟୋଜନ । ମନୁଷ୍ୟଜାତିର ଅଭିବୃଦ୍ଧି ଓ ପରିପୂର୍ଣ୍ଣତା ସକାଶେ ଗୋଷ୍ଠୀ ଏକ ଶକ୍ତି ରୂପେ କାର୍ଯ୍ୟ କରିପାରିବ ।

ସମଗ୍ର ମାନବଜାତିର ବିଧାନ ହେଉଛି ସମସ୍ତ ମନୁଷ୍ୟଙ୍କ ଜୀବନ ମଧରେ ପରମ ଦିବ୍ୟତାର ଆବିଷ୍କାର କରିବା ତଥା ତାହାକୁ ଅଭିବ୍ୟକ୍ତ କରିବା ଦିଗରେ ଚେଷ୍ଟା କରି ଚାଲିବା । ବିବର୍ତ୍ତନର ଏହାହିଁ ଦାବି ଓ ଲକ୍ଷ୍ୟ । ଏହାର ପରିଣାମସ୍ୱରୂପ ମନୁଷ୍ୟଜାତି ଏକ ଦିବ୍ୟ ପରିବାରରେ ପରିଣତ ହେବ ।

ମନୁଷ୍ୟ ଆଜି ଆତ୍ମସନ୍ଧାନରେ ବ୍ରତୀ । ନିଜ ଉପରେ ସେ ଏପର୍ଯ୍ୟନ୍ତ କର୍ତ୍ତୃତ୍ୱ ଲାଭ କରିପାରି ନାହିଁ । କେତେ ପଥଝୁଣ୍ଟା, କେତେ ଆଘାତ ଓ ବିଚ୍ୟୁତି ମଧ ଦେଇ ତା’ର ଯାତ୍ରା ଅବ୍ୟାହତ ରହିଛି । କେତେବେଳେ ସେ ଆପଣାକୁ ଅଗ୍ରଗତି ପାଇଁ ବାଧ କରୁଛି, କେତେବେଳେ ତା’ ଭିତରେ ବିଦ୍ରୋହ ଭାବ ଆସୁଛି ଆଉ କେତେବେଳେ ପରିସ୍ଥିତି ସହିତ ସେ ସାଲିସ କରି ନେଉଛି ବା ନିଜକୁ ଖାପ ଖୁଆଇ ନେବାରେ ଆଶ୍ୱସ୍ତି ଲାଭ କରୁଛି । ଏପର୍ଯ୍ୟନ୍ତ ତା’ର ଜ୍ଞାନ ପ୍ରଶସ୍ତ ଓ ନମନୀୟ ହୋଇ ନାହିଁ, ତା’ର ଭାବ ଓ ସଂବେଗ ଶୁଦ୍ଧ ହୋଇ ନାହିଁ । ମୁକ୍ତି ଓ ସମନ୍ୱୟର ପଥକୁ ସେ ସମ୍ପୂର୍ଣ୍ଣ ରୂପେ ଅନୁସରଣ କରିପାରୁ ନାହିଁ ।

ବର୍ତ୍ତମାନ ଆଶୟପ୍ରଧାନ ଯୁଗ ପର୍ଯ୍ୟାୟଟିରେ ଆମେ ଏକ ସକାରାତ୍ମକ ପରିବର୍ତ୍ତନର ଲକ୍ଷଣ ଦେଖି ପାରୁଛୁ । ମନୁଷ୍ୟର ଜ୍ଞାନ ଦ୍ରୁତ ଗତିରେ ପ୍ରସାର ଲାଭ କରୁଛି, ସେ ନାନା ନୂତନ ସାମର୍ଥ୍ୟର ଅଧିକାରୀ ହେଉଛି । ମନୁଷ୍ୟମାନେ ତଥା ଜାତି ସମୂହ ପରସ୍ପରର ଅଧିକ ନିକଟବର୍ତ୍ତୀ ହୋଇ ଆସୁଛନ୍ତି । ସେମାନଙ୍କ ଭିତରେ ଏକତ୍ୱ ବୃଦ୍ଧି ପାଉଛି । ନିଜକୁ ତଥା ପରସ୍ପରକୁ ଭଲ ଭାବେ ଜାଣିବା ଲାଗି ସମସ୍ତେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ଆପଣାକୁ ଯଥାର୍ଥ ଭାବେ ଜାଣିବାହିଁ ଏହି ଯୁଗରେ ମନୁଷ୍ୟର ଅସଲ ସ୍ୱଭାବଗତ କର୍ମ ବୋଲି ଆମକୁ ମନେ ରଖିବାକୁ ହେବ । ଆମର ଅହଂଗତ ପ୍ରକୃତି ଯୋଗୁଁ ନାନା ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ ଆମେ ସେହି ବ୍ୟକ୍ତିଗତ ଓ ସାମାଜିକ ଆଦର୍ଶର ବିଧାନକୁ ନିଜ ସମ୍ମୁଖରେ ସର୍ବଦା ତୋଳି ଧରିବା ଉଚିତ ଯଦ୍ଦ୍ୱାରା ତାହା ଦିନେ ଫଳପ୍ରସୂ ହୋଇପାରିବ ତଥା ବାସ୍ତବ ରୂପ ଗ୍ରହଣ କରିବ ।

❑❑❑

ତୁମେହିଁ ଆମର ଜୀବନ ଧାରଣର ଏକମାତ୍ର କାରଣ ଓ ଲକ୍ଷ୍ୟ ।

(CWM, Vol. 1, p. 72) — ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୫)

### ଆଶ୍ରମରେ ଐଶ୍ୱର୍ଯ୍ୟ ଓ ଆର୍ଥିକ ସଙ୍କଟର ସହାବସ୍ଥାନ :

୧୯୨୦ରେ ଶ୍ରୀମା ଚିରଦିନ ସକାଶେ ପଣ୍ଡିଚେରୀକୁ ଆସିବାର ଅବ୍ୟବହିତ ପରେ କଲିକତାର ତଦାନୀନ୍ତନ ସମ୍ଭ୍ରାନ୍ତବଂଶୀୟା ନାରୀ ମୃଣାଳିନୀ ଚଟ୍ଟୋପାଧ୍ୟାୟ ଆଶ୍ରମ ପରିଦର୍ଶନରେ ଆସନ୍ତି । ଶ୍ରୀମା ତାଙ୍କଠାରୁ ଶାଢ଼ି ପିନ୍ଧିବା ଶିଖି ନେଇଥିଲେ । ସେବେଠାରୁ ଶ୍ରୀମା ନିୟମିତ ଭାବେ ଶାଢ଼ି ବ୍ୟବହାର କରୁଥିଲେ ।

('The life of Sri Aurobindo', P. 175)

ସଚରାଚର ଯେମିତି ହୋଇଥାଏ, ଶ୍ରୀମା'ଙ୍କର ଶାଢ଼ି ପିନ୍ଧିବା ଅଭ୍ୟାସରେ ପରିଣତ ହୋଇଯିବା ପରେ ଭକ୍ତବୃନ୍ଦ ଦର୍ଶନକୁ ଆସି ଶ୍ରୀମା'ଙ୍କୁ ନିଜ ସାଧ୍ୟମତେ ରୁଚିସମ୍ପନ୍ନ ଉତ୍କୃଷ୍ଟମାନର ଶାଢ଼ିସବୁ ଅର୍ପଣ କରିବାକୁ ଲାଗିଲେ । ଚାରୋଟି 'ପୂଜା-ଦର୍ଶନ' ଦିବସରେ ଭାରତୀୟ ପରମ୍ପରାରେ ଚାରି ପ୍ରକାର ସର୍ବୋତ୍କୃଷ୍ଟ ମାନର ଶାଢ଼ିସବୁର ସରବରାହ ମଧ୍ୟ ତନ୍ମଧ୍ୟରୁ ଅନ୍ୟତମ । ଏହିପରି ଭାବରେ ଶ୍ରୀମା'ଙ୍କର ଭଣ୍ଡାରରେ ହଜାରେ ପାଖାପାଖି ଶାଢ଼ି ରହିଥିଲା ।

ଏହି ପରିପ୍ରେକ୍ଷୀରେ ଛୋଟ ସୂଚନାଟିଏ ଦେଇ ଆମେ ଆମର ମୂଳ ଆଲୋଚ୍ୟ ବିଷୟକୁ ଆସିବୁ । ଆଶାକରୁ ଏହା ଅପ୍ରାସଙ୍ଗିକ ବୋଧ ନ ହୋଇ ଚିତ୍ତାକର୍ଷକ କଥାଟିଏ ହେବ । ପ୍ରଣବଙ୍କ ଉକ୍ତିରୁ :

''ଶ୍ରୀମା'ଙ୍କ ପାଖରୁ ଶୁଣିଛି ଯେ ସେ ତାଙ୍କର କୌଣସି ଏକ ପୂର୍ବଜନ୍ମରେ ହିମାଳୟର ଗୋଟିଏ ଛୋଟ ରାଜ୍ୟର ରାଜକନ୍ୟା ଥିଲେ । ଅପୂର୍ବ ସୁନ୍ଦରୀ ରାଜକନ୍ୟା । କିନ୍ତୁ ସିଏ ଅଳ୍ପ ବୟସରେ ମୃତ୍ୟୁ ବରଣ କରନ୍ତି । ତୀବ୍ର ଭାବରେ ମର୍ମାହତ ହୋଇ ରାଜା ଘୋଷଣା କଲେ ଯେ ରାଜକନ୍ୟାର ଶରୀରକୁ ନଷ୍ଟ କରାଯିବ ନାହିଁ । ତାଙ୍କୁ ସୁନ୍ଦର ପୋଷାକ ପିନ୍ଧାଇ ବରଫାଚ୍ଛନ୍ନ ଏକ ଗୁହା ମଧ୍ୟରେ ସୁରକ୍ଷିତ ଭାବରେ ରଖାଯିବ ।

''ଶ୍ରୀମା କହିଥିଲେ ଯେ ସେ ସୂକ୍ଷ୍ମ ଦୃଷ୍ଟିରେ ରାଜକନ୍ୟାକୁ ଦେଖିଛନ୍ତି । ତାଙ୍କର ଶାୟିତ ଦେହ ସେହି ବରଫାବୃତ ନିର୍ଜନ ଗୁହା ମଧ୍ୟରେ ଏବେ ମଧ୍ୟ ସେହିପରିହିଁ ରହିଛି ।'' ('ହଠାତ୍ ମନେପଡ଼େ', ପୃ. ୨୧)

ଏବେ ଦ୍ୟୁମାନ୍‌ଙ୍କର ସ୍ମୃତିକଥାର କିଛିଟା ଭାବାନୁବାଦ :

''ଏହା ଥିଲା ୧୯୪୯ ମସିହାର କଥା । ଶ୍ରୀମା ସିଦ୍ଧାନ୍ତ ନେଲେ ଆଶ୍ରମ ଚଳାଇବା ସକାଶେ ସେ ତାଙ୍କର ଶାଢ଼ିସବୁକୁ ବିକ୍ରି କରିବେ । ଏକଥା ଶୁଣି ମୁଁ ମର୍ମାହତ ହୋଇ ପଡ଼ିଲି । ଶେଷକୁ ମୋତେ କ'ଣ ଏହି କଠୋର କର୍ମ କରିବାକୁ ହେବ ! ମୁଁ ଦୃଢ଼ ଭାବରେ ତାଙ୍କ ପ୍ରସ୍ତାବରେ ପ୍ରତିକ୍ରିୟା ପ୍ରକାଶ କଲି । ସେ ମୋତେ କହିଲେ, 'ମୋର ହଜାରେ ଶାଢ଼ି ରହିଛି; ଯଦି କେହି ମୋତେ ଲକ୍ଷେ ଟଙ୍କା ଦିଏ ତେବେ ମୁଁ ସେସବୁକୁ ତାକୁ ଦେଇ ଦେବି । କିନ୍ତୁ କେହି ଜଣେ ବି ମୋତେ ଆସି ଯେପରି ନକହେ ଯେ ସେ କେତୋଟି ମାତ୍ର ଶାଢ଼ି ବଦଳରେ ମୋତେ ଏତିକି ଟଙ୍କା ଦେବ । – ଏପରି ଭାବରେ ନୁହେଁ । ଯିଏ ସବୁ ଶାଢ଼ିକୁ ଏକ ସଙ୍ଗେ ନେବ ଏବଂ ମୋତେ ନଗଦ ଲକ୍ଷେ ଟଙ୍କା ଦେବ ।' ସେହି ବର୍ଷ ଅର୍ଥାତ୍ ୧୯୪୯ରେ ମୁଁ ଚେଷ୍ଟା କରି ମଧ୍ୟ ମା'ଙ୍କ ନିର୍ଦ୍ଦେଶ ମୁତାବକ ଟଙ୍କା ଯୋଗାଡ଼ କରି ପାରିଲି ନାହିଁ ।

''ସେହି ସମୟରେ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମା' ପ୍ଲେ-ଗ୍ରାଉଣ୍ଡରେ ଆଗନ୍ତୁକ ଦର୍ଶନାର୍ଥୀମାନଙ୍କୁ ସାକ୍ଷାତ୍ କରୁଥିଲେ । ସେମାନେ ମା'ଙ୍କୁ ପ୍ରଣାମ କରୁଥିବା ସମୟରେ ସାଥିରେ ଆଣିଥିବା ଉପହାର ତାଙ୍କୁ ଅର୍ପଣ କରୁଥିଲେ । ସେସବୁ ଅର୍ପିତ ବସ୍ତୁକୁ ଆଶ୍ରମକୁ ଅଣାଯାଇ ମା'ଙ୍କ ସାମନାରେ ଖୋଲା ଯାଉଥିଲା । ଶ୍ରୀମା ପଚାରୁଥିଲେ, 'ସେଇଟି କ'ଣ ? କିଏ ଦେଇଛି ? ...' ମୁଁ ଉତ୍ତରରେ ପ୍ରତ୍ୟେକଟି ବସ୍ତୁର ନିର୍ଦ୍ଦିଷ୍ଟ ସୂଚନା ଦେଉଥିଲି । ତା'ପରେ ମା' ସିଦ୍ଧାନ୍ତ ନେଉଥିଲେ ସେସବୁକୁ କ'ଣ କରିବାକୁ ହେବ ।

''ସେଦିନ ୨୦ ଫେବ୍ରୁଆରୀ ୧୯୫୧ । ଜନୈକା ଶିଷ୍ୟା ଚନ୍ଦନା ବାନାର୍ଜୀ ମା'ଙ୍କୁ ଏକ ଶାଢ଼ି ଅର୍ପଣ କରିଥିଲେ । ମୁଁ ଯେତେବେଳେ ପ୍ୟାକେଟ୍ ଖୋଲି ସେଇଟିକୁ ତାଙ୍କୁ ଦେଖାଇଲି

ସେ କହିଉଠିଲେ, ‘ଏଇଟିକୁ ନେଇ ମୁଁ କ’ଣ କରିବି ?’ – ଠିକ୍ ସେହି ମୁହୂର୍ତ୍ତରେହିଁ ମୋର ସ୍ମରଣରେ ଆସିଲା, ଶ୍ରୀମା ଦୁଇ ବର୍ଷ ଆଗରୁ ଶାଢ଼ି ବିକ୍ରି କରିବାର ସିଦ୍ଧାନ୍ତ ନେଇଥିଲେ । ମୁଁ ମା’ଙ୍କୁ କହିଉଠିଲି, ‘ମୁଁ ଏହିଟିକୁ ବିକ୍ରି କରି ଦେଇପାରେ ?’ – ଶ୍ରୀମା ମୋ କଥା ଶୁଣି ନୀରବ ରହିଲେ । ସେହିଦିନ ରାତିରେ ମୁଁ ମୋର ଅତି ପରିଚିତ ବନ୍ଧୁ ‘ନବଜାତ’ଙ୍କୁ ଏକ ପତ୍ର ଲେଖି ମା’ଙ୍କର ସିଦ୍ଧାନ୍ତ କଥା ଜଣାଇଲି । ପତ୍ର ପାଇବା ମାତ୍ରେ ନବଜାତ ମୋତେ ଏହି ମର୍ମରେ ଚିଠି ଲେଖି ପଠାଇଲେ ଯେ ‘ମୁଁ ଆସନ୍ତା କାଲି ମା’ଙ୍କ ନିକଟକୁ ଲକ୍ଷେ ଟଙ୍କା ପଠାଉଛି; ଯଦିଓ ଶାଢ଼ିସବୁକୁ ମୁଁ ନେବି, ସେଇସବୁ ଶାଢ଼ି କିନ୍ତୁ ତୁମରି ପାଖରେହିଁ ରହିବ । ଫଳରେ ତୁମେ ସେସବୁକୁ ପରେ ଆଶ୍ରମର ଅର୍ଥ ପ୍ରୟୋଜନ ସମୟରେ ପୁଣି ଅନ୍ୟ କାହାକୁ ବିକ୍ରି କରିପାରିବ ।’ ଶ୍ରୀମା ଯଥା ସମୟରେ ଲକ୍ଷେ ଟଙ୍କା ପାଇଲେ ।

‘‘ସେହି ସମୟରେ ଆଶ୍ରମର ଦୈନିନ୍ଦିନ ବ୍ୟବହାର୍ଯ୍ୟ ବସ୍ତୁ ଖରିଦ କରିବା ସକାଶେ ବଜାରକୁ ଯାଉଥିଲି । ବଜାରରୁ ଫେରିବା ପରେ ମା’ଙ୍କୁ ସାକ୍ଷାତ୍ କରୁଥିଲି । ସେଦିନ ସେମିତି ତାଙ୍କୁ ସାକ୍ଷାତ୍ କରିବାକୁ ଯାଇଛି । ମା’ଙ୍କ ନିର୍ଦ୍ଦେଶରେ ତାଙ୍କ କକ୍ଷ ସାମନା ଅଳିନ୍ଦରେ ବସୁଧା (ତଦାନୀନ୍ତନ ମା’ଙ୍କର ନିକଟତମ ସେବିକା) ଧାଡ଼ି କରି ଶାଢ଼ିର ପ୍ୟାକେଟ୍ ସବୁ ରଖୁଛି (ନବଜାତଙ୍କୁ ଦେବା ସକାଶେ) । ... ମୋ ସାମନାରେ ଶ୍ରୀମା ବସୁଧାକୁ ପଚାରିଲେ, ‘କେତେ ଶାଢ଼ି ବାହାର କରିଛୁ ?’ – ‘ମା, ଏବେ ବି ହଜାରରୁ କେତୋଟି ଶାଢ଼ି କମ୍ ରହିଛି ।’ ସେଇଠୁ ମା’ ତାକୁ କହିଲେ, ‘ତେବେ ସ୍ୱତନ୍ତ୍ର ଭାବରେ ଏମ୍ବ୍ରୟଡ଼ରି ଶାଢ଼ିରୁ ବାଛି ସେତକ ସେଥିରେ ଥୋଇ ଦିଅ ।’ – ଏତେ ପର୍ଯ୍ୟନ୍ତ ଲୁହ ଚାପି କର୍ମରତ ଥିବା ବସୁଧା ଅସ୍ଥିର ଭାବରେ କାନ୍ଦିବାକୁ ଲାଗିଲା । ମା’ଙ୍କର ସେହି ପ୍ରଥମ ପିଢ଼ିର କେତେଜଣ ତରୁଣୀ ସାଧିକା ବର୍ଷ ବର୍ଷ ଧରି ନିତି ଦଶ-ବାର ଘଣ୍ଟାରୁ ଅଧିକ ସମୟ ଏକାଗ୍ର ଚିତ୍ତରେ ମା’ଙ୍କ ସକାଶେ ସେସବୁ ଶାଢ଼ିକୁ ଏମ୍ବ୍ରୟଡ଼ରି କରିଥିଲେ । ତେଣୁ ସ୍ୱଭାବତଃ ବସୁଧା ସେସବୁକୁ ବିକ୍ରି କରି ଦେବାକୁ ଆଦୌ ଚାହୁଁ ନଥିଲା । ମା’ କିନ୍ତୁ ଏ ବିଷୟରେ ଦୃଢ଼ ଥିଲେ । ଦଶାବ୍ଦୀ ଦଶାବ୍ଦୀ ଧରି ବସୁଧା ହୃଦୟଭରା ସେବା ମନୋଭାବ ନେଇ ପ୍ରସ୍ତୁତ କରିଥିବା ବହୁମୂଲ୍ୟ ସ୍ମାରକ ଶାଢ଼ିସବୁକୁ ଅତ୍ୟନ୍ତ ଶୋକାର୍ତ୍ତ ହୃଦୟରେ ବାହାର କରି ମା’ଙ୍କ ସାମନାରେ ଥୋଇଲା । ଏବଂ ମୋତେ ନିଜ ମାତୃଭାଷା ଗୁଜୁରାଟିରେ କହିଲା, ‘ଦୟାପୂର୍ବକ ଏସବୁକୁ ବିକ୍ରି କରିବ ନାହିଁ ।’ ମା’ ମୋତେ ପଚାରିଲେ, ‘ବସୁଧା କ’ଣ କହୁଛି ?’ – ଅବଶ୍ୟ ମା’ଙ୍କୁ କିଛି ଉତ୍ତର ଦେଇ ପାରିଲି ନାହିଁ; ବସୁଧାକୁ ଇଙ୍ଗିତରେ ସୂଚାଇ ଦେଲି ଯେ ମୁଁ ତୁମ କଥା ମନେ ରଖିଲି । ଠିକ୍ ଅଛି । ... ହଜାରେ ଶାଢ଼ି ମୋ ରୁମ୍‌କୁ ସ୍ଥାନାନ୍ତରିତ କରାହେଲା ।

‘‘ମା’ଙ୍କର ଏହିସବୁ ଏମ୍ବ୍ରୟଡ଼ରି ଶାଢ଼ି ପ୍ରସ୍ତୁତ କରିଥିଲେ ବସୁଧା, ଅନୁସୂୟା, ଇଚ୍ଛାବେନ୍ ଏବଂ ମିନୁ । ଦିନେ ଏମାନଙ୍କୁ ମୋ କକ୍ଷକୁ ଡାକି ଆଣିଲି । ଆମେ ସମସ୍ତେ ବସି ଶ୍ରୀମା ଯେଉଁସବୁ ଶାଢ଼ିକୁ ସବୁଠାରୁ ବେଶୀ ବ୍ୟବହାର କରିଥିଲେ ସେସବୁକୁ ଏବଂ ଏମ୍ବ୍ରୟଡ଼ରି ଶାଢ଼ିସବୁକୁ ସ୍ୱତନ୍ତ୍ର ଭାବେ ରଖିଲୁ । ତା’ପରେ କେଉଁ ଶାଢ଼ିକୁ କେତେ ଦାମ୍‌ରେ ବିକ୍ରି କରିବା ଉଚିତ, ସେସମ୍ବନ୍ଧରେ ସିଦ୍ଧାନ୍ତ ନେଇ ପ୍ରତ୍ୟେକଟିରେ ଲେବଲ୍ ଲଗାଇଲୁ – ଶହେ, ଦୁଇ ହଜାର, ଅଢ଼େଇ ହଜାର ଦାମର ଲେବଲ୍ ସବୁ ଲଗାଇଲୁ । ମୁଁ ଏସବୁକୁ ଧୀରେ ଧୀରେ ବିକ୍ରି କରି ମା’ଙ୍କ ହାତରେ ପୁଣି ଲକ୍ଷେ ଟଙ୍କା ଦେବାକୁ ସକ୍ଷମ ହୋଇ ପାରିଥିଲି ।

‘‘ସେହି ସମୟରେ ମା’ ପ୍ରତି ଦର୍ଶନ ଦିବସରେ ସାଧିକାମାନଙ୍କୁ ସୂତା ଶାଢ଼ି ବିତରଣ କରୁଥିଲେ । ଇତି ପୂର୍ବରୁ ଦିନେ କଥା ଛଳରେ ମା’ କହିଥିଲେ, ‘ମୁଁ ଦେଖିବାକୁ ଚାହେଁ ମୋର ସବୁ କନ୍ୟା ଦର୍ଶନ ଦିବସରେ ସିଲ୍‌କ୍ ଶାଢ଼ି ପିନ୍ଧିଛନ୍ତି ।’ ଏବେ ଜନୈକ ସାଧକଙ୍କୁ ମା’ କହୁଥିବାର ଶୁଣିଲି, ‘ମୁଁ ମୋର କନ୍ୟାଗଣଙ୍କୁ ଶାଢ଼ି ଦେବାକୁ ଚାହେଁ ।’ ମୋ କାନରେ ଏକଥା ବାଜିବା ମାତ୍ରେ ମୁଁ ମା’ଙ୍କ ପାଖକୁ ଯାଇ କହିଲି, ‘ମା, ତୁମେ ତୁମର କନ୍ୟାଗଣଙ୍କୁ ଶାଢ଼ି ବିତରଣ କରିବାର ବନ୍ଦୋବସ୍ତ ମୁଁ କରି ଦେବି ।’ ତା’ପରେ ମୋ କକ୍ଷରେ ଗଚ୍ଛିତ ଥିବା ତାଙ୍କ ଶାଢ଼ିରୁ ୪୯୫ଟି ସିଲ୍‌କ ଶାଢ଼ି ତାଙ୍କୁ ଦେଇଥିଲି । ସେତେବେଳେ ଆଶ୍ରମରେ ସାଧିକାଙ୍କ ସଂଖ୍ୟା ୪୯୫ ଥିଲା । ମା’ ତା’ପରେ ମୋର ତଥା ବସୁଧାର ସହାୟତାରେ ପ୍ରତିଟି ସାଧିକାର ବୟସ, ତା’ର ସ୍ୱଭାବ, ଶାରୀରିକ ଗଠନ ଓ ବର୍ଣ୍ଣସବୁକୁ ବିଚାର କରି ତାଙ୍କର ଅସୀମ ପ୍ରେମ ଓ ଯତ୍ନର ସହିତ ଲେବଲ୍ ଦେଇ ସେମାନଙ୍କୁ ବିତରଣ କରିଥିଲେ ।...’’

(‘Dyuman – The Luminous One’, P. 18 - 19)

ଏହିପରି ଥିଲା ତଦାନୀନ୍ତନ ଆର୍ଥିକ ସଙ୍କଟର ଚରମାବସ୍ଥା । ପରବର୍ତ୍ତୀକାଳରେ ଆଶ୍ରମ ଅନ୍ତେବାସୀ ପ୍ରଦ୍ୟୋତ ଆର୍ଥିକ ସଙ୍କଟ କାଳରେ ଶ୍ରୀମା’ଙ୍କ ଅନୁମତି ପ୍ରାପ୍ତ ହୋଇ ବାହାରକୁ ଯାଇ ଭକ୍ତମାନଙ୍କ ନିକଟରୁ ଅର୍ଥ ସଂଗ୍ରହ କରି ମା’ଙ୍କୁ ଅର୍ପଣ କରୁଥିଲେ । ...

ପରିଶେଷରେ ତଦାନୀନ୍ତନ ସାଧକମାନଙ୍କର ପ୍ରତିକ୍ରିୟାମୂଳକ ମନୋଭାବ ସମ୍ବନ୍ଧରେ କିଞ୍ଚିତ୍ ଆଭାସ ଦେବୁ ।

ଶ୍ରୀଅରବିନ୍ଦଙ୍କୁ ଜନୈକ ଶିଷ୍ୟର ପ୍ରଶ୍ନ : ''ଶ୍ରୀମା ମୂଲ୍ୟବାନ୍ ଓ ସୁନ୍ଦର ପୋଷାକସବୁ ପରିଧାନ କରନ୍ତି କାହିଁକି ?''

ଶ୍ରୀଅରବିନ୍ଦଙ୍କ ଉତ୍ତର : ''ଏହା କ'ଣ ତୁମର ଧାରଣା ଯେ ଭଗବାନ୍ (ଦିବ୍ୟ ଜନନୀ) ଦରିଦ୍ରତା ଓ କୁତ୍ସିତତା ମାଧ୍ୟମରେ ନିଜକୁ ପୃଥିବୀପୃଷ୍ଠରେ ମୂର୍ତ୍ତିମନ୍ତ କରିବା ଉଚିତ ।

''ଭଗବାନଙ୍କର ଦିବ୍ୟ ଜ୍ଞାନ, ଦିବ୍ୟ ଶକ୍ତି କିଂବା ଦିବ୍ୟ ଆନନ୍ଦ ସଦୃଶ ଦିବ୍ୟ ସୌନ୍ଦର୍ଯ୍ୟ ମଧ୍ୟ ତାଙ୍କର ଦିବ୍ୟ ପ୍ରକାଶ । କେହି କ'ଣ ପଚାରେ କି ଶ୍ରୀମା କାହିଁକି ଦିବ୍ୟ ଚେତନାକୁ ଅଜ୍ଞାନ ଓ ଦୁର୍ବଳତା ମାଧ୍ୟମରେ ଅଭିବ୍ୟକ୍ତ ନ କରାଇ ଜ୍ଞାନ ଓ ଶକ୍ତି ମାଧ୍ୟମରେ ଅଭିବ୍ୟକ୍ତ କରାଇବାକୁ ଚାହାଁନ୍ତି ? ଶ୍ରୀମା'ଙ୍କର ରୁଚିସମ୍ପନ୍ନ ଓ ଅତି ମନୋହର ପୋଷାକ ପରିଧାନ କରିବା ବିରୋଧରେ ପ୍ରାଣସତ୍ତାର ଏହାଠୁ ବଳି ଅଧିକ ଏକ ଅତୀବ ଅଯୌକ୍ତିକ ବା ନିରର୍ଥକ (a more absurd or meaningless) ପ୍ରଶ୍ନ ଥାଇ ନପାରେ ।''

(SABCL, Vol. 25, P. 361-62) (୨୭.୦୨.୧୯୩୩)

*

ପ୍ରଶ୍ନ : ଶ୍ରୀମା ସର୍ବୋତ୍କୃଷ୍ଟ ଶାଢ଼ି ବା ସାଧାରଣ ଶାଢ଼ି ପରିଧାନ କରନ୍ତୁ, ସିଏ ଏକ ରାଜପ୍ରାସାଦରେ ବାସ କରନ୍ତୁ ବା ଅରଣ୍ୟରେ ରୁହନ୍ତୁ, ଏହା କ'ଣ ତାଙ୍କ ଚେତନାରେ କୌଣସି ଭିନ୍ନତା ଆଣିଥାଏ ? ଆନ୍ତର ସତ୍ୟକୁ ଏ ଧରଣର ବାହ୍ୟ ବସ୍ତୁଗୁଡ଼ିକ କିଭଳି ଭାବରେ ପ୍ରଭାବିତ କରିବେ ? ହୁଏତ ସେମାନେ ଆନ୍ତର ସତ୍ୟର ମୂଲ୍ୟ ହ୍ରାସ କରିବାର କାରଣ ବି ହୋଇ ପାରନ୍ତି ।

ଶ୍ରୀଅରବିନ୍ଦଙ୍କ ଉତ୍ତର : ବାହ୍ୟବସ୍ତୁସବୁ କୌଣସି ଅନ୍ତରସ୍ଥ ସତ୍ୟରହିଁ ଅଭିବ୍ୟକ୍ତି । ସୁନ୍ଦର ଶାଢ଼ି ବା ଗୋଟିଏ ପ୍ରାସାଦ ହେଲା ବସ୍ତୁନିହିତ ସୌନ୍ଦର୍ଯ୍ୟର ଏକ ଅଭିବ୍ୟକ୍ତି ଏବଂ ତାହାହିଁ ସେଗୁଡ଼ିକର ପ୍ରଧାନ ମୂଲ୍ୟ । ଭାଗବତ ଚେତନା ଏହିସବୁ ମଧ୍ୟରେ ସୀମିତ ନୁହେଁ ବା କୌଣସିଥିରେ ଆସକ୍ତ ନୁହେଁ । କିନ୍ତୁ ବସ୍ତୁଗୁଡ଼ିକର ସୌନ୍ଦର୍ଯ୍ୟ ଯଦି ଏହାର ଈପ୍ସିତ ଲକ୍ଷ୍ୟର ଏକ ଅଂଶ ହୋଇଥାଏ, ତେବେ ସେସବୁଥିରୁ ନିଜକୁ ଅଲଗା ରଖିବାକୁ ମଧ୍ୟ ଏହା ବାଧ୍ୟ ନୁହେଁ । ଯେତେବେଳେ ଆଶ୍ରମ ଗଠନ ହୋଇ ନ ଥିଲା ମା' ତାଳିପକା ସୂତାଶାଢ଼ିସବୁ ପିନ୍ଧୁଥିଲେ । ଯେତେବେଳେ ସେ ସ୍ୱୟଂ କାର୍ଯ୍ୟଭାର ଗ୍ରହଣ କଲେ ସେତେବେଳେ ତାଙ୍କର ଅଭ୍ୟାସସବୁ ପରିବର୍ତ୍ତନ କରିବା ଆବଶ୍ୟକ ହେଲା, ତେଣୁ ସେ ସେପରି କଲେ ।

(୨୨.୧୦.୧୯୩୫)

('ନିଜ ସମ୍ବନ୍ଧେ ଓ ମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ'; ପୃ. ୪୫୬)

*

ସାଧକ-ସାଧିକାମାନଙ୍କର ସୁନ୍ଦର ମୂଲ୍ୟବାନ୍ ବସ୍ତ୍ର ପରିଧାନ କରିବା ସମ୍ବନ୍ଧରେ ଜନୈକ ବ୍ୟକ୍ତିଙ୍କର ମନ୍ତବ୍ୟ ଉପରେ ଶ୍ରୀଅରବିନ୍ଦଙ୍କ ଉତ୍ତର : ''ଉପଲବ୍ଧି ପରେ ଉଚ୍ଚତର ଦିବ୍ୟଇଚ୍ଛା ଯାହା ଦାବି କରେ ତାହାହିଁ ସର୍ବୋତ୍ତମ – କିନ୍ତୁ ପ୍ରଥମରେ ଅନାସକ୍ତି ହେଲା ନିୟମ । ଶୃଙ୍ଖଳା ଓ ଉନ୍ନତି ବିନା ମୁକ୍ତିଲାଭ କରିବା ବହୁତ କମ୍ ଲୋକଙ୍କ କ୍ଷେତ୍ରରେ ଘଟେ । ମୁଁ ଓ ମା' ସ୍ୱେଚ୍ଛାରେ ବରଣ କରିଥିବା ଜୀବନ ହେଉଛି ଏହା ଯେ ଆମେ ଅତ୍ୟନ୍ତ ଅଭାବ ଭିତର ଦେଇ ଯାଇଛୁ ।''

(ତତ୍ରୈବ : ପୃ. ୨୭୧) (୧୫.୧୧.୧୯୩୩)

*

ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀଅରବିନ୍ଦ ଲେଖିଥିଲେ : ତୁମେ ଭାବ କି ମା' ବା ମୁଁ ବା ଅନ୍ୟମାନେ ଯେଉଁମାନେ ଆଧ୍ୟାତ୍ମିକ ଜୀବନ ଗ୍ରହଣ କରିଛୁ, ସେମାନେ ସଂସାର ଜୀବନ କ'ଣ ଉପଭୋଗ କରି ନାହୁଁ ଏବଂ ସେଇଥିପାଇଁ ମା' ଏକ ହର୍ଷୋତ୍ଫୁଲ୍ଲ ତ୍ୟାଗ କଥା କହିପାରନ୍ତି ? ଅଥବା ତୁମେ ଭାବ କି ଆମେ ଆମର ପ୍ରାରମ୍ଭିକ ଅବସ୍ଥା ମିଶରର ବିଲୁପ୍ତ ବା ବିଳାସମୟ ଜୀବନର ଲିପ୍ସାରେ କଟାଇଥିଲୁ ଏବଂ କେବଳ ପରବର୍ତ୍ତୀ କାଳରେ ଆମେ ଆଧ୍ୟାତ୍ମିକ ତ୍ୟାଗର ଆନନ୍ଦ ଅନୁଭବ କରୁଥିଲୁ ? ଅବଶ୍ୟ ସେପରି ଆମେ କରି ନାହୁଁ । ଆମେ ଓ ଆହୁରି ଅନେକେ, ଆବଶ୍ୟକ ହେଉଥିବା କୌଣସି ଜିନିଷ ତ୍ୟାଗ କରିବାରେ କିଛିମାତ୍ର କଷ୍ଟ ବା ଅସୁବିଧା ଅନୁଭବ କରି ନାହାନ୍ତି ବା ପରେ କେବେ ମଧ୍ୟ ଏହା ପୁନଶ୍ଚ ଲାଭ କରିବା ପାଇଁ ଇଚ୍ଛା କରି ନାହାନ୍ତି । ତୁମର ଏହି ନିୟମ ଏକ କଠୋର ନିୟମ ଯାହା ସମସ୍ତଙ୍କ କ୍ଷେତ୍ରରେ ଆଦୌ ପ୍ରଯୁଜ୍ୟ ନୁହେଁ ।

(ତତ୍ରୈବ : ପୃ. ୨୭୧) (୧୭.୧୦.୩୫)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ଅବତାରଙ୍କ ଉଦ୍ଦେଶ୍ୟ

## (୨)

**ରାମକୃଷ୍ଣ ଦାସ**

### ପୁରାଣ ଏବଂ କ୍ରମବିକାଶରେ ସାମଞ୍ଜସ୍ୟ

ବିଚାର କରିବାକୁ ହେବ ଅବତାର ସକାଶେ ଗୀତା ଆଉ କ'ଣ କହୁଛି । ''ଦୁଷ୍କୃତ ବିନାଶ କରିବା, ଦୁଷ୍ଟ ନାଶ କରିବା, ସାଧୁପୁରୁଷଙ୍କୁ ଉଦ୍ଧାର କରିବା ଏବଂ ଧର୍ମସ୍ଥାପନା କରିବା ସକାଶେ ଭଗବାନ୍ ଯୁଗେ ଯୁଗେ ଅବତାର ନିଅନ୍ତି ।'' ଶ୍ରୀଅରବିନ୍ଦଙ୍କ ସିଦ୍ଧାନ୍ତ ଅନୁସାରେ, ''ମନୁଷ୍ୟଜାତିକୁ ଗୋଟିଏ ନୂତନ ସ୍ତରକୁ ନେଇଯିବା ସକାଶେ ଭଗବାନ୍ ଅବତାର ନିଅନ୍ତି ।'' ଭଗବାନଙ୍କ ଅବତାରର ଏହି ଦୁଇଟି ଘଟଣା ମଧ୍ୟରେ ସାମଞ୍ଜସ୍ୟ କେଉଁଠି ? ଧର୍ମସଂସ୍ଥାପନାର ଅର୍ଥ ପୃଥିବୀର ଚେତନାକୁ ଆଉ ଗୋଟିଏ ଉଚ୍ଚତର ସ୍ତରକୁ ନେଇଯିବା । ପୃଥିବୀରେ ଚେତନାର ବିକାଶ ନ ହୋଇ କେବଳ ''ଧର୍ମସଂସ୍ଥାପନା'' ହୋଇଥିଲେ ଏହିପରି ହୋଇଥା'ନ୍ତା । ଯେତେବେଳେ ଅଧର୍ମ ବୃଦ୍ଧି ହୁଏ ଭଗବାନ୍ ଅବତାର ନେଇ ସେହି ଅଧର୍ମକୁ ନଷ୍ଟ କରି ଦିଅନ୍ତି, ପୂର୍ବ ଧର୍ମ ଫେରି ଆସେ – ତେବେ ପ୍ରାଣୀ ଯେଉଁ ସ୍ତରରେ ଥିଲା ସେହି ସ୍ତରରେ ରହିଥା'ନ୍ତା । ତା'ର ବିକାଶ ହୁଅନ୍ତା ନାହିଁ । ପୃଥିବୀ ପ୍ରଥମେ ଥିଲା ଜଡ଼ ଅନ୍ଧକାର – ତାହା ସେହିପରି ଥା'ନ୍ତା । ଅଥବା ବୃକ୍ଷଲତା, ପଶୁପକ୍ଷୀ ହେବା ପରେ ଆଉ ବିକାଶ ହୋଇ ନ ଥା'ନ୍ତା । ଏହା ହୋଇ ନାହିଁ । ବିକାଶ ବରାବର ଚାଲିଛି । ଏପରିକି ଆଦିମ ମାନବର ଅକଳ୍ପନୀୟ ବିକାଶ ହୋଇଛି । ଆଦିମ ମାନବ ଗୁହାରେ ରହୁଥିଲା । ଆଜି ବିଜ୍ଞାନ କେଉଁଠି ପହଞ୍ଚିଛି ! ଏହି ବିକାଶକୁ ଗୀତା 'ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' କହୁଛି । ଏହାକୁ ସମର୍ଥନ କରୁଛି ଭଗବାନଙ୍କ ଅବତାର । ପ୍ରଥମରେ ଜଳଜୀବ 'ମତ୍ସ୍ୟ', ଦ୍ୱିତୀୟରେ ଜଳ ଏବଂ ସ୍ଥଳ ଜୀବ 'କଚ୍ଛପ', ତୃତୀୟରେ ପଶୁ, ସ୍ଥଳଚର 'ବରାହ', ଚତୁର୍ଥରେ ପଶୁ ଓ ମନୁଷ୍ୟ ଉଭୟ ଶରୀର 'ନରସିଂହ', ପଞ୍ଚମରେ ଛୋଟ ଶରୀରଧାରୀ ମନୁଷ୍ୟ 'ବାମନ', ଷଷ୍ଠରେ ଦୁର୍ଦ୍ଦାନ୍ତ ମାନବ ଯୋଦ୍ଧା 'ପର୍ଶୁରାମ', ସପ୍ତମରେ ଶାନ୍ତ, ସୁଶୀଳ, ଧାର୍ମିକ, ନ୍ୟାୟବାନ୍, ସଦାଚାରୀ, ମାତାପିତାଙ୍କ ଆଜ୍ଞାପାଳନକାରୀ, ସତ୍ୟନିଷ୍ଠ, ଅତୁଳନୀୟ ବୀର, କ୍ଷମାର ମୂର୍ତ୍ତିମାନ ବିଗ୍ରହ 'ଶ୍ରୀରାମ', ଅଷ୍ଟମରେ ଲାବଣ୍ୟଯୁକ୍ତ ନଟନାଗର ଯୋଗେଶ୍ୱର 'ଶ୍ରୀକୃଷ୍ଣ', ନବମରେ ଶାନ୍ତମୂର୍ତ୍ତି ନିର୍ବାଣଦାତା 'ବୁଦ୍ଧଦେବ', ଦଶମରେ ପୃଥିବୀରେ ଅତିମାନବ ସ୍ଥାପନକାରୀ, ଅତିମାନସ ପ୍ରତିଷ୍ଠାତା ସର୍ବଶେଷ ଅବତାର । ଏହି ଦଶ ଅବତାର ଠିକ୍ କ୍ରମବିକାଶ ଧାରାକୁ ଧାରଣ କରି ଚାଲିଥିବାର ସୂଚନା ଦେଉଅଛି ।

ଏହିଠାରେ ପ୍ରଶ୍ନ ହେବ – ଭଗବାନ୍ ଯଦି କ୍ରମବିକାଶକୁ ଧାରଣ କରି ଚାଲିଥା'ନ୍ତେ ତେବେ କ୍ରମବିକାଶର ଚେତନା ସ୍ତରର ପ୍ରଥମ ପ୍ରାଣୀ ହୋଇଥା'ନ୍ତେ ଭଗବାନଙ୍କ ଅବତାର । ଏପରି ତ ଦେଖାଯାଉ ନାହିଁ । ଏପରିକି ପୁରାଣରେ ଯେଉଁ ଦଶ ଅବତାରଙ୍କ ଚରିତ୍ର ବର୍ଣ୍ଣନ କରାହୋଇଛି କେତେ ଅବତାରଙ୍କ ପୂର୍ବରେ ସେହି ସ୍ତରର ପ୍ରାଣୀ ବିଦ୍ୟମାନ ଥିଲେ । କେବଳ ଚେତନା ସ୍ତରର ପ୍ରଥମ ପ୍ରାଣୀ ରୂପେ ଭଗବାନ୍ ପ୍ରତ୍ୟେକ ଥର ଅବତାର ନିଅନ୍ତି ଏପରି ନୁହେଁ । ସୃଷ୍ଟିର ପୂର୍ଣ୍ଣ ପ୍ରଳୟରେ ସେ ସୃଷ୍ଟିର ପ୍ରଥମ ପ୍ରାଣୀ ରୂପେ ଅବତାର ନିଅନ୍ତି; ସୃଷ୍ଟି ଧ୍ୱଂସରେ ଏବଂ ଧର୍ମହ୍ରାସ ସମୟରେ ସେହି ସ୍ତରର ପ୍ରାଣୀ ଥିବା ସତ୍ତ୍ୱେ ସେ ସେହି ସ୍ତରର ପ୍ରାଣୀ ରୂପେ ଅବତାର ନେଇ ସେମାନଙ୍କୁ ଗୋଟିଏ ଉଚ୍ଚତର ଚେତନା ସ୍ତରକୁ ନେଇଯାଆନ୍ତି ।

ଏହି ସିଦ୍ଧାନ୍ତକୁହିଁ ଗୀତା ଏବଂ ପୁରାଣ ଯଦ୍ୟପି ଅସ୍ପଷ୍ଟ ରୂପେ ସମର୍ଥନ କରୁଅଛନ୍ତି ତଥାପି କେଉଁ ଅବତାର ଚେତନା ସ୍ତରର ପ୍ରଥମ ପ୍ରାଣୀ ରୂପେ, କେଉଁ ଅବତାର ଚେତନାର ବିକାଶ କାର୍ଯ୍ୟ କରିବା ସକାଶେ ପୃଥିବୀକୁ ଆସିଥିଲେ ତାହା ସ୍ପଷ୍ଟ କରି ନାହାନ୍ତି । କାରଣ ଭଗବାନଙ୍କ ଅବତାରର ଅନ୍ତ ନାହିଁ । ଗୀତା ସ୍ପଷ୍ଟ ରୂପେ କହିଛି 'ସମ୍ଭବାମି ଯୁଗେ ଯୁଗେ' । ଯୁଗର ଅନ୍ତ ନାହିଁ, ଯୁଗ ପରେ ଯୁଗ ଚାଲିଥାଏ । ପ୍ରତି ଯୁଗରେ ଭଗବାନ୍ ଅବତାର ନିଅନ୍ତି । କେବଳ ପ୍ରତି ଯୁଗରେ ନୁହେଁ, ଗୋଟିଏ ଯୁଗରେ ଯେବେ ଯେବେ ଧର୍ମର ହ୍ରାସ ହୁଏ ସେ ଅବତାର ନିଅନ୍ତି; ଯେପରି ତ୍ରେତାରେ ପର୍ଶୁରାମ ଏବଂ ଶ୍ରୀରାମ; କଳିରେ ବୁଦ୍ଧଦେବ, ଚୈତନ୍ୟ ମହାପ୍ରଭୁ, ଯୀଶୁ ଖ୍ରୀଷ୍ଟ, ମହମ୍ମଦ

ଏବଂ ଶେଷ ଅବତାର ଅତିମାନସ ଚେତନଯୁକ୍ତ ଅତିମାନବ ପ୍ରତିଷ୍ଠାତା । ଏହାଛଡ଼ା ବହୁତ ଅବତାର ହୁଅନ୍ତି ସଂସାରରେ, କାର୍ଯ୍ୟ କରି ଚାଲିଯା'ନ୍ତି, ଲୋକେ ସେମାନଙ୍କୁ ଜାଣି ବି ପାରନ୍ତି ନାହିଁ । ବର୍ତ୍ତମାନ ମନୁଷ୍ୟ ଯେଉଁ ମାନସ ଚେତନାରେ ଉପନୀତ ହୋଇଛି, ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସେ ଏହି ଚେତନା ସ୍ତରକୁ ଅତିକ୍ରମ କରିପାରି ନାହିଁ । ଏହା ପୂର୍ବରୁ ସୃଷ୍ଟି ବରାବର ଧ୍ୱଂସ ହେଉଛି । ଏହି ସ୍ତର ପର୍ଯ୍ୟନ୍ତ ଅଜ୍ଞାନ । ଅଜ୍ଞାନ ସ୍ତରରେ ବିକାଶ ସକାଶେ ଧ୍ୱଂସ ଆବଶ୍ୟକ । ଏହି ସ୍ତର ପରେ ଅତିମାନସ ଜ୍ଞାନର ସ୍ତରରେ ବିକାଶ ସକାଶେ ଧ୍ୱଂସର ଆବଶ୍ୟକତା ନ ଥାଏ । ବର୍ତ୍ତମାନର ଅବସ୍ଥାକୁ ଉଦାହରଣ ରୂପେ ବିଚାର କରାଯାଇପାରେ । ଉପସ୍ଥିତ ମନୁଷ୍ୟର ବିକାଶ ବୁଦ୍ଧିସ୍ତରର ଶେଷ ସୀମାରେ । କୌଣସି ଚେତନା ସ୍ତର ବିକାଶର ଶେଷରେ ପହଞ୍ଚିଲେ ସେଠାରେ ସେ ସ୍ଥାୟୀ ରହିପାରେ ନାହିଁ, କାରଣ ଚେତନା ବିକାଶଶୀଳ । ସେ ସେହି ସ୍ତରକୁ ଅତିକ୍ରମ କରି ଅନ୍ୟ ସ୍ତରକୁ ଯାଏ ଅଥବା ଧ୍ୱଂସପ୍ରାପ୍ତ ହୋଇ ବହୁ ପଛକୁ ଫେରିଯାଏ । ଏହି ଦୁଇଟି ସମ୍ଭାବନା ସାଥେ ସାଥେ ଚାଲିଥାଏ ।

ଭଗବାନଙ୍କର ବିଧାନ ଅନୁସାରେ ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସି ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟ ଚେତନାକୁ ଅତିମାନସ ସ୍ତରକୁ ନେଇଯିବାକୁ ଯେପରି ପ୍ରଯତ୍ନ କରୁଛନ୍ତି, ସେହିପରି ଆସୁରିକ ଶକ୍ତି ଧ୍ୱଂସ କରି ଚାଲିଛି ଆଣବିକ ଅସ୍ତ୍ର ଦ୍ୱାରା । ଧ୍ୱଂସ ବହୁ ସହଜରେ ହୋଇପାରେ । କିନ୍ତୁ ଭାଗବତ ଅତିମାନସ ଶକ୍ତି ଏହି ଧ୍ୱଂସକୁ ରୋକି ରହିଅଛି ଏବଂ ଏହାକୁ ଅତିକ୍ରମ କରି ପୃଥିବୀରେ ଅତିମାନବଜାତି ସ୍ଥାପନ କରିବ । ମନୁଷ୍ୟ ମାନସ ସ୍ତରକୁ ଅତିକ୍ରମ କରି ଅତିମାନସ ସ୍ତରରେ ଉପନୀତ ହେଲେ ଅଜ୍ଞାନ ସମାପ୍ତ ହୋଇଯିବ, ବ୍ୟକ୍ତି ଜ୍ଞାନ ଏବଂ ସତ୍ୟ ଚେତନାରେ ନିବାସ କରିବ । ସେତେବେଳେ ଧ୍ୱଂସ ହେବ ନାହିଁ । ବ୍ୟକ୍ତିର ବିକାଶ ଜ୍ଞାନରୁ ଅନନ୍ତ ଜ୍ଞାନକୁ, ଆନନ୍ଦରୁ ଅକଳ୍ପନୀୟ ଆନନ୍ଦ ଆଡ଼କୁ ଗତି କରି ଚାଲିଥିବ । ଯଦି ଆଣବିକ ବୋମା ଦ୍ୱାରା ପୃଥିବୀ ଧ୍ୱଂସପ୍ରାପ୍ତ ହୋଇଥା'ନ୍ତା, ସେଥିରୁ କେତେକ ବ୍ୟକ୍ତି ଯଦି ଜୀବିତ ରହିଥା'ନ୍ତେ, ତେବେ ସେମାନେ ମନକୁ ଅତିକ୍ରମ କରି ଅତିମାନସ ଚେତନା ଆଡ଼କୁ ଗତି କରିପାରି ନ ଥା'ନ୍ତେ । ବିକଶିତ ଚେତନା ବହୁତ ନିମ୍ନ ସ୍ତରକୁ ଫେରି ଯାଇଥା'ନ୍ତା । ଅର୍ଥାତ୍, ବିକଶିତ ସଂସ୍କୃତି, ଶିକ୍ଷା, କଳା, ବିଜ୍ଞାନ ଇତ୍ୟାଦି ବସ୍ତୁ ସବୁ ନଷ୍ଟ ହୋଇ ଯାଇଥା'ନ୍ତା । ପୁନରାୟ ବିକାଶ ଆରମ୍ଭ ହୋଇଥା'ନ୍ତା ବହୁତ ନିମ୍ନ ସ୍ତରରୁ । ସେସମୟରେ ବର୍ତ୍ତମାନର ମନୁଷ୍ୟ ବା ସେମାନଙ୍କ ସନ୍ତାନ ଯଦି ରହିଥା'ନ୍ତେ ତଥାପି ସେହି ନିମ୍ନ ସ୍ତରର ଚେତନାକୁ ଅଗ୍ରଗାମୀ କରାଇବା ସକାଶେ ସେହି ସ୍ତରର ପ୍ରାଣୀ ରୂପେ ଭଗବାନ୍ ଆବିର୍ଭୂତ ହୋଇ ଚେତନାକୁ ଊର୍ଦ୍ଧ୍ୱ ସ୍ତରକୁ ନେଇଥା'ନ୍ତେ ।

ପୃଥିବୀର ଏହିପରି ବିକାଶ ହୋଇ ବାରଂବାର ଧ୍ୱଂସ ହୁଏ ଏବଂ ବାରଂବାର ସୃଷ୍ଟି ହେବା ସମୟରେ ସେହି ସ୍ତରର ପ୍ରାଣୀ ରୂପେ ଭଗବାନ୍ ଅବତାର ନିଅନ୍ତି । ପୁରାଣରେ ଭଗବାନଙ୍କର ଅବତାରର ଯେଉଁ ଦଶଟି ସଂଖ୍ୟା ଦିଆ ହୋଇଅଛି, ଭଗବାନଙ୍କର ଅବତାର ତା'ଠାରୁ ବହୁତ ବେଶୀ । କେବଳ ସେହି ଦଶ ଅବତାର ଥରେ ଥରେ ଆବିର୍ଭୂତ ହୋଇଛନ୍ତି ଏପରି ନୁହେଁ । ଏହି ଅବତାରମାନେ ବରାବର ଆବିର୍ଭୂତ ହୁଅନ୍ତି । ଏମାନଙ୍କ ଆବିର୍ଭାବର ଅନ୍ତ ନାହିଁ । କେବେ ପ୍ରଳୟ ପରେ ଭଗବାନ୍ ପ୍ରଥମ ପ୍ରାଣୀ ରୂପେ ଅବତାର ନିଅନ୍ତି, କେବେ ପୃଥିବୀର ଧ୍ୱଂସାବଶେଷ ଥିବା ସତ୍ତ୍ୱେ ସେ ସେହି ସ୍ତରର ପ୍ରାଣୀ ରୂପେ ଅବତାର ନେଇ ସେମାନଙ୍କ ଚେତନାର ବିକାଶ କରନ୍ତି । କେବେ ପୃଥିବୀର ଧ୍ୱଂସ ହୋଇ ନ ଥାଏ; କେବଳ ଅସୁରଙ୍କ ଦ୍ୱାରା ଅନ୍ୟାୟ, ଅତ୍ୟାଚାର, ଅଧର୍ମର ବୃଦ୍ଧି ହୋଇଥାଏ । ସେ ସମୟରେ ଭଗବାନ୍ ଅବତାର ନେଇ ଅସୁରମାନଙ୍କୁ ନାଶ କରି ପୃଥିବୀର ପ୍ରାଣୀମାନଙ୍କ ଚେତନାକୁ ଊର୍ଦ୍ଧ୍ୱତର ଚେତନାକୁ ନେଇଯା'ନ୍ତି । ପୁରାଣ ଭଗବାନଙ୍କର ଦଶ ବା ଚବିଶ ଅବତାର ବର୍ଣ୍ଣନା କରିଛି । ଏହା ଯଦି ସମସ୍ତ ଅବତାରଙ୍କର ଚରିତ୍ର ବର୍ଣ୍ଣନା କରିଥା'ନ୍ତା, ତେବେ ସ୍ପଷ୍ଟ ବୁଝାଯା'ନ୍ତା କେଉଁ ଅବତାର କେଉଁ କାର୍ଯ୍ୟ କରିବା ସକାଶେ ପୃଥିବୀକୁ ଆସିଥିଲେ । ପୁରାଣ ପକ୍ଷେ ଏହା ସମ୍ଭବ ବି ନ ଥିଲା । ଏହି ବିଷୟକୁ ଲକ୍ଷ୍ୟ ରଖି ପୁରାଣରେ ବୋଧହୁଏ ଲେଖା ହୋଇ ନାହିଁ । ଅନନ୍ତ ବିଷୟ ଥାଏ, କିନ୍ତୁ ସେସମୟ ସକାଶେ ଯାହା ଆବଶ୍ୟକ ଥାଏ ସତ୍ୟଦ୍ରଷ୍ଟା କବିଙ୍କ ଚେତନାରେ କେବଳ ସେହି ବିଷୟ ଆସେ । ତାହାହିଁ କବିତା ବା ଗଦ୍ୟ ରୂପେ ପ୍ରକାଶିତ ହୁଏ । ସେସମୟରେ ଏ ବିଷୟ ଆଲୋଚନା କରିବା ଆବଶ୍ୟକ ନ ଥିଲା । କାରଣ ମନୁଷ୍ୟଜାତିର ଲକ୍ଷ୍ୟ ମନ-ପ୍ରାଣ-ଶରୀରର ପୂର୍ଣ୍ଣ ରୂପାନ୍ତର, ପୃଥିବୀରେ ସ୍ୱର୍ଗରାଜ୍ୟ ସ୍ଥାପନ – ଏହି ବିଷୟ ସର୍ବସାଧାରଣଙ୍କର ଜାଣିବାର ସମୟ ଆସି ନ ଥିଲା । ଏହି ବିଷୟ ନୂତନ ନୁହେଁ । ବେଦ ଉପନିଷଦ୍‌ରେ ସୂତ୍ର ରୂପେ ଏହା ଯଦ୍ୟପି ନିହିତ ଥିଲା ତଥାପି ପ୍ରକାଶିତ ହୋଇ ନ ଥିଲା । ଶ୍ରୀଅରବିନ୍ଦ ଏହି ସତ୍ୟକୁ ଅଭିବ୍ୟକ୍ତ କରିବା ପରେ ବେଦ ଉପନିଷଦ୍‌ର ସମର୍ଥନ ପାଇଥିଲେ ।

ତା'ର ସମୟ ଆସିଥିବାରୁ ସେ ପ୍ରକାଶ କଲେ । ସେହି କାରଣରୁ ତାଙ୍କୁ ସୃଷ୍ଟିର ବିକାଶ ସମ୍ବନ୍ଧରେ ସନ୍ଧାନ କରିବାକୁ ହେଲା ।

ପୁରାଣ ଏବିଷୟରେ ଆଲୋଚନା ନ କରିବାର ଅନ୍ୟ କାରଣ ହେଲା ସଂସାର ବହୁବାର ବିକାଶପ୍ରାପ୍ତ ହୋଇ ନଷ୍ଟ ହୋଇଛି ଏବଂ ପ୍ରତ୍ୟେକ ଅବତାର ବହୁବାର ଅବତାର ହୋଇ ସୃଷ୍ଟି କରିଛନ୍ତି । ଏହି ସମସ୍ତ ବିଷୟ ପୃଥକ୍ ପୃଥକ୍ ବର୍ଣ୍ଣନା କରିବା ପୁରାଣ ପକ୍ଷେ ସମ୍ଭବ ବି ନ ଥିଲା । ଏହାକୁ ତୁଳସୀ ଦାସ 'ରାମଚରିତମାନସ'ରେ ସମର୍ଥନ କରିଛନ୍ତି । ''ରାମାୟଣ ଶତ କୋଟି ଅପରା''– ଅର୍ଥାତ୍, ରାମାୟଣ ଶହେ କୋଟି ହୋଇପାରେ । 'ଅପରା' ଶବ୍ଦ ଦେଇ ସୂଚିତ କରିଛନ୍ତି ଅସୁମାରି । ଗୋଟିଏ ବିଶେଷ ଧାରଣା ଦେବା ସକାଶେ ଶହେ କୋଟି କୁହାହେଲା, କିନ୍ତୁ ତା'ର ଯଥାର୍ଥ ସଂଖ୍ୟା ଶହେ କୋଟିରୁ ବହୁତ ବେଶୀ । ଅନ୍ୟ ସ୍ଥାନରେ କହିଛନ୍ତି,

''ରାମ ଅନନ୍ତ ଅନନ୍ତ ଗୁଣ ଅମିତ କଥା ବିସ୍ତାର,
ସୁନି ଆଚରନ ନ ମାନିହହିଁ ଜିହ୍ନକେ ବିମଳ ବିଚାର ।''

ଅର୍ଥାତ୍, ଶ୍ରୀରାମ ଅନନ୍ତ, ଅନନ୍ତ ଗୁଣ, ତାଙ୍କ ଚରିତ୍ରର ଶେଷ ନାହିଁ, ଯେଉଁମାନଙ୍କର ବିମଳ ବିବେକ ଥିବ ସେମାନେ ଆଶ୍ଚର୍ଯ୍ୟ ହେବେ ନାହିଁ । ଅନ୍ୟାନ୍ୟ ପୁରାଣ ବରାବର ମୁକ୍ତ କଣ୍ଠରେ ଘୋଷଣା କରି ଆସୁଛି, ଭଗବାନଙ୍କ ଅବତାର ଏବଂ ଚରିତ୍ରର ଅନ୍ତ ନାହିଁ, ଅନନ୍ତ; ବେଦ ମଧ୍ୟ ନେତି ନେତି କହି ସୂଚିତ କରିଛି ଭଗବାନଙ୍କ ଚରିତ୍ର ସମାପ୍ତ ନୁହେଁ । ସୃଷ୍ଟିର ଏତେବାର ଧ୍ୱଂସ ହୋଇଛି, ଏତେବାର ସର୍ଜନା ହୋଇଛି, ଏତେବାର ଭଗବାନ୍ ଅବତାର ନେଇଛନ୍ତି, ତା'ର କୌଣସି କଳ୍ପନା କେହି କରି ପାରିବେ ନାହିଁ । ସେଥିସକାଶେ ଭଗବାନଙ୍କୁ ତଥା ଭଗବାନଙ୍କ ଚରିତ୍ରକୁ ଅନନ୍ତ କହି ଛାଡ଼ି ଦିଆହୋଇଛି ।

ଅନ୍ୟ କାରଣ ହେଉଛି ବେଦରେ ସତ୍ୟ ବହୁତ ଗୂଢ଼ ରୂପେ ବର୍ଣ୍ଣିତ ହୋଇଛି । ତାହାର ସରଳ ଅର୍ଥ ହେଉଛି ଉପନିଷଦ୍ । ସେହି ଗୂଢ଼ ସତ୍ୟକୁ ପୁରାଣ ବିଶେଷ ଘଟଣା, ଭଗବାନଙ୍କ ଅବତାର ତଥା ମହାପୁରୁଷମାନଙ୍କ ଚରିତ୍ର ମଧ୍ୟ ଦେଇ ବର୍ଣ୍ଣନା କରିଛି । ବେଦର ଆଧାରରେ ପୁରାଣ ନିର୍ମିତ ହୋଇଥିବାରୁ ସେ ସତ୍ୟକୁ ଯେତେ ସରଳରେ ପ୍ରକାଶ କରିଥିଲେ ମଧ୍ୟ ସେଥିରେ ଗୂଢ଼ତା ବିଦ୍ୟମାନ ଅଛି ।

ପୁରାଣ ବର୍ଣ୍ଣନା କରିଛି ଅଧ୍ୟାତ୍ମ ସତ୍ୟ ତଥା ନୈତିକ ସଦାଚାର । ନୈତିକ ସଦାଚାରର ଭାଷା ସାଧାରଣ ବ୍ୟକ୍ତି ସହଜରେ ବୁଝି ପାରନ୍ତି । କିନ୍ତୁ ଅଧ୍ୟାତ୍ମ ସତ୍ୟ ପୁରାଣରୁ ବୁଝିବା ସାଧାରଣ ବ୍ୟକ୍ତିଙ୍କ ପକ୍ଷେ ସମ୍ଭବ ନୁହେଁ । ତାହା ବୁଝାଯାଏ ମନୁଷ୍ୟର ଆତ୍ମା ଜାଗ୍ରତ୍ ହୋଇ ବିବେକ ଉତ୍ପନ୍ନ ହେଲେ । ଅଧ୍ୟାତ୍ମ ରହସ୍ୟ ଯଦି ସରଳ ଭାଷାରେ ବର୍ଣ୍ଣିତ ହୋଇଥା'ନ୍ତା, ତେବେ ସାଧାରଣ ଲୋକେ ସଦାଚାର ଏବଂ ଅଧ୍ୟାତ୍ମ ସତ୍ୟ ମଧ୍ୟରେ ପାର୍ଥକ୍ୟ ବୁଝିପାରି ନ ଥା'ନ୍ତେ । ଫଳରେ ସଦାଚାର ପାଳନରେ ନିଷ୍ଠା ହୋଇ ନ ଥା'ନ୍ତା । ସାଧାରଣ ବ୍ୟକ୍ତି ଅଧ୍ୟାତ୍ମ-ସତ୍ୟକୁ ପ୍ରାପ୍ତ ନ କରି ସଦାଚାର-ସତ୍ୟ ତ୍ୟାଗ କରନ୍ତେ । ଏଥିରେ ହୁଅନ୍ତା ଗୋଟାଏ ବିଶୃଙ୍ଖଳା । ମନୁଷ୍ୟର ବୁଦ୍ଧି ଯେତେ ତୀବ୍ର ହେଉ, ସେ ଯେତେ ଶାସ୍ତ୍ର ଅଧ୍ୟୟନ କରିଥାଉ, ଯେପର୍ଯ୍ୟନ୍ତ ବିବେକ ଓ ଜ୍ଞାନ ଉତ୍ପନ୍ନ ନ ହୋଇଛି, ସେପର୍ଯ୍ୟନ୍ତ ସେ ସତ୍ୟର ଯଥାର୍ଥ ସ୍ୱରୂପ ବୁଝିପାରେ ନାହିଁ । ସେହି ସକାଶେ ବେଦ, ଉପନିଷଦ୍, ପୁରାଣାଦିର ଯଥାର୍ଥ ଅର୍ଥ ବୁଝାଯାଏ ଅଧ୍ୟାତ୍ମ ସତ୍ୟ ଉପଲବ୍ଧିରେ । ଏହି କାରଣରୁ ଅବତାରବାଦ ଏବଂ ଅଧ୍ୟାତ୍ମ ସତ୍ୟ ଶାସ୍ତ୍ରରେ ରହସ୍ୟ ରୂପେ ବର୍ଣ୍ଣନ କରାହୋଇଛି ।

ବର୍ତ୍ତମାନ ମାନସ ଚେତନା ବିକାଶର ଶେଷ ସୀମାରେ । ଅଜ୍ଞାନ ଆବରଣ ମାନସ ଚେତନା ସ୍ତର ପର୍ଯ୍ୟନ୍ତ । ଅଜ୍ଞାନ ସ୍ତରରେ ଦୁଃଖଦ୍ୱନ୍ଦ୍ୱ ଥାଏ । ଅଜ୍ଞାନ ସ୍ତରରେ ବିନାଶ ସକାଶେ ଧ୍ୱଂସ ଆବଶ୍ୟକ । ମାନସ ଚେତନା ସ୍ତର ଅତିକ୍ରମ କରି ଗଲେ ଅତିମାନସ ଚେତନାରେ ଅଜ୍ଞାନ ପୂର୍ଣ୍ଣତଃ ନଷ୍ଟ ହେବ । ବିକାଶ ସକାଶେ ଧ୍ୱଂସର ଏକେବାରେ ଆବଶ୍ୟକତା ରହିବ ନାହିଁ । ବିକାଶ ଜ୍ଞାନରୁ ଅନନ୍ତ ଜ୍ଞାନ, ଆନନ୍ଦରୁ ଅସୀମ ଆନନ୍ଦ ଆଡ଼କୁ ଚାଲିଥିବ । ଏହାର କେବେ ବି ସମାପ୍ତି ହେବ ନାହିଁ । ଏହି କାର୍ଯ୍ୟ ଶ୍ରୀମା ଓ ଶ୍ରୀଅରବିନ୍ଦ ଅତିମାନସ ଶକ୍ତି ଦ୍ୱାରା କରାଉଛନ୍ତି । ପୃଥିବୀରେ ଅତିମାନବ ସ୍ଥାପିତ ହେଲେ ଭଗବାନଙ୍କୁ ଆଉ ଅବତାର ନେବାକୁ ହେବ ନାହିଁ, କାରଣ ଅତିମାନବ ଓ ଭଗବାନଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ରହିବ ନାହିଁ । ସେମାନେ ସମସ୍ତ ସତ୍ତାରେ ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ କରିବେ, ପୂର୍ଣ୍ଣ ରୂପେ ଭଗବାନଙ୍କ ଶକ୍ତି ଦ୍ୱାରା ପରିଚାଳିତ ହେବେ । ଭଗବାନଙ୍କ ସଂକଳ୍ପ ସେମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ହେବ । ଏହା ଫଳରେ ସଂସାର ହେବ ସ୍ୱର୍ଗ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୭୬୭ - ୭୭୦)

❑❑❑

# ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳଭିତ୍ତି

## ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କ ସାଧନା, ଲକ୍ଷ୍ୟ ଓ ଆଦର୍ଶକୁ ରୂପଦାନ କରିବା ସକାଶେ ଏକ ଶିକ୍ଷାୟତନ ବା ବିଶ୍ୱବିଦ୍ୟାଳୟକୁ ବହୁଦିନରୁ ମାଧ୍ୟମ ରୂପେ ଗ୍ରହଣ କରାଯାଇଥିଲା । ଶ୍ରୀଅରବିନ୍ଦ କେବଳ ସ୍ୱଦେଶବତ୍ସଳ, ଜାତିପ୍ରେମୀ, ରାଷ୍ଟ୍ରୀୟନେତା, ରାଜନୀତିଜ୍ଞ ନଥିଲେ; ତାଙ୍କର ଅନନ୍ୟସାଧାରଣ ପ୍ରତିଭା ଶିକ୍ଷା କ୍ଷେତ୍ରରେ ମଧ୍ୟ ସମ୍ୟକ୍ ରୂପେ କାର୍ଯ୍ୟକାରୀ ହୋଇଥିଲା । ବହୁବର୍ଷ ଧରି ସେ ଶିକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ଏକ ସୁନିର୍ଦ୍ଦିଷ୍ଟ ଉନ୍ନତ ଶିକ୍ଷା ପ୍ରଣାଳୀ ପ୍ରଚଳନ ପାଇଁ ଚେଷ୍ଟିତ ଥିଲେ । ତାଙ୍କ ପ୍ରଣୀତ "A System of National Education", "Brain of India" ଏବଂ 'ଭବାନୀ ମନ୍ଦିର' ପ୍ରଭୃତି ପୁସ୍ତିକାରେ ଶିକ୍ଷା ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ଗଭୀର ଦୃଷ୍ଟି ଓ ବିଚାର ସମ୍ୟକ୍ ଉପଲବ୍ଧି କରାଯାଏ । କଲିକତାରେ ୧୯୦୬ ସାଲରେ ପ୍ରତିଷ୍ଠିତ ପ୍ରଥମ ଜାତୀୟ କଲେଜର ସେ ଅଧ୍ୟକ୍ଷ ଥିଲେ । ବରୋଦାରେ ତେର ବର୍ଷକାଳ ଅଧ୍ୟାପନା କରିବା ସମୟରେ ଦେଶର ଛାତ୍ର, ଶିକ୍ଷକ ଓ ଶିକ୍ଷାଗତ ବିଭିନ୍ନ ସମସ୍ୟା ସହିତ ସେ ବିଶେଷ ରୂପେ ପରିଚିତ ହୋଇଥିଲେ । ଆଜି ଏହି ପ୍ରବନ୍ଧରେ ପଣ୍ଡିଚେରୀରେ ଅଧୁନା-ପ୍ରତିଷ୍ଠିତ ଏବଂ ତାଙ୍କ ନାମରେ ଉତ୍ସର୍ଗୀକୃତ ''ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର''ରେ ପ୍ରଦତ୍ତ ପୂର୍ଣ୍ଣାଙ୍ଗ ଶିକ୍ଷାର ମୂଳଭିତ୍ତି, ସ୍ୱରୂପ ଓ ଲକ୍ଷ୍ୟ ସମ୍ବନ୍ଧରେ କେତେକ ବିଷୟ ଆଲୋଚନା କରିବା ।

ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ପରେ ୧୯୫୧ ସାଲ ଏପ୍ରିଲ ୨୪ ତାରିଖରେ 'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର'ର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେଲା । ଏହି ଉତ୍ସବରେ ଦେଶ ବିଦେଶର ଅନେକ ବିଶିଷ୍ଟ ଶିକ୍ଷାବିତ୍ ଓ ପଣ୍ଡିତ ଉପସ୍ଥିତ ଥିଲେ । ଏହି ଉତ୍ସବରେ ଶ୍ରୀମା ଯେଉଁ ମହାନ୍ ଘୋଷଣା କରିଥିଲେ ତାହାହିଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଲକ୍ଷ୍ୟ ଓ ଆଦର୍ଶ ବୋଲି ଗ୍ରହଣ କରାଯାଇଛି । ଶ୍ରୀମା କହିଥିଲେ – "Sri Aurobindo is present in our midst, and with all the power of his creative genius he presides over the formation of the University Centre which for years he considered as one of the best means of preparing the future humanity to receive the supramental light that will transform the élite of today into a new race manifesting upon earth the new light and force and life."

(MCW, Vol. - 12, P. 112)

ଅର୍ଥାତ୍, ''ଶ୍ରୀଅରବିନ୍ଦ ଏଠାରେ ଆମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ଅଛନ୍ତି । ତାଙ୍କ ପ୍ରତିଭାର ସର୍ବାଙ୍ଗୀନ ସୃଜନ ଶକ୍ତି ସହ ସେ ଏହି ବିଶ୍ୱବିଦ୍ୟାଳୟ କେନ୍ଦ୍ରର ନିର୍ମାଣ ଉଦ୍ୟୋଗ ପରିଚାଳନା କରୁ ଅଛନ୍ତି । ବହୁବର୍ଷ ଧରି ସେ ମନେ କରୁଥିଲେ ଯେ ଏହି ଉପାୟରେ ଭବିଷ୍ୟତ୍ ମାନବଜାତିକୁ ସବୁଠାରୁ ଉତ୍ତମ ଭାବେ ପ୍ରସ୍ତୁତ କରାଯାଇପାରେ, ଯେଉଁଥିରେ ମାନବସମାଜ ପକ୍ଷେ ଅତିମାନସ ଜ୍ୟୋତିଃ ଗ୍ରହଣ କରିବା ସମ୍ଭବପର ହେବ । ଏହି ଜ୍ୟୋତିଃହିଁ ବର୍ତ୍ତମାନ ଶ୍ରେଷ୍ଠତମ ମାନବଗୋଷ୍ଠୀକୁ ଏକ ନୂତନ ମାନବଜାତିରେ ପରିଣତ କରିବ ଏବଂ ଏହାରି ମାଧ୍ୟମରେ ପୃଥିବୀରେ ନୂତନ ଆଲୋକ, ନୂତନ ଶକ୍ତି ଓ ନୂତନ ଜୀବନ ପ୍ରକାଶିତ ହେବ ।''

ତା'ପରେ ଶ୍ରୀମା କହିଲେ, ''ଆଜି ଏହି ଅଧିବେଶନ ଅନୁଷ୍ଠିତ ହେଉଛି ଶ୍ରୀଅରବିନ୍ଦଙ୍କ ଏକ ଅତି ପ୍ରିୟ ଆଦର୍ଶକୁ ବାସ୍ତବ ରୂପ ଦେବାକୁ । ତାଙ୍କ ନାମରେ ମୁଁ ଏହି ସଭାର ଉଦ୍‌ଘାଟନ କରୁଛି ।'' ଯୋଗ ଭିତ୍ତିରେ ଆଧୁନିକ ଶିକ୍ଷା ମାଧ୍ୟମରେ କିପରି ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ଆଦର୍ଶ ଜଗତରେ ପ୍ରତିଷ୍ଠିତ ହୋଇପାରିବ, ଏହାହିଁ ବିଶ୍ୱବିଦ୍ୟାଳୟର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗ୍ରହଣ କରାଯାଇଛି । ଏକ ନୂତନ ମାନବସମାଜ ଗଠନ, ନୂତନ ମାନବଜାତିର ଅଭ୍ୟୁତ୍ଥାନହିଁ ଏହି ଶିକ୍ଷାକେନ୍ଦ୍ରର ଅନ୍ୟତମ ଲକ୍ଷ୍ୟ । ବର୍ତ୍ତମାନ ଏହି ଆନ୍ତର୍ଜାତିକ ଶିକ୍ଷାୟତନ ଗଠିତ ହୋଇ ଆଠ ବର୍ଷ*

---

* ଏହି ପ୍ରବନ୍ଧଟି ୧୯୫୯ ମସିହାରେ ପ୍ରକାଶିତ ହୋଇଥିଲା ।

ବ୍ୟତୀତ ହୋଇ ଯାଇଛି ଏବଂ ଏହି ଶିକ୍ଷାନୁଷ୍ଠାନରେ ଯେଉଁ ଶିକ୍ଷାବିଧି ପ୍ରବର୍ତ୍ତିତ ହୋଇ ଅନୁସୃତ ହେଉଅଛି, ତାହାହିଁ ସର୍ବାଙ୍ଗୀନ ଶିକ୍ଷା (Integral Education) ନାମରେ ଖ୍ୟାତ ।

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରବର୍ତ୍ତିତ ଶିକ୍ଷାନୀତି ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିବା ପୂର୍ବରୁ ବର୍ତ୍ତମାନ ପ୍ରଚଳିତ ପାଶ୍ଚାତ୍ୟ ଶିକ୍ଷା ବ୍ୟବସ୍ଥା ଓ ପ୍ରାଚୀନ ଭାରତର ଶିକ୍ଷା ସମ୍ବନ୍ଧରେ ସଂକ୍ଷେପରେ କିଛି ଆଲୋଚନା କରିବା ପ୍ରୟୋଜନ । ପ୍ରାୟ ଶହେ ବର୍ଷ ପୂର୍ବେ ଜଗତରେ ଯେଉଁ ଶିକ୍ଷାବିଧି ପ୍ରଚଳିତ ଥିଲା ତାହାର ଆଜି ଆମୂଳଚୂଳ ପରିବର୍ତ୍ତନ ଘଟିଛି । ପୂର୍ବେ ଶିକ୍ଷାର ଲକ୍ଷ୍ୟ ଥିଲା ମସ୍ତିଷ୍କର ଶ୍ରୀବୃଦ୍ଧି ସାଧନ, ଅର୍ଥାତ୍ ଶିଶୁର କ୍ଷୁଦ୍ର ମସ୍ତିଷ୍କକୁ କୌଣସି ପ୍ରକାରେ ବିଭିନ୍ନ ବସ୍ତୁରେ ପୂର୍ଣ୍ଣ କରିବା । କିନ୍ତୁ ବର୍ତ୍ତମାନ ଶିକ୍ଷାର ଉଦ୍ଦେଶ୍ୟ ଶିଶୁ-ଅନ୍ତର୍ନିହିତ ବ୍ୟକ୍ତିତ୍ୱର ପରିପୂର୍ଣ୍ଣ ଓ ସୁସମଞ୍ଜସ ବିକାଶ । ମନୁଷ୍ୟ ଜୀବନର ସମଗ୍ର ଓ ପରିପୂର୍ଣ୍ଣ ବିକାଶ ଓ ସମୃଦ୍ଧି ସାଧନ ବର୍ତ୍ତମାନ ଶିକ୍ଷାର ମୂଳ ଆଦର୍ଶ । ମନୁଷ୍ୟର ଶାରୀରିକ, ମାନସିକ, ଭାବମୂଳକ, ଇଚ୍ଛାମୂଳକ, ସୌନ୍ଦର୍ଯ୍ୟମୂଳକ, ନୈତିକ ତଥା ଆଧ୍ୟାତ୍ମିକ ବିକାଶ ପ୍ରଭୃତି ବ୍ୟକ୍ତିତ୍ୱର ବିଭିନ୍ନ ବିଭାବ ଓ ଅଙ୍ଗଗୁଡ଼ିକୁ ଶିକ୍ଷା ମାଧ୍ୟମରେହିଁ ପରିପୁଷ୍ଟ ଓ ପରିବର୍ଦ୍ଧନ କରାଯାଇ ପାରିବ । ପୂର୍ବେ ଶିଶୁ ଜୀବନ ସମ୍ବନ୍ଧରେ ବିଶେଷ ଗବେଷଣା କରା ହୋଇ ନଥିଲା ଏବଂ ଅନେକେ ଭାବୁଥିଲେ ଶିଶୁ ଗୋଟାଏ କ୍ଷୁଦ୍ର ମାନବ । ସେଥିପାଇଁ ପୂର୍ବେ ଶିଶୁଶିକ୍ଷା ଥିଲା ଉପଦେଶାତ୍ମକ (Instructive) ଅଥଚ ତାହା ହେବା ଉଚିତ ଗଠନମୂଳକ (formative) । ବର୍ତ୍ତମାନ ପାଶ୍ଚାତ୍ୟ ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି ଯେ ଛୋଟ ବେଙ୍ଗଫୁଲା ଯେପରି ଗୋଟିଏ କ୍ଷୁଦ୍ର ବେଙ୍ଗ ନୁହେଁ, ବରଂ ତାହା ପୂର୍ଣ୍ଣାଙ୍ଗ ବେଙ୍ଗରେ ପରିଣତ ହେବା ପଥରେ ଏକ ପ୍ରାଣୀ, ସେହିପରି ମାନବ ଶିଶୁ ଗୋଟିଏ କ୍ଷୁଦ୍ର ମାନବ ନୁହେଁ ବରଂ ପୂର୍ଣ୍ଣ ମାନବ ବିକାଶ ପଥରେ ଏକ ବିଶିଷ୍ଟ ପ୍ରାଣୀ । ଶିଶୁ ଓ ପରିପୂର୍ଣ୍ଣ ମାନବ ମଧ୍ୟରେ ବହୁତଗୁଡ଼ିଏ କ୍ରମୋନ୍ନତ ସ୍ତର ରହିଛି – ଏବଂ ଠିକ୍ ଏହି ସକାଶେ ଶିଶୁ ଶିକ୍ଷାର ଅଗ୍ରଗତି ବହୁ ସ୍ତର ଦେଇ ଚାଲେ । ଶିଶୁ ଜୀବନ ପଥରେ ବିଭିନ୍ନ ସ୍ତର ହେଲା – ଅତିଶୈଶବକାଳ (Babyhood), ଶୈଶବକାଳ (Childhood), ବାଲ୍ୟକାଳ (Boyhood), କୈଶୋର ଓ ଯୌବନକାଳ (Adolescence) ଏବଂ ଯୌବନୋତ୍ତରକାଳ (Post-adolescence) । ଏହିସବୁ କାରଣରୁ ଆଜି ଶିକ୍ଷାକ୍ଷେତ୍ରରେ ବିଭିନ୍ନ ସ୍ତର ଦେଖା ଦେଇଛି ଯେପରି କିଣ୍ଡରଗାର୍ଟେନ, ପ୍ରାଇମେରୀ, ସେକେଣ୍ଡାରୀ ଓ ବିଶ୍ୱବିଦ୍ୟାଳୟ । ପୁନଶ୍ଚ ଏହି ବିଭିନ୍ନ ସ୍ତରରେ ଶିକ୍ଷାର ପଦ୍ଧତି, ବିଷୟବସ୍ତୁ, ଉଦ୍ଦେଶ୍ୟ ଇତ୍ୟାଦି ମଧ୍ୟ ଭିନ୍ନ । ଏସବୁ ଛଡ଼ା ବି ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ (Individual differences), ଶିଶୁର ବଂଶାନୁବର୍ତ୍ତନ, ପରିବେଶ, ବୁଦ୍ଧିର ତାରତମ୍ୟ ଇତ୍ୟାଦି ନାନା ବିଷୟରେ ଆଲୋଚନା କରାଯାଉଛି ।

ପାଶ୍ଚାତ୍ୟ ଶିକ୍ଷାରେ ଏକ ଗୁରୁତର ପରିବର୍ତ୍ତନ ଦେଖାଦେଲା ଡାକ୍ତର ଫ୍ରୟଡ୍‌ଙ୍କର ମନସ୍ତତ୍ତ୍ୱଗତ ଆବିଷ୍କାର ଫଳରେ । ଡାକ୍ତର ଫ୍ରୟଡ୍ ମାନବ ମନର ଯେଉଁ ରହସ୍ୟ ଉଦ୍‌ଘାଟନ କଲେ ତାହା ଆଧୁନିକ ଯୁଗର ଶିକ୍ଷା, ସଂସ୍କୃତି, କଳା ଓ ସାହିତ୍ୟ କ୍ଷେତ୍ରରେ ଯୁଗାନ୍ତକାରୀ ବିପ୍ଳବ ସୃଷ୍ଟି କରିଛି । ଫ୍ରୟଡ୍ ମାନବ ମନକୁ ଗୋଟିଏ ଭାସମାନ ହିମଶୈଳ (Ice-berg) ସଙ୍ଗେ ତୁଳନା କରିଛନ୍ତି । ଭାସମାନ ହିମଶୈଳର ବେଶୀ ଭାଗ ଯେପରି ଜଳ ମଧ୍ୟରେ ବୁଡି ରହିଥାଏ ଏବଂ ଉପରକୁ ଅତି ସାମାନ୍ୟ ଅଂଶ ମାତ୍ର ଦେଖା ଯାଉଥାଏ, ସେହିପରି ମାନବ ମନର ଦଶଭାଗରୁ ନଅଭାଗ ଅବଚେତନ (Sub-conscious) ଓ ଏକ ଭାଗହିଁ ଚେତନ (Conscious) । ମନୁଷ୍ୟର ଯାବତୀୟ ଅନ୍ଧକାରମୟ କାମନା, ବାସନା, ପ୍ରବୃତ୍ତି, ପ୍ରେରଣା, ସମ୍ବୋଧି, ଉପଲବ୍ଧି ଓ ଗୂଢ଼ତର ଲକ୍ଷ୍ୟ ଇତ୍ୟାଦି ଏହି ଅବଚେତନ-ମନର ବିଷୟ ବସ୍ତୁ । ଡାକ୍ତର ଫ୍ରୟଡ୍ ଏହା ବି ସ୍ପଷ୍ଟ କରିଥିଲେ ଯେ ମାନବ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ କେବଳ ଏହି ଅବଚେତନ ଦ୍ୱାରାହିଁ ନିୟନ୍ତ୍ରିତ ହୋଇଥାଏ । ପୂର୍ବରୁ ମନୁଷ୍ୟର ସାମାନ୍ୟ ଉପରିଭାଗ ମନକୁ ବ୍ୟକ୍ତିତ୍ୱର ଶେଷ କଥା ବୋଲି ଧରାଯାଇ ମାନବ ବ୍ୟକ୍ତିତ୍ୱର ଯେଉଁ ବିଚାର କରାଯାଉଥିଲା ତାହାର ମୂଳରେ ଡାକ୍ତର ଫ୍ରୟଡ୍‌ଙ୍କ ଅବଚେତନା ମନସ୍ତତ୍ତ୍ୱ (depth-psychology) କୁଠାରାଘାତ କଲା । ଦେଖାଗଲା ମାନବ ବ୍ୟକ୍ତିତ୍ୱ ବଡ଼ ଜଟିଳ, ବଡ଼ ଅସଂହତ, ବିଭକ୍ତ ଏବଂ ପରସ୍ପର ବିରୋଧୀ ବସ୍ତୁ ଓ ସତ୍ତାରେ ପୂର୍ଣ୍ଣ । ମନୁଷ୍ୟ ଜୀବନରେ ସଙ୍ଗତି, ସମନ୍ୱୟ ଓ ସର୍ବାଙ୍ଗୀନ ଉନ୍ନତି ଆଣିବା ଏକ ଅତି କଠୋର ବ୍ୟାପାର । ଏଥିପାଇଁ ସର୍ବାଦୌ ଆବଶ୍ୟକ ଅବଚେତନ ମନର ଆବିଷ୍କାର, ଶୁଦ୍ଧୀକରଣ (Purification) ଏବଂ ନିୟନ୍ତ୍ରଣ । ଡାକ୍ତର ଫ୍ରୟଡ୍‌ଙ୍କ ଏହି ମହନୀୟ ଓ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ଆଜି ପାଶ୍ଚାତ୍ୟ ଚିନ୍ତାଧାରାକୁ କିପରି ଗଭୀର ଭାବରେ ପ୍ରଭାବିତ କରିଛି ତାହା ଏଠାରେ ବର୍ଣ୍ଣନା କରାଯାଇ ପାରିବ ନାହିଁ । କିନ୍ତୁ

ଯଦିଓ ଡାକ୍ତର ଫ୍ରଏଡ୍‌ଙ୍କ ଅବଚେତନ ମନର ଆବିଷ୍କାର ଫଳରେ ମାନବବ୍ୟକ୍ତିତ୍ୱର ବିଚାର-ଦୃଷ୍ଟିଭଙ୍ଗୀ ପରିବର୍ତ୍ତିତ ହେଲା ତଥାପି ଏହି ଅବଚେତନ ଶୁଦ୍ଧୀକରଣର କୌଣସି ବିଶେଷ ଉପାୟ ଏ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଶିକ୍ଷାବିଦ୍‌ଗଣ ପାଇପାରି ନାହାନ୍ତି । କି ଉପାୟରେ ଏହି ଅବଚେତନା ନିୟନ୍ତ୍ରିତ ଓ ବିଧିବଦ୍ଧ ଭାବେ ଶାସିତ ହେବ ତାହା ମଧ୍ୟ ପାଶ୍ଚାତ୍ୟ ଶିକ୍ଷାବିଦ୍‌ଗଣ ଠିକ୍ କରିପାରି ନାହାନ୍ତି । ପୁନଶ୍ଚ ଏହି ଅବଚେତନା ମାନବ ବ୍ୟକ୍ତିତ୍ୱର ମୂଳ ବା ଶେଷ କଥା ନୁହେଁ, ଏହା ମଧ୍ୟ ଆଜି ସ୍ୱୀକୃତ ହେଉଛି । ମାନବ ବ୍ୟକ୍ତିତ୍ୱର ଆହୁରି ବହୁ ଜଟିଳତର ଓ ସୂକ୍ଷ୍ମତର ବିଭାଗ ଅଛି ଯାହାର ମୂଳସୂତ୍ର ଏବେ ବି ପାଶ୍ଚାତ୍ୟ ମନସ୍ତତ୍ତ୍ୱବିଦ୍‌ଗଣ ଧରି ପାରି ନାହାନ୍ତି । ଅବଶ୍ୟ ଡାକ୍ତର ଫ୍ରଏଡ୍‌ଙ୍କ ଶିଷ୍ୟ ସୁବିଖ୍ୟାତ ମନସ୍ତତ୍ତ୍ୱବିଦ୍ ସି. ଜି. ୟଙ୍ଗ୍ ଏ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଛନ୍ତି । ଡାକ୍ତର ୟଙ୍ଗ୍‌ଙ୍କ ମତରେ ମାନବ ବ୍ୟକ୍ତିତ୍ୱର ଯେଉଁ ମୂଳକେନ୍ଦ୍ର ଅଛି ତାହାହିଁ ହେଲା *Psychic* ଏବଂ ବ୍ୟକ୍ତିତ୍ୱର ସଙ୍ଗଠନ ଓ ସମନ୍ୱୟ-ସାଧନ ଏହି କେନ୍ଦ୍ରର ଚତୁଃପାର୍ଶ୍ୱରେହିଁ ସାଧିତ ହେବ । ଡାକ୍ତର ୟଙ୍ଗ୍ କହିଛନ୍ତି – "If we survey the situation as a whole, we come to the inevitable conclusion – at least in my opinion – that a psychic element is present that expresses itself through the tetrad. This conclusion demands neither daring speculation nor extravagant phantasy. I have called the centre 'Self', I did so after ripe reflection and a careful assessment of the data of experience as well as of history."

(C. G. Jung. *The Integration of the Personality,* P. 197)

ଅର୍ଥାତ୍, ''ଯଦି ଆମ୍ଭେମାନେ ମାନବ ବ୍ୟକ୍ତିତ୍ୱ ପ୍ରତି ପୂର୍ଣ୍ଣଦୃଷ୍ଟି ଦେଉ, ତେବେ ଆମ୍ଭେମାନେ ଏହି ଅବଶ୍ୟମ୍ଭାବୀ ସିଦ୍ଧାନ୍ତରେ ଉପନୀତ ହେବା ଯେ (ଅନ୍ତତଃ ମୋ ନିଜ ମତରେ) ଗୋଟିଏ ଚୈତ୍ୟସତ୍ତା ବ୍ୟକ୍ତିତ୍ୱ ମଧ୍ୟରେ ରହିଅଛି ଏବଂ ଏହାହିଁ ଚତୁର୍ବିଧ ଉପାୟରେ ନିଜକୁ ବ୍ୟକ୍ତ କରୁଅଛି । ଏହି ସିଦ୍ଧାନ୍ତରେ ଉପନୀତ ହେବା ପାଇଁ କୌଣସି ସାହସିକ ଭାବନା ବା ଚମକପ୍ରଦ କଳ୍ପନାଜଳ୍ପନାର ଆବଶ୍ୟକତା ନାହିଁ । ବ୍ୟକ୍ତିତ୍ୱର ଏହି କେନ୍ଦ୍ରକୁ ମୁଁ 'ଆତ୍ମସତ୍ତା' ବୋଲି କହିଛି, ଅବଶ୍ୟ ଏହା ମୁଁ କହିଛି ବହୁ ଧୀରସ୍ଥିର ଚିନ୍ତନ ପରେ ଏବଂ ଅନୁଭୂତିଲବ୍ଧ ଓ ଇତିହାସରୁ ମିଳିଥିବା ବହୁବିଧ ବସ୍ତୁର ତନ୍ନତନ୍ନ ସମୀକ୍ଷା ପରେ ।''

ଡାକ୍ତର ୟଙ୍ଗ୍‌ଙ୍କର ଏହି ଗଭୀର ଓ ମୂଲ୍ୟବାନ୍ ଘୋଷଣା ପାଶ୍ଚାତ୍ୟ ମନସ୍ତତ୍ତ୍ୱବିଦ୍‌ଙ୍କୁ ଏକ ନୂତନ ପଥର ସନ୍ଧାନ ଦେଇଛି ।

ଏସବୁ ସତ୍ତ୍ୱେ ପାଶ୍ଚାତ୍ୟ ମନୋବିଜ୍ଞାନର ଆବିଷ୍କାର ଓ କାର୍ଯ୍ୟକଳାପ ଭାରତୀୟ ଯୋଗ-ମନସ୍ତତ୍ତ୍ୱ ନିକଟରେ ଅତି ସାମାନ୍ୟ ମାତ୍ର । ଭାରତୀୟ ଯୋଗ ମନସ୍ତତ୍ତ୍ୱବିଦ୍‌ଗଣ ଯୁଗ ଯୁଗ ଧରି ସାଧନା ଓ ତପସ୍ୟା ବଳରେ ମାନବ ମନ ଓ ବ୍ୟକ୍ତିତ୍ୱର ଯେଉଁ ଗଭୀର ଅମର ସତ୍ୟଚୟ ଆବିଷ୍କାର କରି ଅଛନ୍ତି ତାହା ବାସ୍ତବରେ ଏକ ବିସ୍ମୟକର ବ୍ୟାପାର । ପ୍ରାଚୀନ ଯୋଗୀ-ଋଷିଗଣ ମାନବ ଆଧାରର ବିଭିନ୍ନ ବିଭାଗର ଚିକିନିଖି ଆଲୋଚନା କରି ପ୍ରତ୍ୟେକଟିର ଶୁଦ୍ଧୀକରଣ, ନିୟନ୍ତ୍ରଣ ଓ ଶାସନ ନିମିତ୍ତ ଉପାୟମାନ ଆବିଷ୍କାର କରି ଅଛନ୍ତି । ଶ୍ରୀଅରବିନ୍ଦ ସ୍ୱୀୟ ଅନୁଭବ, ଦୃଷ୍ଟି ଓ ଅଧ୍ୟାତ୍ମ-ଉପଲବ୍ଧି ବଳରେ ମନୁଷ୍ୟ ସତ୍ତାର ଗଭୀରତମ ତଥ୍ୟଚୟ ଆବିଷ୍କାର କରି ପ୍ରାଚୀନ ଯୋଗୋପଲବ୍ଧ ସତ୍ୟଗୁଡ଼ିକର ଯେପରି ପୁନରୁଦ୍ଧାର କରିଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନ ପ୍ରାଚୀନ ଯୋଗପଦ୍ଧତିର ପୁନରାବୃତ୍ତି ନୁହେଁ । ଶ୍ରୀଅରବିନ୍ଦ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ମନସ୍ତତ୍ତ୍ୱର ସୀମା ଅତିକ୍ରମ କରି ଅନ୍ୟ ଏକ ବ୍ୟାପକ ସ୍ଥଳରେ ପହଞ୍ଚିଛନ୍ତି ।

ଶ୍ରୀଅରବିନ୍ଦ ଫ୍ରଏଡ୍‌ଙ୍କ ଅବଚେତନ ମନକୁ ମାନବ ବ୍ୟକ୍ତିତ୍ୱର ଶେଷ କଥା ବୋଲି ଧରି ନାହାନ୍ତି, ବରଂ ଶ୍ରୀଅରବିନ୍ଦଙ୍କ ଭାଷାରେ, ''ଆଧୁନିକ ମନୋବିଜ୍ଞାନ ସକଳ ବିଦ୍ୟା ମଧ୍ୟରେ ନବଜାତ ଶିଶୁ, ଏକାଧାରରେ ଦୁଃସାହସୀ, ଅନିଶ୍ଚିତ ଓ ଅତି ସ୍ଥୂଳ'' । ଆଧୁନିକ ମନୋବିଜ୍ଞାନର ସବୁଠାରୁ ବଡ଼ ଭୁଲ୍ ଏହି ଯେ ଏହା ମନୁଷ୍ୟ ବ୍ୟକ୍ତିତ୍ୱର କୌଣସି ଗୋଟିଏ ଅଂଶକୁ ତାହାର ସମଗ୍ର ସତ୍ତା ବୋଲି ଗ୍ରହଣ କରେ । ଶ୍ରୀଅରବିନ୍ଦ ମନର ଏହି ଅଚେତନ ଅଂଶକୁ ମଗ୍ନ ଚେତନା (Subliminal) ବା ଅଧିଚେତନା ଆଖ୍ୟା ଦେଇଛନ୍ତି । ଯୋଗାଧାର ପୁସ୍ତକରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ''ଏକଥା ସତ୍ୟ ଯେ ମନୁଷ୍ୟର ଅଧିଚେତନା ତାହାର ପ୍ରକୃତିର ଏକ ବୃହତ୍ତମ ଅଂଶ ଏବଂ ଯେଉଁସବୁ ଅଦୃଶ୍ୟ ଶକ୍ତିର ବେଗ ତାହାର ବାହ୍ୟ କ୍ରିୟାବଳିର ମୂଳରେ ରହିଅଛି ତାହାର ଗୋପନ ରହସ୍ୟ ଏଠାରେ ରହିଛି । କିନ୍ତୁ ଫ୍ରଏଡ୍‌ଙ୍କ ଚିତ୍ତ-ବିଶ୍ଳେଷଣ ବିଦ୍ୟା (Psycho-analysis) କେବଳ ନିମ୍ନ-ପ୍ରାଣର ଅବଚେତନାକୁ ଜାଣେ ବୋଲି ମନେ

ହୁଏ – ପୁଣି ତା’ ମଧ୍ୟରୁ କେବଳ କେତୋଟି ଅନ୍ଧକାରମୟ ଚେତନାକୁ ଜାଣେ – ଯାହା ସମସ୍ତ ଅଧିଚେତନାର ଗୋଟିଏ ଅତି କ୍ଷୁଦ୍ର ଓ ନଗଣ୍ୟ ଅଂଶ ମାତ୍ର । ଅଧିଚେତନ ସତ୍ତା (Subliminal being) ପଶ୍ଚାତରୁ ସମଗ୍ର ବାହ୍ୟ ମନୁଷ୍ୟକୁ ଧାରଣ କରି ଅଛି । ଆମର ବାହ୍ୟ ମନର ପଛରେ ରହିଅଛି ଗୋଟାଏ ଅଧିକତର କାର୍ଯ୍ୟକ୍ଷମ ବୃହତ୍ତର ମନ, ସେହିପରି ବାହ୍ୟ-ପ୍ରାଣ ଓ ସ୍ଥୂଳ ଶରୀରର ପଶ୍ଚାତରେ ରହିଅଛି ଏକ ବିଶାଳତର ପ୍ରାଣ ଏବଂ ଗୋଟିଏ ସୂକ୍ଷ୍ମତର ଓ ମୁକ୍ତତର ଶରୀର ଚେତନା । ପୁନଶ୍ଚ ଏହି ଅଧିଚେତନହିଁ ଏହିସବୁର ଉର୍ଦ୍ଧ୍ୱରେ ଉଚ୍ଚତର ପରା-ଚେତନା ସଙ୍ଗେ ଏବଂ ଏହିସବୁର ନିମ୍ନସ୍ଥ ଅବଚେତନାର ସ୍ତର ସମୂହ ଆଡ଼କୁ ନିଜକୁ ଖୋଲି ଧରିଛି । ଯଦି କେହି ପ୍ରକୃତିର ଶୁଦ୍ଧ ରୂପାନ୍ତର କରିବାକୁ ଚାହେଁ, ତେବେ ଏହି ଉର୍ଦ୍ଧ୍ୱଭୂମିର ଶକ୍ତିଙ୍କ ପାଖେ ନିଜକୁ ଖୋଲି ଧରିବାକୁ ହେବ ଏବଂ ଅନ୍ତଃସ୍ଥଳ ଓ ବହିଃସ୍ଥଳ ଉଭୟ ସତ୍ତାକୁ ସେମାନଙ୍କ ପାଖରେ ଉଠେଇ ଧରି ପରିବର୍ତ୍ତିତ କରିବାକୁ ହେବ ।’’

ମାନବ-ବ୍ୟକ୍ତିତ୍ୱର ଏହି ନିଗୂଢ଼ ତତ୍ତ୍ୱର ଉଦ୍‌ଘାଟନ ଏବଂ ସେସବୁ ଯଥାର୍ଥ ପରିବର୍ତ୍ତନର ପନ୍ଥା ଆବିଷ୍କାର ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନର ଏକ ଅତୁଳନୀୟ ଦାନ । ମାନବ-ବ୍ୟକ୍ତିତ୍ୱର ସର୍ବାଙ୍ଗୀନ ସମନ୍ୱୟ (Integration) ଏବଂ ଉନ୍ନତି ସାଧନ ଯେ କି ଜଟିଳ ବ୍ୟାପାର ତାହା ଶ୍ରୀଅରବିନ୍ଦଙ୍କ ଉପର୍ଯ୍ୟୁକ୍ତ ଉକ୍ତିରୁ ସ୍ପଷ୍ଟ ପ୍ରତୀୟମାନ ହେବ । ସୁତରାଂ ପାଶ୍ଚାତ୍ୟ ଶିକ୍ଷା ପ୍ରଣାଳୀରେ ମୂଳ-ଆଦର୍ଶ ଅର୍ଥାତ୍ ମାନବ-ବ୍ୟକ୍ତିତ୍ୱର ସୁସମଞ୍ଜସ ବିକାଶ ଏବଂ ପରିଣତି ଠିକ୍ ଥିଲେ ସୁଦ୍ଧା, ମାନବ ମନ ଓ ବ୍ୟକ୍ତିତ୍ୱର ଯଥାର୍ଥ ଜ୍ଞାନ ତା’ର ସମନ୍ୱୟୀକରଣର ପଦ୍ଧତି ଅସମ୍ପୂର୍ଣ୍ଣ ଓ ଭ୍ରାନ୍ତି ଜଡ଼ିତ ।

❑❑❑


A Seer was born, a shining Guest of Time.

*(Savitri, p. 25)* - Sri Aurobindo

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) :** **– Rs. 350**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments*** **– Rs. 50**
(*Sri Aurobindo's handwriting*)

**125 Drops of Nectar – Daily Quotations by the Divine Mother and Lord Sri Aurobindo** **– Rs. 175**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୮୦)

## ମହେନ୍ଦ୍ରନାଥ ସ୍ୱାଇଁ

**ବିଶୁଦ୍ଧ ଭକ୍ତି :**

ଫେବ୍ରୁଆରୀ ୧୦, ୧୯୧୪ ପ୍ରାର୍ଥନାଟିରେ ଶ୍ରୀମା ଲେଖୁଛନ୍ତି –

"WITH peace in our hearts, with light in our minds, we feel Thee, O Lord, so living within us that we await events with serenity, knowing that Thy path is everywhere, since we carry it in our own being, and that in all circumstances we can become the heralds of Thy word, the servitors of Thy work.

"With a calm and pure devotion we hail Thee and recognise Thee as the sole reality of our being."

(Prayers and Meditations, P. 70)

''ହେ ପ୍ରଭୁ, ଆମ୍ଭମାନଙ୍କର ହୃଦୟସ୍ଥିତ ପ୍ରଶାନ୍ତି ମାଧ୍ୟମରେ ଏବଂ ଆମ୍ଭମାନଙ୍କର ମନର ଆଲୋକ ସାହାଯ୍ୟରେ ଆମେ ତୁମକୁ ଅନୁଭବ କରିପାରୁଛୁ, ସେହି ଅନୁଭବ ଆମ ଭିତରେ ଏତେ ଜୀବନ୍ତ ହୋଇ ଉଠୁଛି ଯେ ଆମେ କେବଳ ଭବିଷ୍ୟତରେ ଘଟିବାକୁ ଯାଉଥିବା ଘଟଣାମାନଙ୍କୁ ନୀରବ ନିଶ୍ଚଳତାର ସହ ଅପେକ୍ଷା କରି ରହିଛୁ, କାରଣ ଆମେ ଜାଣି ପାରୁଛୁ ତୁମ ପାଖକୁ ଯିବାକୁ ସବୁଆଡୁ ପଥ ଲମ୍ବି ଯାଇଛି; ଯେହେତୁ ଏପର୍ଯ୍ୟନ୍ତ ଆମେ ଆମ ହୃଦୟରେ ତୁମର ଜୀବନ୍ତ ଅନୁଭବଟିକୁ ବହନ କରି ଚାଲିଛୁ ଏବଂ ସେହି କାରଣରୁ ପ୍ରତ୍ୟେକ ପରିସ୍ଥିତିରେ ଆମେ ତୁମର ଶ୍ରୀମୁଖ ନିଃସୃତ ଆଦେଶ ବା ବାଣୀକୁ ଅଗ୍ରଦୂତ (herald) ଭାବରେ ବହନ କରି ନେବାକୁ ଏବଂ ତୁମ କାର୍ଯ୍ୟର ସେବକ ହେବାକୁ ପ୍ରସ୍ତୁତ ହୋଇ ସାରିଛୁ।

''ଏକ ନୀରବ ନିଶ୍ଚଳ ବିଶୁଦ୍ଧ ଭକ୍ତିର ସହିତ ଆମେ ତୁମକୁ ବିନମ୍ର ପ୍ରଣତି ଜଣାଉଛୁ ଏବଂ ତୁମକୁ ଆମ୍ଭମାନଙ୍କ ସତ୍ତାର ଏକମାତ୍ର ବାସ୍ତବ ସତ୍ୟ ବୋଲି ଚିହ୍ନି ପାରିଛୁ।''

ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟ-ଜନନୀ ଶ୍ରୀମା ଆମ୍ଭମାନଙ୍କ ହୃଦୟ ଓ ମନର ସ୍ଥିତି ଏବଂ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରି କହୁଛନ୍ତି ଯେ ଶାନ୍ତିର ବାସସ୍ଥଳୀ ହେଲା ହୃଦୟ, ମାତ୍ର ଆମେ ଶାନ୍ତିକୁ ଏଠାରେ ସେଠାରେ ଖୋଜି ବୁଲୁଛେ। ଏତେ ଟିକିଏ ଶାନ୍ତି ପାଇବା ପାଇଁ କେତେ ପ୍ରକାରର ଅବଲମ୍ବନକୁ ଆଶ୍ରା କରି, ସେହି ବାଟରେ ଅଗ୍ରସର ହୋଇ ଶେଷରେ ନିରାଶ ହେଉଛୁ, ଶାନ୍ତିର ଅବସ୍ଥିତିକୁ ନେଇ ସନ୍ଦେହରେ ଆମେ ଅଯଥା ବିଚଳିତ ହୋଇଯାଉଛୁ, କିନ୍ତୁ ତାହା ଆମକୁ ପ୍ରାପ୍ତ ହେଉ ନାହିଁ। ହୃଦୟର ଅବସ୍ଥିତି ସମ୍ପର୍କରେ ଆମେ କିଛି ଜାଣି ନାହୁଁ, ଅଥବା ସେଠାକୁ ଯିବା ନିମନ୍ତେ ବାଟ ଖୋଜି ପାଉ ନାହୁଁ। ସେଥିପାଇଁ ଶ୍ରୀମା ଶାନ୍ତିର ବାସସ୍ଥଳୀ ହୃଦୟ ବୋଲି ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଉଛନ୍ତି। ତତ୍ପରେ ମନର କଥା। ଆମ ମନରେ ଆଲୋକ ରହିଛି, ଜ୍ଞାନ ରହିଛି, ସେହି ଜ୍ଞାନାଲୋକର ସାହାଯ୍ୟରେ ଆମେ ପରମପ୍ରଭୁଙ୍କ ମୁଖଶ୍ରୀ ଦର୍ଶନ କରି ପାରିବା; କିନ୍ତୁ ଆମେ ହୃଦୟ ଭିତରେ ଥିବା ଶାନ୍ତି ଏବଂ ମନ ଭିତରେ ଥିବା ଆଲୋକର ସାହାଯ୍ୟ ନ ନେଇ ପ୍ରଭୁଙ୍କୁ ଇତସ୍ତତଃ ଖୋଜି ବୁଲୁଛୁ। ସେଥିପାଇଁ ଶ୍ରୀମା କହୁଛନ୍ତି, ''ପ୍ରଭୁ ତୁମ ଭିତରେ ଜୀବନ୍ତ ସ୍ୱରୂପରେ ସର୍ବଦା ବିରାଜମାନ, ତୁମେ ବାହ୍ୟ ବସ୍ତୁରେ କାହିଁକି ତାଙ୍କୁ ଖୋଜି ବୁଲୁଛ ?''

ପରମପ୍ରଭୁଙ୍କ ନିକଟକୁ ଯିବା ପାଇଁ ବା ଉଚ୍ଚତମ ଚେତନାକୁ ଉଠିଯିବା ପାଇଁ ଅନେକ ପଥ ପଡ଼ିଛି, କିନ୍ତୁ ସେହି ପଥଗୁଡ଼ିକ ମଧ୍ୟରୁ ଗୋଟିଏ ପଥ ଆମର। ସେଥିରେ ପାଦ ଦେବାକୁ ହେଲେ ଆମକୁ ଆମ ନିଜଠାରୁ ମୁକ୍ତ ହେବାକୁ ପଡ଼ିବ। ଆମର ଅହଂକାର, ଅଜ୍ଞାନତା, ଜଡ଼ତା ଏବଂ ସର୍ବଦା ନିଜକୁ ଅନ୍ୟଠାରୁ ଅଲଗା କରି ରଖିବାର ଭାବ ଭିତରୁ ମଧ୍ୟ ନିଜକୁ ମୁକୁଳିବାକୁ ହେବ। ତେବେ ଯାଇ ଆମେ ସେହି ପଥରେ ଚାଲିବାକୁ ସମର୍ଥ ହୋଇ ପାରିବା ବୋଲି ଶ୍ରୀମା ଆମକୁ ପ୍ରତିଶ୍ରୁତି ଦେଉଛନ୍ତି।

ଆମେ ଏକ ଘଞ୍ଚ ଅରଣ୍ୟ ଭିତରେ ବୁଲୁଛେ, ଯେଉଁ ଅରଣ୍ୟଟି ଭୟଙ୍କର ହିଂସ୍ରଜନ୍ତୁମାନଙ୍କ ଦ୍ୱାରା ପୂର୍ଣ୍ଣ, ପ୍ରତି

ପଦକ୍ଷେପରେ ବିପଦର ସମ୍ଭାବନା, ତଥାପି ଆମେ ସେଠାରେ ବାହାରକୁ ବାହାରି ଆସିବାର ପଥ ଖୋଜି ପାଇ ପାରିବା । ଆମେ ବଞ୍ଚି ରହିପାରିବା, ଆମେ ଦିବ୍ୟ-ମର୍ଯ୍ୟାଦାପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାର କ୍ଷମତା ଦିବ୍ୟଜନନୀଙ୍କଠାରୁ ପ୍ରାପ୍ତ ହୋଇ ପାରିବା; କାରଣ ଦିବ୍ୟଜନନୀ କହୁଛନ୍ତି ଯେ ଆମେ ସେହି ପଥଟିକୁ ଆମ ଭିତରେ ବହନ କରି ଚାଲିଛୁ, "... since we carry it in our own being." । ଯେକୌଣସି ପରିସ୍ଥିତିରେ ଆମେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଦିବ୍ୟ-ଭବିଷ୍ୟ ବାଣୀକୁ ଅନ୍ୟମାନଙ୍କ ପାଖରେ ପହଞ୍ଚାଇବାରେ ଅଗ୍ରଦୂତ ଭାବରେ କାର୍ଯ୍ୟ କରିପାରିବା, "... we can become the heralds of Thy word." । ଏହି 'herald' ଶବ୍ଦଟିର ଅର୍ଥ ହେଉଛି "an early indication that something is about to happen" – ଯାହା ଆଗକୁ ଘଟିବାକୁ ଯାଉଛି ତାହାର ଏକ ଆଗୁଆ ସୂଚନା ପ୍ରଦାନକାରୀ ଯନ୍ତ୍ର ଭାବରେ ଆମେ କାମ କରିପାରିବା । ଆମେ ଏତେ ବିଶୁଦ୍ଧ ଏବଂ ପବିତ୍ର ବ୍ୟବସ୍ଥା ଭିତରେ ବାସ କରିବା ଯେ କୌଣସି ପରିସ୍ଥିତିରେ ବି ଯେପରି ଅଦିବ୍ୟ ଭାବନା ଆମ ଭିତରକୁ ପ୍ରବେଶ କରିବ ନାହିଁ; ସୁତରାଂ କୌଣସି କଥାରେ ଆମକୁ ଯଦି କିଛି ପ୍ରତ୍ୟୁତ୍ତର ଦେବା ଅନିବାର୍ଯ୍ୟ ହୋଇପଡ଼େ ତେବେ ସେହି ପ୍ରତ୍ୟୁତ୍ତର ମଧ୍ୟ ଦିବ୍ୟ ଭାବରେ ତଥା ଶୃଙ୍ଖଳିତ ଶବ୍ଦ ବ୍ୟବହାରପୂର୍ବକ ଉପସ୍ଥାପନା କରାଯିବା ଉଚିତ । ଏହା ସେତେବେଳେ ସମ୍ଭବପର ହେବ ଯେତେବେଳେ ପ୍ରଭୁ ଆମ ସତ୍ତାର ଏକମାତ୍ର ବାସ୍ତବ-ସତ୍ୟ ହୋଇଉଠିବେ – "...the sole reality of our being." । ଆମେ ଯଦି ଦିବ୍ୟଜନନୀ ଶ୍ରୀମାଙ୍କ ପାଦତଳେ ସମର୍ପିତ ହୋଇଯାଉ, ତାଙ୍କ ସହିତ ଆମ ସମ୍ପର୍କକୁ ଗଭୀରତର କରୁ ଏବଂ ମା'ଙ୍କ ସହିତ ସର୍ବଦା ରହିଥାଉ, ବାଟ ଚାଲୁଥାଉ, ତେବେ ଯାଇ ଆମର ସୀମିତ ଭାବନା ସମ୍ପ୍ରସାରିତ ହୋଇ ଯାଇଥାଏ । ଆମେ ଆମ ସୀମାକୁ ଅତିକ୍ରମ କରି ପ୍ରଭୁଙ୍କ ପାଖକୁ ଯିବା ପାଇଁ ଯେଉଁ 'ପଥ' କଥା ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି ସେଥିରେ ପାଦ ଥାପିଥାଉ । ସେତିକି ବେଳେ ହଠାତ୍ ବିଶ୍ୱାତୀତ ସ୍ତରରୁ ଅନ୍ୟ ଏକ ପଥ ଆସି ଆମ ଚଲାପଥ ସହିତ ମିଶି ଯାଇଥାଏ ଏବଂ ଆମକୁ ନେଇ କାଳାତୀତ ଓ ବାସ୍ତବ ସତ୍ୟଙ୍କ ସହିତ ମିଶାଇ ଦେଇଥାଏ ।  ପୁନଶ୍ଚ ଏହି ପଥ ଦେଇ ଆମ ପାଖକୁ ଏକ ଉଚ୍ଚତର ସ୍ତରରୁ ଆସିଥାଏ ଅପରିହାର୍ଯ୍ୟ ଶବ୍ଦ, ଦେବତୁଲ୍ୟ କାର୍ଯ୍ୟ ଏବଂ ଶାଶ୍ୱତ ଚିନ୍ତା ଓ ଭାବନା । ପ୍ରଭୁ ଶ୍ରୀଅରବିନ୍ଦ ଏ ବିଷୟରେ ମହାକାବ୍ୟ 'ସାବିତ୍ରୀ'ର ଦ୍ୱିତୀୟ ଖଣ୍ଡ – ଦ୍ୱିତୀୟ ଅଧ୍ୟାୟରେ ଅପୂର୍ବ ବର୍ଣ୍ଣନା ଉପସ୍ଥାପନ କରିଛନ୍ତି । ତାହା ହେଲା –

"Only when we have climbed
above ourselves,
A line of the Transcendent meets our road
And joins us to the timeless and the true;
It brings to us the inevitable word,
The godlike act, the thoughts
that never die."

(Savitri, P. 109-110)

ପଦ୍ୟ ରୂପର ପ୍ରୟାସ –

''ଯେତେବେଳେ ଆମେ ଆମ ନିଜଠାରୁ ଉପରକୁ ଉଠିଯାଉ,
ବିଶ୍ୱାତୀତୁ ଆସି ଆଉ ଏକ ପଥ ଆମ ପଥେ ମିଶିଥାଏ,
ସେହି ପଥ ପୁଣି ଆମ ହାତ ଧରି ଆଗକୁ ଚଳାଇନିଏ
କାଳାତୀତ ଆଉ ପ୍ରକୃତ ସତ୍ୟରେ ଆମକୁ ଯୁକ୍ତ କରାଏ ।
ଯେଉଁ ଶବ୍ଦମାନେ ଆମ ନିଜ ପାଇଁ ଏକାନ୍ତ ଅପରିହାର୍ଯ୍ୟ
ସେମାନଙ୍କୁ ଆମ ମସ୍ତିଷ୍କରେ ଥାପିବା ତାହାରି କାର୍ଯ୍ୟ,
ତାହା ସହ ପୁଣି ଦେବତୁଲ୍ୟ କାର୍ଯ୍ୟ ଶାଶ୍ୱତ ଭାବନା ଆଣି
ଆମ ଚେତନାରେ ଖଞ୍ଜି ଦେଉଥାଏ
ଆବଶ୍ୟକ ବେଳ ଜାଣି ।''

ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା'ଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ସମ୍ପର୍କରେ ଗୋଟିଏ କଥା ଉଲ୍ଲେଖ କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା –

ଜନୈକ ଆଶ୍ରମ ଅନ୍ତେବାସୀ ସାଧକ-ଭକ୍ତ ମାସର ଶେଷ ଦିନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ । ତା' ପରଦିନ ପହିଲା ଏବଂ ମା'ଙ୍କ ଦିବ୍ୟ ହସ୍ତରୁ 'ପ୍ରସ୍ପରିଟି' ପ୍ରାପ୍ତ ହେବାର ଦିନ । ହଠାତ୍ ସେ ତା' ପୂର୍ବଦିନ ଅପରାହ୍ଣରେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ପଡ଼ିଲେ । ଦେହର ତାପମାତ୍ରା ବହୁତ ବଢ଼ିଗଲା । ଝାଳ ଗମଗମ ହୋଇ ବହିବାକୁ ଲାଗିଲା । ଅବସ୍ଥା ଏପରି ହେଲା ଯେ ବିଛଣାରୁ ଉଠିବାକୁ ଅସମର୍ଥ ହୋଇ ପଡ଼ିଲେ । ଏହିପରି ଭାବରେ ସାରା ରାତିଟି କଟିଗଲା ।

ଘରେ ସାହାଯ୍ୟ କରିବାକୁ କେହି ନଥା'ନ୍ତି, କାମରେ ସାହାଯ୍ୟ କରିବାକୁ ଆସୁଥିବା ଝିଅଟିକୁ ମଧ୍ୟ ସେ ବିଦା କରି ଦେଇଥା'ନ୍ତି । ଘରେ ସେ ସମ୍ପୂର୍ଣ୍ଣ ଏକୁଟିଆ । କାହାରିଠାରୁ ଟିକିଏ

ସାହାଯ୍ୟ ନେବାର ବାଟ ନଥାଏ । କାହାକୁ ଡାକିବା ମଧ୍ୟ ସମ୍ଭବ ନୁହେଁ । ସେ ମନେ ମନେ ଭାବୁଥା'ନ୍ତି, ''ଆସନ୍ତା କାଲି ମୁଁ କ'ଣ ମା'ଙ୍କ ଶ୍ରୀହସ୍ତରୁ 'ପ୍ରସ୍ପେରିଟି' ଗ୍ରହଣ କରି ପାରିବି ? ମୁଁ ତ ବିଛଣାରୁ ଉଠି ପାରୁ ନାହିଁ ।''

ପ୍ରକାଶ ଥାଉକି, ଯଦି କେହି ଅନ୍ତେବାସୀ ମା'ଙ୍କ ହସ୍ତରୁ 'ପ୍ରସ୍ପେରିଟି' ନେଇ ନ ପାରିଲେ, ପରେ ଯେକୌଣସି ତାରିଖରେ ତାହା ନେଇ ପାରିବେ । କିନ୍ତୁ ମା'ଙ୍କ ହାତରୁ 'ପ୍ରସ୍ପେରିଟି' ଗ୍ରହଣ କରିବା ସେମାନଙ୍କର ସୌଭାଗ୍ୟ ବୋଲି ସେମାନେ ମନେ କରୁଥିଲେ । କାରଣ ସେହି ଦିନଟି ମା' ଭଗବତୀଙ୍କୁ ଅତି ନିକଟରୁ ଦର୍ଶନ କରିବା, ତାଙ୍କ ସ୍ମିତହାସ୍ୟର ଶୀତଳ ଧାରାରେ ସ୍ନାନ କରିବା, 'ପ୍ରସ୍ପେରିଟି' ପ୍ୟାକେଟ୍ ମାଧ୍ୟମରେ ମା' ବିତରଣ କରୁଥିବା ଦିବ୍ୟ ଆନନ୍ଦ, ସୌନ୍ଦର୍ଯ୍ୟ, ପ୍ରେମ ଓ ଖୁସିକୁ (Rapture, Beauty, Love and Happiness) ପ୍ରାପ୍ତ ହୋଇ ମନ, ପ୍ରାଣ, ଶରୀରକୁ ଉଚ୍ଚତର ଦିବ୍ୟ-ଚେତନାକୁ ଉଠାଇ ନେବାର ସୌଭାଗ୍ୟରୁ କେହି କ'ଣ ବଞ୍ଚିତ ହେବାକୁ ଇଚ୍ଛା କରିବେ ?

ରାତି ପାହିଲା, ସକାଳ ହେଲା । ମାସର ପ୍ରଥମ ଦିବସ, ଅପରାହ୍ଣରେ ଶ୍ରୀମା 'ପ୍ରସ୍ପେରିଟି' ବିତରଣ କରିବେ – ଏହି କଥା ଭାବି ଭାବି ସାଧକ ଜଣକ ବ୍ୟସ୍ତ ହେଉଥା'ନ୍ତି, କିନ୍ତୁ ବିଛଣାରୁ ଉଠିପାରୁ ନ ଥା'ନ୍ତି । ଦେହରେ ଜ୍ୱର ଭର୍ତ୍ତି – ଦୁଇହାତ ଯୋଡ଼ି ମା'ଙ୍କୁ ପ୍ରାର୍ଥନା କଲେ, ଆଖିରୁ ଦୁଇଧାର ଲୁହ ବୋହି ଆସୁଥାଏ, କହୁଥା'ନ୍ତି, ''ମା – ମୁଁ କ'ଣ ତୁମ ଦିବ୍ୟ ହସ୍ତରୁ 'ପ୍ରସ୍ପେରିଟି' ପ୍ୟାକେଟ୍‌ଟି ପାଇବାରୁ ଏଥରକ ବଞ୍ଚିତ ହେବି ?''

ଏହା କହି ଟିକିଏ ଶୋଇ ପଡ଼ିଲେ, ଆଖି ଲାଗି ଯାଇଥାଏ; ସ୍ୱପ୍ନରେ ଦେଖିଲେ ସମ୍ମୁଖରେ ଦିବ୍ୟଜନନୀ ଦଣ୍ଡାୟମାନା । ସେ ହାତ ବଢ଼ାଇ ଡାକୁଛନ୍ତି, ''ଆସ, ଉଠିଆସ, 'ପ୍ରସ୍ପେରିଟି' ବିତରଣର ସମୟ ହୋଇ ଗଲାଣି, ମୁଁ ଯାଉଛି ।'' ସାଧକ ତାଙ୍କ ବିଛଣାରୁ ହଠାତ୍ ଉଠି ବସିଲେ । ନିଜ ଦେହରେ ହାତମାରି ଅନୁଭବ କଲେ ଯେ ତାଙ୍କ ଜ୍ୱର ଭଲ ହୋଇ ଯାଇଛି, ସେ ବେଶ୍ ସୁସ୍ଥ ଅନୁଭବ କରୁଛନ୍ତି । ସାଙ୍ଗେ ସାଙ୍ଗେ ପୋଷାକ ପିନ୍ଧି ଆଶ୍ରମକୁ ଯାଇ 'ପ୍ରସ୍ପେରିଟି' ପ୍ରକୋଷ୍ଠ ବାହାରେ ବସି ପଡ଼ିଲେ । ଦରଜା ଖୋଲିଲା, ସେ ଦେଖିଲେ ମା' ଠିଆ ହୋଇଛନ୍ତି ଏବଂ ସେ କିଛି କହିବା ପୂର୍ବରୁ ଦିବ୍ୟଜନନୀ ସ୍ୱୟଂ ସୁମଧୁର ଭାଷାରେ ପଚାରିଲେ ''ତୁମେ ବର୍ତ୍ତମାନ ଭଲ ଅଛ ତ ?''

ସାଧକ ଭକ୍ତଙ୍କର ହୃଦୟ ଆନନ୍ଦ ଓ ଆଶ୍ଚର୍ଯ୍ୟରେ ଆନ୍ଦୋଳିତ ହେବାରେ ଲାଗିଲା – ତାଙ୍କ ଚକ୍ଷୁଦ୍ୱୟ ଲୋତକାପ୍ଲୁତ, ଶରୀରରେ ଅପୂର୍ବ ଶିହରଣ, ମୁଖରେ ଭାଷା ନାହିଁ । ଅନ୍ତରର ଅଭ୍ୟନ୍ତରରୁ କୃତଜ୍ଞତାର ପୁଷ୍ପ ମା'ଙ୍କର ଦିବ୍ୟ ପଦଯୁଗଳ ଉପରେ ଅଜାଡ଼ି ହୋଇ ଯାଉଛି ଏବଂ ସେ ନୀରବରେ କହି ଚାଲିଛନ୍ତି, ''ମା' କରୁଣାମୟୀ, ମୋର ଜ୍ୱରଜନିତ ଅସୁସ୍ଥତାକୁ ଦୂର କରି ଦେଇ ମୋତେ ତୁମ ଶ୍ରୀହସ୍ତରୁ 'ପ୍ରସ୍ପେରିଟି' ପ୍ୟାକେଟ୍ ଗ୍ରହଣ କରିବାର ସାମର୍ଥ୍ୟ ପ୍ରଦାନ କରିଛ । ତୁମ ପାଦପଦ୍ମରେ କୋଟି କୋଟି ପ୍ରଣାମ ମା' !''

(ସୁଧା-ସମାଚାର ପୁସ୍ତକର ପୃଷ୍ଠା. ୧୮୪ରୁ ସଂଗୃହୀତ)

(କ୍ରମଶଃ) ❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing on the Mother's Prayers and Meditations, Vol. 1, Shyam Kumari

ପଛକୁ ଫେରି ଚାହଁ ନାହିଁ, ସତତ ସମ୍ମୁଖ ଦିଗରେ ତୁମେ ଯାହା କରିବାକୁ ଚାହଁ ତାହାରି ଉପରେ ଦୃଷ୍ଟି ରଖ – ତୁମର ଅଗ୍ରଗତି ସୁନିଶ୍ଚିତ ।

ମୋର ଆଶୀର୍ବାଦ ସହ ।

– ଶ୍ରୀମା

ସିନ୍ଧୁରୁ ବିନ୍ଦୁଏ :

# ଫେରସ୍ତ

## ସନ୍ତୋଷ ରଥ

Never say, 'I have nothing to give to the Divine.' There is always something to give, for always you can give yourself in a better and more complete way.

(CWM, Vol. 14, p. 101) – The Mother

କେବେ କୁହ ନାହିଁ 'ଭଗବାନଙ୍କୁ ଦେବା ପାଇଁ ମୋ ପାଖରେ କିଛି ବି ନାହିଁ ।' ସବୁ ସମୟରେ ଦେବା ପାଇଁ ତୁମ ପାଖରେ କିଛି ନା କିଛି ରହିଛି; ତୁମେ ନିଜକୁ ଆହୁରି ଅଧିକ ଭଲ ରୂପେ ଏମିତିକି ସମ୍ପୂର୍ଣ୍ଣ ରୂପେ ମଧ୍ୟ ଦେଇ ପାରିବ ।

– ଶ୍ରୀମା

[ଶ୍ରୀମାଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଫେରସ୍ତ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ନାହିଁ ନାହିଁ ବୋଲି ଯେତେ ବିଳପିଲେ
ନାହିଁର ନାହିଁ ତ ଅନ୍ତ
ନ ଥିଲା ଦରବ ଅରପେ ଯେ ଭାବ
ସେହି ଏକା ଭାଗ୍ୟବନ୍ତ । (୧)

ନ ଜାଳି ଦୀପାଳି ନ ଡେଇଁ ଅର୍ଗଳି
ନରେନ୍ଦ୍ରେ ନ କରି ସ୍ନାନ
ଗୁମୁଟ ଅନ୍ଧାରେ ପହଡ଼ ବେଳାରେ
ଅନ୍ଧ କରେ ଦରଶନ । (୨)

ହେଲେ ବି ରାଜନ ନୁହଁଇ ଭାଜନ
ଦେବା ପାଇଁ ପାରିତୋଷ
ଗଡ଼ ଗଉଡୁଣୀ ଦେଇ ଦହିପାଣି
ମେଣ୍ଟାଇଲା ଝାଞ୍ଜି ଶୋଷ । (୩)

ଘାଟର ନଉକା ନ ହେଉ ନାୟିକା
ନ ବୁଡୁ ବେପାର ତା'ର
ନ ଲୋଡ଼ି କଉଡ଼ି ପାଦୁ ଧୂଳି ଝାଡ଼ି
କୈବର୍ତ୍ତ ସେବେ ପୟର । (୪)

ଶ୍ରୀଅଙ୍ଗର ସଜା କରିଲା କୁବ୍ଜା
ନ ଥାଇ ଅଙ୍ଗ ମାଧୁରୀ
ବାନ୍ଧେ ବାଙ୍କ ଶିଖା ତା' ସାଥେ ଚନ୍ଦ୍ରିକା
ଆଚମ୍ୱିତ ପୁରନାରୀ । (୫)

ନ ଜାଣଇ ତାଳ ସୁର ଲୟ ମେଳ
ଗାନ୍ଧର୍ବ ବିଦ୍ୟା ସମ୍ପଦ
କୁଆଁରୀ ଅଝଟ ଚିରିଦେଲା ପାଟ
ଶ୍ରୀ ଗୀତଗୋବିନ୍ଦ ପଦ । (୬)

ଧନ ଦାନ ବୋଧ ଦେଖଣା ଆୟୁଧ
ଅଫୁଟା ଆତସବାଜି
ପାରିଲେ ସଅଁପି ଅଭିମାନ ଟପି
କଳନ୍ତର ଯାଏ ଶୁଝି । (୭)

ନୁହେଁ କେହି ହୀନ ସମର୍ପଣେ ଦୀନ
ନିଜେହିଁ ନିଜ ସମ୍ପତ୍ତି
ତେଜିଲେ ସଳିତା ତେଜି ଉଠେ ସତ୍ତା
ଫେରସ୍ତେ ମିଳଇ ତୃପ୍ତି । (୮)

❑❑❑

# ସୁବର୍ଣ୍ଣ ଶୃଙ୍ଖଳ*

## ନଳିନୀକାନ୍ତ ଗୁପ୍ତ

ତୁମେମାନେ ଏଠାରେ ବହୁ ବର୍ଷ ଧରି ଅଛ, ନୁହେଁ ? – ବହୁ ବର୍ଷ ଧରି । ତୁମର ଶୈଶବରୁ ଏଠାରେ ତୁମେମାନେ ଅଛ – ବୋଧହୁଏ ତୁମେମାନେ ସମସ୍ତେ । ତୁମମାନଙ୍କ ମଧ୍ୟରୁ କେତେକେ ବାହାରକୁ ଚାଲିଯାଉଛ, କେତେକେ ଏଠାରେ ରହିବାକୁ ଚାହୁଁଛ, କେତେକେ ତଥାପି ନିଷ୍ପତ୍ତି କରି ନାହଁ । ତୁମମାନଙ୍କୁ ଯଦି ପଚରାଯାଏ : ''ଏଠାରେ ତୁମମାନଙ୍କର ଦୀର୍ଘ ଅବସ୍ଥାନ ଫଳରେ ତୁମେମାନେ କ'ଣ ଲାଭ କରିଛ ?'' ମୁଁ କହିପାରିବି ତୁମେମାନେ କ'ଣ ଲାଭ କରିଛ । ଏଇଟା କିଛି ବାହ୍ୟ ବସ୍ତୁ ନୁହେଁ ବା କିଛି ବିଦ୍ୟା କି ଜ୍ଞାନ ନୁହେଁ ଯାହା ତୁମେ ଏଠାକାର ଶିକ୍ଷାକେନ୍ଦ୍ରରୁ ଲାଭ କରିଛ, ଏଇଟା ତାହା ନୁହେଁ, ବରଂ ଏହା ଅନ୍ୟ କିଛି ବସ୍ତୁ । ସେ ବିଷୟରେ ନିଶ୍ଚିତ ହୋଇଯାଅ । ତୁମେମାନେ ସମ୍ଭବତଃ ତୁମ ନିଜକୁ, ତୁମର ନିଜ ସ୍ୱରୂପକୁ ଜାଣି ନାହଁ, କିନ୍ତୁ ତାହା ସେଇଠିହିଁ ଅଛି, ତୁମମାନଙ୍କ ଭିତରେ ଅଛି । ତୁମେମାନେ ଏଠାରେ ତୁମର ସମୟ ବୃଥାରେ ବିତାଇ ନାହଁ – ତୁମେମାନେ ଶ୍ରୀମାଙ୍କର ଦିବ୍ୟସ୍ପର୍ଶ ଲାଭ କରିଛ ।

ଶ୍ରୀମା ବହୁବାର କହିଛନ୍ତି : ''ଯିଏ ମୋର ସ୍ପର୍ଶ ପାଏ, ଯାହାର ମୁହୂର୍ତ୍ତକ ପାଇଁ ଯଥାର୍ଥ ଆସ୍ପୃହା ଥାଏ, ମୋ ପ୍ରତି ପ୍ରକୃତ ପ୍ରେମ ଥାଏ, ସେ ଏଇ ଜନ୍ମ ପାଇଁ ଓ ସକଳ ଜନ୍ମ ପାଇଁ ସଂପୂର୍ଣ୍ଣ ରୂପେ ମୋରହିଁ ହୋଇ ଯାଇଛି – ସେ ମୋ ସହିତ ବାନ୍ଧି ହୋଇ ଯାଇଛି । ମୁଁ ତା' ଗଳାରେ ସୁବର୍ଣ୍ଣ ଶୃଙ୍ଖଳଟିଏ ପିନ୍ଧାଇ ଦେଇଛି; ତା'ର ହୃଦୟ ମୋ ସହିତ ଶାଶ୍ୱତ ଭାବେ ବାନ୍ଧି ହୋଇ ଯାଇଛି ।''

ଏହା ଏକ ବସ୍ତୁ ଯାହାକୁ କେହି ଦେଖି ପାରିବେ ନାହିଁ, ତୁମେମାନେ ନିଜେହିଁ ତାହାକୁ ଦେଖିପାର ନାହିଁ, କିନ୍ତୁ ଏହା ଏକ ବାସ୍ତବତା, ଏହା ସେଇଠିହିଁ ଅଛି । ସୁବର୍ଣ୍ଣ ଶୃଙ୍ଖଳଟି ତୁମମାନଙ୍କ ହୃଦୟ ମଧ୍ୟରେହିଁ ଅଛି । ତୁମେମାନେ ଯୁଆଡ଼େ ଯାଅନା କାହିଁକି ସେହି ଶୃଙ୍ଖଳଟିକୁ ଟାଣିନିଅ, ଏହା ଏକ ଦୀର୍ଘ ହୋଇ ଯାଉଥିବା ଶୃଙ୍ଖଳ । ଏହା ଏକ ନମନୀୟ ଶୃଙ୍ଖଳ – ଯେତେଦୂରକୁ ତୁମେମାନେ ଯାଅ, ଏହା ପ୍ରଲମ୍ବିତ ହୋଇଚାଲେ; କିନ୍ତୁ କେବେ ହେଲେ ଛିଣ୍ଡିଯାଏ ନାହିଁ । ଅସୁବିଧା ସମୟରେ, ତୁମମାନଙ୍କ ଜୀବନରେ ସନ୍ଦେହ ଓ ଅପ୍ରତିଭ ଭାବ ଥିବା ସମୟରେ, ତାହାହିଁ ତୁମମାନଙ୍କୁ ସହାୟତା ଦେବା ସକାଶେ ତୁମମାନଙ୍କ ମଧ୍ୟରେ ଥାଏ । ତୁମେମାନେ ଏ ବିଷୟରେ ଯଦି ସଚେତନ, ତେବେ ତାହା ବେଶ୍ ଅଧିକ ଉତ୍ତମ; ଯଦି ସଚେତନ ନୁହଁ, ତଥାପି ବିଶ୍ୱାସ କର ଯେ ତାହାହିଁ **ସର୍ବଦା** ସେଇଠି ରହିଛି । ଶ୍ରୀମାଙ୍କର ପ୍ରେମ ଓ ଉପସ୍ଥିତି ସର୍ବଦାହିଁ ସେଠାରେ ରହିଛି ।

ତୁମମାନଙ୍କୁ ତାହାହିଁ କହିବାକୁ ମୁଁ ଚାହିଁଥିଲି ।...

ଉପନିଷଦ୍‌ରେ ଏକ କାହାଣୀ ଅଛି । ଥରେ ନାରଦ – ମୋର ମନେହୁଏ ନାରଦ ଦୀକ୍ଷା ନେବା ସକାଶେ ଜଣେ ଋଷିଙ୍କ ନିକଟକୁ ଯାଇଥିଲେ । ତାଙ୍କୁ ଋଷି ପଚାରିଲେ : ''ଜଣେ ଶିକ୍ଷାର୍ଥୀ ଭାବେ ତୁମ ଜୀବନରେ କ'ଣ ଶିକ୍ଷା କରିଛ ଯେ ତୁମେ ବର୍ତ୍ତମାନ ମୋ ନିକଟକୁ ଆସିଛ ?'' ନାରଦ **ବ୍ରହ୍ମଚାରୀ** ରୂପେ ଯାହାସବୁ ଶିକ୍ଷା କରିଥିଲେ, ସେସବୁକୁ ବର୍ଣ୍ଣନା କରିବାକୁ ଆରମ୍ଭ କଲେ,– ସକଳ ଶାସ୍ତ୍ରାଧ୍ୟୟନ, ଏପରିକି ଧନୁର୍ବିଦ୍ୟା ଓ ସକଳ ପ୍ରକାର ବିଦ୍ୟା । ତା'ପରେ ଋଷି କହିଲେ, ''ଏସବୁ ହେଉଛି **ଅପରାବିଦ୍ୟା**, ନିମ୍ନମାନର ଜ୍ଞାନ । ତୁମେ ବ୍ରହ୍ମଙ୍କୁ ଜାଣ ?'' ନାରଦ କହିଲେ, ''ନାହିଁ ଆଜ୍ଞା, ମୁଁ ବ୍ରହ୍ମଙ୍କୁ ଜାଣେ ନାହିଁ ।'' ଋଷି କହିଲେ, ''**ତାହାହିଁ** ହେଉଛି ଏକମାତ୍ର ଜ୍ଞାନ ଯାହା ତୁମେ ଅବଗତ ହେବା କଥା । ଥରେ ସେହି ଜ୍ଞାନ ଲବ୍ଧ ହେଲେ, ଅନ୍ୟ ସବୁକିଛି ଜ୍ଞାନ ଲବ୍ଧ ହୋଇଯିବ ।''

ତେଣୁ ମୁଁ ତୁମମାନଙ୍କୁ କହେ, ଯେଉଁ ଏକହିଁ ଜ୍ଞାନ ଆବଶ୍ୟକ, ତାହାକୁ ତୁମେମାନେ ହାସଲ କରିଛ, ତାହାକୁ ପାଇବାକୁ ତୁମମାନଙ୍କୁ ଉଦ୍ୟମ କରିବାକୁ ପଡ଼େ ନାହିଁ । ତୁମେସବୁ ସୌଭାଗ୍ୟଶାଳୀ, ତୁମେସବୁ ବେଶ୍ ଭାଗ୍ୟବାନ୍,

---

* ଶ୍ରୀଅରବିନ୍ଦ ଆଶ୍ରମସ୍ଥ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର Higher Courseର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ଅକ୍‌ଟୋବର ୨୬, ୧୯୭୬ରେ ସମ୍ଭାଷଣ ।

ଆମେ ସମସ୍ତେ ଅତ୍ୟନ୍ତ ଭାଗ୍ୟବାନ୍; ଶ୍ରୀମା ଆମ ସମସ୍ତଙ୍କୁ ଏଠାକୁ ଆହ୍ୱାନ କରିଛନ୍ତି ଏବଂ ସେହିଁ ଏଠାରେ ତାଙ୍କର ଦିବ୍ୟପ୍ରେମ, ଅସୀମ ପ୍ରେମ ଆଉ ଆମେ ନ ମାଗିବା ସତ୍ତ୍ୱେ ବି ତାଙ୍କର ପ୍ରେମକୁ ନିଃସର୍ତ୍ତଭାବେ ଦେଇ ଯାଇଛନ୍ତି । ତୁମମାନଙ୍କର ବାହ୍ୟ ଚରିତ୍ରରେ ଓ କ୍ରିୟାକଳାପରେ ତୁମେସବୁ ଯାହା ହୋଇ ଥାଅନା କାହିଁକି, **ତାହା** କେବେହେଲେ ବାହ୍ୟ ପ୍ରକୃତି ଦ୍ୱାରା ପ୍ରଭାବିତ ହୁଏ ନାହିଁ; ଏହା ଯେମିତି ଥିଲା ସେମିତି ଶୁଦ୍ଧ, ଅମଳିନ ହୋଇ ରହିଥାଏ ।

ତୁମମାନଙ୍କ ମଧ୍ୟରୁ କେତେକେ ଦାନ୍ତେଙ୍କ ଉପରେ ମୋର ଅଭିଭାଷଣ ଦେବା ସମୟରେ ଉପସ୍ଥିତ ଥିଲ । ... ମୁଁ ଦାନ୍ତେଙ୍କର ସୂକ୍ଷ୍ମଦୃଷ୍ଟି ବିଷୟରେ କହିଥିଲି, ଏହା ଏକ ଅତ୍ୟାଶ୍ଚର୍ଯ୍ୟ ସୂକ୍ଷ୍ମ ଦର୍ଶନ – ଯେଉଁ ସୂକ୍ଷ୍ମ ଦର୍ଶନ ଦିବ୍ୟଜନନୀଙ୍କର ବ୍ରତ ସହ ସମ୍ପର୍କିତ ।

ଦାନ୍ତେ ନିଜ ସମ୍ମୁଖରେ ଆଲୋକର ଏକ ଗୋଲକ ଦେଖିଲେ । ଯେତେବେଳେ ସେ ମହାଜ୍ୟୋତିର୍ମୟ ଭଗବତ୍ ତ୍ରିମୂର୍ତ୍ତି (The Divine Trinity in the Empyrean)ଙ୍କ ସମ୍ମୁଖରେ ଦଣ୍ଡାୟମାନ ହେଲେ, ତତ୍‌କ୍ଷଣାତ୍ ଏକ ଦୀପ୍ତିମାନ୍ ଗୋଲକ ତାଙ୍କର ଦୃଷ୍ଟିଗୋଚର ହେଲା ଏବଂ ସେହି ଦୀପ୍ତିମାନ୍ ଗୋଲକ ମଧ୍ୟରେ, ଯେମିତିକି ତା'ର ପ୍ରତିଫଳନ ଭାବେ, ତା'ର ପ୍ରତିଫଳିତ ବିଗ୍ରହଟି ଚତୁର୍ଦ୍ଦିଗରେ ଘୂରୁ ଥିବାର ଓ ଗତି କରୁ ଥିବାର ଦେଖିଲେ । ଯେହେତୁ ସେ ସେହି ବୃତ୍ତାକାର ଆଲୋକ ମଧ୍ୟକୁ ସ୍ଥିର ଦୃଷ୍ଟିରେ ନିରୀକ୍ଷଣ କଲେ, ସେ ନିଜକୁହିଁ ସେଠାରେ ଦେଖିଲେ । ନିଜକୁ ସେହି ବୃତ୍ତାକାର ଆଲୋକ ମଧ୍ୟରେ ସେ ଦେଖିଲେ – ସେ ନିଜେ ଯେମିତି ସେ ନିଜକୁ ସେମିତି ନଦେଖି ବୃତ୍ତାକାର ଦିବ୍ୟ-ଆଲୋକ ଯେମିତି ତାଙ୍କୁ ଦେଖୁଛି, ସେହିପରି ଦେଖିଲେ । 'ମୁଁ ସେଠାରେ ପରମପ୍ରଭୁଙ୍କର କଳ୍ପନାକୃତ ବିଗ୍ରହ ମଧ୍ୟରେ ଥିଲି, ମୋର କଳ୍ପିତ ବିଗ୍ରହ ଭାବେ ନ ରହି ।'

ଆମ ଭାଷାରେ ଆମେ କହିପାରିବା ଯେ ସେହି ଦୀପ୍ତିମାନ୍ ଗୋଲକ ଥିଲା ସ୍ୱୟଂ ଦିବ୍ୟପରମ ଓ ତା'ପରେ ଥିଲା ତା' ଭିତରେ ସେଇ ଘୂର୍ଣ୍ଣାୟମାନ ବୃତ୍ତାକାର ଆଲୋକ – ଯାହାହିଁ ଦିବ୍ୟ-ସୃଜନାତ୍ମକ ଶକ୍ତି, ଅର୍ଥାତ୍ ଦିବ୍ୟଜନନୀ ତାଙ୍କର ସୃଜନାତ୍ମକ ଖିଆଲରେ(Creative mood) ଏବଂ ତା' ଭିତରେ, ''ମୁଁ ତାଙ୍କର ଶିଶୁସମ ମୋର ସତ୍ୟ ସ୍ୱରୂପରେ ଥିଲି, ମୋ ନିଜକୁ ମୁଁ ଯେପରି ଦେଖେ, ସେପରି ନ ଦେଖି, ସେ (ଦିବ୍ୟଜନନୀ) ଯେପରି ମୋତେ ଦେଖନ୍ତି, ସେହି ବିଗ୍ରହରେ ମୁଁ ନିଜକୁ ଦେଖିଲି ।''

ଦାନ୍ତେ କହନ୍ତି ଯେ ଏହା ଏକ ଅନୁଭୂତି ଥିଲା ଯେପରି ସେ ଏକ ଦିବ୍ୟଚକ୍ଷୁ ମଧ୍ୟକୁ ଦେଖୁଥିଲେ – ଦିବ୍ୟଚକ୍ଷୁର ଏକ ବୃହତ୍ ପେଣ୍ଡୁ ବା ବିରାଟ ଏକ ଚକ୍ଷୁ-ଗୋଲକ ମଧ୍ୟକୁ; ଏବଂ ସେହି ଦିବ୍ୟଚକ୍ଷୁ ମଧ୍ୟରେ ଦିବ୍ୟପରମ ଯେପରି ତାଙ୍କୁ (ଦାନ୍ତେଙ୍କୁ) ଦେଖନ୍ତି ସେହିପରି ପ୍ରତିଫଳିତ ବିଗ୍ରହଟିଏ ସେ ଦେଖିଲେ – 'ମୁଁ ଯେପରି ନିଜକୁ ଦେଖେ', ସେପରି ନ ହୋଇ ''ମୋର ସତ୍ୟ ସ୍ୱରୂପକୁ'' । ... ମୁଁ କହେ, ତାହା ହେଉଛି ସେହି ବିଗ୍ରହ ଯାହା ଦିବ୍ୟଜନନୀ ତୁମ ପାଖରେ, ତୁମ ମଧ୍ୟରେ ଛାଡ଼ି ଯାଇଛନ୍ତି । ଯାହାହେଉ, ତୁମେମାନେ ଯେତେ ବେଶୀ ଚେଷ୍ଟା କରନା କାହିଁକି, କେବେହେଲେ ଏହାକୁ ହରାଇ ପାରିବ ନାହିଁ; ଏହା ସେଇଠି ତୁମମାନଙ୍କ ପାଖରେହିଁ ରହିବ ତା'ର ସିଦ୍ଧିପ୍ରାପ୍ତି ଯାଏ । ମୁଁ ଯେମିତି କହିଲି, ତୁମେମାନେ ଯେବେ ହତୋତ୍ସାହ ହୋଇଯାଅ – ସ୍ୱାଭାବିକ ଭାବେ ତୁମେ ଯେବେ ପୃଥିବୀକୁ ଓ ସେଠାକାର ଘଟଣାବଳୀକୁ ଅବଲୋକନ କର, ତୁମେ ବହୁ ଦୁର୍ଦ୍ଦଶାଗ୍ରସ୍ତ, ବୀତସ୍ପୃହ ଅନୁଭବ କର – କିନ୍ତୁ ମନେରଖ ସେଇଠି, ତା' ପଶ୍ଚାତରେ ଅନ୍ୟ ଏକ ବାସ୍ତବତା ରହିଛି : ତା' ହେଉଛି ଶ୍ରୀମାଙ୍କର ଦିବ୍ୟ-ଉପସ୍ଥିତି ଯାହା ସେସବୁକୁ ମୋଚନ କରେ । କୌଣସି ପ୍ରକାର ଭଗ୍ନୋତ୍ସାହ, ବିଷାଦ, ନିରାନନ୍ଦମୟ ମାନସିକ ସ୍ଥିତିରେ ଅନୁଭବ କର ଯେ ସର୍ବଦା ତାହାହିଁ ତୁମମାନଙ୍କ ନିକଟରେ ତୁମମାନଙ୍କୁ ସାହାଯ୍ୟ କରିବାକୁ ଓ ତୁମ ମଧ୍ୟରେ ଶାନ୍ତି, ସାମର୍ଥ୍ୟ ଆଣିବାକୁ ଅବ୍ୟର୍ଥ ଭାବେ ରହିଛି ।

ଅନେକ ବାର ଶ୍ରୀମା କହିଛନ୍ତି : ''ଏ ଜଗତରେ ଅନ୍ୟ ସବୁକିଛି ନିରାଶ କରିପାରେ; ମୁଁ କେବେହେଲେ ତୁମମାନଙ୍କୁ ନିରାଶ କରିବି ନାହିଁ ।''

(Collected Works of Nolini Kanta Gupta,
Vol. 6, pp. 28 - 30ରୁ ଅନୂଦିତ)

ଅନୁବାଦ : ଆଶାଲତା ଦାଶ

❑❑❑

# ପ୍ରଣବଦା'ଙ୍କ ଜନ୍ମ ଶତବାର୍ଷିକୀର ଶ୍ରଦ୍ଧାର୍ଘ୍ୟ

(୧୮.୧୦.୧୯୨୩ – ୧୮.୧୦.୨୦୨୩)

## ରାମଚନ୍ଦ୍ର ପାଣି

ଦାଦା – ଆମ ସମସ୍ତଙ୍କର ଦାଦା – ବଡ଼ ଭାଇ – ଶ୍ରୀମା'ଙ୍କ ଫ୍ରେଞ୍ଚ୍ ଲେଖା ଅନୁସାରେ notre grand frère – ନତ୍ର ଗ୍ରାଁ ଫ୍ରେର, ଇଂରାଜୀରେ Our Big Brother – ପ୍ରଣବଦା' – ପୂରା ନାମ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ । ଦିବ୍ୟଜନନୀ ଶ୍ରୀମା'ଙ୍କର ବ୍ୟକ୍ତିଗତ ସେବକ – ତାଙ୍କର 'ଦେହରକ୍ଷୀ' । ପୂର୍ଣ୍ଣ ଆତ୍ମସମର୍ପଣ, ନିଷ୍ପାପର ସେବା, ସ୍ୱାର୍ଥତ୍ୟାଗ ବଳରେ ଯିଏ ପୂରାପୂରି ମା'ଙ୍କର ହୋଇ ଉଠିଥିଲେ, ସେ ଥିଲେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଶାରୀରିକ ଶିକ୍ଷା ବିଭାଗର ନିର୍ଦ୍ଦେଶକ ।

ପଶ୍ଚିମବଙ୍ଗର ବହରମପୁରରେ ଏକ ସମ୍ଭ୍ରାନ୍ତ ପରିବାରରେ ଜାତ, ପିତା ଦକ୍ଷିଣାପଦ ଓ ମାତା ପ୍ରଫୁଲ୍ଲମୟୀଙ୍କର ପ୍ରଥମ ପୁତ୍ର ! ଜନ୍ମ ୧୯୨୩ ମସିହା ଅକ୍ଟୋବର ୧୮ ତାରିଖରେ ।

ସ୍ୱୟଂ ଭଗବତୀ ଶ୍ରୀମା ତାଙ୍କର ଜନ୍ମଦିନ ଆଶ୍ରମର ଶାରୀରିକ ଶିକ୍ଷାକେନ୍ଦ୍ରର ସଭ୍ୟ-ସଭ୍ୟା (Group members)ମାନଙ୍କ ଗହଣରେ ମହାଆଡ଼ମ୍ବରରେ ପାଳନ କରୁଥିଲେ । ତାଙ୍କର ଜନ୍ମଶତବାର୍ଷିକୀ ଏଇ ୨୦୨୩ ଅକ୍ଟୋବର ୧୮, ବୁଧବାର ଦିନ ପାଳିତ ହୋଇ ଯାଇଛି । ଆଶ୍ରମର ପ୍ରଦର୍ଶନୀ କକ୍ଷ (Exhibition Hall)ରେ ତାଙ୍କର ଫଟୋଚିତ୍ର ସହ ତାଙ୍କ କର୍ମାବଳିର ବିବରଣୀ ଓ ତାଙ୍କୁ ପ୍ରଦତ୍ତ ଶ୍ରୀମା'ଙ୍କର ବାଣୀ ପ୍ରଭୃତିର ଏକ ଭବ୍ୟ ଶିକ୍ଷାମୂଳକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ତାଙ୍କର ଜନ୍ମସ୍ଥାନ ବହରମପୁରରେ ସେ ଗଢ଼ିଥିବା 'ବିବେକାନନ୍ଦ ବ୍ୟାୟାମ ସମିତି' ଏକ ସ୍ମରଣିକା ମଧ୍ୟ ପ୍ରକାଶ କରିଛି । ଓଡ଼ିଶାରେ ତଥା ଅନ୍ୟତ୍ର ମାତୃଭକ୍ତମାନେ ତାଙ୍କର ଶତବାର୍ଷିକୀ ପାଳନ କରିଛନ୍ତି ଏବଂ ୨୦୨୪ ଅକ୍ଟୋବର ୧୮ ଯାଏ ଏହା ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସର୍ବତ୍ର ପାଳିତ ହେବ ।

ଦାଦାଙ୍କର ବ୍ୟକ୍ତିତ୍ୱ ମହାନ୍ । ମହତ୍ତମ ତାଙ୍କର ଆଦର୍ଶ । ନିଃଶେଷ ତ୍ୟାଗ, ପୂର୍ଣ୍ଣ ଆତ୍ମଦାନ ଓ ନିଷ୍ଠା ବଳରେ ପୂର୍ଣ୍ଣ ରୂପେ ଦିବ୍ୟଜନନୀଙ୍କର ହୋଇଯିବା ଯାହାର ପରିଣତି । ସର୍ବୋଚ୍ଚ ଲକ୍ଷ୍ୟପ୍ରାପ୍ତିରେ ଯାହାଙ୍କର ତୃପ୍ତି – ଦିବ୍ୟାନନ୍ଦ ଓ ଶାନ୍ତି ଲାଭ; ସଦ୍‌ଭାବନା, ପରୋପକାର, ସଭିଙ୍କର ସର୍ବବିଧ ଉନ୍ନତି ଓ ଅତୁଟ ସ୍ୱାସ୍ଥ୍ୟଲାଭ ପାଇଁ ଶରୀରଚର୍ଚ୍ଚା ମାଧ୍ୟମରେ ଯାହାଙ୍କର ଅଦମ୍ୟ ଉଦ୍ୟମ । ଆଶ୍ରମର ଶାରୀରିକ ବିଭାଗର ନିର୍ଦ୍ଦେଶକ ଭାବେ ଯାହାଙ୍କର ଅଜସ୍ର କୃତି ସର୍ବଜନବିଦିତ; ବିଶ୍ୱବ୍ୟାପୀ ତାଙ୍କର ଶରୀର ଶିକ୍ଷା ଓ ଶରୀରର ରୂପାନ୍ତର ପାଇଁ ମହାନ୍ ପ୍ରଚେଷ୍ଟାର ମଧୁମୟ ଗାଥା; ମନୁଷ୍ୟ ଶରୀରକୁ ନୀରୋଗ, କର୍ମକ୍ଷମ, ଦୀର୍ଘାୟୁ, ଅମର ତଥା ଦିବ୍ୟ କରି ଗଢ଼ିବାର ବିପୁଳ ପ୍ରୟାସ । ଦିବ୍ୟଶକ୍ତି ଧାରଣ ଓ ପ୍ରକାଶ କରିବା ପାଇଁ ଶରୀରକୁ ନମନୀୟ, ଗ୍ରହଣଶୀଳ ତଥା ଉପଯୁକ୍ତ ଆଧାର କରାଇବାରେ ଯାହାଙ୍କର ସାମର୍ଥ୍ୟ ଅନନ୍ତ ଓ ଅକଳ୍ପନୀୟ । ସେ କହୁଥିଲେ – ବ୍ୟାୟାମ କଲାବେଳେ ମା' କାଳୀଙ୍କର ଶକ୍ତି ତାଙ୍କ ମଧ୍ୟକୁ ଅବତରଣ କରୁଥିଲା । ଶ୍ରୀମା'ଙ୍କର ସାନ୍ନିଧ୍ୟ ଓ ସ୍ପର୍ଶ ପାଇ ସେ ତେଜସ୍ୱୀ ହୋଇ ଉଠିଥିଲେ । ସୁବର୍ଣ୍ଣର ତେଜ ତାଙ୍କ ଶରୀରରେ ଝଟକୁ ଥିଲା । ରୂପାନ୍ତର ସାଧନାରେ ଅନେକ ଅଗ୍ରଗତି ସେ କରିଥିଲେ । ପୂର୍ଣ୍ଣ ରୂପାନ୍ତରର ସମୟ ଆସି ନ ଥିବାରୁ ତାଙ୍କୁ ଶରୀର ତ୍ୟାଗ କରିବାକୁ ହେଲା ସତ, ହେଲେ ସେ ଜଣେ ଏପରି ବ୍ୟକ୍ତି ତଥା ପୂର୍ଣ୍ଣଯୋଗର ସାଧକ ଥିଲେ ଯିଏ ଏହି ଶରୀରରେ ଦିବ୍ୟ ରୂପାନ୍ତର ଏକାନ୍ତଭାବେ, ପରିପୂର୍ଣ୍ଣ ବିଶ୍ୱାସ ଓ ନିଷ୍ଠା ସହ ଚାହୁଁଥିଲେ ତଥା ସେଥିପାଇଁ ପ୍ରୟାସ କରୁଥିଲେ ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ଲକ୍ଷ୍ୟ ଶରୀରର ରୂପାନ୍ତର । ମନୁଷ୍ୟକୁ ଦିବ୍ୟ କରିବାର ପ୍ରୟାସ । ଊର୍ଦ୍ଧ୍ୱରୁ ଅତିମାନସ ଶକ୍ତି, ଆଲୋକ ଓ ଚେତନା ଆହରଣ ଦ୍ୱାରା ମନୁଷ୍ୟଜାତିକୁ ଏକ ଦିବ୍ୟ ଅତିମାନବ ଜାତି କରିବାର ଅପୂର୍ବ ସାଧନା । ଶରୀରଚର୍ଚ୍ଚା ଏଥିରେ ପରମ ସହାୟକ ଏବଂ ସେଥିପାଇଁ ଶ୍ରୀମା ପୃଥିବୀରେ ପ୍ରଚଳିତ ସମସ୍ତ ପ୍ରକାର ଆସନ, ବ୍ୟାୟାମ ଓ ଖେଳାଖେଳିର ବ୍ୟବସ୍ଥା ପ୍ରଣବଦା'ଙ୍କ ଦ୍ୱାରା ଆଶ୍ରମରେ କରିଛନ୍ତି । ଆବାଳବୃଦ୍ଧବନିତା ଆଶ୍ରମବାସୀ ସମସ୍ତେ ପ୍ରତ୍ୟହ ଶରୀରଚର୍ଚ୍ଚା କରିଥା'ନ୍ତି । ''ଶରୀରମାଦ୍ୟଂ ଖଲୁ ଧର୍ମ ସାଧନମ୍'' (ଶରୀରହିଁ ପ୍ରଥମ ଧର୍ମସାଧନ) ବୋଲି ଯେଉଁ

ପୁରାତନ ଉକ୍ତି ରହିଛି ତାହାର ଯାଥାର୍ଥ୍ୟ ଏଠାରେ ଅନୁସୃତ ହୁଏ । ଶରୀରକୁ ଗଢ଼ିବା, କୌଣସି ତ୍ରୁଟିବିଚ୍ୟୁତି ଥିଲେ ତା'ର ସଂଶୋଧନ କରିବା, ନୀରୋଗ ତଥା ଦୀର୍ଘାୟୁ ହୋଇ ରହିବା ତଥା ଶରୀରକୁ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ କରିବା ଏଠାକାର ସମସ୍ତଙ୍କର ଧ୍ୟେୟ ତଥା ଦୈନନ୍ଦିନ କର୍ତ୍ତବ୍ୟ – ଏହା ପ୍ରଣବଦା' ସମସ୍ତଙ୍କୁ ଶିକ୍ଷା ଦେଇଛନ୍ତି ଏବଂ ଜୀବନର ଶେଷ ଯାଏ ଶରୀରଚର୍ଚ୍ଚା କରିଛନ୍ତି ।

ଆଶ୍ରମର ସାଧକ-ସାଧିକା ତଥା ଆଶ୍ରମ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନଙ୍କର ଦୈନନ୍ଦିନ ଶରୀରଚର୍ଚ୍ଚା ଓ ଖେଳାଖେଳି ପାଇଁ ପ୍ଲେ-ଗ୍ରାଉଣ୍ଡ, ସ୍ପୋର୍ଟସ୍ ଗ୍ରାଉଣ୍ଡ, ଟେନିସ୍ ଗ୍ରାଉଣ୍ଡ, ଭଲିବଲ ଗ୍ରାଉଣ୍ଡ ପ୍ରଭୃତି ଲିଜ୍‌ରେ ନେଇ ଏବଂ ପରେ ଜାଗା କିଣି କେତେ ପ୍ରକାର ଖେଳ କସରତର ବ୍ୟବସ୍ଥା ଶ୍ରୀମା କରାଇଛନ୍ତି, ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ପ୍ଲେ-ଗ୍ରାଉଣ୍ଡରେ ବହୁ ସରଞ୍ଜାମ ସହିତ ଜିମ୍ନାସିୟମ୍, ମଝିରେ ବାଲିର ପଡ଼ିଆ, ଆସନ କକ୍ଷ, ମ୍ୟୁଜିକ୍ ସହିତ ରିଦିମିକ୍ ଏକ୍‌ସର୍‌ସାଇଜ୍ ପାଇଁ ଗଦିପକା ଘର, ଟେବୁଲ ଟେନିସ୍ କକ୍ଷ, ଛୋଟ ପିଲାଙ୍କ ପାଇଁ ଚିଲଡ୍ରେନସ୍ କୋର୍ଟୟାର୍ଡ଼, ରବିବାର ଓ ଗୁରୁବାର ସନ୍ଧ୍ୟା ୦୭.୪୫ରୁ ୦୮.୧୫ ସମବେତ ଧ୍ୟାନ ସମୟରେ ଶ୍ରୀମା'ଙ୍କର କଣ୍ଠସ୍ୱରରେ 'ପ୍ରଶ୍ନୋତ୍ତର', ଅର୍ଗାନ୍ ବାଦନ ବା ସୁନିଲଦା'ଙ୍କ ମ୍ୟୁଜିକ୍ ସହିତ ମା'ଙ୍କର ସାବିତ୍ରୀ ପାଠ ବା ଅନ୍ୟାନ୍ୟ ସଙ୍ଗୀତ ପରିବେଷଣ, ରେଡ଼ିଓ, ଟି. ଭି. ମରାମତି ସହିତ ପ୍ରତି ଶନିବାର ସନ୍ଧ୍ୟାବେଳେ (୦୭.୪୫ରୁ) ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ପ୍ରୋଜେକ୍ଟର ରୁମ୍ ଇତ୍ୟାଦି କେତେ ଯେ ବ୍ୟବସ୍ଥା ରହିଛି ଯାହା ଅକଳ୍ପନୀୟ । ସମୁଦ୍ରକୂଳର ପରିତ୍ୟକ୍ତ ଆବର୍ଜନାପୂର୍ଣ୍ଣ ଜାଗାକୁ ସରକାରଙ୍କଠାରୁ ଲିଜ୍‌ରେ ନେଇ ସୁନ୍ଦର କରି ଟେନିସ୍ କୋର୍ଟ, ବାସ୍କେଟ୍ ବଲ୍ କୋର୍ଟ, ୱାକିଂ ଓ ରନିଂ ପାଇଁ ବାଲି ପଥ, ବକ୍‌ସିଂ ରିଂ, ରେସ୍‌ଲିଂ ପିଟ୍, ହାଇ ଜମ୍ପ, ଲଙ୍ଗ ଜମ୍ପ ପିଟ୍ ଇତ୍ୟାଦି ଦେଖିଲେ ଯେ କେହି ଆଶ୍ଚର୍ଯ୍ୟାନ୍ୱିତ ହେବ । ଦୀର୍ଘକାଳ ଧରି ପ୍ରତିଦିନ ଶ୍ରୀମା ଟେନିସ୍ କୋର୍ଟରେ ଆଶ୍ରମବାସୀ କେତେକଙ୍କ ସହ ପ୍ରଣବଦା'ଙ୍କୁ ସଙ୍ଗରେ ରଖି ଉପରଓଳି ସାଢ଼େ ଚାରିଟାରେ ଖରାରେ ଟେନିସ୍ ଖେଳୁଥିଲେ ସମସ୍ତଙ୍କୁ ଉତ୍ସାହିତ କରି । ହେଲେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଆଶ୍ଚର୍ଯ୍ୟର କଥା ଯେ ଏହି ଟେନିସ୍ ଖେଳରେ ଅନ୍ୟମାନଙ୍କୁ ବିପକ୍ଷରେ ରଖି ଶ୍ରୀମା ଖେଳୁଥିଲେ ବି ପ୍ରଣବଦା'ଙ୍କୁ କେବେ ବି ବିପକ୍ଷରେ ରଖି ଖେଳି ନଥିଲେ, ସର୍ବଦା ନିଜର ପାର୍ଟନର୍ ଭାବେ ପାଖରେ ରଖି ଖେଳୁଥିଲେ । ଦାଦା କହୁଥିଲେ – ଖେଳରେ ମା'ଙ୍କୁ ସହାୟତା କରିବା ପାଇଁ ଦ୍ରୁତଗାମୀ ଓ ଜୋର୍‌ରେ ଆସୁଥିବା ବଲ୍‌ଗୁଡ଼ିକୁ ସେ ଫେରାଇ ଦେଉଥିଲେ ଯେପରି ମା'ଙ୍କୁ ଖେଳିବାରେ ସହଜ ହେବ ଓ ଆରାମ ମିଳିବ । ଏହା କି ପ୍ରକାର ନୈଷ୍ଠିକ ସେବା ଓ ସାହାଯ୍ୟର ଭାବ ତାହା ଅନୁମେୟ । ଏଠାରେ ଦାଦାଙ୍କ ପ୍ରତି ମା'ଙ୍କର ପୁତ୍ରବତ୍ ସ୍ନେହର ଦୃଷ୍ଟାନ୍ତ ଉଲ୍ଲେଖଯୋଗ୍ୟ । ଦାଦା ସବୁବେଳେ ଧଳା ହାଫ୍‌ପ୍ୟାଣ୍ଟ ଓ ହାଫ୍‌ସାର୍ଟ (ଇନ୍ କରି), ଧଳା ଜୋତା, ମୋଜା ପିନ୍ଧୁଥିଲେ । ଶ୍ରୀମା ଟେନିସ୍ ଖେଳିବା ପାଇଁ ସାଲୱାର, କମିଜ୍ ପିନ୍ଧି ମୁଣ୍ଡରେ କିଟିକ୍ୟାପ୍ (ତାଙ୍କରି ଉଦ୍ଭାବନ, ମିଲିଦି'ଙ୍କ ନିର୍ମିତ) ଲଗାଉଥିଲେ । ଧଳା ଜୋତା, ମୋଜା ପିନ୍ଧୁଥିଲେ । ତାଙ୍କର ଏହି ବେଶ ସତରେ ବଡ଼ ଚମତ୍କାର ଏବଂ ଆକର୍ଷଣୀୟ । ଶ୍ରୀମା'ଙ୍କର ଆଶ୍ରମସ୍ଥିତ ତ୍ରିତଳ ଏବଂ ଦ୍ୱିତଳ କକ୍ଷ ଦେଇ ବାହାର ରାସ୍ତାକୁ ବାହାରିବା ପୂର୍ବରୁ ଘରୁ ତଳକୁ ଆସିଥିବା ପାହାଚ ତଳେ ଏକ ଛୋଟ ସ୍ଥାନରେ ସମାନ ଧରଣର ଦୁଇଟି ଅଧା ଗୋଲେଇ ଗଦିପକା ଚେୟାର ରଖା ଯାଇଥାଏ, ଏବେ ବି ରହିଛି । ଉଭୟରେ ପାଖାପାଖି ଶ୍ରୀମା ଓ ପ୍ରଣବଦା' ବସନ୍ତି । ଖେଳିବାକୁ ଯିବା ପୂର୍ବରୁ ମା'ଙ୍କ ହାତରୁ ଗ୍ଲାସେ ଗରମ କ୍ଷୀର ପିଇ ଚକୋଲେଟ୍ ଖାଇ ଦାଦା ମା'ଙ୍କ ସହ ଗାଡ଼ିରେ ବସି ଟେନିସ୍ ଗ୍ରାଉଣ୍ଡକୁ ଯାଆନ୍ତି । ପବିତ୍ରଦା' ଗାଡ଼ି ଚଳାନ୍ତି । ଦିନେ ପ୍ରଣବଦା' ସାମନା ସିଟ୍‌ରେ ବସି ଚକୋଲେଟ୍‌ଟିଏ ଭାଙ୍ଗି ଖାଉଥିବା ସମୟରେ ମା' ରହସ୍ୟଛଳରେ ମଜା କରି ପିଲାଙ୍କ ପରି ଚକୋଲେଟ୍ ପାଇଁ ପଛ ସିଟ୍‌ରୁ ହାତଟି ବଢ଼ାଇ ଦେବା କଥା ଦାଦା ଆମୋଦିତ ହୋଇ କହୁଥିଲେ । ଟେନିସ୍ ଗ୍ରାଉଣ୍ଡ ପାଖ ସମୁଦ୍ରକୂଳ ବାଲିରେ ଶ୍ରୀମା ପ୍ରଣବଦା'ଙ୍କ ସହ 'ୱାକିଂ' ମଧ୍ୟ କରୁଥିଲେ । ପିଲା ଓ ବଡ଼ଙ୍କର ବକ୍‌ସିଂ ଓ ରେସଲିଂ ମଧ୍ୟ ବସି ଦେଖୁଥିଲେ । ଏହିସବୁ ଭବ୍ୟ ଦୃଶ୍ୟର ଫଟୋସବୁ ଆମେ ଦେଖିବାକୁ ପାଉ । ଏସବୁ ଦିବ୍ୟଜନନୀଙ୍କର ତାଙ୍କ ସନ୍ତାନଙ୍କ ସହ ମାନବୀୟ ଲୀଳା । ଟେନିସ୍ ଖେଳି ସାରି ଶ୍ରୀମା ଦାଦାଙ୍କ ସହିତ ପ୍ଲେ-ଗ୍ରାଉଣ୍ଡକୁ ଫେରୁଥିଲେ । ସେଠାରେ ବାଲି ପଡ଼ିଆରେ କେତେକ ସାଧିକାଙ୍କ (ଅଷ୍ଟସଖୀ କୁହାଯାଏ) ସହ ୱାକିଂ କରୁଥିଲେ । ଜ୍ୟେଷ୍ଠ ସାଧକ-ସାଧିକାଙ୍କ ଜିମ୍ନାଷ୍ଟିକ ମାର୍ଚ୍ଚିଂ (ସନ୍ଧ୍ୟା ୭:୧୫ ରୁ ୭:୪୫) ଦେଖୁଥିଲେ । ଶ୍ରୀଅରବିନ୍ଦଙ୍କ ବହି ଅନୁବାଦ କରୁଥିଲେ, କ୍ଲାସ ନେଉଥିଲେ । ସେଠାରେ ଥିବା ତାଙ୍କ କକ୍ଷରେ କେତେକଙ୍କ ସହ ସାକ୍ଷାତ୍‌କାର କରୁଥିଲେ । ଦାଦା ସେତେବେଳେ ଚିଲଡ୍ରେନସ୍ କୋର୍ଟୟାର୍ଡ଼ରେ ଛୋଟ

ପିଲାମାନଙ୍କ ସହ ରହୁଥିଲେ । କିନ୍ତୁ ଏହିଠାରେହିଁ ସେ ଜନୈକ ସାଧିକା ଗୁନ୍ଥି ରଖିଥିବା ଫୁଲମାଳଟିକୁ ଶ୍ରୀମା ସେଠାରୁ ଫେରିବା ପୂର୍ବରୁ ତାଙ୍କୁ ପିନ୍ଧାଇ ଦେଉଥିଲେ । ସେହି ମାଳଟିକୁ ଶ୍ରୀମା ଘରକୁ ଫେରି ପ୍ରଭୁ ଶ୍ରୀଅରବିନ୍ଦ ବିଶ୍ରାମ ନେଉଥିବା ବେଳେ ତାଙ୍କ ପାଦତଳେ ରଖି ଦେଉଥିଲେ । ଅପୂର୍ବ ଏସବୁ ଜୀବନ୍ତ କାହାଣୀ ଆଧ୍ୟାତ୍ମିକ ଇତିହାସରେ ବିରଳ ଏବଂ ଦିବ୍ୟ ଭାବୋଦ୍ରେକକାରୀ । ଦାଦାଙ୍କର ଶ୍ରୀମା'ଙ୍କୁ ପୁଷ୍ପମାଲ୍ୟ ପିନ୍ଧାଇ ଦେବା ଏବଂ ଶ୍ରୀମା ନିଜ ଗଳାରୁ ଓହ୍ଲାଇ ପ୍ରଭୁଙ୍କ ପାଦରେ ଅର୍ପଣ କରିଦେବା ଭକ୍ତି ଓ ସମର୍ପଣର ଚରମ ଦୃଷ୍ଟାନ୍ତ ।

ଶ୍ରୀମା ତାଙ୍କ ସହିତ ପ୍ରଣବଦା'ଙ୍କର ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଥିଲେ । ସେ ଦୁହେଁ ଏକତ୍ର ଶ୍ରୀମାଙ୍କର ଆଶ୍ରମସ୍ଥ ଦ୍ୱିତଳ କକ୍ଷରେ (ସମାଧି ପଛପଟେ ଦିଶୁଥିବା ନୀରଦଦା'ଙ୍କ ଘରର ଉପର ଲମ୍ବା କକ୍ଷ) ଭୋଜନ କରୁଥିଲେ । ସେଠାରେ ସମାନ ଧରଣର ଦୁଇଟି ଜାପାନୀ ଅଳ୍ପ ଉଚ୍ଚ ଟେବୁଲ ଓ ଦୁଇଟି ବସିବା ପାଇଁ ଗଦି ରଖା ଯାଇଛି । ଶ୍ରୀମା ସ୍ୱୟଂ ତାଙ୍କ ଦିବ୍ୟ ହସ୍ତରେ ପ୍ରସ୍ତୁତ ତରକାରୀ ପ୍ରଭୃତି ବାଟିରେ ଭର୍ତ୍ତି କରି ଦାଦାଙ୍କୁ ଖାଇବାକୁ ଦେଉଥିଲେ । ବିଦେଶୀମାନଙ୍କ ପାଇଁ ସ୍ୱତନ୍ତ୍ର ଭୋଜନ ବ୍ୟବସ୍ଥା ଥିବା ଗୋୟେଲ ଗେଷ୍ଟ ହାଉସ୍ ତଥା ଗଣପତ୍‌ରାମଙ୍କ କଟେଜ୍ ରେଷ୍ଟୁରାଣ୍ଟ ତଥା ଅନ୍ୟ ସ୍ଥାନରୁ ଶ୍ରୀମା'ଙ୍କ ପାଇଁ ପଠା ହେଉଥିବା ବିଶେଷ ଖାଦ୍ୟସବୁ ଶ୍ରୀମା ଦାଦାଙ୍କୁ ଖାଇବାକୁ ଦେଉଥିଲେ । ଶ୍ରୀମା'ଙ୍କ କିଚେନ୍‌ରୁ ରନ୍ଧାଖାଦ୍ୟ ଆସୁଥିଲା । ସବୁଠୁ ଆଶ୍ଚର୍ଯ୍ୟର କଥା – ଦାଦା କହୁଥିଲେ – ଶ୍ରୀମା ଏହି ମଧ୍ୟାହ୍ନ ଭୋଜନ ସମୟରେ ଦାଦାଙ୍କୁ ଫ୍ରେଞ୍ଚରେ ଦକ୍ଷ କରାଇବା ପାଇଁ ତାଙ୍କର ''ପ୍ରିଏର୍‌ସ୍ ମେଦିତାସିଓଁ'' (ଧ୍ୟାନ ଓ ପ୍ରାର୍ଥନା) ପଢ଼ି ଶୁଣାଇ ବୁଝାଇ ଦେଉଥିଲେ ଏବଂ ଏହିପରି ସମ୍ପୂର୍ଣ୍ଣ ବହିଟି ସେ ପଢ଼ାଇଥିଲେ । ପରେ ଯେତେବେଳେ ଶ୍ରୀମା ତାଙ୍କର ହସ୍ତଲିଖିତ 'ଧ୍ୟାନ ଓ ପ୍ରାର୍ଥନା' ବା ତାଙ୍କ ଦିନଲିପି-ଡାଏରିରୁ କିଛି ପୃଷ୍ଠା କାଟି ପୋଡ଼ି ଦେଉଥିଲେ, ସେ ସମୟରେ ସେହି ହାତଲେଖା ଖାତା କାଗଜରୁ ପ୍ରାର୍ଥନାର କିଛି କିଛି ଅଂଶ କାଟି ପୋଡ଼ିବା ପାଇଁ ଷ୍ଟୋଭ୍ ଆଣି ଦେଇଥିବା ଦ୍ୟୁମାନ୍ ଭାଇ ଓ ଉପସ୍ଥିତ ଅନ୍ୟ କେତେକଙ୍କ ସହ ଦାଦାଙ୍କୁ ମଧ୍ୟ ମା' ସେଥିରୁ କିଛି ପୃଷ୍ଠା ଦେଇଥିଲେ; ଯାହା ଧ୍ୟାନ ଓ ପ୍ରାର୍ଥନା ବହିରେ ଛପା ହୋଇ ନାହିଁ, କିନ୍ତୁ ଅପୂର୍ବ ପ୍ରାର୍ଥନା – ଯାହାର ତୁଳନା ନାହିଁ । ତେବେ କାହିଁକି ମା' କିଛି ପୃଷ୍ଠା କାଟି ପୋଡ଼ି ଦେଇଥିଲେ ତାହା ତାଙ୍କୁହିଁ ଜଣା । ଦାଦାଙ୍କୁ ଶ୍ରୀମା ଦେଇଥିବା ସେହି ହାତଲେଖା ପ୍ରାର୍ଥନା ଦାଦା ତାଙ୍କ ବହିରେ ଛପାଇଛନ୍ତି । ତାଙ୍କୁ ଶ୍ରୀମାତୃ ପ୍ରଦତ୍ତ ବହୁ ବାଣୀ ଏବେ ବି ଅପ୍ରକାଶିତ ରହିଛି ଯାହା ମହାର୍ଘ ।

ଟେନିସ୍ ଗ୍ରାଉଣ୍ଡ ଓ ପ୍ଲେ-ଗ୍ରାଉଣ୍ଡ ପରେ ସ୍ପୋର୍ଟସ୍ ଗ୍ରାଉଣ୍ଡ କଥା । ଆଶ୍ରମଠାରୁ ଦେଢ଼ କିଲୋମିଟର ଦୂରରେ 'ମୁଥିଆଲ୍‌ପେଟ୍' ନାମକ ସ୍ଥାନରେ ଶ୍ରୀମା ଆଶ୍ରମ ଇଞ୍ଜିନିୟର ଉଦାରଙ୍କ ପ୍ରଚେଷ୍ଟା ଓ ପ୍ରଣବଦା'ଙ୍କ ଆୟୋଜନରେ ନିର୍ମିତ ସବୁଜ ଘାସର ବିସ୍ତୀର୍ଣ୍ଣ ସଫଟ୍ ବଲ୍, ଫୁଟବଲ୍, ହକି ଖେଳର ପଡ଼ିଆ ପ୍ରସ୍ତୁତ କରିଥିଲେ । କିଛି ଜମି ଲିଜ୍‌ରେ ନିଆ ହୋଇଥିଲା, କିଛି କିଣା । ପାଖରେ ପୁଣି ବାସ୍କେଟ୍ ବଲ୍ ଓ ଭଲିବଲ୍‌ର କୋର୍ଟସବୁ । ତା'ଛଡ଼ା ଏକ ବିଶ୍ୱସ୍ତରୀୟ 'ସୁଇମିଂ ପୁଲ୍ ବା ସନ୍ତରଣ ପୁଷ୍କରିଣୀ' ଓ ବ୍ୟାଣ୍ଡ କ୍ୱାର୍ଟର । ସବୁଠି ଭଗବତୀ ଶ୍ରୀମା ତାଙ୍କର ଦିବ୍ୟ ପାଦ ଥାପିଛନ୍ତି । କିନ୍ତୁ ସୁଇମିଂ ପୁଲ୍ ନିକଟସ୍ଥ ମୁଖ୍ୟ କ୍ରୀଡ଼ା ପ୍ରାଙ୍ଗଣରେ ଶ୍ରୀମା'ଙ୍କ ଆସ୍ଥାନ ତାଙ୍କ ସିମ୍ବଲ୍ ସହିତ ରହିଛି, ଯେଉଁଠି ଠିଆ ହୋଇ ସେ ଆଶ୍ରମ ଶାରୀରିକ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ ଡିସେମ୍ବର ୨ ତାରିଖରେ ଗ୍ରୁପ୍ ମେମ୍ବରମାନଙ୍କର ମାର୍ଚ୍ଚପାଷ୍ଟରେ ସାଲ୍ୟୁଟ୍ ଗ୍ରହଣ କରୁଥିଲେ ଏବଂ ସେଠାରେ ବସି ସମସ୍ତ କାର୍ଯ୍ୟକ୍ରମ ଦେଖୁଥିଲେ । ସବୁଜ ଘାସ ପଡ଼ିଆର ଚାରି ପାଖରେ ଦୌଡ଼ିବା ଓ ଚାଲିବା ପାଇଁ ସୁନ୍ଦର ସିଣ୍ଡର ଟ୍ରାକ୍ । ପ୍ରତିଯୋଗିତା ସମୟରେ ଶ୍ରୀମା ଏକ ନିର୍ଦ୍ଦିଷ୍ଟ ସ୍ଥାନ (ଫିନିସିଂ ଲାଇନ୍)ରେ ଛିଡ଼ା ହୋଇ ଗୋଲ୍‌ଡେନ୍ (ହଳଦିଆ) ରିବନ୍ ଧରିବା, ଫୁଟବଲ ଖେଳ ଆରମ୍ଭରେ 'ବଲ୍ କିକ୍' କରିବା, କମ୍ପିଟିଶନ୍ ସମୟରେ ପ୍ରତିଯୋଗୀମାନଙ୍କ ଫଳାଫଳ ଦେଖିବା, ସୁଇମିଂ ପୁଲ୍ ଉଦ୍‌ଘାଟନ ପରେ ପାଖରେ ବସି ସୁଇମିଂ କମ୍ପିଟିଶନ୍ ଦେଖିବା ଇତ୍ୟାଦି ଯାବତୀୟ କାର୍ଯ୍ୟରେ ଶ୍ରୀମା ଉପସ୍ଥିତ ରହୁଥିଲେ ଓ ଖେଳାଳୀମାନଙ୍କୁ ଉତ୍ସାହିତ କରୁଥିଲେ ଏବଂ ତାଙ୍କ ସହ ରହୁଥିଲେ ଦାଦା ।

ଶ୍ରୀଅରବିନ୍ଦ ଆଶ୍ରମର ଶାରୀରିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍ (ପତ୍ରିକା) ପ୍ରକାଶ କରି ସେଥିରେ ଶ୍ରୀମା ସ୍ୱୟଂ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ କହି ଶାରୀରିକ ଶିକ୍ଷା ଓ ରୂପାନ୍ତର ସମ୍ପର୍କରେ ତାଙ୍କର ମହାର୍ଘ ଲେଖା ପ୍ରକାଶ କରିଥିଲେ ଏବଂ ବୁଲେଟିନ୍‌ରେ ପ୍ରତିଯୋଗୀମାନଙ୍କ ଫଟୋ ପ୍ରକାଶିତ ହେଉଥିଲା । ଏବେ ବି ହେଉଛି । ବୁଲେଟିନ୍ ଅଫିସରୁ ଏହି ବୁଲେଟିନ୍ ଶାରୀରିକ ଶିକ୍ଷାକେନ୍ଦ୍ରର କ୍ୟାପ୍‌ଟେନ୍ ତଥା କର୍ମୀମାନଙ୍କୁ ମୁକ୍ତ ବିତରିତ ହୁଏ । ଶାରୀରିକ ଶିକ୍ଷାକେନ୍ଦ୍ର ତରଫରୁ ସେମାନଙ୍କର

ଏକ ଲିଷ୍ଟ ବା ତାଲିକା ଟାଇପ୍ କରି ପ୍ରକାଶିତ ହୁଏ । ଏବେ କମ୍ପ୍ୟୁଟରରେ କରା ହେଉଛି । ଶାରୀରିକ ଶିକ୍ଷାକେନ୍ଦ୍ରର କାର୍ଯ୍ୟ ଦାଦା ଏତେ ବ୍ୟାପକ ଓ ବହୁମୁଖୀ କରି ଦେଇଥିଲେ ଯେ ସେସବୁ ଲେଖିଲେ ବିରାଟ ପୁସ୍ତକ ହେବ । ଏ ସମ୍ପର୍କିତ କେତେକ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି ।

ସବୁଠୁ ଯାହା ଗୁରୁତ୍ୱପୂର୍ଣ୍ଣ ଏବଂ ଉଲ୍ଲେଖନୀୟ ତାହା ହେଲା ପ୍ରଭୁ ଶ୍ରୀଅରବିନ୍ଦ ଓ ଭଗବତୀ ଶ୍ରୀମା'ଙ୍କ ଦର୍ଶନ ସମୟରେ ଶାରୀରିକ ଶିକ୍ଷାକେନ୍ଦ୍ରର ସଦସ୍ୟ (ଗ୍ରୁପ୍‌ମେମ୍ବର)ମାନଙ୍କ ଦ୍ୱାରା ଦର୍ଶନ କକ୍ଷ ଆଗରେ ମାର୍ଚ୍ଚପାଷ୍ଟ କରି ସାଲ୍ୟୁଟ୍ ପ୍ରଦାନ । ଏହା ଆଧ୍ୟାତ୍ମିକ ଇତିହାସରେ ଏକ ବିରଳ ଦୃଷ୍ଟାନ୍ତ । ପ୍ଲେ-ଗ୍ରାଉଣ୍ଡରେ ଦର୍ଶନ ଦିନଗୁଡ଼ିକର ସନ୍ଧ୍ୟାରେ (ସାଢ଼େ ଛଅଟା) ଏହି ମାର୍ଚ୍ଚପାଷ୍ଟ ଓ ସେଠାରେ ଶ୍ରୀମାଙ୍କ ବିଶ୍ରାମ କକ୍ଷର କାନ୍ଥରେ ଶ୍ରୀମା'ଙ୍କ ଦ୍ୱାରା ଅଙ୍କିତ ହୋଇଥିବା ପୂର୍ଣ୍ଣାଙ୍ଗ ଭାରତର ମାନଚିତ୍ର ସମ୍ମୁଖରେ ଶ୍ରୀମା ଦଣ୍ଡାୟମାନ ରହି ସାଲ୍ୟୁଟ୍ ଗ୍ରହଣ କରନ୍ତି ଏବଂ ଏବେ ବି ସେଠାରେ ପୂର୍ବପରି ମା'ଙ୍କ ଚେୟାର ରଖାଯାଇ ସାଲ୍ୟୁଟ୍ ପ୍ରଦାନ କରାଯାଏ । ସେହି ମାନଚିତ୍ରର ଦୁଇପଟେ ଶ୍ରୀମା'ଙ୍କ ସିମ୍ବଲ ଥିବା ଦୁଇଟି ପତାକା ମାର୍ଚ୍ଚପାଷ୍ଟ ଲିଡିଂ କରୁଥିବା ଦୁଇଜଣ (ପୁରୁଷ ଓ ନାରୀ କ୍ୟାପ୍‌ଟେନ୍) କାନ୍ଥରେ ଲଗା ହୋଇଥିବା ପତାକା ବାଡ଼ି ଆଧାରରେ ରଖି ଦିଅନ୍ତି ଯାହା ମାର୍ଚ୍ଚପାଷ୍ଟ, 'ବନ୍ଦେ ମାତରମ୍' ଗାନ ଓ ବ୍ୟାଣ୍ଡବାଦନ ପରବର୍ତ୍ତୀ ସମବେତ ଧ୍ୟାନ ଶେଷ ହେବା ଯାଏ ରହେ । ଆଶ୍ରମରେ ଏତେସବୁ କାର୍ଯ୍ୟକ୍ରମ (ରୀତିନୀତି)ର ପ୍ରଚଳନ ସ୍ୱୟଂ ଶ୍ରୀମାଙ୍କ ନିର୍ଦ୍ଦେଶରେ ପ୍ରଣବଦା' ତଥା ତାଙ୍କ ସହକର୍ମୀମାନଙ୍କ ଦ୍ୱାରା ଆଶ୍ରମବାସୀମାନଙ୍କୁ ଶୃଙ୍ଖଳିତ, ନିୟମନିଷ୍ଠ, ସଂଯତ ଓ ସକ୍ରିୟ ରଖିବା ପାଇଁ ଏସବୁ ଆନୁଷ୍ଠାନିକ କାର୍ଯ୍ୟଧାରା ଗ୍ରହଣ କରା ହୋଇଛି ।

ସମୁଦ୍ରକୂଳ ଟେନିସ୍ ଗ୍ରାଉଣ୍ଡର ଅପର ପାର୍ଶ୍ୱରେ ରାସ୍ତା ଆରପଟେ ଏକ ଜୁଡ଼ୋ ହଲ୍ (ଡୋଜୋ କୁହାଯାଏ)ରେ ଜାପାନୀ ପ୍ରଣାଳୀରେ ଜୁଡ଼ୋ ପିଲାଙ୍କୁ ଶିକ୍ଷା ଦିଆଯାଏ ।

ଆଶ୍ରମର ଥିଏଟର୍ ହଲ୍ ପ୍ରସିଦ୍ଧ । ଏଥିରେ ବିଭିନ୍ନ ସମୟରେ ବିଭିନ୍ନ ନାଟକ, ସବୁପ୍ରକାର ନୃତ୍ୟ, ଗୀତ, ବାଦ୍ୟ ସଙ୍ଗୀତ ପରିବେଷିତ ହୁଏ । ସ୍ୱୟଂ ଶ୍ରୀମା ଉପସ୍ଥିତ ରହି ଆଶ୍ରମ ଶିକ୍ଷାକେନ୍ଦ୍ରର ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀଅରବିନ୍ଦ ଓ ତାଙ୍କ ଲିଖିତ ନାଟକସବୁ ପରିବେଷଣ କରିବା ପାଇଁ ନିର୍ଦ୍ଦେଶନା ଦେଉଥିଲେ । ସେଠାରେ ବଡ଼ଦିନ ପର୍ବ ଖ୍ରୀଷ୍ଟଜନ୍ମ ପୂର୍ବରୁ ଭାରତରେ ପ୍ରଚଳିତ ଥିବା ଆଲୋକର ଜନ୍ମଦିନ ଡିସେମ୍ବର ୨୫ରେ (ଖ୍ରୀଷ୍ଟମାସ ଦିନ) ପାଳିତ ହୁଏ ଓ ଶ୍ରୀମା ଉପସ୍ଥିତ ରହି ଆଶ୍ରମବାସୀମାନଙ୍କୁ ବିଭିନ୍ନ ଜିନିଷ ଓ କେକ୍ ଉପହାର ଦିଅନ୍ତି । ସବୁ ସମୟରେ ଦାଦା ମା'ଙ୍କ ସହ ରହନ୍ତି । ପୁଣି କେବେ କେବେ ସନ୍ଧ୍ୟା ପୂର୍ବରୁ ଶ୍ରୀମା ଆଶ୍ରମଠାରୁ ଦୂରବର୍ତ୍ତୀ ସ୍ଥାନମାନଙ୍କୁ ତଥା ଆଶ୍ରମର ଉଦ୍ୟାନମାନଙ୍କୁ ଦାଦା ଓ ଅନ୍ୟ କେତେକ ଆଶ୍ରମ ଅନ୍ତେବାସୀଙ୍କ ସହ ବୁଲି ଯାଉଥିଲେ ତାଙ୍କର ୧୨ ନମ୍ବର କଳା କାର୍‌ରେ । ପବିତ୍ରଦା' ଗାଡ଼ି ଚଳାଉଥିଲେ । 'ଅରୋଭିଲ୍' ହେବା ପୂର୍ବରୁ ମା' ସେ ସ୍ଥାନକୁ ଯାଇଥିଲେ ବୋଲି ଦାଦା କହୁଥିଲେ । ପରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ସ୍ୱପ୍ନ ଓ ପରିକଳ୍ପିତ ଅରୋଭିଲ୍ ତଥା ସ୍ୱର୍ଣ୍ଣାଚ୍ଛାଦିତ ମାତୃମନ୍ଦିର ତଥା ଶ୍ରୀମା'ଙ୍କ ସିମ୍ବଲ ଅନୁସାରେ ତା'ର ଚତୁଃପାର୍ଶ୍ୱରେ ଭବ୍ୟ ଉଦ୍ୟାନ ସାକାର ରୂପ ନେଇଛି ।

'ଆଶ୍ରମ ଟ୍ରଷ୍ଟ' ଗଠନ କରି ଶ୍ରୀମା ତା'ର 'ଡିଡ୍' ସାଇନ୍ କରିଥିଲେ ପଣ୍ଡିଚେରୀ ବର୍ଡ଼ରରେ ତାମିଲନାଡୁ ଅନ୍ତର୍ଗତ ଆଶ୍ରମ ଉଦ୍ୟାନ 'ଲେକ୍ ଇଷ୍ଟେଟ୍'ରେ । ଏବେ ସେଠାକାର ଅଫିସ ପାଖ ଘରେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ବ୍ୟବହୃତ ଧୋତି, ଶାଢ଼ୀ ଓ ଜୋତା ସୁସଜ୍ଜିତ ରହିଛି । ଆଶ୍ରମର ଗୋଶାଳା (ଡାଏରୀ ଫାର୍ମ), ପୋଲଟ୍ରି (କୁକୁଡ଼ା ଘର) ତଥା ଚାଷକ୍ଷେତ ଓ ଉଦ୍ୟାନମାନଙ୍କୁ ଏବଂ 'ଲ ଫୋସର୍' ଉଦ୍ୟାନ ପାଖ ଅନନ୍ତ ଆଇଲାଣ୍ଡକୁ ଶ୍ରୀମା ପ୍ରଣବଦା'ଙ୍କ ସହ ବୁଲି ଯାଉଥିଲେ । ଆଇଲାଣ୍ଡକୁ ମା' ଅନ୍ୟମାନଙ୍କ ସହ ଏକ ସୁନ୍ଦର ମୟୂର କଣ୍ଠ ସଦୃଶ ନୌକା (ବୋଟ୍)ରେ ଯାଉଥିଲେ । ଦାଦା ଗଳାରେ କ୍ୟାମେରା ଝୁଲାଇ ମା'ଙ୍କ ସହ ଯାଉଥିବାର ସୁଦୃଶ୍ୟ ଫଟୋସବୁ ରହିଛି । ସମସ୍ତ କାର୍ଯ୍ୟମୁଖ୍ୟ ତଥା କର୍ମୀମାନଙ୍କୁ ଉତ୍ସାହିତ କରିବା ପାଇଁ ଶ୍ରୀମା ସବୁଠାରେ ଦାଦାଙ୍କ ସହ ଉପସ୍ଥିତ ରହୁଥିଲେ, ସମର୍ପିତ କର୍ମର ପ୍ରଣାଳୀ ବତାଇ ଦେଉଥିଲେ । ଯେଉଁଠି ମା', ସେଇଠି ଦାଦା । ଶ୍ରୀମାତୃସଙ୍ଗ ଲାଭ ଦାଦାଙ୍କ ପରି ଆଉ କାହାକୁ ମିଳି ନାହିଁ ।

ରାତିସାରା ଶ୍ରୀମା'ଙ୍କ କକ୍ଷରେ କାନ୍ଥ ପାଖକୁ ଚଟାଣରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ମା'ଙ୍କ ଦେହରକ୍ଷୀ ସ୍ୱରୂପ ସଦାଜାଗ୍ରତ୍ ରହିବା ଓ ତାଙ୍କର ଦେଖାଶୁଣା କରିବା, ବିଛଣା ସଜାଡ଼ି ଦେବା ଇତ୍ୟାଦି ଦାଦା ଅତ୍ୟନ୍ତ ନିଷ୍ଠାର ସହ କରିଛନ୍ତି ।

ଶ୍ରୀଅରବିନ୍ଦ ୧୯୫୦ ମସିହା ଡିସେମ୍ବର ମାସ ୫ ତାରିଖ ରାତି ୧:୨୬ରେ ଶରୀର ତ୍ୟାଗ କରିବା ପୂର୍ବରୁ ଓ

ପରେ ଦାଦା ଶ୍ରୀମା'ଙ୍କ ସହ ଛାଇ ପରି ସବୁବେଳେ ରହି ଶ୍ରୀମା'ଙ୍କୁ ରୂପାନ୍ତର କାର୍ଯ୍ୟ ଆଗେଇ ନେବାରେ ଅତ୍ୟନ୍ତ ସହାୟକ ହୋଇଥିଲେ । ସେଥିପାଇଁ ମା' ଅତ୍ୟନ୍ତ କୃତଜ୍ଞ ଚିତ୍ତରେ ଦାଦାଙ୍କୁ ତାଙ୍କର ସ୍ନେହପୂର୍ଣ୍ଣ ବାଣୀ ଏହିପରି ଲେଖିଥିଲେ –

"I want to tell you to what point you are what Sri Aurobindo asked you to be when He left His body – the material support of my body, the energy that enbles it to face all the ordeals after this sudden and irreparable collapse of that feeling of total and absolute security that gave me thirty years of unmixed happiness."

(By the Way, Part. III, P. 151)

ଅର୍ଥାତ୍, ''ମୁଁ ତୁମକୁ କହିବାକୁ ଚାହୁଁଛି – ଶ୍ରୀଅରବିନ୍ଦ ଯେତେବେଳେ ଶରୀର ତ୍ୟାଗ କଲେ, ସେ ତୁମକୁ ଯାହା ହେବାକୁ କହିଥିଲେ ତାହା ତୁମେ କେତେଯାଏ ହୋଇ ଉଠିଛ – ମୋ ଶରୀରର ଭୌତିକ ସହାୟକ, ସେହି ଶକ୍ତି ଯାହା ଏହି ଅଚାନକ ଏବଂ ଅପୂରଣୀୟ କ୍ଷତି ସମୟରେ ସବୁପ୍ରକାର ବାଧାବିଘ୍ନର ସମ୍ମୁଖୀନ ହେବାକୁ ମୋତେ ତୁମେ ସମର୍ଥ କଲ ଆଉ ପରିପୂର୍ଣ୍ଣ ତଥା ଚରମ ନିରାପତ୍ତାର ସେହି ଅନୁଭବ ଯାହା ମୋତେ ତିରିଶ ବର୍ଷ ଧରି ଅମିଶ୍ର ତୃପ୍ତି ପ୍ରଦାନ କରିଛି ।''

ଏହି ବାଣୀଟିରୁ ଅନୁମେୟ ଯେ ଦାଦା କିପରି ମା'ଙ୍କର ସେବା କରୁଥିଲେ ।

୧୬ ମେ, ୧୯୫୭ରେ ଶ୍ରୀମା ଦାଦାଙ୍କୁ ଲେଖି ଦେଇଥିବା ଆଉ ଏକ ଅତ୍ୟନ୍ତ ମର୍ମସ୍ପର୍ଶୀ ସତ୍ୟୋଦ୍‌ଘାଟକ କୃତଜ୍ଞତାପୂର୍ଣ୍ଣ ବାଣୀ –

"To thee whom my love selected when the time had come to start my work on the most material level.

"I did not see in thee the man, but the human being capable of supramentalisation, the aspiration for physical perfection, the effort towards total transformation, the will to divinise the body and a natural and spontaneous capacity to do so, a physical harmony already partly realised and a growing possibility of expressing materially the psychic consciousness with the certitude of final Victory."

(16.5.57) (By the Way, Part. III, P. 33)

ଅର୍ଥାତ୍, ''ତୁମକୁ, ଯାହାକୁ ମୋର ପ୍ରେମ ବାଛିନେଲା ଯେତେବେଳେ ଅତି ସ୍ଥୂଳ କ୍ଷେତ୍ରରେ ମୁଁ ମୋ କାର୍ଯ୍ୟ କରିବାକୁ ଆରମ୍ଭ କଲି ।

''ମୁଁ ତୁମ ଭିତରେ ଜଣେ ମଣିଷକୁ ଦେଖୁନି, ବରଂ ଜଣେ ମାନବୀୟ ସତ୍ତା ଯିଏ ଅତିମାନବ ହେବାରେ ସକ୍ଷମ ତାକୁ ଦେଖୁଛି,– ଭୌତିକ ପୂର୍ଣ୍ଣତା ପାଇଁ ଅଭୀପ୍ସା, ପୂର୍ଣ୍ଣ ରୂପାନ୍ତର ପାଇଁ ପ୍ରଚେଷ୍ଟା, ଶରୀରକୁ ଦିବ୍ୟ କରିବା ପାଇଁ ସଂକଳ୍ପ ଏବଂ ତାହା କରିବା ପାଇଁ ଏକ ସ୍ୱାଭାବିକ ଓ ସ୍ୱତଃସ୍ଫୂର୍ତ୍ତ କ୍ଷମତା, ଏକ ଶାରୀରିକ ସଙ୍ଗତି ଯାହା ଆଂଶିକଭାବେ ଅଧିଗତ ହୋଇ ସାରିଛି, ଏବଂ ଚୈତ୍ୟ ଚେତନାକୁ ଭୌତିକ କ୍ଷେତ୍ରରେ ପ୍ରକାଶ କରିବା ପାଇଁ ସମ୍ଭାବନା ଜାଗରୂକ ରହିଛି । ପୂର୍ଣ୍ଣ ବିଜୟ ପାଇଁ ମୋର ନିଶ୍ଚିତତା ସହ ।''

ଦାଦାଙ୍କୁ ତାଙ୍କ ପୂର୍ଣ୍ଣ ସ୍ୱରୂପରେ ଜାଣିବା ପାଇଁ ତାଙ୍କ ସମ୍ବନ୍ଧରେ ଏହାଠାରୁ ଆଉ ଅଧିକ କ'ଣ କୁହାଯାଇପାରେ ବା ଲେଖା ଯାଇପାରେ ? ଶ୍ରୀମା ଦାଦାଙ୍କର ପରିଚୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଲେଖି ଯାହା ସମ୍ଭାବନା ଥିଲା ତାହା ବି ଉଲ୍ଲେଖ କରିଛନ୍ତି । ହେଲେ ସେହି ପୂର୍ଣ୍ଣ ବିଜୟ ଶାରୀରିକ ରୂପାନ୍ତର ଏବଂ ଦିବ୍ୟ ଶରୀରରେ ଅମରତ୍ୱ ଏହି ଶରୀରରେ ସମ୍ଭବ ହେଲା ନାହିଁ, କିନ୍ତୁ ଯେହେତୁ ଚୈତ୍ୟସତ୍ତା ଅମର ଏବଂ ତା'ର ପୁନର୍ଜନ୍ମ ସେ ଶରୀରର ବିଲୟ ସମୟରେ ନିର୍ଦ୍ଧାରଣ କରେ ଏବଂ ପୂର୍ବଜନ୍ମର ଅବଶିଷ୍ଟ କାର୍ଯ୍ୟ ପରଜନ୍ମରେ ଅନ୍ୟ ଶରୀରରେ କରିଚାଲେ ତେଣୁ ଶ୍ରୀମା'ଙ୍କ ପ୍ରତିଶ୍ରୁତ ପୂର୍ଣ୍ଣବିଜୟ ଦିନେ ଅବଶ୍ୟ ଲାଭ ହେବ – ଏଥିରେ ସନ୍ଦେହ ନାହିଁ । ଚୈତ୍ୟସତ୍ତାର କାର୍ଯ୍ୟ ଗୋଟିଏ ଜନ୍ମରେ ଶେଷ ହୁଏ ନାହିଁ – ଜନ୍ମଜନ୍ମାନ୍ତର ଧରି ତାହା ଅଗ୍ରଗତି ପଥରେ ଚାଲିଥାଏ ଏବଂ ଚାଲିବ ମଧ୍ୟ ।

ଶ୍ରୀମା'ଙ୍କର ଏହିପରି ଦାଦାଙ୍କୁ ଦେଇଥିବା ବହୁ ବାଣୀ ରହିଛି । ସେଥି ମଧ୍ୟରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଉ ଦୁଇଟି ବାଣୀ ଏଠାରେ ଉଲ୍ଲେଖ କରୁଛି – ୧୮ ଅକ୍ଟୋବର ୧୯୬୫ରେ ମା' ପ୍ରଣବଦା'ଙ୍କ ଜନ୍ମଦିନରେ ଲେଖିଛନ୍ତି –

18. 10. 1965
"O thou who art the
strength of my body,
to thee all my love
and my gratefulness."

୧୮.୧୦.୬୫
''ତୁମେ ଯିଏକି
ମୋର ଶରୀରର ଶକ୍ତି,
ତୁମ ପ୍ରତି ମୋର ସମସ୍ତ ପ୍ରେମ
ଏବଂ ମୋର କୃତଜ୍ଞତା ।''

ଶ୍ରୀମା'ଙ୍କ ସ୍ନେହ ଓ କୃତଜ୍ଞତାର, ଆସ୍ଥା ଓ ବିଶ୍ୱାସର, ଘନିଷ୍ଠତା ଓ ଏକାତ୍ମତାର ଏହି ଅନନ୍ୟ ପରିପ୍ରକାଶ ଦାଦା କ'ଣ ଥିଲେ ତାହା ସ୍ପଷ୍ଟ କରେ ।

ଏବେ ଶ୍ରୀମା'ଙ୍କର ଏକ ଚରମ ପ୍ରତିଶ୍ରୁତିର ଉଲ୍ଲେଖ କରି ଏହି ଲେଖାଟି ଶେଷ କରିବା ।

ଶ୍ରୀମା ଦାଦାଙ୍କୁ କହିଥିଲେ – "I am not saying that I'll leave my body, but someday I do then I shall diffuse myself with you."

''ମୁଁ କହୁନି ଯେ ମୁଁ ମୋର ଶରୀର ତ୍ୟାଗ କରିବି, କିନ୍ତୁ ଯଦି କେଉଁ ଦିନ ତାହା କରେ, ତା'ହେଲେ ମୁଁ ତୁମ ମଧ୍ୟରେ ନିଜକୁ ମିଳାଇ ଦେବି ।''

ଦାଦା ମା'ଙ୍କୁ ତାଙ୍କ ଶରୀରରେ ଧରି ରଖିଥିଲେ ଓ ପ୍ରକାଶ କରୁଥିଲେ – ଏହା ଅନୁଭବୀହିଁ ଜାଣେ । ଅଧିକେନ କିମ୍ ? ❑

## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ - ୨୦୨୪

ଆସନ୍ତା ପଞ୍ଚଚାଳିଶତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ୨୦୨୪, ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ **କଟକ, ମାତୃଭବନ** ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ସମ୍ମିଳନୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ରଚିତ ''**ସିଦ୍ଧାନ୍ତ ସମନ୍ୱୟ**'' ପୁସ୍ତକଟି ଉପରେ ଦଳଗତ ଆଲୋଚନା ହେବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀକୁ ଆସିବା ପୂର୍ବରୁ ପୁସ୍ତକଟିକୁ ଉତ୍ତମ ରୂପେ ଅଧ୍ୟୟନ କରି ଆଲୋଚନାରେ ଅଂଶ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ଆସିବାକୁ ଅନୁରୋଧ । ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ମାତୃପ୍ରେମୀ, ବିଶେଷ କରି ମହିଳା ପାଠଚକ୍ର ଏବଂ ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇଙ୍କୁ ବହୁ ସଂଖ୍ୟାରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ ।

ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥିରେ ନେଇ ଆସିବା ପାଇଁ ଅନୁରୋଧ । ଦୟାକରି ସାନପିଲାଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରନ୍ତି ।

ଆପଣମାନଙ୍କର
ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ସଭ୍ୟାବୃନ୍ଦ,
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩, ଓଡ଼ିଶା

**ଯୋଗାଯୋଗ :**
ଅଞ୍ଜଳି ସିହ୍ନା : ୦୯୪୩୭୭୪୧୪୦୮; ଡା: ଶ୍ୟାମା କାନୁନ୍‌ଗୋ : ୦୯୪୩୭୦୨୧୫୫୪;
ମନୋରମା ରାଉତ : ୦୯୪୩୭୫୫୭୪୭୯; ଡା: ବିଜୟିନୀ ମହାପାତ୍ର : ୦୯୪୩୭୦୨୩୪୨୬

# ଦ୍ୱୀପାନ୍ତରର କଥା

## (ଷଷ୍ଠ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ଉପେନ୍‌ର କଥା – ଧର୍ମଘଟ
### (୧)

କଳାପାଣି ଜେଲରେ ପହଞ୍ଚିବା ମାତ୍ରେ ଆମ ଭିତରେ ଯେଉଁମାନେ ବ୍ରାହ୍ମଣ ଥିଲେ ତାଙ୍କର ପଇତା ବାହାର କରି ଦିଆଗଲା । ଆମ ଦେଶର ଜେଲରେ ଏପରି କୌଣସି ନିୟମ ନଥିଲେ ମଧ୍ୟ କଳାପାଣିରେ ଏହି ନିୟମ ବଳବତ୍ତର । ଜେଲ ହେଉଛି ଜଗନ୍ନାଥଙ୍କ କ୍ଷେତ୍ର – ଏଠାରେ ଜାତିଭେଦ ମରିଯାଇ ପ୍ରାୟତଃ ପ୍ରେତଦଶା ଲାଭ କରିଛି । କିନ୍ତୁ ମୁସଲମାନମାନଙ୍କର ଦାଢ଼ି ଅବା ଶିଖଙ୍କର ଚୁଳରେ ହାତ ଦିଆଯାଏ ନାହିଁ; କିନ୍ତୁ ବ୍ରାହ୍ମଣର ପଇତା କାଢ଼ି ନେବାକୁ ସମସ୍ତେ କ୍ଷିପ୍ର ହସ୍ତ । ତା'ର କାରଣ ଶିଖ ଆଉ ମୁସଲମାନମାନେ ଜିଦ୍‌ଖୋର, ବ୍ରାହ୍ମଣ ହେଲେ ନିରୀହ । ଯା' ହେଉ, ତେଜହୀନ ବ୍ରାହ୍ମଣର ଚିହ୍ନଟିକୁ ତ୍ୟାଗ କରି ଆମେ ତାଙ୍କ ଦଳରେ ମିଶିଗଲୁ । ମଜାର କଥା ଏହି ଯେ କୌଣସି ବ୍ରାହ୍ମଣକୁ ବିଶେଷ ଆପତ୍ତି କରିବାର ଦେଖିଲି ନାହିଁ । ଏଇ ଜଗତରେ ଯିଏ ବିନା ପ୍ରତିବାଦରେ ମାଡ଼ ଖାଏ, ତାକୁହିଁ ମାରିବା ପାଇଁ ସମସ୍ତଙ୍କ ହାତ ଅସ୍ଥିର ହୁଏ । ଅନେକ ଦିନ ପରେ ରାମରକ୍ଷା ନାମକ ଜଣେ ପଞ୍ଜାବୀ ବ୍ରାହ୍ମଣ କେବଳ ଏହାର ପ୍ରତିବାଦ କରିଥିଲେ । ସେ କାରାଧକ୍ଷଙ୍କୁ କହିଲେ ଯେ, ପଇତା ନଥିଲେ ଖାଇବା ପିଇବା ତାଙ୍କର ନିଷିଦ୍ଧ; ସୁତରାଂ ପଇତା କାଢ଼ି ଦେଲେ ସେ ଜେଲଖାନାର ଅନ୍ନ ଗ୍ରହଣ କରିବେ ନାହିଁ ! ସେ ଚୀନ, ଶ୍ୟାମ, ଜାପାନ, ଅନେକ ବୁଲିଛନ୍ତି; ଜାତିଭେଦର ପ୍ରଚଣ୍ଡ ଜିଦ୍‌ଖୋର ନୀତି ତାଙ୍କର ଥିଲା ବୋଲି ମନେ ହେଉ ନଥିଲା, ତେବେ କର୍ତ୍ତବ୍ୟ ଦୃଷ୍ଟିରୁ ପଇତାହରଣ ବିରୋଧରେ ସେ ଏତେ ଦୂର ଲଢ଼େଇ କରି ଆସିଛନ୍ତି । ଦୁର୍ବଳର କଥାକୁ କେହି କେବେ କ'ଣ ଶୁଣେ ? ଶେଷରେ ପଇତା ତାଙ୍କର ବାହାର କରି ନିଆ ହେଲା; ସେ ମଧ୍ୟ ଆହାର ପାନୀୟ ତ୍ୟାଗ କଲେ । ଚାରିଦିନ ନିର୍ଜଳା ଉପବାସ ପରେ ତାଙ୍କ ନାକରେ ରବର ନଳୀ ଭର୍ତ୍ତି କରି ପେଟ ମଧ୍ୟକୁ କ୍ଷୀର ଢାଳି ଦିଆ ହେଉଥିଲା । ମାସାଧିକ କାଳ ଏହି ରୂପେ ଚାଲିଲା । ସେତେବେଳେ ଗୋଟାଏ ଧର୍ମଘଟରେ ଅକସ୍ମାତ୍ ଝଡ଼ ବହୁଥିଲା, ସେଇ ଉତ୍ତେଜନାବଶରେ ରାମରକ୍ଷା କର୍ତ୍ତୃପକ୍ଷ ସହ ଅନେକ ବାକ୍ ବିତଣ୍ଡା ଯୁକ୍ତି କରିଥିଲେ । ବ୍ରହ୍ମଦେଶର ଜେଲରୁ କଳାପାଣିକୁ ଆସିବା ପୂର୍ବରୁହିଁ ନାନା କଠୋରତାରେ ତାଙ୍କ ଶରୀର ଭଗ୍ନ ହେବାକୁ ଆରମ୍ଭ କରିଥିଲା । ଏଥର ଯକ୍ଷ୍ମାର ଲକ୍ଷଣ ଦେଖା ଦେଲା । ଅଳ୍ପଦିନ ପରେ ଯକ୍ଷ୍ମାରୋଗର ଚିକିତ୍ସାଳୟକୁ ଯାଇ ସେଠାରେ ଏକାଥରେ କାରାଯନ୍ତ୍ରଣା ଏବଂ ଭବଯନ୍ତ୍ରଣାରୁ ମୁକ୍ତି ପାଇଗଲେ ।

ଛାଡ଼ ସେ କଥା । ମରି ମରି ବଞ୍ଚିବାର ଦୁଃସାହସ ଆମକୁ କୁଳେଇଲା ନାହିଁ । ଠିକ୍ ମରି ତ ପାରିଲୁନି, ଅଧିକନ୍ତୁ ଜେଲଖାନାର ଖୋରାକ ଖାଇ ବଞ୍ଚି ରହିବା ପାଇଁ ଦୃଢ଼ ସଂକଳ୍ପ କରି ରହିଲୁ । ତାହା ବି କମ୍ ବାହାଦୁରୀର କଥା ନୁହେଁ । ରେଙ୍ଗୁନ ଚାଉଳର ଭାତ ଏବଂ ମୋଟା ମୋଟା ରୁଟି, ଏହା ଯାହା ହେଉ ଏକ ପ୍ରକାର ଚଳେ; କିନ୍ତୁ ସାରୁର ମୂଳ, ଡାଙ୍ଗ ଏବଂ ପତ୍ର; ଛୋଟ ଛୋଟ ଆଳୁ ଆଉ ଚୋପା ସହ କଞ୍ଚା କଦଳୀ ଏବଂ ପୋଇ ଶାଗ; ଛୋଟ ଛୋଟ ଗୋଡ଼ି ଓ ମୂଷାଲଣ୍ଡି ଏକ ସଙ୍ଗେ ସିଝାଇ ଯେଉଁ ପରମ ଉପାଦେୟ ଭୋଜ୍ୟ ପ୍ରସ୍ତୁତ ହୁଏ, ତରକାରୀ ବଦଳରେ ତା'ର ବ୍ୟବହାର କରିବା ବେଳେ ଆଖିରେ ପୁଣି ପାଣି ଆସିବ ନାହିଁ; ବଙ୍ଗଦେଶରେ ଏପରି ଭଦ୍ରଲୋକର ସନ୍ତାନ ଏଇ ଦୁର୍ଭିକ୍ଷ ସମୟରେ ବି ଖୁବ୍ ବିରଳ । ଜାହାଜରେ ଚାରିଦିନ ''ଚଣା ଏବଂ ଚୁଡ଼ା'' ଚୋବାଇ ଚୋବାଇ ଯାଇଥିଲୁ; ସୁତରାଂ ପେଟର ଜ୍ୱାଳାରେ ଆମେ ସେଇ ଅନ୍ନକୁ ବେଶ୍ ହସି ହସି ଗଳାଧଃକରଣ କରି ପକାଇଲୁ ।

ଜେଲରେ ପଶିବା ପୂର୍ବରୁହିଁ ଜେଲର୍ ସାହେବ ଆମକୁ ବୁଝେଇ ଦେଇଥିଲେ ଯେ ଆମର ପରସ୍ପର ମଧ୍ୟରେ କଥାବାର୍ତ୍ତା କରିବା ବା ଏକ ସଙ୍ଗେ ବସିବା ନିଷିଦ୍ଧ; ନିୟମ ଲଙ୍ଘନରେ ଶାସ୍ତି ଅନିବାର୍ଯ୍ୟ ।

ଏଥର କାର୍ଯ୍ୟକ୍ରମର ପାଳି । କଳାପାଣିରେ ନଡ଼ିଆ ପ୍ରଚୁର ଫଳେ, ଏବଂ ସେଗୁଡ଼ିକ ସବୁହିଁ ସରକାରୀ ସମ୍ପତ୍ତି । ତେଣୁ ସେଠାରେ ପ୍ରଧାନତଃ ନଡ଼ିଆକୁ ନେଇ କାରବାର ।

ନଡ଼ିଆଚୋପାକୁ ପିଟି ସରୁ ସରୁ ତାର ବାହାର କରିବା, ସେଥିରେ ଦଉଡ଼ି ତିଆରି କରିବା, ଶୁଖିଲା ନଡ଼ିଆ ଓ ସୋରିଷକୁ ଘଣାରେ ପେଷି ତେଲ ବାହାର କରିବା, ନଡ଼ିଆ ଖୋଳପାରୁ ହୁକା ପିଇବାର ଖୋଳ ପ୍ରସ୍ତୁତ କରିବା — ଏହି ସବୁହିଁ ଜେଲଖାନାର ପ୍ରଧାନ କାର୍ଯ୍ୟ । ଏକଥା ପୂର୍ବରୁ କୁହାଯାଇଛି । ଏହାଛଡ଼ା ଏଠାରେ ବେତର କାରଖାନା ମଧ୍ୟ ଅଛି; ସେଥିରେ ପ୍ରଧାନତଃ ଅଳ୍ପ ବୟସ୍କ ପିଲାମାନେ କାର୍ଯ୍ୟ କରନ୍ତି ।

ଘଣା ବୁଲାଇବା ଏବଂ ଚୋପାକୁ ପିଟିବା ସବୁଠାରୁ କଠିନ କାର୍ଯ୍ୟ । ଆମ ଭିତରୁ ବାରୀନ୍ଦ୍ର ଏବଂ ଅବିନାଶ ନିତାନ୍ତ ଦୁର୍ବଳ ଏବଂ ରୁଗ୍ଣ ବୋଲି ସେମାନଙ୍କୁ ଦଉଡ଼ି ବଳିବା ପାଇଁ ଦିଆ ହେଲା; ଅନ୍ୟ ସମସ୍ତଙ୍କ ଭାଗ୍ୟରେ ନଡ଼ିଆ କତା ପିଟିବା କାର୍ଯ୍ୟ ମିଳିଲା । ସକାଳେ ଉଠି ଶୌଚକର୍ମ ସମ୍ପାଦନ ପରେ ସମସ୍ତେ ଅନ୍ନ ବା ‘‘କାଞ୍ଜି’’ ଗଳାଧଃକରଣ କରି ଲେଙ୍ଗୁଟି ପିନ୍ଧି ନଡ଼ିଆ କତା ପିଟିବା ପାଇଁ ବସି ଯିବାକୁ ହୁଏ । ପ୍ରତ୍ୟେକଙ୍କୁ କୋଡ଼ିଏଟି ନଡ଼ିଆର ଶୁଷ୍କ ଚୋପା ଦିଆଯାଏ । ବର୍ଣ୍ଣନାଟିକୁ ପୁଣି ଥରେ ଦେଉଛି । ଖଣ୍ଡିଏ କାଠ ଉପରେ ଗୋଟିଏ ଲେଖା ନଡ଼ିଆ ଚୋପା ରଖି ଗୋଟିଏ କାଠ ମୁଗୁର ଦେଇ ପିଟିପିଟି ଚୋପାକୁ ନରମ କରାଯାଏ । ଏହା ନରମ ହୋଇଗଲେ ତା’ର ଉପର ଖୋଳ କାଢ଼ି ପରେ ଫୋପାଡ଼ି ଦିଆଯାଏ । ତା’ପରେ ସେଗୁଡ଼ିକୁ ପାଣିରେ ଭିଜାଇ ପୁନରାୟ ପିଟିବାକୁ ହୁଏ । ପିଟି ପିଟି ଭିତରର ଭୁଷିସବୁ ଝଡ଼ି ଯାଇ କେବଳ ମାତ୍ର ସରୁ ସରୁ ତାରଗୁଡ଼ିକ ଅବଶିଷ୍ଟ ରହେ । ଏହି ତାରଗୁଡ଼ିକ ଖରାରେ ଶୁଖାଇ ପରିଷ୍କାର କରି ପ୍ରତ୍ୟହ ଏକ ସେର ଓଜନର ଗୋଟିଏ ଗୋଛା ପ୍ରସ୍ତୁତ କରିବାକୁ ହୁଏ ।

ପ୍ରଥମ ଦିନ ଏଇ ଚୋପା ପିଟିବା ବ୍ୟାପାରଟି ଆଁ କରି ବୁଝିବାକୁ ଆମକୁ ଅନେକ ସମୟ ଲାଗିଲା; ତା’ପରେ ପିଟିବାକୁ ଯାଇ ଦେଖିଲି ହାତ ସାରା ଫୋଟକା ହୋଇ ଯାଇଛି । ସାରା ଦିନ ମଥା ନୁଆଁଇ କୌଣସି ପ୍ରକାରେ ଅଧପାଏ ତାର ପ୍ରସ୍ତୁତ କଲି । ଅଷ୍ଟମୀ ପୂଜାର ପାଠ ଭଳି କମ୍ପି କମ୍ପି ଯେତେବେଳେ ତିନିଟା ସମୟରେ କାମ ଦାଖଲ କରିବାକୁ ହାଜିର ହେଲି, ସେତେବେଳେ ଦାନ୍ତ ନିକୁଟାର ଢଙ୍ଗ ଦେଖି ଚକ୍ଷୁ ସ୍ଥିର ହୋଇଗଲା । ଗାଳି ଖାଇ ନିର୍ବିବାଦରେ ହଜମ କରିବାର ସୁଅଭ୍ୟାସଟି କସ୍ମିନ୍ କାଳେ ନଥିଲା; ଆଜି ବିଦେଶରେ ଏଇ ଶତ୍ରୁପୁରୀ ମଧ୍ୟରେ କଠୋର ପରିଶ୍ରମ ଏବଂ ଗାଳିଗୁଲଜକୁ ସମ୍ବଳ କରି ଦୀର୍ଘ ଜୀବନ କଟାଇବାକୁ ହେବ ଭାବି ଯେପରି ଧଇଁସଇଁ ହୋଇ ପ୍ରାଣଟି ଶ୍ୱାସରୁଦ୍ଧ ହେବାକୁ ଲାଗିଲା । ପୁଣି ସେ ଗାଳି ସବୁ ଯେ କି ଅପରୂପ । ଶରତ ବାବୁଙ୍କର କୌଣସି ଏକ ବହିରେ ପଢ଼ିଥିଲି ଯେ ଗାଳିଗୁଲଜରେ ହିନ୍ଦୁସ୍ଥାନୀଙ୍କ ପରି ଲମ୍ବା ଜିହ୍ୱା ଆଉ କୌଣସି ଜାତିର ନାହିଁ । ଥରେ ସେମାନଙ୍କ ପାଇଁ ପୋର୍ଟ ବ୍ଲେୟାରକୁ ଯାଇ ଭାଷାତତ୍ତ୍ୱର ଅନୁଶୀଳନ କରିବାକୁ ଆମର ସବିନୟ ଅନୁରୋଧ । ହିନ୍ଦୁସ୍ଥାନୀ ସହ ପଞ୍ଜାବୀ, ପଠାଣ ଓ ବେଲୁଚିସ୍ତାନୀ ମିଶି ଯେଉଁ ଅମୃତର ଉତ୍ସ ସେଠାରେ ଖୋଲି ଦେଇଛନ୍ତି, ତା’ର ଆସ୍ୱାଦନ ପୂର୍ଣ୍ଣତଃ ଯାହା ଅଦୃଷ୍ଟରେ ଘଟିଛି, ସେହିଁ ମଜ୍ଜି ଯାଇଛି । ସାତ ଜନ୍ମ ସେଇ ଭାଷା ଚର୍ଚ୍ଚା କଲେ ବି ଆମ ଦେଶର ହାଡ଼ି, ପାଣ ପର୍ଯ୍ୟନ୍ତ ସେଇ ରସରେ ସମ୍ୟକ୍ ଅଧିକାରୀ ହୋଇ ପାରିବେ କି ନାହିଁ ସନ୍ଦେହ । ବୀଭତ୍ସତା ଯେ ଏତେ ପ୍ରକାରର ଥାଇପାରେ, ପୂର୍ବରୁ ତାହା ଜାଣି ନଥିଲି ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ

❑❑❑

ଚିନ୍ତାରାଜିର ଏକ ଫଳପ୍ରଦ ଶକ୍ତି ରହିଛି — ସାଧାରଣତଃ ଏକ ବାତାବରଣ କିଂବା ଅନେକ ପ୍ରବଣତା ସୃଷ୍ଟି କରିବା ଦ୍ୱାରା — ଏପରିକି ଜଣେ ଅସୁସ୍ଥ ଥିଲାବେଳେ ତାହାର ଚତୁର୍ଦ୍ଦିଗରେ ଥିବା ବ୍ୟକ୍ତିମାନଙ୍କର ଭାବୀ ଅମଙ୍ଗଳସୂଚକ ଚିନ୍ତା, ଦୁଃଖ କିଂବା ଭୟ ରହିବା ଉଚିତ ନୁହେଁ, କାରଣ ତାହା ଆରୋଗ୍ୟର ବିରୋଧରେ କାର୍ଯ୍ୟ କରେ । କିନ୍ତୁ ସଚେତନ ଚିନ୍ତା-ସଂଗଠନର ସାମର୍ଥ୍ୟ ହେଉଛି ଏକ ସ୍ୱତନ୍ତ୍ର ଶକ୍ତି ଏବଂ ତାହା ଅସାଧାରଣ । ଏହାକୁ ଆହରଣ କରାଯାଇପାରେ କିଂବା ସାଧନା ଦ୍ୱାରା ଏହା ଆପଣାଛାଏଁ ଆସିଥାଏ ।

(SABCL, Vol. 24, p. 1490) – ଶ୍ରୀଅରବିନ୍ଦ

# ନୂତନ ଶିକ୍ଷାର ଆହ୍ୱାନ

## (୩)

**ଗୟାଧର ଦାଶ**

### ପୂର୍ଣ୍ଣାଙ୍ଗ ଶିକ୍ଷାର ପୃଷ୍ଠଭୂମି

ଆମେ ଯେଉଁ ପୃଥିବୀରେ ବାସ କରୁଛୁ, ସେହି ପୃଥିବୀ ଯେ ଭଗବାନଙ୍କର ସୃଷ୍ଟି ତାହା ବିଶ୍ୱାସ କରି ହୁଏନା, କାରଣ ଆମେ ଭଗବାନଙ୍କୁ ପରମସତ୍ୟ ବା ପରମଚେତନା ରୂପେ ସ୍ୱୀକାର କରିଛୁ । ସେହି ପରମସତ୍ୟଙ୍କଠାରୁ ଏପରି ଏକ ବିକୃତ ପୃଥିବୀ ସୃଷ୍ଟି ହୋଇଛି ବୋଲି ସନ୍ଦେହ ଜାତ ହୁଏ । ପରମସତ୍ୟ ଦିବ୍ୟ ଚେତନା ଓ ଦିବ୍ୟ ଶକ୍ତିର ଏକ ଅଭିନ୍ନ ସ୍ଥିତି ବା ଏକକ । ସେହିଁ ପୂର୍ଣ୍ଣ, ସକଳ ପୂର୍ଣ୍ଣତାର ଉତ୍ସ । ପୂର୍ଣ୍ଣରୁ ଯାହା ସୃଷ୍ଟି ହୁଏ ତାହା ମଧ୍ୟ ପୂର୍ଣ୍ଣ । ଅନନ୍ତ ସାଗରରୁ ଜଳ ବିନ୍ଦୁଏ ନେଲେ ବି ସେହି ଜଳ ବିନ୍ଦୁ ମଧ୍ୟରେ ପୂର୍ଣ୍ଣ ସତ୍ୟ ବିଦ୍ୟମାନ । ଅର୍ଥାତ୍ ସେହି ଜଳବିନ୍ଦୁହିଁ ଜଳର ଅନ୍ତରାତ୍ମାକୁ ବହନ କରିଥାଏ । ସୁତରାଂ ଏହି ଜଗତର ସକଳବସ୍ତୁ ସେହି ପରମସତ୍ୟ ବା ଦିବ୍ୟ ଜନନୀଙ୍କର ପ୍ରକାଶ । ପ୍ରତ୍ୟେକ ରୂପ ତାଙ୍କର ଶକ୍ତି ବା ମୂର୍ତ୍ତି, ପ୍ରକାଶ ବା ବିଭୂତି । ଏହା ଯଦି ସତ୍ୟ ହୁଏ ତେବେ ଆମେ ଯାହା ଦେଖୁଛୁ ତାହା କେତେ ଦୂର ସତ୍ୟ ? ଜଗତ୍ ସର୍ବଦା ଗତିଶୀଳ । ତେଣୁ ଆଜି ଯାହା ସତ୍ୟ, କାଲି ତାହା ସତ୍ୟ ହେବ ବୋଲି ଆମେ ନିଶ୍ଚିତ ଭାବେ କହିପାରୁନା । ଆମର ଚିନ୍ତା ଓ ଭାବନାଗୁଡ଼ିକ ମଧ୍ୟ ଆମେ ଭୁଲ୍ ଦେଖିବା ଓ ଶୁଣିବା ଦ୍ୱାରା ପ୍ରଭାବିତ । ତେଣୁ ଚିନ୍ତା ବା ଭାବନା ବିକୃତ ହେବା ସହ କର୍ମ ମଧ୍ୟ ବିକୃତ ହୋଇଯାଏ । ଏହା ଦ୍ୱାରା ପ୍ରତ୍ୟେକ ସତ୍ତାରେ ଅସଙ୍ଗତି ଦେଖାଯାଏ ଏବଂ ଜୀବନର ଛନ୍ଦ ବିଶୃଙ୍ଖଳିତ ହୋଇଯାଏ । ଶ୍ରୀଅରବିନ୍ଦ କହନ୍ତି – "What now we see is a shadow of what must come." (Savitri, P. 46) ଯାହା ବର୍ତ୍ତମାନ ଆମେ ଦେଖୁ ତାହା ଅନିବାର୍ଯ୍ୟ ଆଗାମୀର ଏକ ଛାୟା । ଅର୍ଥାତ୍ ଭବିଷ୍ୟତରେ ଯାହା ବାସ୍ତବ ରୂପ ନେବାକୁ ଅଛି, ବର୍ତ୍ତମାନଟି ହେଉଛି ତାହାର ଏକ ପ୍ରତିବିମ୍ବ । ଯେଉଁ ସତ୍ୟ, ଜୀବନ, ଆଲୋକ ଓ ପ୍ରେମ ଏଠାରେ ପ୍ରକାଶିତ ହେବାର ଅଛି ତାହାର ଏକ ଛାୟା ରୂପହିଁ ବର୍ତ୍ତମାନର ସ୍ଥିତି ବା ପରିଣତି । ପୁନଶ୍ଚ ଶ୍ରୀଅରବିନ୍ଦ କହନ୍ତି –

"This world is a beginning and a base
Where Life and Mind erect their
structured dreams;
An unborn Power must build reality."

(Savitri, P. 46)

''ଏ ପୃଥିବୀ ଏକ ଆରମ୍ଭ ଏବଂ ଏକ ଭିତ୍ତି
ଯହିଁ ପ୍ରାଣ ଓ ମନ ସେମାନଙ୍କ ସୁସଂବଦ୍ଧ ସ୍ୱପ୍ନାବଳି
କରନ୍ତି ଗଠନ;
ଏକ ଅଜାତ ଶକ୍ତିହିଁ ନିର୍ମାଣ କରିବ ବାସ୍ତବତା ।''

ଏହି ପାର୍ଥିବ ଜଗତରେ ସବୁକିଛି ଅବାସ୍ତବ ପରି ପ୍ରତୀୟମାନ ହୁଏ, କାରଣ ଏଠାରେ ଯାହା କିଛି ସମ୍ଭୂତ ହୋଇଛି ସେସବୁ ଖଣ୍ଡିତ, ବିକୃତ ଓ ଅପୂର୍ଣ୍ଣ । ବିବର୍ତ୍ତନର କ୍ରମବିକାଶ ଧାରାରେ ଏପର୍ଯ୍ୟନ୍ତ ଚେତନାର ତିନୋଟି ସ୍ତରର ଅଭିବ୍ୟକ୍ତି ଘଟିଛି । ତାହା ହେଉଛି ଶରୀର ବା ଜଡ଼ ଚେତନା, ପ୍ରାଣ ଚେତନା ଓ ମାନସ ଚେତନା । ମନୁଷ୍ୟ କେବଳ ଦେହ, ପ୍ରାଣ ଓ ମନଧାରୀ ଜୀବ ନୁହେଁ, ସେ ପରମ ଚେତନା ବା ପରମାତ୍ମାଙ୍କର ଏକ ଅଂଶ, ଏକ ବିବର୍ତ୍ତନଶୀଳ ଆତ୍ମା । ବିବର୍ତ୍ତନ ଧାରାରେ ପାଞ୍ଚୋଟି ସୋପାନ ରହିଛି, ଯଥା – ଭୌତିକ, ପ୍ରାଣିକ, ମାନସିକ, ବିଜ୍ଞାନ ଓ ଆନନ୍ଦ । ଏହା ମଧ୍ୟ ଚେତନାର ପାଞ୍ଚୋଟି ଭୂମି । ଚେତନାର ଅଭିଯାତ୍ରା ବା ବିବର୍ତ୍ତନର ଧାରାଟି ମନୁଷ୍ୟ ସ୍ତରରେ କଦାପି ବନ୍ଦ ହେବ ନାହିଁ। ଭୌତିକ, ପ୍ରାଣିକ ଓ ମାନସିକ ସ୍ତରର ବିକାଶ ସମାପ୍ତ ହୋଇଛି । ଏହି ତିନୋଟି ସ୍ତର ଅଜ୍ଞାନର ସ୍ତର ଅଟନ୍ତି । ଏହା ପରେ ଯେଉଁ ସ୍ତର ଦ୍ୱୟ ରହିଛି ତାହା ହେଉଛି ଜ୍ଞାନର ସ୍ତର । ମନ ଓ ବୁଦ୍ଧିର ବିକାଶ ସମାପ୍ତ ହୋଇଥିବାରୁ ମଣିଷ ବର୍ତ୍ତମାନ ଏକ ସ୍ଥିତିଶୀଳ ଅବସ୍ଥାରେ ପହଞ୍ଚିଛି । ସେ ଆଗକୁ ଯାଇ ପାରୁନି କି ପଛକୁ ଫେରି ପାରୁନି । ଏହା ଏକ ତ୍ରିଶଙ୍କୁ ଅବସ୍ଥା । ଏହାକୁ ଶ୍ରୀଅରବିନ୍ଦ ବିବର୍ତ୍ତନଗତ ସମସ୍ୟା ବୋଲି କହିଛନ୍ତି । ବିବର୍ତ୍ତନ ପ୍ରକ୍ରିୟା ବା ଚେତନାର ଊର୍ଦ୍ଧ୍ୱାରୋହଣ ଗତିରେ ଏହା ଏକ ଘଡ଼ିସନ୍ଧି ମୁହୂର୍ତ୍ତ, ସୂର୍ଯ୍ୟୋଦୟ ପୂର୍ବରୁ ରାତ୍ରିର ଘନ ଅନ୍ଧକାର ସମୟ । ଘନ ଅନ୍ଧକାର ମଧ୍ୟରେ

ଆମକୁ କିଛି ଦେଖାଯାଏନା । ମଣିଷ କ'ଣ କରିବ ତାହା ମଧ ସେ ଜାଣି ପାରେନା । ଶ୍ରୀଅରବିନ୍ଦ ଏହି ସ୍ଥିତିକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି –

"The dead past is our background
and support;
Mind keeps the soul prisoner,
we are slaves to our acts;
We cannot free our gaze to reach
wisdom's sun."

(Savitri, P. 53)

''ମୃତ ଅତୀତହିଁ ଆମର ପଛଭୂମି ଏବଂ ଅବଲମ୍ବନ;
ଆତ୍ମାକୁ ବନ୍ଦୀ କରି ରଖିଥାଏ ମନ,
ଆମେ ଆମ କର୍ମାବଳିର କ୍ରୀତଦାସ;
ପ୍ରଜ୍ଞାର ସୂର୍ଯ୍ୟାବଲୋକନ ପାଇଁ ଆମ
ଦୃଷ୍ଟିକୁ ଆମେ କରିପାରୁନା ମୁକ୍ତ ।''

ମଣିଷ ଅଦ୍ୟାବଧି ମନସ୍ତରୀୟ ଜୀବ ଭାବେ ପ୍ରକୃତିର ହସ୍ତରେ ଏକ ଖେଳନା ମାତ୍ର ହୋଇ ଜୀବନ ବଞ୍ଚୁଛି ଏବଂ ପରିବର୍ତ୍ତନଶୀଳ ଦୁନିଆଟି ଉପରେ ନିଜର ଅଧିକାର ସାବ୍ୟସ୍ତ କରୁଛି ।

ବିବର୍ତ୍ତନ ଧାରା ମାନସ ସ୍ତରରେ ଅଟକି ଯିବନି । ପ୍ରକୃତି ସର୍ବୋତ୍ତମ ପୁରୁଷଙ୍କୁ ପ୍ରତ୍ୟେକ ସ୍ତରରେ ଅଭିବ୍ୟକ୍ତ କରିବା ପାଇଁ ସଂକଳ୍ପବଦ୍ଧ । ଚେତନାର ଗତି ପୂର୍ଣ୍ଣତା ଅଭିମୁଖେ, ସତ୍ୟ, ଜ୍ଞାନ, ପ୍ରେମ ଓ ଆଲୋକର ଅଭିମୁଖେ । ତେଣୁ ଚେତନାର ଅବିକଶିତ ସ୍ତର ବା ଅଜ୍ଞାତ ଭୂମିଗୁଡ଼ିକୁ ପ୍ରକାଶିତ କରିବା ପାଇଁ ପ୍ରକୃତି ସର୍ବଦା ମନୁଷ୍ୟ ମଧ୍ୟରେ କ୍ରିୟା କରି ଚାଲିଛି । ମନୁଷ୍ୟ ହେଉଛି ଆଧାର ବା ପରୀକ୍ଷାଗାର । ସେଥିପାଇଁ ପ୍ରକୃତି ଅନେକ ଗଢୁଛି ଏବଂ ଅନେକ ଭାଙ୍ଗି ଚାଲିଛି । ବିଜ୍ଞାନ ସ୍ତରଟି ପ୍ରକାଶିତ ହେବ ମନୁଷ୍ୟକୁ ମାଧ୍ୟମ କରି; କିନ୍ତୁ ମନୁଷ୍ୟ ତା'ର ସୀମିତ ମନ ଓ ବୁଦ୍ଧି ଦ୍ୱାରା ଏହି ସ୍ତରକୁ ଉଠି ପାରିବ ନାହିଁ । ମନୁଷ୍ୟ ମାଧ୍ୟମରେ ପ୍ରକୃତି ଅନେକ ଗବେଷଣା କରି ଚାଲିଛି ତଥାପି ସ୍ଥିତିଶୀଳ ଅବସ୍ଥାକୁ ଅତିକ୍ରମ କରି ନୂତନ ସୂର୍ଯ୍ୟୋଦୟ ଦେଖିବା ମାନବ ପକ୍ଷେ ସମ୍ଭବ ହୋଇ ପାରୁନି । ଏପରି ଏକ ମଧ୍ୟବର୍ତ୍ତୀ ଅବସ୍ଥାରେ ମନୁଷ୍ୟ ରହିପାରିବ ନାହିଁ, କାରଣ ତା' ଭିତରେ ଯେଉଁ ଆତ୍ମା ରହିଛି ତାହା ହେଉଛି ଚତୁର୍ଥ ଭୂମି ବା ବିଜ୍ଞାନର ଭୂମି । ସେ ପ୍ରକଟ ହେବାକୁ ଚାହେଁ । ବିଜ୍ଞାନର ଭୂମି ହେଉଛି ଅତିମାନସର ଭୂମି, – ସତ୍ୟ, ଜ୍ଞାନ, ପ୍ରେମ ଓ ଆଲୋକର ଭୂମି । ସେଥିପାଇଁ ମନୁଷ୍ୟର ଅନ୍ତରାତ୍ମା ସର୍ବଦା ପୂର୍ଣ୍ଣତା ଅଭିମୁଖୀ; ସତ୍ୟ ଓ ଆଲୋକର ଅଭିମୁଖେ ଆଗେଇ ଚାଲିବା ପାଇଁ କ୍ରିୟାଶୀଳ । ମନୁଷ୍ୟ ଭଗବାନଙ୍କଠାରେ ଜନ୍ମ ପୂର୍ବରୁ ଯେଉଁ ଚୁକ୍ତି କରି ଆସିଛି ସେହି ଚୁକ୍ତି ପରିଶୋଧ କରିବାକୁ ହେଲେ ତା'ର ପ୍ରକୃତିକୁ ଦିବ୍ୟ ପ୍ରକୃତି, ତା'ର ଚେତନାକୁ ଦିବ୍ୟ ଚେତନାରେ ରୂପାନ୍ତର କରିବା ଅନିବାର୍ଯ୍ୟ । ମନୁଷ୍ୟ ଭଗବାନଙ୍କର ଅଂଶ ହୋଇଥିବାରୁ ସେ ନିଶ୍ଚିତ ଭାବେ ଭଗବାନ୍ ହେବ । ମାନବ ଅତିମାନବ ହେବା ବିବର୍ତ୍ତନର ପରବର୍ତ୍ତୀ ସୋପାନ । ତେଣୁ ଯେତେବେଳେ ବିବର୍ତ୍ତନ ଧାରାରେ ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଆସେ, ଭଗବାନ୍ ନିଜେ ଅବତାର ଗ୍ରହଣ କରି ବିବର୍ତ୍ତନ ଧାରାକୁ ଆଗେଇ ନିଅନ୍ତି ଏବଂ ଜୀବନର ଗଣ୍ଠିଗୁଡ଼ିକୁ ଫିଟାଇ ଦେଇ ପଥ ପରିଷ୍କାର କରି ଦିଅନ୍ତି । ଏପରି ସ୍ଥିତିରେ ମନୁଷ୍ୟର ପ୍ରୟାସ ବା ତପସ୍ୟା ଏହି ପୃଥିବୀକୁ ଆଚ୍ଛନ୍ନ କରିଥିବା ଘନ ତମିସ୍ରାକୁ ଦୂର କରିପାରିବ ନାହିଁ । ଏହା କେବଳ ଦିବ୍ୟଜନନୀଙ୍କର ଶକ୍ତି ଦ୍ୱାରା ସମ୍ଭବ ହୋଇପାରିବ । ସେହି ଦିବ୍ୟଶକ୍ତିହିଁ ମନୁଷ୍ୟର ଅନ୍ତରରେ ସଂଗୁପ୍ତ ହୋଇ ରହିଛି । ସେହି ଶକ୍ତି ପ୍ରକଟିତ ହେବା ପାଇଁ ଚାହୁଁଥିବାରୁ ମନୁଷ୍ୟ ଆଗକୁ ଆଗକୁ ଯିବା ପାଇଁ ଏକ ଆନ୍ତର ଚାପ ଅନୁଭବ କରୁଛି । ସେଥିପାଇଁ ମଣିଷ ବୁଦ୍ଧିର ଚମତ୍କାରିତା ଦେଖାଇ ଅନେକ ଶକ୍ତି ହାସଲ କରିଥିଲେ ମଧ ତା' ଭିତରେ ଅସନ୍ତୋଷ ରହିଛି । ମନୁଷ୍ୟର ଚିର ଅଭୀପ୍ସା ହେଉଛି – ସତ୍ୟ ବା ଭଗବାନ୍ (God), ଆଲୋକ (Light), ସ୍ୱାଧୀନତା (Freedom) ଓ ଅମରତ୍ୱ (Immortality) । ଅଜ୍ଞାନରୁ ଜ୍ଞାନ, ଅସତ୍ୟରୁ ସତ୍ୟ, ଅନ୍ଧକାରରୁ ଆଲୋକ, ଅପୂର୍ଣ୍ଣତାରୁ ପୂର୍ଣ୍ଣତା, ମୃତ୍ୟୁରୁ ଅମରତ୍ୱ, ବିଭେଦତାରୁ ଐକ୍ୟ, ଅସଙ୍ଗତିରୁ ସଙ୍ଗତି, ଅଶ୍ରଦ୍ଧା ଓ ନିରାନନ୍ଦରୁ ପ୍ରେମ ଓ ଆନନ୍ଦ ଆଡ଼କୁ ଯିବାର ଚାପ ଅନୁଭବ କରୁଥିଲେ ମଧ ତା'ର ଅପୂର୍ଣ୍ଣ, ଖଣ୍ଡିତ ଓ ସୀମିତ ମନବୁଦ୍ଧିର ଆଲୋକ ତାକୁ ବାଟ ଦେଖାଇ ପାରୁନି । ସେଥିପାଇଁ ଦେଖା ଦେଇଛି ଅସନ୍ତୋଷ ଏବଂ ଅସନ୍ତୋଷର ବହ୍ନିରୁ ଜନ୍ମ ନେଇଛି ଅସଙ୍ଗତି, ଅନ୍ୟାୟ, ମିଥ୍ୟାଚାର, ଦ୍ୱନ୍ଦ୍ୱ, ଦୁଃଖ, ଶୋକ, ଭୟ ଓ ଯନ୍ତ୍ରଣା । ଏଥିରୁ ମୁକ୍ତ ହେବାର ଅସଲ ଚାବିକାଠି ରହିଛି ଅତିମାନସ ଶକ୍ତିଠାରେ । ତାହା ହେଉଛି ଆଧ୍ୟାତ୍ମିକ ଶକ୍ତି, ସ୍ୱୟଂ ମାତୃଶକ୍ତି । ସେଥିପାଇଁ ଶ୍ରୀଅରବିନ୍ଦ କହନ୍ତି –

"Our life is a paradox with God for key."

(Savitri, P. 67) ‘‘ଆମର ଜୀବନ ଏକ କୂଟଭାଷ, ଯାହାର କୁଞ୍ଚିକା ଭଗବାନ୍ ।’’

ମନୁଷ୍ୟ ଜୀବନର ଲକ୍ଷ୍ୟ ହେଉଛି ପରମ ସୁଖ ବା ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ଭଗବତ୍ ପ୍ରାପ୍ତି । ଛୋଟ ବଡ଼ ସଫଳତାରେ ଯେଉଁ ସୁଖ ବା ଆନନ୍ଦ ମିଳେ ତାହା ଜୀବନର ଲକ୍ଷ୍ୟ ନୁହେଁ, କାରଣ ତାହା କ୍ଷଣସ୍ଥାୟୀ । ଚିରନ୍ତନ ସୁଖ ଲାଭ କରିବାକୁ ହେଲେ ମନୁଷ୍ୟକୁ ମନର ସୀମାକୁ ଅତିକ୍ରମ କରିବାକୁ ହେବ । ଏହା କେବଳ ଅତିମାନସ ଶକ୍ତିର ଅବତରଣ ବା କ୍ରିୟା ଦ୍ୱାରା ସମ୍ଭବ ହୋଇ ପାରିବ । ଏହି ଅତିମାନସ ଶକ୍ତିର ଅବତରଣ ସକାଶେ ଆମର ଦେହ, ପ୍ରାଣ, ମନ ଆଦି ଶୁଦ୍ଧ ତଥା ଗ୍ରହଣକ୍ଷମ ହେବା ଆବଶ୍ୟକ, ନଚେତ୍ ଆଧାର ନଷ୍ଟ ହୋଇଯାଏ । ପୁନଶ୍ଚ ପୃଥିବୀ ବାତାବରଣରୁ ସକଳ ମିଥ୍ୟା, ତମିସ୍ରା, ବେଦନା ଓ ମୃତ୍ୟୁ ଦୂର କରି ସତ୍ୟ, ଜ୍ୟୋତିଃ, ଅମର ଆଲୋକ ଓ ଦିବ୍ୟ ଆନନ୍ଦ ପ୍ରତିଷ୍ଠା କରିବାକୁ ହେଲେ ଅତିମାନସ ଶକ୍ତିର ଅବତରଣ ହେବା ଅନିବାର୍ଯ୍ୟ । ସେଥିପାଇଁ ଶ୍ରୀଅରବିନ୍ଦ ତାଙ୍କର କଠୋର ତପସ୍ୟା ବଳରେ ମନର ଉଚ୍ଚତର ସ୍ତରଗୁଡ଼ିକ ଅତିକ୍ରମ କରିବା ସହ ଅଜ୍ଞାନତାର ଶେଷ ସ୍ତର ଅଧିମାନସ ଭୂମିକୁ ମଧ୍ୟ ଅତିକ୍ରମ କରି ବିଜ୍ଞାନ ବା ଅତିମାନସ ସ୍ତରକୁ ଉଠି ଯାଇଥିଲେ ମଧ୍ୟ ଏହି ଜଗତ୍, ମାନବ ସମାଜର କଲ୍ୟାଣ ସକାଶେ ତଥା ବିବର୍ତ୍ତନ ଧାରାକୁ ତ୍ୱରାନ୍ୱିତ କରିବା ସକାଶେ ସେ ସେହି ଅତିମାନସ ଶକ୍ତିକୁ ଏହି ଦୁଃଖ, ବେଦନା, ତମିସ୍ରା ଓ ମିଥ୍ୟାଚାରପୂର୍ଣ୍ଣ ଜଗତ୍ ମଧ୍ୟକୁ ଉତ୍ତାରି ଆଣି ୧୯୫୦ ମସିହା ଡିସେମ୍ବର ୫ ତାରିଖରେ ନିଜକୁ ଆତ୍ମବଳି ଦେଇଥିଲେ । ତତ୍ପରେ ଶ୍ରୀମା ସେହି ଶକ୍ତିକୁ ଧାରଣ କରି ୧୯୫୬ ମସିହା ଫେବ୍ରୁଆରୀ ୨୯ ତାରିଖରେ ପୃଥିବୀପୃଷ୍ଠକୁ ଅବତରଣ କରାଇଥିଲେ ଯାହା ପୃଥିବୀର ବାତାବରଣରେ ପ୍ରବେଶ କରି କ୍ରମଶଃ କ୍ରିୟା କରିବାକୁ ଲାଗିଲା ଏବଂ ୧୯୬୭ ମସିହାରେ ସେହି ଶକ୍ତି ନିଜକୁ ପ୍ରତିଷ୍ଠା କରିବାର ସାମର୍ଥ୍ୟର ପର୍ଯ୍ୟାୟରେ ଉପନୀତ ହେଲା ।

(କ୍ରମଶଃ) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଅଜ୍ଞାତଶକ୍ତିର ଗନ୍ତାଘର : ତୁମେ !

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଅଜ୍ଞାତଶକ୍ତିର ଗନ୍ତାଘର : ତୁମେ !**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

ଯାତ୍ରୀମାନେ ସ୍ଥାନ ଗ୍ରହଣ କଲେ । ବସ୍ ଦୂର ଗନ୍ତବ୍ୟ-ସ୍ଥଳ ଉଦ୍ଦେଶ୍ୟରେ ଯାତ୍ରାରମ୍ଭ କଲା । ଶୀତ ରାତି ।

ବସ୍‌ର ଗତି କ୍ଷିପ୍ର ହୋଇ ଉଠିବା ମାତ୍ରେ ଜଣେ ମହିଳା ଝରକା ପାଖରେ ବସିଥିବା ଯାତ୍ରୀଙ୍କୁ କହିଲେ, ''ଝରକା କାଚ ପୂରା ବନ୍ଦ କରି ଦିଅନ୍ତୁ । ଏମିତି ଥଣ୍ଡା ପବନରେ ମାତ୍ର ଦଶ ମିନିଟ ବସି ରହିଲେ ମୁଁ ମରିଯିବି ।''

ଝରକା ପାଖ ଯାତ୍ରୀ ଝରକା ବନ୍ଦ କରିବାକୁ ଉଦ୍ୟତ ହେବା ମାତ୍ରେ ବିପରୀତ ଦିଗରୁ ଅନ୍ୟ ଜଣେ ମହିଳା ଉତ୍କଣ୍ଠା ସହ କହିଲେ, ''ନା, ନା, ଝରକା ବନ୍ଦ ହେଲେ ମୋତେ ଅଣନିଃଶ୍ୱାସୀ ଲାଗେ । ମାତ୍ର ଦଶ ମିନିଟରେ କେହି କିଛି ଜାଣିବା ପୂର୍ବରୁ ମୁଁ ମରି ସାରିଥିବି ।''

''ଆହା ! କେଡ଼େ ସୁକୁମାରୀ !'' ତୀବ୍ର ମନ୍ତବ୍ୟ ଦେଲେ ପ୍ରଥମ ମହିଳା ।

''ତୁମେ ଏକା ସୁକୁମାରୀ ବୋଲାଇବ ପରା !'' ସମାନ ତୀବ୍ର କଣ୍ଠରେ ପ୍ରତିମନ୍ତବ୍ୟ ଦେଲେ ଦ୍ୱିତୀୟ ମହିଳା ।

ଦୁହିଁଙ୍କ ଭିତରେ ବାକ୍‌ବିତଣ୍ଡା ବିସ୍ଫୋରଣ ପ୍ରାୟ ମାତ୍ରାକୁ ଆସିଗଲା । ହଠାତ୍ ଜଣେ ଭଦ୍ରଲୋକ ଠିଆ ହୋଇ ପଡ଼ିଲେ ଏବଂ ଦୁଇ ବିତର୍କୀଙ୍କ କଣ୍ଠସ୍ୱରଠୁଁ ଆଉ କେଇ ମାତ୍ରା ଅଧିକ ଉଚ୍ଚତାକୁ ନିଜ କଣ୍ଠସ୍ୱର ଉଠାଇ କହିଲେ, ''ଚୁପ୍ କରନ୍ତୁ !''

ଭଦ୍ରଲୋକଙ୍କ ନିର୍ଦ୍ଦେଶ ଫଳ ଦେଲା । ତତ୍ପରେ ବ୍ୟକ୍ତି ଜଣକ ବଳିଷ୍ଠ ଗମ୍ଭୀର କଣ୍ଠରେ ଦେଲେ ଏହି ପ୍ରସ୍ତାବ : ''ପ୍ରଥମେ ଝରକା ଖୋଲା ରଖାଯାଉ, ଦଶ ମିନିଟ । ପରେ ଝରକା ବନ୍ଦ କରାଯାଉ, ଆଉ ଦଶ ମିନିଟ । ପ୍ରଥମ ଦଶ ମିନିଟରେ ପ୍ରଥମ ସୁକୁମାରୀ ଜଣକ ଭୂପୃଷ୍ଠରୁ ବିଦାୟ ନେବେ । ଦ୍ୱିତୀୟ ସୁକୁମାରୀ ତାଙ୍କୁ ଅନୁସରଣ କରିବେ । ତେଣିକି ଆମେମାନେ ଶାନ୍ତିରେ ଢୁଳାଇ ଢୁଳାଇ ଗନ୍ତବ୍ୟ ସ୍ଥାନରେ ପହଞ୍ଚିବା ।''

ଯାତ୍ରୀମାନେ କରତାଳି ଯୋଗେ ତାଙ୍କୁ ସମର୍ଥନ ଜଣାଇଲେ । ଝରକା ଯଥା ପ୍ରୟୋଜନ ସାମାନ୍ୟ ଖୋଲା ରହିଲା । ବସ୍ ଯଥା ରୀତି ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା । ଦୁଇ ସୁକୁମାରୀ ଜୀବନ୍ତ ଭାବରେହିଁ ବସ୍ ତ୍ୟାଗ କରିବାର ଦେଖାଗଲା ।

ଦୁଇ ମହିଳାଙ୍କ ପରିପ୍ରେକ୍ଷୀରେ ଏଇ ମଜା କଥାଟି କିଞ୍ଚିତ୍ ରୁକ୍ଷ ନିଶ୍ଚୟ । କିନ୍ତୁ ମହିଳା ବା ପୁରୁଷ ନିର୍ବିଶେଷରେ ଅଧିକାଂଶ

ମଣିଷ ନିଜ ନିଜର ଦୁର୍ବଳତା ପ୍ରକଟ କରିବା ଭିତରେ କିଛି ପରିମାଣରେ ଗର୍ବ ଅନୁଭବ କରିଥା'ନ୍ତି । ''ମୋତେ ଧୂଳି ଧୂଆଁରେ ଅଣନିଃଶ୍ୱାସୀ ଲାଗେ'', ''ମୁଁ ଜମାରୁ ଖରା ସହିପାରେ ନାହିଁ'' – ଏଭଳି ମନ୍ତବ୍ୟ ସଚରାଚର ଶୁଣିବାକୁ ମିଳେ । ଏପରିକି ''କେହି ପାଖରେ ଛିଙ୍କି ଦେଲେ ମୋର ହୃତ୍‌ସ୍ପନ୍ଦନ ଅଥୟ ହୁଏ'' ବୋଲି ଅଭିଯୋଗ ମଧ୍ୟ ଶୁଣା ଯାଇଛି ।

ନା, ଏସବୁ ମିଥ୍ୟା ନୁହେଁ । ଏଭଳି ସ୍ପର୍ଶକାତରତା ବାସ୍ତବ । କିନ୍ତୁ ଏ ସ୍ପର୍ଶକାତରତାର ବିକାଶ ପାଇଁ ବିଚରା ଦେହ ଯେତିକି ଦାୟୀ, ତାହାଠୁଁ ବହୁ ଅଧିକ ପରିମାଣରେ ଦାୟୀ ବଦ୍ଧମୂଳ ମାନସିକ ଧାରଣା । ଏକାଧିକ କାରଣର ସମାବେଶରେ ଦିନେ ସାଧାରଣ ଖରା ଜଣକୁ ବାଧିଛି; କିନ୍ତୁ ନିଜ ଅସ୍ୱସ୍ତି ପାଇଁ ସେ ଖରାକୁହିଁ ସମ୍ପୂର୍ଣ୍ଣ ଦାୟୀ କରି ଦେଇଛି । କ୍ରମେ ତାହା ମଜ୍ଜାଗତ ହୋଇ ଯାଇଛି । (କହିବା ବାହୁଲ୍ୟ, ଏଠାରେ ଅସ୍ୱାଭାବିକ ସୂର୍ଯ୍ୟୋତ୍ତାପ କଥା କୁହାଯାଉ ନାହିଁ – ଯାହା ଅଂଶୁଘାତର ହେତୁ ହୋଇପାରେ ।)

କିନ୍ତୁ ଯଦି ମାନସିକ ଅସତର୍କତା ଏଭଳି ଦୁର୍ବଳତାର ବିକାଶ ପାଇଁ ଦାୟୀ, ମାନସିକ ସତର୍କତା ମଧ୍ୟ ଏସବୁ ଦୁର୍ବଳତାକୁ ଦୂର କରିବାରେ ସକ୍ଷମ ହୋଇପାରେ । ସମସ୍ୟା ହେଲା ଆମ ଭିତରୁ ଲକ୍ଷେ ମଣିଷରେ ଜଣେ ଆମ ଅନ୍ତର୍ନିହିତ ଶକ୍ତି ସମ୍ପର୍କରେ ସଚେତନ ଥିବେ କି ନା ସନ୍ଦେହ । ତତ୍ତ୍ୱ ପରିବେଷଣ ନକରି ସମ୍ପ୍ରତି କେତୋଟି ବଡ଼ ଇଂରାଜୀ ଦୈନିକରେ ପ୍ରକାଶିତ ଯଥାକ୍ରମେ ୨୯ ଜାନୁଆରୀ ଏବଂ ୧ ତାରିଖ ଫେବ୍ରୁଆରୀ ୨୦୧୪ର ଦୁଇଟି ତଥ୍ୟ ଉପସ୍ଥାପନ କରୁଛି !

ପିଟର୍ ଫ୍ରୋସେନ୍ ନାମକ ଜଣେ ଲୋକଙ୍କ କଥା । ସେ ବାରଂବାର ଉତ୍ତରମେରୁ ଯାତ୍ରା କରିବା ଭିତରେ ତୁଷାର ଦଂଶନ ଯୋଗୁଁ ତରୁଣ ବୟସରେହିଁ ଗୋଟିଏ ଗୋଡ଼ ହରାଇଛନ୍ତି । ନକଲି ଗୋଡ଼ହିଁ ତାଙ୍କ ପାଇଁ ଯଥେଷ୍ଟ । ପୁଣି ଅନ୍ୟ ଗୋଡ଼ର ଆଙ୍ଗୁଠିସବୁ ଗାଂଗ୍ରିନ୍ ଗ୍ରାସରେ ପଡ଼ିବା ହେତୁ ଜନହୀନ ସହାୟତା ବିରହିତ ଉପତ୍ୟକାରେ ନିଜେ ସେଗୁଡ଼ିକ କାଟି ଉଡ଼ାଇ ଦେଇଛନ୍ତି । ଦ୍ୱିତୀୟ ମହାଯୁଦ୍ଧର ବିଭୀଷିକା ବେଳେ ସେ ନାଜିମାନଙ୍କ ଦ୍ୱାରା କାରାରୁଦ୍ଧ ହେଲେ । ଜୀବନକୁ ପାଣି ଛଡ଼ାଇ ସେ ଦୁଃସାହସିକ ରୀତିରେ କାରାଗାରରୁ ପଳାୟନ କରି ସୁଇଡେନ୍‌ରେ ପହଞ୍ଚିଲେ । ପ୍ରଚଣ୍ଡ ତୁଷାର ଝଡ଼ରେ ଗୋଟାଏ ପଥପ୍ରାନ୍ତର ଆଶ୍ରୟ ପ୍ରଚଣ୍ଡ ଶୀତଳ ଏବଂ ଶ୍ୱାସରୋଧକାରୀ ବନ୍ଦ ଗୁହାରେ ପରିଣତ ହୁଅନ୍ତେ, ସେ ତାକୁ ବିଦୀର୍ଣ୍ଣ କରି ବହିର୍ଗତ ହୋଇଥିଲେ । ଓସ୍କାର ପୁରସ୍କାର ପ୍ରାପ୍ତ ଗୋଟାଏ ଚଳଚ୍ଚିତ୍ରରେ ସେ ଚମତ୍କାର ଅଭିନୟ କରିଛନ୍ତି । କୁଇଜ୍ ପ୍ରତିଯୋଗିତାରେ ବିପୁଳ ଅଙ୍କର ପୁରସ୍କାର ପାଇଛନ୍ତି । ଡାକ୍ତରୀ ପଢ଼ିଛନ୍ତି । ସମ୍ପ୍ରତି ତାଙ୍କର ଏ ସମସ୍ତ କ୍ରିୟା କରିବା ପରେ, ଯଥାର୍ଥ ତଦନ୍ତ ଅନ୍ତେ ସେ ''ପୃଥିବୀର ସର୍ବାଧିକ ଆକର୍ଷଣୀୟ ବ୍ୟକ୍ତି'' ରୂପେ ସମ୍ମାନିତ ହେବାକୁ ଯାଉଛନ୍ତି ।

ଦ୍ୱିତୀୟ ତଥ୍ୟ ହେଲା, ଜୋସ୍ ଇଭାନ୍ ନାମକ ଜଣେ ସାମୁଦ୍ରିକ ଅଭିଯାତ୍ରୀ ଗୋଟାଏ ଫାଇବର୍ ବୋଟ୍‌ରେ ମେକ୍ସିକୋରୁ ଏଲ୍‌ସାଲ୍‌ଭାଡୋର୍ ଯାଉଥିବା ଅବସ୍ଥାରେ ସମୁଦ୍ରର ଖିଆଲ ଯୋଗୁଁ ବାଟବଣା ହୋଇ ଷୋହଳ ମାସ କାଳ ଭାସମାନ ରହି, କୌଣସିମତେ ଗୋଟାଏ ଗୋଟାଏ ମାଛ ଏବଂ କଇଁଛ ଧରି ଆହାର କରି, କଇଁଛ ରକ୍ତଯୋଗେ ତୃଷା ମେଣ୍ଟାଇ ପ୍ରଶାନ୍ତ ମହାସାଗର ଭିତରେ ଗୋଟାଏ ଛୋଟିଆ ପାହାଡ଼ ଦ୍ୱୀପରେ ପହଞ୍ଚିଛି । ଦୁଇ ଜଣ ଦ୍ୱୀପବାସୀ ତାଙ୍କୁ ଉଦ୍ଧାର କରିଛନ୍ତି ।

ଲୋକଟି ଯଦି କୌଣସି ମୁହୂର୍ତ୍ତରେ ଆତ୍ମବିଶ୍ୱାସ ହରାଇଥା'ନ୍ତା, ତେବେ ବଞ୍ଚି ନଥା'ନ୍ତା । ତା' ଦେହରେ ଖାଲି ଅନ୍ତର୍ବାସଟି ଅବଶିଷ୍ଟ ଥିଲା । ପ୍ରଖର ସୂର୍ଯ୍ୟତାପ, ଭୀଷଣ ଝଡ଼ ତୋଫାନ – ଆଉ ସବୁ ଛିନ୍ନ ବିଚ୍ଛିନ୍ନ କରି ଦେଇଥିଲା ।

ଏ ତଥ୍ୟ ସବୁର ଉଲ୍ଲେଖ କରିବାର ଅଭିପ୍ରାୟ ହେଲା, ମଣିଷ ଭିତରେ ବିପୁଳ ଅଜ୍ଞାତ ଶକ୍ତି ନିହିତ ଥାଏ । ଆମେ ସର୍ବଦା ଆମ ଚେତନାର ଅତି ମାମୁଲି ସ୍ତରରେ ଥାଉଁ ବୋଲି ସେ ଶକ୍ତି ସହ ପରିଚୟ ହୁଏ ନାହିଁ । ମାମୁଲି ସ୍ତରରେ ଆଶଙ୍କା, ଭୟ, ସଂସ୍କାର ଇତ୍ୟାଦି ଆମର ଚିନ୍ତାଧାରା ଓ ଆଚରଣକୁ ପରିଚାଳିତ କରନ୍ତି । ଫଳରେ ଆମେ ସ୍ପର୍ଶକାତରତା ଭଳି ଦୁର୍ବଳତାକୁ ଆମ ସୌକୁମାର୍ଯ୍ୟ ବୋଲି ଜାହିର କରୁଁ ଏବଂ ଅପ୍ରିୟ ସତ୍ୟ ହେଲା ସେଥିରେ ସନ୍ତୋଷ ପାଉଁ ।

('ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ'ରୁ ସଂଗୃହୀତ, ପୃ. ୮୪-୮୮)

❑❑❑

# ସୁନିଲ-ଦା’
## (୭)

ବାଙ୍ଗୀଙ୍କ ଉକ୍ତିରେ : ‘‘ସୁନିଲ-ଦା’ ସର୍ବଦା ଜଣେ ସଙ୍ଗୀତକାର ଥିଲେ । ସଙ୍ଗୀତକାରଙ୍କର ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ । ଅଗ୍ରଜ ଅନିଲ-ଦା’ ସରୋଦ ବଜାଉ ଥିଲେ । ତାଙ୍କର ସମ୍ପର୍କୀୟ ଭାଇ ଅର୍ଦ୍ଧେନ୍ଦୁ-ଦା’ ଏବଂ ତାଙ୍କ ଭାଇ ସୁରବାହାର ଓ ସିତାର ବଜାଉଥିଲେ । ଭଉଣୀ ମିନି ସୁଲଳିତ କଣ୍ଠରେ ଗାନ କରିବାରେ ନିପୁଣା ଥିଲେ ।

‘‘୧୯୪୫ରୁ ୧୯୫୩ ମସିହା ପର୍ଯ୍ୟନ୍ତ ଆଶ୍ରମ ସ୍କୁଲର ପହିଲା ଡିସେମ୍ବର କାର୍ଯ୍ୟକ୍ରମ ନିମିତ୍ତ ସୁନିଲ-ଦା’ ପ୍ରାୟତଃ ସଙ୍ଗୀତ ପ୍ରସ୍ତୁତ କରୁଥିଲେ । ଏପରିକି ଥରେ ୨ ଡିସେମ୍ବରର ଶାରୀରିକ ଶିକ୍ଷା ପ୍ରଦର୍ଶନ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଥିବା ‘ଜଙ୍ଗଲୀ ନୃତ୍ୟ’ ପାଇଁ ସେ ଏକ ଅପୂର୍ବ ସଙ୍ଗୀତ ସଂଯୋଜନା କରିଥିଲେ । ନୃତ୍ୟ ତଥା ନାଟକ ସକାଶେ ତାଙ୍କର ସୃଷ୍ଟ ସଙ୍ଗୀତ ସବୁ ଖୁବ୍ ସୁଲଳିତ ଓ ମନୋମୁଗ୍ଧକର ଥିଲା । ମାତ୍ର ଏହା ସମ୍ପୂର୍ଣ୍ଣ ଭାବେ ଶାସ୍ତ୍ରୀୟ ସଙ୍ଗୀତ ଶୈଳୀରେ ପ୍ରସ୍ତୁତ ହେଉ ନଥିଲା । ଯାହା ବି ହେଉ ଏହା ଆମମାନଙ୍କ ସାଙ୍ଗସାଥି ଓ ପରିବେଶରେ ଉପସ୍ଥିତ ଶ୍ରୋତାଗଣଙ୍କ ସକାଶେ ବେଶ୍ ସୁଖକର ହେଉଥିଲା ଏବଂ ଆମର କାର୍ଯ୍ୟକ୍ରମ ସହିତ ସନ୍ତୋଷଜନକ ଭାବରେ ଅଙ୍ଗୀଭୂତ ହୋଇ ଉଠୁଥିଲା । ...’’

ସୁନିଲଙ୍କର ଉକ୍ତିରେ : ‘‘ମୁଁ ପଣ୍ଡିଚେରୀକୁ ୧୯୪୨ ମସିହାରେ ଆସିଲି ଏବଂ ୧୯୪୫ରେ ମୋର ପ୍ରଥମ ସଙ୍ଗୀତ-ରଚନା (composition) କରିଥିଲି । ଶ୍ରୀମା ମୋର ଏହି ସଙ୍ଗୀତ ଶୁଣି ଖୁବ୍ ପ୍ରୀତ ହୋଇଥିଲେ । ଏହିପରି ଭାବରେ ଆଶ୍ରମରେ ମୋର ସଙ୍ଗୀତକାର ଓ ସଙ୍ଗୀତ ରଚୟିତାର ଜୀବନଧାରା ଆରମ୍ଭ ହୋଇଥିଲା । ୧୯୪୫ରୁ ଆଗାମୀ କେତୋଟି ବର୍ଷ ମୁଁ ପ୍ରଧାନତଃ ଆଶ୍ରମରେ ‘ଭାରତୀୟ ବାଲେ ନୃତ୍ୟ’ କାର୍ଯ୍ୟକ୍ରମ ନିମିତ୍ତ ସଙ୍ଗୀତ ରଚନା କରୁଥିଲି । ...’’

ଥରେ କଥା ପ୍ରସଙ୍ଗରେ ସୁନିଲ ଛାତ୍ର ମନୋଜକୁ ଏହି ମର୍ମରେ କହିଥିଲେ : ‘‘...ଏହିପରି ଭାବରେ ଶ୍ରୀମା ମୋତେ ଧୀରେ ଧୀରେ ସଙ୍ଗୀତ-ସୃଜନର ମାର୍ଗ ଦେଖାଇଲେ । କିନ୍ତୁ କେବଳ ନୃତ୍ୟସବୁ ନିମିତ୍ତ ସଙ୍ଗୀତ-ସୃଜନ କରିବାରେ କ୍ରମଶଃ ମୋର କିଛି ମାତ୍ରାରେ ବିରକ୍ତିଭାବ ଆସି ଯାଉଥିଲା । ସେଇ ସମାନ ଧରଣର ସଙ୍ଗୀତ, ସମାନ ଧାରାର ନୃତ୍ୟ ... ଏସବୁ ନିମିତ୍ତ ମୋର ଅନ୍ତଃକରଣରେ ଭୀଷଣ ବିରକ୍ତି ଓ ବିଦ୍ରୋହାତ୍ମକ ଭାବ ଜାଗି ଉଠୁଥିଲା । ତେଣୁ ଏସବୁ କାର୍ଯ୍ୟକ୍ରମ ନିମିତ୍ତ ନୃତ୍ୟଶିଳ୍ପୀଙ୍କ ନିମନ୍ତେ ସଙ୍ଗୀତ ପ୍ରସ୍ତୁତ କରିବାରେ ମୁଁ ପ୍ରାୟ ପଛଘୁଞ୍ଚା ଦେଉଥିଲି । ମୋ ଭିତରେ ସ୍ୱତଃ କିଏ ଯେପରି କହି ଉଠୁଥିଲା, ‘ଏଇ ଧରଣର ସଙ୍ଗୀତ ଆଉ ନୁହେଁ ।’ (‘No more of this music.’)’’

ପୁନଶ୍ଚ ସୁନିଲଙ୍କ ଉକ୍ତିରେ : ‘‘... କିନ୍ତୁ ଖୁବ୍ ସମ୍ଭବତଃ ୧୯୫୦ ଦଶକର ପ୍ରାରମ୍ଭ କାଳରେ ମୁଁ ମୋର ଅନ୍ତଃକରଣରେ ତୀବ୍ର ଭାବରେ ଅନୁଭବ କଲି ଯେ ‘ବାଲେ’ ନିମିତ୍ତ ସୃଜନ କରୁଥିବା ସଙ୍ଗୀତ ଅପେକ୍ଷା ମୁଁ କିଛି ଉଚ୍ଚତର ସ୍ତରରୁ ସଙ୍ଗୀତର ସୃଜନ କରିପାରିବି । ଏବେ ବି ସ୍ପଷ୍ଟ ଭାବରେ ମୋର ସ୍ମରଣରେ ଅଛି ଯେତେବେଳେ ଶ୍ରୀମା ଆଶ୍ରମରେ ଅନୁଷ୍ଠିତ ଏକ ନୃତ୍ୟ-ନାଟିକା (dance recital)ର କାର୍ଯ୍ୟକ୍ରମ ପରେ ପରେହିଁ ମୋତେ ଏହି ମର୍ମରେ ପଚାରିଲେ ଯେ ମୁଁ ନୃତ୍ୟ-ନାଟିକା ପରିବେଷଣ ନିମିତ୍ତ ସଙ୍ଗୀତ ରଚନା କରିପାରିବି କି ! – ଏହା ଶୁଣି ମୁଁ ବିସ୍ମୟାଭିଭୂତ ହୋଇ ଉଠିଲି ।’’

ଆଶ୍ରମ ଅନ୍ତେବାସୀ ଶୋଭା ମିତ୍ରଙ୍କର ସ୍ମୃତିକଥାରୁ ଉଦ୍ଧୃତି : ‘‘୧୯୫୪ ମସିହାରେ ମୋର ସୁନିଲ-ଦା’ଙ୍କ ସହିତ ସଙ୍ଗୀତ ପ୍ରସ୍ତୁତି ନେଇ ପ୍ରଥମ ସମ୍ପର୍କ ସ୍ଥାପିତ ହୋଇଥିଲା । ଏହି ବର୍ଷ ପହିଲା ଡିସେମ୍ବରରେ ସ୍କୁଲର ବାର୍ଷିକୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଉପଲକ୍ଷେ ଶ୍ରୀମା ମୋତେ କହିଲେ, ‘ଭକ୍ତି’ ଓ ‘ଆସ୍ପୃହା’ (‘Devotion’ and ‘Aspiration’) ଏହି ଦୁଇଟି ବିଷୟବସ୍ତୁ ଉପରେ କ୍ଷୁଦ୍ର ନୃତ୍ୟ ପରିବେଷଣ କର ଏବଂ ଏକଥା ବି କହିଲେ ଯେ ତୁମର ନୃତ୍ୟ ସକାଶେ ସଙ୍ଗୀତ ପ୍ରସ୍ତୁତ ନିମିତ୍ତ ସୁନିଲଙ୍କୁ କୁହ । ...

‘‘ପ୍ରଥମ ନୃତ୍ୟ ‘ଭକ୍ତି’ ନିମନ୍ତେ ସୁନିଲ-ଦା’ ପାରମ୍ପାରିକ ଭାରତୀୟ ରୀତିରେ ସଙ୍ଗୀତ ରଚନା କରିଥିଲେ । ଅବଶ୍ୟ ଏଥିରେ ତାଙ୍କର ବିଶେଷ ନିପୁଣତାର ସ୍ପର୍ଶ ବେଶ୍ ଅନୁଭୂତ ହେଉଥିଲା । ଏଥିରେ ମନୋଜ ଓ ଦେବୁ ସିତାର, ଅନିଲ-ଦା’ ଓ ହରିତ୍ ସରୋଦ ଏବଂ ରୁଣ୍ଟୁ ବଂଶୀ ବାଦନ

କରିଥିଲେ । ହାରମୋନିୟମରେ ଥିଲେ ନିଜେ ସୁନିଲ-ଦା' ।

''ଦ୍ୱିତୀୟ ନୃତ୍ୟ 'ଆସ୍ପୃହା' । ଏହାର ସଙ୍ଗୀତ ଥିଲା ଅନନ୍ୟ । ଏହା ଥିଲା ସମ୍ପୂର୍ଣ୍ଣ ରୂପେ ଏକ ଅଭିନବ ସୃଷ୍ଟି, ଏକ ସ୍ୱତନ୍ତ୍ର ରୀତିର ସଙ୍ଗୀତ ଯାହାକି ଇତିପୂର୍ବରୁ କେବେ ବି ମୋର କର୍ଣ୍ଣଗୋଚର ହୋଇ ନଥିଲା । କନକ-ଦା'ଙ୍କ ଦ୍ୱାରା ବଜାଯାଉଥିବା ଇଲେକ୍ଟ୍ରିକ୍ ଗିଟାର ବାଦ୍ୟଯନ୍ତ୍ରର ଦୀର୍ଘ ସୁଲଳିତ ବିଚକ୍ଷଣ ସ୍ୱର ଧ୍ୱନି ଏହି ସଙ୍ଗୀତରେ ସନ୍ନିବେଶିତ ଥିଲା । ନୃତ୍ୟ ସମୟରେ ଏହି ଧ୍ୱନି, କହିବାକୁ ଗଲେ ମୋତେ ସମ୍ପୂର୍ଣ୍ଣ ଭାବରେ ସମ୍ମୋହିତ କରି ପକାଉଥିଲା । ସେତେବେଳେ ମୋର ବୟସ ମାତ୍ର କୋଡ଼ିଏ । ଇତିପୂର୍ବରୁ କୌଣସି କାର୍ଯ୍ୟକ୍ରମରେ ନୃତ୍ୟ କରୁଥିବା ବେଳେ ମୁଁ ଏଇ ଧରଣର ଅତ୍ୟନ୍ତ ହୃଦୟସ୍ପର୍ଶୀ ସଙ୍ଗୀତର ପ୍ରଭାବର ସ୍ପର୍ଶ କେବେ ବି ଅଙ୍ଗେ ଲିଭାଇ ନଥିଲି । ପ୍ରକୃତରେ ଏହା ଥିଲା ଚମତ୍କାର । ... ସେହିସବୁ ସମୟରେ ସାଧାରଣତଃ ପ୍ଲେ-ଗ୍ରାଉଣ୍ଡରେହିଁ ପହିଲା ଡିସେମ୍ବରର ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିଲା । ଶ୍ରୀମା ନିତି ଟେନିସ୍ ଖେଳିବା ପରେ ପ୍ଲେ-ଗ୍ରାଉଣ୍ଡକୁ ଆସୁଥିଲେ ଏବଂ କୌଣସି କୌଣସି ଦିନ ଆମମାନଙ୍କ କାର୍ଯ୍ୟକ୍ରମର ରିହର୍ସାଲ୍ ଦେଖୁଥିଲେ । ସେଦିନ ସଙ୍ଗୀତ ସହ ରିହର୍ସାଲ୍‌ର କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଁ ଶ୍ରୀମା'ଙ୍କ ଉପସ୍ଥିତିରେ ମୋର ନୃତ୍ୟ କାର୍ଯ୍ୟକ୍ରମ ଆରମ୍ଭ କଲି । ଖୁବ୍ ସମ୍ଭବତଃ 'ଆସ୍ପୃହା' ସଙ୍ଗୀତର ଠିକ୍ ମଧ ଭାଗରେ ମୁଁ ନୃତ୍ୟରତା ଥିବାବସ୍ଥାରେ ଏକ ବିଶେଷ ଧରଣର ଅନୁଭୂତି ଲାଭ କଲି ଯାହାକି ମୋ ପକ୍ଷେ ଅବିସ୍ମରଣୀୟ । ସୁନିଲ-ଦା'ଙ୍କର ସଙ୍ଗୀତର ସୁରଲହରୀ ତୀବ୍ରରୁ ତୀବ୍ରତର ହୋଇ ଉଠୁଥିବା ବେଳେ ମୋର ଶରୀରଟି ସମାନ ଅନୁପାତରେ ହାଲୁକା ହୋଇ ପକ୍ଷୀର ଡେଣା ସଦୃଶ ଊର୍ଦ୍ଧ୍ୱାୟିତ ହୋଇ ଉଡ଼ିବାକୁ ଲାଗିଲା । ରଙ୍ଗମଞ୍ଚରେ ସଜ୍ଜିତ ଦୁଇ ପାର୍ଶ୍ୱ (ଉଇଙ୍ଗସ) ଏବଂ ଏହା ଉପରେ ଥିବା ଅସ୍ଥାୟୀ ଆବୃତ ଛାତ – ସବୁକିଛି ଅଦୃଶ୍ୟ ହୋଇଗଲା । ସଙ୍ଗୀତର ତାଳେ ତାଳେ ମୁଁ ଡେଣା ମେଲାଇ ଆନନ୍ଦରେ ଉଡ଼ିବାକୁ ଲାଗିଲି । ନୃତ୍ୟ ଶେଷ ହେଲା । ନୃତ୍ୟ ସମ୍ବନ୍ଧରେ ଶ୍ରୀମା ତାଙ୍କର ମନ୍ତବ୍ୟ ଦେବା ଉଦ୍ଦେଶ୍ୟରେ ଚଞ୍ଚଳ ପଦକ୍ଷେପରେ ମୋ ପାଖକୁ ଆସି ମୋର ଦକ୍ଷିଣ ହସ୍ତ ଧରି ସିଧା ସୁନିଲ-ଦା'ଙ୍କ ଆଡ଼କୁ ଆଗେଇ ଗଲେ ଯିଏକି ରଙ୍ଗମଞ୍ଚର ଅପର ପାର୍ଶ୍ୱରେ ଏକୁଟିଆ ଛିଡ଼ା ହୋଇଥିଲେ । ଶ୍ରୀମା ତାଙ୍କ ସମ୍ମୁଖରେ ଛିଡ଼ା ହୋଇ ମୁହୂର୍ତ୍ତକ ସକାଶେ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ ଦୃଷ୍ଟିରେ ତାଙ୍କୁ ଅନାଇ ରହିଲେ ଏବଂ ପର ମୁହୂର୍ତ୍ତରେ ପଚାରିଲେ, 'ତୁମେ ଏ ସଙ୍ଗୀତ କେଉଁଠୁ ଆଣିଲ ?' ସୁନିଲ-ଦା' ଶ୍ରୀମା'ଙ୍କୁ ଅନାଇ ନୀରବ ରହିଲେ । ତା'ପରେ ଆମେ ଦୁଇ ଜଣ ଶ୍ରୀମା'ଙ୍କୁ ପ୍ରଣାମ ନିବେଦନ କଲୁ । ମୋର ଦୃଢ଼ ବିଶ୍ୱାସ ସୁନିଲ-ଦା' ଏହି 'ଆସ୍ପୃହା' ସଙ୍ଗୀତ ରଚନା କରୁଥିବା ସମୟରେ ଊର୍ଦ୍ଧ୍ୱଲୋକରୁ ପ୍ରେରଣା ଲାଭ କରିଥିଲେ । ଶ୍ରୀମା'ଙ୍କ ଉକ୍ତିରେ ଏହା 'ନବଯୁଗର ସଙ୍ଗୀତ' ('The Music of the New Age')ମଧ୍ୟକୁ ପ୍ରଥମ ପ୍ରବେଶ ।''

ଏବେ ବାଚ୍ଚୀଙ୍କ ଉକ୍ତିରୁ ଉଦ୍ଧୃତି : ''ସୁନିଲ-ଦା' ତଥା ବାଦ୍ୟକାରଙ୍କର ସୃଜନ-କ୍ରିୟାକୁ ମନୋଯୋଗପୂର୍ବକ ନିରୀକ୍ଷଣ କରିବା ଅତ୍ୟନ୍ତ କୌତୁକପ୍ରଦ ବିଷୟ ଥିଲା । ଅନିଲ ସରୋଦ; ହରିତ୍ ମଧ ସରୋଦ, କେବେ କେବେ ତବଲା; ଅଶୋକ ଏବଂ ରୁଣୁ କ୍ଲାରିଓନେଟ୍ ଓ ବଂଶୀ; ଦେବୁ ଓ ମନୋଜ ସିତାର ବଜାଉଥିଲେ । ସୁନିଲ-ଦା'ଙ୍କର ବାଦ୍ୟକାରଙ୍କ ସହିତ ସଙ୍ଗୀତ ରଚନାରେ କନକଙ୍କର ଇଲେକ୍ଟ୍ରିକ୍ ଗିଟାର ବାଦନର ବି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ସେହି ପଚାଶ-ଦଶକର ପ୍ରାରମ୍ଭ କାଳରେ ଗିଟାର ବାଦ୍ୟଯନ୍ତ୍ରଟି ଆମମାନଙ୍କ ସକାଶେ ଏକେବାରେ ଅଭିନବ ଓ ଅଶ୍ରୁତପୂର୍ବ ଥିଲା । ମୋର ମନେହୁଏ କନକ ଏବଂ ତାଙ୍କର ଗିଟାର ସୁନିଲ-ଦା'ଙ୍କର ପରବର୍ତ୍ତୀ ସଙ୍ଗୀତ ରଚନାରେ ପ୍ରଭୂତ ମାତ୍ରାରେ ସୁସଙ୍ଗତ ଭାବରେ ସଂଯୋଜିତ ହୋଇ ଉଠିଥିଲା; କହିବାକୁ ଗଲେ ସେତେବେଳେ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ପ୍ରାୟଶଃ ଅନାବଶ୍ୟକ ହୋଇ ଉଠିଥିଲା । ... ଏସବୁ କଥା ତ ବାଦ୍ୟଯନ୍ତ୍ରୀମାନଙ୍କ ସମ୍ବନ୍ଧେ ପଦେଅଧେ । ପୁନଶ୍ଚ ସୁନିଲ-ଦା'ଙ୍କ ସଙ୍ଗୀତ ରଚନାରେ କଣ୍ଠଶିଳ୍ପୀମାନଙ୍କର ଅବଦାନ ମଧ କିଛି କମ୍ ନଥିଲା । ପ୍ରଭୂତ ମାତ୍ରାରେ ଅସାଧାରଣ କଣ୍ଠଶିଳ୍ପୀ ଥିଲେ ତାଙ୍କ ନିଜ ଭଉଣୀ ମିନି-ଦି' ଏବଂ ତଡ଼ିତ୍ ଚୌଧୁରୀ । ଏହି ଉଭୟଙ୍କ ବ୍ୟତୀତ ତୃତୀୟ କଣ୍ଠଶିଳ୍ପୀ ଥିଲେ ରବିବାଳା ଯିଏକି ସୁନିଲଙ୍କର ଅତ୍ୟନ୍ତ ସମ୍ମାନାସ୍ପଦା କଣ୍ଠଶିଳ୍ପୀ ଥିଲେ । କିନ୍ତୁ ଦୁଃଖର କଥା ଯେ ସୁନିଲ-ଦା'ଙ୍କର ସଙ୍ଗୀତ ରଚନାରେ ରବିବାଳାଙ୍କର କଦବା କେବେ ପ୍ରୟୋଜନ ହେଉଥିଲା । କିନ୍ତୁ ଏକଥା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ତାଙ୍କର ବିଶୁଦ୍ଧ କଣ୍ଠଧ୍ୱନିର ଚାରିତ୍ରିକ ବୈଶିଷ୍ଟ୍ୟ ଥିଲା ଏକେବାରେ ବିରଳ । ସୁନିଲ-ଦା' ସେତେବେଳେ ମୁଖ୍ୟତଃ ହାରମୋନିୟମ ବା ପିଆନୋ ବଜାଉ ଥିଲେ । ଏହି ଦୁଇ ବାଦ୍ୟଯନ୍ତ୍ର ବଜାଉଥିବା ବେଳେ ସେ କେବଳ ଗୋଟିଏ ଆଙ୍ଗୁଠି ବ୍ୟବହାର କରୁଥିଲେ । ଆମେମାନେ ତାଙ୍କର ଏହି ସ୍ୱତନ୍ତ୍ର ଶୈଳୀରେ ବାଦ୍ୟଯନ୍ତ୍ର ବଜାଇବା ଦେଖି ବେଶ୍

ଆନନ୍ଦିତ ହେଉଥିଲୁ ସତ, କିନ୍ତୁ ଆମମାନଙ୍କ ପାଇଁ ଏହା ଏକେବାରେ ଅବୋଧ ଥିଲା – ସେ କେମିତି ଏହା ସମ୍ପାଦନ କରୁଛନ୍ତି ! ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା କିପରି ସେ ରଙ୍ଗମଞ୍ଚରେ ନୃତ୍ୟରତା ନର୍ତ୍ତକୀଙ୍କର ଗତିବିଧିକୁ ମନୋଯୋଗପୂର୍ବକ ନିରୀକ୍ଷଣ କରି ଚାଲିଥିବା ବେଳେ ବାଦ୍ୟଯନ୍ତ୍ରରେ ଯଥାର୍ଥ ଏବଂ ସମୁଚିତ ସୁରମାଧୁରୀ ସୃଷ୍ଟି କରି ପାରୁଥିଲେ । ସୁନିଲ-ଦା' ଅତି ନିପୁଣ ଭାବରେ ସିତାର ମଧ ବଜାଇ ପାରୁଥିଲେ । ମନୋଜଙ୍କର ସିତାର ମାଷ୍ଟର ଥିଲେ ସୁନିଲ-ଦା' । କିନ୍ତୁ ଫୁଟବଲ ଖେଳରେ ଦୁର୍ଘଟଣା ଘଟି ତାଙ୍କ ମଣିବନ୍ଧର ଅସ୍ଥି ଭୁଲ୍ ଭାବରେ ଯୋଡ଼ି ହୋଇ ଯାଇଥିବାରୁ ସେ ଆଉ ବେଶୀକ୍ଷଣ ଧରି ସିତାର ବଜାଇ ପାରୁ ନଥିଲେ । ତେଣୁ ପରବର୍ତ୍ତୀ କାଳରେ ସେ ମୁଖ୍ୟତଃ ଅର୍ଗାନ୍ ବଜାଉ ଥିଲେ ।''

ପୁନଶ୍ଚ ବାଗ୍ଚୀଙ୍କ ଉକ୍ତିରେ : ''ସୁନିଲ-ଦା'ଙ୍କର ଏହିସବୁ କର୍ମମୁଖର ଜୀବନଧାରା (ମୋର ଅନୁମାନ) ଅବଲୀଳା କ୍ରମେ କ୍ରମଶଃ ସ୍ତିମିତ ହୋଇ ଆସିଲା । ମୁଁ ସ୍ମରଣରେ ଆଣି ପାରୁ ନାହିଁ ଠିକ୍ କେଉଁ ସମୟରୁ ସେ ଶିକ୍ଷକତା ବନ୍ଦ କରି ଦେଲେ । ବିଗତ କେତେ ବର୍ଷ ଧରି ତାଙ୍କର ଶିକ୍ଷକତା ଓ ସଙ୍ଗୀତ-ସୃଜନ ସମ୍ବନ୍ଧରେ ପ୍ରଭୂତ ଭାବରେ ଚର୍ଚ୍ଚା ହୋଇ ଆସିଛି । କିଛି ବର୍ଷ ପୂର୍ବରୁ ସେ ପ୍ରଖ୍ୟାତ ଗଣିତଜ୍ଞ ଡଃ. ଭେଙ୍କଟରମଣଙ୍କର ସହାୟତାରେ ସ୍କୁଲର ଉଚ୍ଚତର ଶ୍ରେଣୀରେ ପଠିତ ଗଣିତର ମାନ ବୃଦ୍ଧି ଘଟାଇ ଏକ ଅଭିନବ ପାଠ୍ୟକ୍ରମ ପ୍ରସ୍ତୁତ କରିଥିଲେ ଯାହାକି ପବିତ୍ର-ଦା'ଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା । ଶେଷ ଆଡ଼କୁ କିନ୍ତୁ ସେ କେବଳ ଉପର ଶ୍ରେଣୀମାନଙ୍କରେ ସେହି ଅଭିନବ ଶୈଳୀରେ ଗଣିତ ପଢ଼ାଉ ଥିଲେ । ଏହି ଗାଣିତିକ ସମସ୍ୟା (mathematical problems)ର ସମାଧାନ କରିବାରେ ରୀତିମତ ବ୍ୟାପୃତ ରହିବା ଫଳରେ ତାଙ୍କ ପାଇଁ ମସ୍ତିଷ୍କର ଭାରସାମ୍ୟତା ରକ୍ଷା କରିବାଟା କଷ୍ଟକର ହୋଇ ଉଠୁଥିଲା । ...''

ସୁନିଲ ତାଙ୍କର ଜନୈକ ବନ୍ଧୁଙ୍କୁ ପତ୍ର ମାଧମରେ ଉଲ୍ଲେଖ କରିଥିଲେ : ''ମୁଁ ଆମର 'ସେଣ୍ଟର ଅଫ୍ ଏଡୁକେଶନ୍'ରେ ପ୍ରାୟ କୋଡ଼ିଏ ବର୍ଷ ଧରି ଗଣିତର ପ୍ରଫେସର ଥିଲି । ୧୯୬୩ ମସିହାରେ ମୁଁ ଅବସର ନେଲି ଏବଂ ତା' ପରଠାରୁ ମୋର କୌଣସି ନିର୍ଦ୍ଦିଷ୍ଟ କର୍ମ ନଥିଲା ।''

ପୁନଶ୍ଚ ସୁନିଲ ତାଙ୍କର ଜଣେ ଦୀର୍ଘ ଦିନର ବନ୍ଧୁଙ୍କୁ ଶିକ୍ଷାଦାନ କାର୍ଯ୍ୟରୁ ଅବସର ନେବା ସମୟର କଥାକୁ ଏହି ମର୍ମରେ ଉଲ୍ଲେଖ କରିଥିଲେ : ''ଗତ ୧୯୬୩ ମସିହା ସେପ୍‌ଟେମ୍ବର ମାସର ମଝିରେ ମୋର ଉଦ୍‌ବିଗ୍ନତାରୁ ପ୍ରସୂତ ମାନସିକ ଅସନ୍ତୁଳନ (nervous breakdown)ର ଉପସର୍ଗ ଦେଖାଦେଲା । ତେଣୁ ମୁଁ ସ୍କୁଲରେ ନେଉଥିବା ସମସ୍ତ କ୍ଲାସରୁ ସାମୟିକ ଭାବରେ ଅବସର ନେଲି ଏବଂ ଏହି ଆଶା ପୋଷଣ କଲି ଯେ ପରବର୍ତ୍ତୀ ଶିକ୍ଷାବର୍ଷରୁ ପୁଣି କ୍ଲାସ ନେବା ଆରମ୍ଭ କରିବି । ଏହା ପରେ ମୁଁ ମୋର ଜନ୍ମଦିନ ୩ ନଭେମ୍ବରରେ ଶ୍ରୀମା'ଙ୍କୁ ଯଥାରୀତି ପ୍ରଣାମ ନିବେଦନ କରିବାକୁ ଗଲି । ମୋ ଉପରେ ଶ୍ରୀମା'ଙ୍କର ନଜର ପଡ଼ିବାର ଠିକ୍ ପର ମୁହୂର୍ତ୍ତରେହିଁ ସେ ପବିତ୍ରଙ୍କୁ କହି ପଠାଇଲେ ଯେ ଆଗାମୀ ବର୍ଷରେ ମୋତେ କୌଣସି କ୍ଲାସ ଦେବେ ନାହିଁ । ଶ୍ରୀମା ମୋତେ ମଧ ପୂର୍ଣ୍ଣ ବିଶ୍ରାମ ନେବାକୁ କହିଲେ । ମୁଁ ଏବେ ଅଧିକ ସୁସ୍ଥ ଅଛି । ଏବଂ ବିଗତ ତିନି ମାସର ପୂର୍ଣ୍ଣ ନିଷ୍କ୍ରିୟ ଜୀବନ ବିତାଇବା ପରେ ଅନୁଭବ କଲି ଯେ ଏମିତି ଜୀବନଧାରା ବେଶୀ ଦିନ ପର୍ଯ୍ୟନ୍ତ କ୍ରମାଗତ ବଜାୟ ରଖି ପାରିବି ନାହିଁ । ଏବଂ ସେ ମୁହୂର୍ତ୍ତରେ ମୋ ମନକୁ ଏକ ବିଚାର ଆସିଲା, ଆମର ଆଶ୍ରମ ବଗିଚାକୁ ଯାଇ କିଛି ଚାଷ କାମ କରିବି । ଗତ ଜାନୁଆରୀ ମାସରୁ ମା'ଙ୍କ ଅନୁମତି କ୍ରମେ ମୁଁ 'ଲ ଫୋସେୟର ଗାର୍ଡେନ୍‌ସ୍'ରେ କାମ ଆରମ୍ଭ କରିଛି । ...''

ବାଗ୍ଚୀ ଉପରୋକ୍ତ ଘଟଣାର ସବିଶେଷ ବର୍ଣ୍ଣନା ଦେଇଛନ୍ତି । ତହିଁରୁ କିୟଦଂଶର ସଂକ୍ଷିପ୍ତ ଭାବାନୁବାଦ ଏହିପରି : ଶ୍ରୀମା ସୁନିଲ ଦା'ଙ୍କୁ କହିଲେ ଚିତ୍ତବୃତ୍ତି ସଂକ୍ରାନ୍ତ ସମସ୍ତ ଗତିବିଧି ସମ୍ପୂର୍ଣ୍ଣ ରୂପେ ବନ୍ଦ କର – ଗଣିତ ନୁହେଁ, ଏପରିକି 'ଚେସ୍' ଖେଳ ମଧ ନୁହେଁ । ପୁନଶ୍ଚ ଶ୍ରୀମା ତାଙ୍କୁ କହିଲେ, ନିତି ଟେନିସ୍ ଗ୍ରାଉଣ୍ଡକୁ ଆସି ସେ ଟେନିସ୍ ଖେଳୁଥିବା ବେଳେ ବଲ୍ ଉଠାଇ ଆଣି ତାଙ୍କ ହାତରେ ଦେବାକୁ । ଅଧିକନ୍ତୁ ତାଙ୍କୁ ବୁଝାଇ ଦେଲେ ଯେ ବଗିଚାର ବୃକ୍ଷ ଛାୟା ତଳେ ବେଶ୍ କିଛି ସମୟ ଧରି ନୀରବ ନିଶ୍ଚଳ ହୋଇ ବସି ରହିଲେ ଉଦ୍ଭିଦ ଜଗତରୁ ଅନୁକ୍ଷଣ ନିଃସାରିତ ଅଫୁରନ୍ତ ସତେଜ ପ୍ରାଣଶକ୍ତି ତାଙ୍କ ମଧରେ ଅନୁପ୍ରବେଶ କରିବ ଏବଂ ତାଙ୍କୁ ଆରୋଗ୍ୟ ହୋଇ ଉଠିବାରେ ପ୍ରଭୂତ ସାହାଯ୍ୟ କରିବ । ତେଣୁ ସୁନିଲ-ଦା' ବେଶ୍ କିଛି ଦିନ ଧରି ନିତି ଆଶ୍ରମର ଅନତିଦୂରରେ ଥିବା କୌଣସି ଏକ ବଗିଚାକୁ ପଦବ୍ରଜରେ ଯାଇ ବୃକ୍ଷଛାୟା ତଳେ ବସି ରହୁଥିଲେ; ସାଥିରେ ଥିଲେ ସ୍ତ୍ରୀ ଗୌରୀ-ଦି' ଏବଂ ଗୌରୀ-ଦି'ଙ୍କର ସାନ ଭଉଣୀ

*(ଅବଶିଷ୍ଟାଂଶ ପୃଷ୍ଠା ୪୮ରେ ଦେଖନ୍ତୁ)*

# ସମୁଦ୍ର ପକ୍ଷୀଙ୍କର ଏକ କାହାଣୀ

[**ରିଚାର୍ଡ଼ ବାକ**ଙ୍କ ଦ୍ୱାରା ଲିଖିତ **'ଜୋନାଥନ୍ ଲିଭିଙ୍ଗଷ୍ଟୋନ୍ ସି-ଗଲ୍'** କାହାଣୀଟି
**ନଳିନୀକାନ୍ତ ଗୁପ୍ତ**ଙ୍କ ଦ୍ୱାରା ପୁନଃ କଥିତ ।]

ଏକ ସମୁଦ୍ର ଉପକୂଳରେ – ଦିଗନ୍ତ ବିସ୍ତାରୀ ଆକାଶ ତଳେ ଥିଲା ଏକ ବିସ୍ତୃତ ଖୋଲା ସ୍ଥାନ । ଶିଳାଖଣ୍ଡ ଏବଂ ଏହାର ଶିଖର ଦେଶରେ ଦଳ ଦଳ ହୋଇ ସି-ଗଲ୍ (ଏକ ପ୍ରକାର ସମୁଦ୍ର ପକ୍ଷୀ) ବାସ କରୁଥିଲେ; ହଜାର ହଜାର ସଂଖ୍ୟାରେ ସେ ପକ୍ଷୀଗୁଡ଼ିକର ଏକ ସମ୍ପୂର୍ଣ୍ଣ ଉପନିବେଶ ସେଠାରେ ଥିଲା । ତୁମେ ସତରେ ବା ଚିତ୍ରରେ କ'ଣ ସି-ଗଲ୍‌ଟିଏ ଦେଖିଛ କି ? ଏହି ସୁନ୍ଦର ପକ୍ଷୀର ସର୍ବାଙ୍ଗରେ କୌଣସି ଦାଗ ନଥାଏ, ଏହା ସମ୍ପୂର୍ଣ୍ଣ ଶ୍ୱେତ ଏବଂ ଯେତେବେଳେ ସେ ତାହାର ବିସ୍ତାରିତ ଡେଣା ଏବଂ ସୂକ୍ଷ୍ମ ନରମ ଶରୀର ସହିତ ଉଡୁଥାଏ ସେ ଦୃଶ୍ୟ ଅତ୍ୟନ୍ତ ମନୋଲୋଭା ଓ ଚମତ୍କାର ! ତୁମେ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟାବଳୀ ବିଷୟରେ କିଛି ଜାଣିଛ କି ? ଅବଶ୍ୟ, ସକାଳେ ସେମାନଙ୍କର ପ୍ରଥମ କାର୍ଯ୍ୟ ହେଉଛି ଉଡ଼ିବା ଏବଂ ଖାଦ୍ୟ ଅନ୍ୱେଷଣ କରିବା । ମାଛ ସେମାନଙ୍କର ଖାଦ୍ୟ । ତେଣୁ ଏହି ପକ୍ଷୀମାନେ ସମୁଦ୍ର ଉପରେ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ଉଡ଼ନ୍ତି ଏବଂ ଉପରୁ ତଳେ ପହଁରୁଥିବା ମାଛଗୁଡ଼ିକୁ ଦେଖନ୍ତି, ତଳକୁ ଖସି ସେମାନଙ୍କୁ ଧରି ପୁନର୍ବାର ଉପରକୁ ଉଡ଼ି ଆସନ୍ତି; ତା'ପରେ ସେମାନେ ନିଜ ବସାକୁ ଫେରି ଆସି ସେମାନଙ୍କର ଖାଦ୍ୟକୁ ଅନ୍ୟମାନଙ୍କ ସହ ଭାଗ କରିଥା'ନ୍ତି । ସ୍ୱାଭାବିକ ଭାବେ ସେଠାରେ ଅନେକ ସମୟରେ ପରସ୍ପର ମଧ୍ୟରେ ଭିଡ଼ାଓଟରା ଏବଂ ଲଢ଼େଇ ହୁଏ ଏବଂ ତାହା ତାଙ୍କ ଦିନଚର୍ଯ୍ୟାର ଏକ ଅଂଶବିଶେଷ । ତା'ପରେ ଅଧିକାଂଶ ସମୟ ସେମାନେ ଢୁଳାଇ ଥାଆନ୍ତି ବା ଶୋଇ ରୁହନ୍ତି କିଂବା ବେଳେବେଳେ ପୁଣି ଖାଦ୍ୟ ପାଇଁ ସମୁଦ୍ରକୁ ଉଡ଼ି ଯାଆନ୍ତି । ଏହା ବ୍ୟତୀତ ମିଳନ ଓ ପ୍ରଜନନ, ଏହି ଦୁଇଟି କ୍ରିୟାରେ ସେମାନେ ଭାଗ ନିଅନ୍ତି ଯାହାଦ୍ୱାରା ନୂତନ ଶାବକ ଜନ୍ମଗ୍ରହଣ କରନ୍ତି । ଏହାହିଁ ଥିଲା ସେମାନଙ୍କର ଜୀବନ ଏବଂ ସେମାନେ ଏହିପରି ଦିନ ପରେ ଦିନ, ବର୍ଷ ପରେ ବର୍ଷ ଅତିବାହିତ କରୁଥିଲେ । ମୁଁ ଭାବୁଛି, ଏହିପରି ଜୀବନ ଯାପନ କରିବାରେ ସେମାନେ ସମ୍ପୂର୍ଣ୍ଣ ତୃପ୍ତ ହୋଇ ରହିଥିଲେ ।

ଏହିପରି ଏକ ସମୟରେ ଗୋଟିଏ ସି-ଗଲ୍ ଅନ୍ୟ ପ୍ରକାରର କିଛି ଚିନ୍ତା କଲା । ଗୋଟିଏ ଚିନ୍ତା ତା' ଭିତରେ ପ୍ରବେଶ କଲା । ଗୋଟିଏ ଚିନ୍ତା କାହିଁକି ଏକ ପକ୍ଷୀ ଭିତରେ ପ୍ରବେଶ କରିବ ନାହିଁ ? ଏକ ନୂତନ ଚିନ୍ତା, ଏକ ବିଶ୍ୱାସ ମାନବ ଶିଶୁର ହୃଦୟରେ ପ୍ରବେଶ କରିଥିଲା ବୋଲି ଉପନିଷଦ୍‌ରେ ଲେଖା ରହିଛି; ସେହିପରି ଏକ ଜିଜ୍ଞାସା ବଳରେ ଏହି ପକ୍ଷୀଟିକୁ ସାଧାରଣ ପକ୍ଷୀଜୀବନ ଅତ୍ୟନ୍ତ ରସହୀନ ମନେ ହେଲା । ସେ ଭାବିଲା : 'ଖାଦ୍ୟ, ନିଦ୍ରା, କଳହ ଏବଂ ସଂଖ୍ୟାବୃଦ୍ଧି ଉପରେ ଏତେ ଗୁରୁତ୍ୱ କାହିଁକି ଦିଆଯିବ ?' ଉଡ଼ିବା ଏକ ସୁନ୍ଦର ଦୁଃସାହସିକ ଅଭିଯାନ ଭଳି ତାକୁ ଅନୁଭୂତ ହେଲା । ସେ ଭାବିଲା – କାହିଁକି କେବଳ ଅଳ୍ପ କିଛି ମାଇଲ ଉଡ଼ିବ, ପୁଣି ଫେରି ଆସିବ, ତଳକୁ ଖସିବ ଏବଂ ବସା ତିଆରି କରିବ ? କାହିଁକି ଦୂର ବିଦେଶର ବିସ୍ତୃତ ସମୁଦ୍ର ଏବଂ ସୀମାହୀନ ଆକାଶ ଉପରେ ଉଡ଼ିବ ନାହିଁ ? ଡେଣା ଥିବାରୁ ତାକୁ ବୋଧ ହେଲା ଯେ ବହୁ ଦୂରକୁ ଉଡ଼ିଯିବା ପାଇଁ ସେ ଯଥେଷ୍ଟ ଶକ୍ତିଶାଳୀ; ସେ ସେଥିପାଇଁ ଚେଷ୍ଟା କରିବ ।

ତେଣୁ ସେହିଦିନ ଠାରୁ ସେ ନିଜ ଜାତିଠାରୁ ଅଲଗା ହୋଇ ଦୀର୍ଘ ଯାତ୍ରା ଏବଂ ଦୀର୍ଘ ଉଡ଼ାଣର ଆନନ୍ଦ ପାଇଁ ବାହାରକୁ ଚାଲିଗଲା । ଏହା ତା' ପାଇଁ ନିରୋଳା ଆନନ୍ଦ ଥିଲା ଏବଂ ସେ ଦିନକୁ ଦିନ ଉଡ଼ାଣର ଦୂରତାକୁ ଶହେରୁ ହଜାରେ ମାଇଲ ଏବଂ ଆହୁରି ଅଧିକ ବଢ଼ାଇ ଚାଲିଲା; ଧୀରେ ଧୀରେ ଅଦ୍ଭୁତ ଭାବରେ ସେ ଶରୀରରେ ଶକ୍ତି ଅନୁଭବ କଲା ଏବଂ ଭିତରେ ଅବିଶ୍ୱସନୀୟ ଭାବରେ ଆନନ୍ଦ ଲାଭ କଲା । ଖାଦ୍ୟ, ନିଦ୍ରା କିଂବା ବିଶ୍ରାମ ଆଉ ତା'ର ବାଧକ ହେଲେ ନାହିଁ । ଯେତେବେଳେ ସେ ଏହି ନୂତନ ଦୁଃସାହସିକ ଅଭ୍ୟାସ କରୁଥିଲା, ତା'ର ଦୁଇ ତିନିଜଣ ସାଥୀ ଏହାକୁ ଲକ୍ଷ୍ୟ କରି ଉତ୍ସାହିତ ହୋଇଥିଲେ । ସେମାନେ ତା' ନିକଟକୁ ଯାଇ ଘଟଣା ବିଷୟରେ ପଚାରି ବୁଝିଲେ । ସେମାନଙ୍କୁ ସେ ଯାହା କରୁଥିଲା ସେ ବିଷୟ ବୁଝାଇଥିଲା : ସେ ତା'ର ପୁରୁଣା ଗତାନୁଗତିକ ଜୀବନରେ ଖୁସି ନଥିଲା, ଏକ ନୂତନ, ବ୍ୟାପକ, ଅଧିକ

ତେଜୋମୟ ଜୀବନ ସେ ଚାହୁଁଥିଲା । ଏହି ଯୋଜନାଟି ନବାଗତମାନଙ୍କୁ ଆକର୍ଷିତ କଲା ଏବଂ ସେମାନେ ଏକ ନୂତନ ଦୁଃସାହସିକ କାର୍ଯ୍ୟରେ ଯୋଗ ଦେବାକୁ ଚାହିଁଲେ । ସେମାନଙ୍କୁ ସେ ଆନନ୍ଦରେ ଗ୍ରହଣ କଲା ।

ଏହିପରି ଏହି ତିନି, ଚାରିଜଣ ବନ୍ଧୁ ଏକାଠି ହୋଇ ଏକ ନୂତନ ଜୀବନ ଆରମ୍ଭ କରିବାକୁ ସ୍ଥିର କଲେ । ଏହି ନବାଗତମାନଙ୍କୁ ପ୍ରଥମେ ଦୀର୍ଘ ଉଡ଼ାଣର ଶିକ୍ଷା ଦିଆଯାଇଥିଲା, ତାହା ଫଳରେ ସେମାନେ ବିଶ୍ରାମ ନ ନେଇ ହଜାର ହଜାର ମାଇଲ ଉଡ଼ି ପାରିଲେ । ଦିନେ ଅଗ୍ରଦୂତ ପକ୍ଷୀ – ଆସନ୍ତୁ ତାକୁ ଏକ ନାମ ଦେବା 'ଶୋଭନକ'– କାରଣ ସେ ଅତ୍ୟନ୍ତ ରୂପବାନ୍ ଥିଲା; ଶୋଭନକ ସାଥୀମାନଙ୍କୁ କହିଲା : ''ଦୀର୍ଘ ଉଡ଼ାଣ ଯଥେଷ୍ଟ ନୁହେଁ, କେବଳ ଭୂ-ସମାନ୍ତର ଉଡ଼ାଣ ନୁହେଁ ବରଂ ଏକ ଭୂଲମ୍ବ ଉଡ଼ାଣ ମଧ୍ୟ ଆମର ଆୟତ୍ତ ହେବା ଉଚିତ ।'' ତେଣୁ ସେମାନେ ଉପରକୁ, ବହୁ ଉପରକୁ, ମେଘ ଭିତରକୁ ଏବଂ ଯଥାସମ୍ଭବ ପୃଥିବୀର ବାୟୁମଣ୍ଡଳ ଏବଂ ମାଧ୍ୟାକର୍ଷଣ ଯେପର୍ଯ୍ୟନ୍ତ ଅନୁମତି ଦିଏ ସେପର୍ଯ୍ୟନ୍ତ ଉଡ଼ିବାକୁ ଚେଷ୍ଟା କଲେ । ସେମାନେ ଏଥିରେ ମଧ୍ୟ ସଫଳତା ହାସଲ କଲେ ଏବଂ ଏହି ସଫଳତା ଦ୍ୱାରା ସେମାନେ ଅନ୍ୟ ଏକ ରହସ୍ୟ ବିଷୟରେ ଚିନ୍ତା କରିବାକୁ ଆରମ୍ଭ କଲେ । ଶୋଭନକ ପୁଣି କହିଲା : ''ଭୂ-ସମାନ୍ତର କିଂବା ଭୂଲମ୍ବ ଭାବରେ ବହୁ ଦୂର ଉଡ଼ିଯିବା ଯଥେଷ୍ଟ ନୁହେଁ, ଆମକୁ ଆମର ଉଡ଼ାଣର ଗତି ବଢ଼ାଇବାକୁ ପଡ଼ିବ ।'' ଗତି ବୃଦ୍ଧି କରିବାର ଉପାୟ ହେଉଛି ଉପରୁ ତଳକୁ ଗତି କରିବା – ପୃଥିବୀ ଆଡ଼କୁ ମୁହାଁଇ ଗତି କରିବା । ଏହିପରି ଯଦି ଏକ ଘଣ୍ଟାରେ ପଚାଶ କିଂବା ଷାଠିଏ ମାଇଲ ଗତି କରିପାରିବେ ତେବେ ସେମାନେ ଗଣନା କଲେ ଯେ ସେମାନେ ଶବ୍ଦର ଗତି ହାସଲ କରିପାରିବେ ! ଧ୍ୱନି-ପ୍ରତିବନ୍ଧକକୁ ଭାଙ୍ଗିବା ପ୍ରକୃତରେ ଶାରୀରିକ ଗତି ପାଇଁ ଏକ ସଫଳତା । ବର୍ତ୍ତମାନ ସେମାନେ ଆହୁରି ଆଗକୁ ଯିବାକୁ ଚାହୁଁଥିଲେ । ଉଡ଼ାଣ ସହିତ ବର୍ତ୍ତମାନ ଶରୀରର ସମସ୍ତ ପ୍ରକାର କଳା-କୌଶଳ ସେମାନେ ଶିଖିଲେ – ଠିକ୍ ଯେପରି ଅଭିଜ୍ଞ ପାଇଲଟମାନେ ସେମାନଙ୍କର ବିମାନକୁ ନେଇ କରନ୍ତି, ଅର୍ଥାତ୍ ବିମାନକୁ ଖୁବ୍ ବେଗରେ ଉଡ଼ାଇବା ସହିତ ତାକୁ ବିଭିନ୍ନ ଭାବରେ ଉପରକୁ ଉଠାଇ ନିଅନ୍ତି, ତଳକୁ ଖସାଇ ଦିଅନ୍ତି, ହଠାତ୍ ଦିଗ ବଦଳାଇ ଦିଅନ୍ତି ... ଇତ୍ୟାଦି । ଏହି ଅଭ୍ୟାସ ଦ୍ୱାରା ସେମାନେ ନିଜ ଶରୀରକୁ ଏକ ନମନୀୟ ଏବଂ ଉଦ୍ଭାସିତ ଶକ୍ତିରେ ପରିଣତ କଲେ ।

ଏହି ସମୟରେ ଦିନେ ହଠାତ୍ ସେମାନେ ଦୂରରୁ ସେମାନଙ୍କ ଭଳି ଏକ ପକ୍ଷୀ ଦେଖିଲେ; ପକ୍ଷୀଟି ସେମାନଙ୍କ ଭଳି ଦେଖାଯାଉଥିଲା, କିନ୍ତୁ ଥିଲା କିଛି ମାତ୍ରାରେ ଭିନ୍ନ, ଅଧିକ ସୁନ୍ଦର, ଅଧିକ ଗୌରବୋଜ୍ଜ୍ୱଳ । ସେମାନେ ତା' ନିକଟକୁ ଗଲେ, କିଂବା ବୋଧହୁଏ ସେ ସେମାନଙ୍କ ନିକଟକୁ ଯାଇ କହିଲା, ''ମୁଁ ତୁମକୁ ଲକ୍ଷ୍ୟ କରୁଥିଲି, ତୁମେ ଯାହା କରୁଛ ତାହା ଅତ୍ୟନ୍ତ ଚମତ୍କାର ଅଟେ । ତୁମର ସଫଳତା ପ୍ରକୃତରେ ଆଶ୍ଚର୍ଯ୍ୟଜନକ । କିନ୍ତୁ ଆହୁରି ଅନେକ କିଛି କରିବା ପାଇଁ ଅଛି । ତୁମର ପ୍ରକୃତ ପୂର୍ଣ୍ଣତା ପାଇଁ କ'ଣ କରିବାକୁ ପଡ଼ିବ ତାହା ମୁଁ ତୁମକୁ ଶିଖାଇବାକୁ ଆସିଛି । ବର୍ତ୍ତମାନ ପର୍ଯ୍ୟନ୍ତ ତୁମେ ଗୋଟିଏ ସ୍ତରରେ ଯାଉଥିଲ, ତୁମର ସମସ୍ତ ଅଗ୍ରଗତି ଗୋଟିଏ ପରିସରରେ ହୋଇଛି । ମୁଁ ବୁଝାଇ କହୁଛି : ତୁମେ ଗତିଶୀଳ, ହୋଇ ଉଡ଼ିବା ଶିଖିଛ । ତୁମକୁ ବର୍ତ୍ତମାନ ଅଣ-ଗତିଶୀଳ ଅବସ୍ଥାରେ ଉଡ଼ିବା ଶିଖିବାକୁ ପଡ଼ିବ । ଏହା ଶବ୍ଦର ଏକ ବିରୋଧାଭାସ କି ? ନୂତନ ପରିସରରେ ତୁମମାନଙ୍କୁ ବିରୋଧାଭାସଗୁଡ଼ିକର ସମାଧାନ କିଂବା ଏକୀକରଣ କରିବାକୁ ପଡ଼ିବ । ଭଲଭାବେ ଶୁଣ, ମୁଁ ତୁମକୁ ନିଶ୍ଚଳ ଭାବେ ଉଡ଼ିବାର ରହସ୍ୟ ଦେଉଛି । ମୁଁ ଯାହା କହୁଛି ତାହା ଅନ୍ୟ ଏକ ପରିସର ଏବଂ ଅନ୍ୟ ଏକ ସ୍ଥାନର କଥା; ତୁମକୁ ଏକ ବ୍ୟବହାରିକ ପ୍ରଦର୍ଶନ ଦେବା ଭଲ ।'' ଶୋଭନକକୁ ସମ୍ବୋଧନ କରି ସେ କହିଲା, ''ଆସ, ମୋ ନିକଟକୁ, ଏଠାରେ ସଳଖ, ଦୃଢ଼ ଓ ନିଶ୍ଚଳ ହୋଇ ଠିଆ ହୁଅ । ସାଧାରଣତଃ ଯେତେବେଳେ ତୁମେ ଉଡ଼, ପ୍ରଥମେ ତୁମେ ଉଡ଼ିବା ପାଇଁ ସଙ୍କଳ୍ପ କରିଥାଅ, ତା'ପରେ ସେହି ସଙ୍କଳ୍ପକୁ ତୁମ ଶରୀରରେ, ମାଂସପେଶୀରେ ଏବଂ ସ୍ନାୟୁରେ ପ୍ରକ୍ଷେପ କର, ଏହି ସଙ୍କଳ୍ପ ତୁମର ଡେଣାରେ ବିସ୍ତାରିତ ହୁଏ ଏବଂ ତୁମର ଡେଣାକୁ ଗତିଶୀଳ କରାଏ । ଏବେ ତୁମକୁ ଯାହା କରିବାକୁ ହେବ ତାହା ଏହାର ବିପରୀତ । ତୁମର ଇଚ୍ଛା ଏବଂ ଶକ୍ତିକୁ ବାହାରକୁ ପଠାଇବା ପରିବର୍ତ୍ତେ ତୁମେ ନିଜ ଅନ୍ତର ଭିତରେ ସଙ୍କଳ୍ପ ଏବଂ ଶକ୍ତି ସଂଗ୍ରହ କର; ଅର୍ଥାତ୍, ତୁମର ଇଚ୍ଛା ଏବଂ ଶକ୍ତିକୁ ବିକ୍ଷେପିତ କରିବା ପରିବର୍ତ୍ତେ ଭିତରେ ଏକୀଭୂତ କର । ସମଗ୍ର ବିଷୟ ଏହି ଏକାଗ୍ରତା ଉପରେ ନିର୍ଭର କରେ, ତୁମ ନିଜକୁ ଗୋଟିଏ ବିନ୍ଦୁରେ କେନ୍ଦ୍ରୀଭୂତ କରି ତୁମର ଶକ୍ତି ସଂଗ୍ରହ କର ଏବଂ ତା'ପରେ କେବଳ ସେ ବିନ୍ଦୁକୁ ଲକ୍ଷ୍ୟ କର; ଅର୍ଥାତ୍ ତୁମର ଚିନ୍ତା କିଂବା ଚେତନା ସହିତ ଲକ୍ଷ୍ୟ କର କେଉଁ ସ୍ଥାନକୁ ତୁମେ ଯିବାକୁ ଚାହୁଁଛ । ଏହା ଲକ୍ଷ୍ୟସ୍ଥଳକୁ ସୂଚାଇ

ଦେଉଥିବା ଏକ ତୀର ସଂଯୋଜିତ ଧନୁ ପରି । ତା'ପରେ ନିଜକୁ ସେହି ସ୍ଥାନକୁ ଯିବାକୁ ଦିଅ । ପ୍ରକୃତରେ ଯଦି ତୁମର ଏକାଗ୍ରତା ପୂର୍ଣ୍ଣ ହୋଇଥିବ ତେବେ ତୁମେ ତୁମ ଲକ୍ଷ୍ୟ ସ୍ଥଳରେ ସିଧା ପହଞ୍ଚିଯିବ; ମଧ୍ୟବର୍ତ୍ତୀ ପର୍ଯ୍ୟାୟଗୁଡ଼ିକ ଦୂରବୀକ୍ଷଣ ଯନ୍ତ୍ର ଦେଇ ଦୂର ଜିନିଷ ନିକଟରେ ଯେପରି ଦେଖାଯାଉଥିଲା ସେହିପରି ଅତିକ୍ରମ ହୋଇଯିବ, ସତେ ଯେପରି ସମସ୍ତ ପଦକ୍ଷେପକୁ ଏକ ବଜ୍ର ବେଗରେ ଗୋଟିଏ ମାତ୍ର ଲମ୍ଫ ଦ୍ୱାରା ଡ଼େଇଁଯିବ । ବର୍ତ୍ତମାନ ମୁଁ ଯାହା କହିଲି ତାହା କରିବାକୁ ଚେଷ୍ଟା କର । ମୁଁ ଯାହା କରୁଛି ଅନୁଭବ କର ।''

ଏହା ଅତି ଚମତ୍କାର ଥିଲା, ଶୋଭନକ ଅଭିଜ୍ଞ ପକ୍ଷୀଟିକୁ ଦେଖିଲା, ଯିଏ କିଛିକ୍ଷଣ ପୂର୍ବେ ତାଙ୍କ ନିକଟରେ ଥିଲା କିନ୍ତୁ ବର୍ତ୍ତମାନ ସେ ଅନ୍ୟ ଏକ ଶିଖରରେ, ପରବର୍ତ୍ତୀ ମୁହୂର୍ତ୍ତରେ ସେହି ଅଭିଜ୍ଞ ଉଡ଼ାଳି ତାଙ୍କ ଶିଷ୍ୟ ପାର୍ଶ୍ୱକୁ ଫେରି ଆସିଥିଲା । ଶିଷ୍ୟ ପ୍ରଶଂସା କରି କହିଲା : ''ଏହା ଏକ ଅସମ୍ଭବ ବ୍ୟାପାର, କିନ୍ତୁ ତୁମେ ଏହା କରିଥିବାରୁ, ମୁଁ ଏହା କରିବାକୁ ଚେଷ୍ଟା କରିବି ।'' 'ହଁ', ବରିଷ୍ଠ ଜଣକ କହିଲା; ''ମୁଁ ମଧ୍ୟ ଗୋଟିଏ ଦିନରେ କିଂବା ଗୋଟିଏ ପ୍ରୟାସରେ ସଫଳ ହୋଇପାରି ନଥିଲି । ଏଥିପାଇଁ କିଛି ସମୟ, ଏପରିକି ଦୀର୍ଘ ସମୟ ଲାଗେ । କିନ୍ତୁ ନିରବଚ୍ଛିନ୍ନତା, ଅଧ୍ୟବସାୟ, ବିଶ୍ୱାସ ଏବଂ ଅଣ-ହତୋତ୍ସାହ-ବୋଧ ତୁମକୁ ବିଜୟ ଆଣିଦେବ ।''

''ବର୍ତ୍ତମାନ ମୁଁ ତୁମକୁ ଶିକ୍ଷାର ଚରମ, ସର୍ବୋଚ୍ଚ ରହସ୍ୟ, ଗଭୀର ସାର କଥା କହୁଛି'', ବରିଷ୍ଠ ଜଣକ ଏହିପରି କଥାକୁ ଜାରି ରଖିଲେ – ''ଏହି ଶରୀର କଠିନ ପଦାର୍ଥରେ ତିଆରି । ଏହି ପଦାର୍ଥ ଯାହା ଏତେ କଠିନ, ଦୃଢ଼, ଟାଣ ମନେହୁଏ, ତାହା ପ୍ରକୃତରେ ସେପରି ନୁହେଁ; ତୁମେ ନିଶ୍ଚୟ ଏବେ ଏ ବିଷୟକୁ ହୃଦୟଙ୍ଗମ କରିସାରିଛ । ତୁମେ ଏପରି ବି କହିପାରିବ ନାହିଁ ଯେ ଏହି ଶାରୀରିକ ପଦାର୍ଥ ଏକ ଆଚ୍ଛାଦନ ଏବଂ ଯାହାର ପ୍ରକୃତ ବାସ୍ତବତା ହେଉଛି ଶକ୍ତି ସଂରକ୍ଷଣ ଏବଂ ଶକ୍ତିର ଖେଳ । ଶରୀର, ଏହାର ସ୍ଥୂଳ ଗଠନ କେବଳ ଏକ ଧାରଣା । 'ତୁମେ ଅନୁଭବ କର ଯେ ତୁମର ଶରୀର ଅଛି, ତୁମର ଧାରଣା ବାହାରେ ଏହାର ସ୍ଥିତି ନାହିଁ', ତୁମର ଧାରଣା ଅଭୌତିକ । ଶରୀର ଏତେ ସୁନ୍ଦର ଭାବରେ ଦୃଶ୍ୟ ହୁଏ, ବସ୍ତୁତଃ ଯାହା ଏତେ ସ୍ଥିର ମନେହୁଏ, ତାହା କେବଳ ଧାରଣାଗୁଡ଼ିକର ସମ୍ମିଶ୍ରଣ, ତୁମ ମନର ଏକ ପ୍ରକ୍ଷେପଣ । ଗୋଟିଏ ସ୍ତର ଠାରୁ ଅନ୍ୟ ଏକ ସ୍ତର ପର୍ଯ୍ୟନ୍ତ ତୁମର ବିସ୍ତାରିତ ଡେଣା କେବଳ ତୁମର ଚିନ୍ତାଧାରାକୁ ନେଇ ଗଠିତ ହୋଇଛି, ଯେପରି ସେଗୁଡ଼ିକ ଏକତ୍ର ହୋଇ ଗୁଚ୍ଛା ହୋଇଛି । ଯଦି ତାହାହିଁ ହୁଏ ତେବେ ତୁମେ ସ୍ୱାଭାବିକ ଭାବରେ ପ୍ରତ୍ୟେକ ଚିନ୍ତାକୁ ନିୟନ୍ତ୍ରଣ କରିପାରିବ, ଅନ୍ୟ ଅର୍ଥରେ ତୁମର ଶରୀରକୁ ମଧ୍ୟ ନିୟନ୍ତ୍ରଣ କରିପାରିବ; ଅର୍ଥାତ୍ ତୁମର ଶରୀର ତୁମର ଦୟା – ଅନ୍ୟ ପ୍ରକାରରେ ତୁମ ଚିନ୍ତାର ଦୟାର ପାତ୍ର । ତୁମେ ଶରୀରକୁ ନିଜ ଇଚ୍ଛାନୁସାରେ ଚଳାଇ ପାରିବ ଯେହେତୁ ସ୍ୱାଭାବିକ ଭାବରେ ତୁମେ ଚିନ୍ତାଗୁଡ଼ିକୁ ମଧ୍ୟ ଚଳାଇପାରିବ । ତେଣୁ ଯାହା ଆବଶ୍ୟକ, ତାହା ହେଉଛି ଚେତନା ମଧ୍ୟକୁ ମନକୁ ପ୍ରତ୍ୟାହାର କରିବା ଏବଂ ଏହାକୁ ନିୟନ୍ତ୍ରଣ କରିବା, ସେହି କେନ୍ଦ୍ରରୁ ଏହାକୁ ବ୍ୟବହାର କରିବା । ମୁଁ ତୁମକୁ ଦେଖାଇଲି କିପରି ଏହି ଅନ୍ତର୍ନିହିତ ଉଦ୍ଦେଶ୍ୟ କାର୍ଯ୍ୟକାରୀ ହୋଇପାରେ ଏବଂ କିପରି ଜଣେ ଏହାର ସ୍ପଷ୍ଟ ତଥାକଥିତ ଜଡ଼ ସୂତ୍ର ଦ୍ୱାରା ଆସକ୍ତ ନଥାଏ । ଏହା ବୁଝିବା କଷ୍ଟକର କିନ୍ତୁ ଯେପରି ମୁଁ ତୁମକୁ ଦେଖାଇଛି ଅଭ୍ୟାସ ଦ୍ୱାରା ତୁମେ ସବୁ ବୁଝିଯିବ ।''

କିଛିଦିନ ବିତିଗଲା, ଶୋଭନକ ନୂତନ କୌଶଳ ଅଭ୍ୟାସ କରୁଥିଲା ଏବଂ ସଫଳତା ଆଡ଼କୁ ଯାଉଥିଲା । ଅଭିଜ୍ଞ ସି-ଗଲ୍ ଆଉ ଥରେ ଆସି ସେହି ତିନି, ଚାରି ଜଣ ଆସ୍ପୃହାଶୀଳ ପକ୍ଷୀଦଳକୁ କହିଲା, ''ମୋର ଉଦ୍ଦେଶ୍ୟ ସମାପ୍ତ ହୋଇଛି, ମୁଁ ତୁମକୁ ଶିକ୍ଷା ଦେଇଛି ଯାହା ଶିଖାଯିବା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ତୁମେ ସଫଳତାର ଏକ ଯଥାର୍ଥ ମାର୍ଗରେ ଅଗ୍ରସର ହେଉଛ । ଏକ ଶେଷ କଥା ମନେ ରଖିବାକୁ ହେବ, ତୁମର ସଫଳତା କେବଳ ନିଜ ପାଇଁ ନୁହେଁ କିନ୍ତୁ ତୁମେ ପଛକୁ ଫେରି ଏହି ନୂତନ ଦିବ୍ୟଗୁଣଗୁଡ଼ିକୁ ତୁମ ପଛରେ ଛାଡ଼ିଥିବା ସାଥିମାନଙ୍କ ମଧ୍ୟରେ ସ୍ଥାପନ କରିବା ପାଇଁ ଚେଷ୍ଟା କରିବ, ସେମାନେ ମଧ୍ୟ ଏହି ନୂତନ ଜୀବନର ଆନନ୍ଦ ଏବଂ ଗୌରବ ଅନ୍ୟମାନଙ୍କ ଭିତରେ ବାଣ୍ଟିବା ଉଚିତ । ମୋତେ ଯିବାକୁ ପଡ଼ିବ; କାରଣ ଅନେକ କାର୍ଯ୍ୟ ବାସ୍ତବ ଏବଂ ଉଚ୍ଚତର ପରିଧିରେ କରିବାକୁ ରହିଛି । କିନ୍ତୁ ସାହାଯ୍ୟ ସର୍ବଦା ତୁମ ପାଖକୁ ଆସିବ; ମୁଁ ଆସିବି କିଂବା ଅନ୍ୟ କେହି ଆସିବେ, ତୁମେ ସର୍ବଦା ଉତ୍ସୁକ ସାହାଯ୍ୟକାରୀଙ୍କ ସଙ୍ଗ ପ୍ରାପ୍ତ ହେବ ।'' ଏହା କହି ସେହି ଅଭିଜ୍ଞ ସି-ଗଲ୍ ପକ୍ଷୀ ଉଡ଼ିଗଲା ଏବଂ ଧୀରେ ଧୀରେ ଏକ ଜ୍ୱଳନ୍ତ ବିନ୍ଦୁରେ ପରିଣତ ହେଲା ଏବଂ ତାରାମାନଙ୍କ ମଧ୍ୟରେ ଅଦୃଶ୍ୟ ହୋଇଗଲା ।

ବର୍ତ୍ତମାନ ଏହି ପରିବର୍ତ୍ତିତ ସି-ଗଲ୍‌ମାନେ ଏକାଠି

ହୋଇ ମିଳିତ ଭାବରେ ପରାମର୍ଶ କଲେ । ସେମାନଙ୍କୁ ସେମାନଙ୍କର ପୁରୁଣା ସାଥୀମାନଙ୍କ ମଧ୍ୟକୁ ଫେରିଯିବା ଆବଶ୍ୟକ ଥିଲା କିନ୍ତୁ ସେମାନେ ଏହା କିପରି କରିପାରିବେ ? ସ୍ୱାଭାବିକ ଭାବରେ ସେମାନେ ପୁରୁଣା ଜୀବନ ଧାରାକୁ ଫେରିପାରିଲେ ନାହିଁ । ଏହା ବ୍ୟତୀତ, ସେମାନଙ୍କୁ ତାଙ୍କର ପୁରୁଣା ଗୋଷ୍ଠୀ ଗ୍ରହଣ କରିବ ନାହିଁ । ସେମାନେ ବହିଷ୍କୃତ ହୋଇଥିଲେ ଏବଂ ସେମାନେ ବର୍ତ୍ତମାନ ଏକ ବିଜାତୀୟ ଗୋଷ୍ଠୀ ହୋଇଥିଲେ । ଯଦି ସେମାନେ ସେମାନଙ୍କର ପୁରୁଣା ସାଥୀମାନଙ୍କ ସମାଜରେ ପ୍ରବେଶ କରିବେ, ସେମାନଙ୍କ ସହିତ ସମ୍ଭବତଃ ହିଂସାତ୍ମକ ବ୍ୟବହାର କରାଯାଇପାରେ କିଂବା ବୋଧହୁଏ ହତ୍ୟା କରାଯାଇପାରେ । କିନ୍ତୁ କୌଣସି ବିକଳ୍ପ ନଥିଲା, ସେମାନଙ୍କୁ ନିର୍ଦ୍ଦେଶ ହୋଇଥିଲା ଯେ ସେମାନଙ୍କୁ ବର୍ତ୍ତମାନ ସେମାନଙ୍କର ପୁରୁଣା ବନ୍ଧୁମାନଙ୍କ ସହ ଯୋଗାଯୋଗ କରିବାକୁ ହେବ ଏବଂ ସେମାନଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିବାକୁ ହେବ, ସେମାନଙ୍କୁ ଜୀବନର ନୂତନ ମୋଡ଼ରେ ଯଥା ସମ୍ଭବ ମାର୍ଗଦର୍ଶନ କରିବା ସେମାନଙ୍କର କର୍ତ୍ତବ୍ୟ ଥିଲା ।

ତେଣୁ ସେମାନେ ସେମାନଙ୍କର ପୁରୁଣା ଅବସ୍ଥାନକୁ ଫେରିଗଲେ ଏବଂ ସେମାନଙ୍କର ପୂର୍ବ ବନ୍ଧୁମାନଙ୍କ ଦୃଷ୍ଟିରେ ପଡ଼ିବା ମାତ୍ରେ, ପ୍ରାୟ ସମସ୍ତେ ଦୌଡ଼ିଯାଇ ଚିତ୍କାର କରିଲେ, ଏକ ସତର୍କ ଘଣ୍ଟି ବଜାଇ ଯେପରି କହିଲେ, 'ଶତ୍ରୁମାନେ ଆସି ଯାଇଛନ୍ତି !' କିନ୍ତୁ ଏହି ନୂତନ ଜୀବମାନେ, ନୂତନ ପ୍ରକାରର ସି-ଗଲ୍‌ମାନେ ହତୋତ୍ସାହିତ ହୋଇ ନଥିଲେ; ସେମାନେ ସାହସର ସହିତ ଏବଂ ଶାନ୍ତ ଭାବରେ ଭୟ ରହିତ ହୋଇ ଯୁଦ୍ଧ କିଂବା ବିରୋଧ କରିବା ଉଦ୍ଦେଶ୍ୟ ନରଖି ସେମାନଙ୍କର ସମ୍ମୁଖୀନ ହେଲେ । ସେମାନେ ସେମାନଙ୍କର ପ୍ରାଚୀନ ବାସସ୍ଥାନ ଉପର ଦେଇ ଏକ ସୁନ୍ଦର 'ଆକୃତି'ରେ ଯାତ୍ରା କଲେ, ସେମାନଙ୍କର ସୁନ୍ଦର ଶୁଭ୍ର, ପୂରାପୂରି ଶୁଭ୍ର ଶରୀରଗୁଡ଼ିକ ଏକ ନୂତନ ଜ୍ୟୋତିଃରେ ଉଦ୍ଭାସିତ ହୋଇ ଉଠିଲା, ଏକ ନୂତନ ସୌନ୍ଦର୍ଯ୍ୟରେ ସ୍ପନ୍ଦିତ ହେଉଥିଲା । ଯେଉଁମାନେ କ୍ରୋଧ ଓ ରୋଷରେ ପରିପୂର୍ଣ୍ଣ ହୋଇ ଯୁଦ୍ଧ ଏବଂ ବିରୋଧ କରିବାକୁ ଦୌଡ଼ିଗଲେ, ସେମାନେ ସମସ୍ତେ ଅଟକି ଗଲେ, ଦ୍ୱିଧା ଏବଂ ଆଶ୍ଚର୍ଯ୍ୟର ସହ ଠିଆ ହୋଇ ରହିଲେ ।

ଏହିପରି ଚମତ୍କାର ଭାବରେ, ଶାନ୍ତିପୂର୍ଣ୍ଣ ଭାବରେ ଯୁଦ୍ଧରେ ବିଜୟ ଲାଭ ହେଲା । ପୁରାତନ ଜାତି, ବିଶେଷ ଭାବରେ ଯୁବ ପିଢ଼ି ଏହି ନବାଗତମାନଙ୍କ ଗତି ଏବଂ ଉଡ଼ାଣ ପଦ୍ଧତିକୁ ପ୍ରଶଂସା କଲେ । ସେମାନେ ବର୍ତ୍ତମାନ ଜାଣିବାକୁ ପାଇଲେ ଯେ ଜୀବନର ପୁରୁଣା ଧାରା ଆଗ୍ରହପ୍ରଦ ନୁହଁ, କେବଳ ଖାଦ୍ୟ ଅନ୍ୱେଷଣ ପାଇଁ ଉଡ଼ିବାରେ ବିଶେଷ ଆନନ୍ଦ ନାହିଁ, କେବଳ ମାଛ ଧରିବା ଏବଂ ସେମାନଙ୍କୁ ଗିଳିବା, ଅନନ୍ତକାଳ ଏପରି କରିବା, ସେହି ସମାନ ନୀରସ ନିତ୍ୟକର୍ମକୁ ପୁନରାବୃତ୍ତି କରିବାରେ କୌଣସି ଆନନ୍ଦ ନାହିଁ । ଏହା ପରିବର୍ତ୍ତେ, କେବଳ ଉଡ଼ିବାରେହିଁ ଆନନ୍ଦ, ଉଡ଼ିବା ପାଇଁ ଉଡ଼ିବାରେ, ଦୂରଦୂରାନ୍ତକୁ, ସୁଦୂର ଅସୀମ ସ୍ଥାନମାନଙ୍କରେ, ଅପରିଚିତ ଏବଂ ଅଜ୍ଞାତ ଅନ୍ତରୀକ୍ଷରେ ଉଡ଼ିବାରେହିଁ ଆନନ୍ଦ । ଏହିପରି ସେମାନଙ୍କ ଗତିବିଧିରେ ଏକ ନୂତନ ଅର୍ଥ ସଂଯୋଗ କରିବା ଦ୍ୱାରା ଧୀରେ ଧୀରେ ପୁରୁଣା ଜାତିର ଜୀବନ ଧାରା ବଦଳିବାକୁ ଲାଗିଲା – ସତେ ଯେପରି ଶରୀରରେ ଏକ ନୂତନ ଅଙ୍ଗ ଦେଖାଦେଲା ଏବଂ ଅସ୍ତିତ୍ୱର ଏକ ନୂତନ ଦିଗ ଉନ୍ମୋଚିତ ହେଲା ।

ଏହି ସୁସ୍ଥ ପ୍ରଭାବ ଅଧିକ ପ୍ରଭାବଶାଳୀ ହେଲା, କାରଣ ସେମାନେ ଏକ ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟପୂର୍ଣ୍ଣ ଘଟଣାର ସାକ୍ଷୀ ରହିଲେ ।

ଉଡ଼ିବାର କଳା, ଉଡ଼ିବାର ସମସ୍ତ କଷ୍ଟଦାୟକ ଏବଂ କଳାତ୍ମକ ଧାରା ବିଷୟରେ ଶୋଭନକ ଏକ ପ୍ରଦର୍ଶନ ଦେଖାଉଥିଲା । ସେ ବିଜୁଳି ବେଗରେ ଗତି କରି ଦେଖାଉଥିଲା ଯେ କେତେ କ୍ଷିପ୍ର ଭାବରେ ଜଣେ ଉଡ଼ିବା ପାଇଁ ସକ୍ଷମ । ବହୁ ସଂଖ୍ୟାରେ ଦର୍ଶକ ଏକ ଖୋଲା ମଞ୍ଚ ପରିସରରେ ଏକତ୍ରିତ ହୋଇଥିଲେ ଏବଂ ସମସ୍ତ ଚମତ୍କାର ଏବଂ ଅସମ୍ଭବ ପ୍ରାୟ ଶାରୀରିକ କଳାକୌଶଳକୁ ଧ୍ୟାନର ସହ ଦେଖୁଥିଲେ । ସେମାନେ ଦେଖିଲେ ହଠାତ୍ ଦୂର ଆକାଶର ଏକ ପାର୍ଶ୍ୱରୁ ଶୋଭନକ ଅନ୍ୟ ପାର୍ଶ୍ୱକୁ ବିଜୁଳି ବେଗରେ ଚାଲି ଆସୁଛି ! ଏହି ସମୟରେ ଗୋଟିଏ ବିପଥଗାମୀ ପକ୍ଷୀ ଦ୍ରୁତ ଗତିରେ ଆସୁଥିବା ପକ୍ଷୀ ପଥରେ ଉପସ୍ଥିତ ହେଲା । ଅନୁପ୍ରବେଶକାରୀ ସହ ଧକ୍କା ନହେବା ପାଇଁ ଶୋଭନକ ଘୂରି ବୁଲିଲା ଓ ନିଜକୁ ସିଧା ନିକ୍ଷେପ କଲା ... 'ଓଃ ! କି ଭୟଙ୍କର !' ଦର୍ଶକମାନଙ୍କ ମଧ୍ୟରୁ ଦୟା ଏବଂ କାତରତାର ଏକ କ୍ରନ୍ଦନରୋଳ ଉଠିଲା । ଏକ ଅବିଶ୍ୱସନୀୟ ତୀବ୍ର ଗତିରେ ଆସୁଥିବା ବେଳେ ଶୋଭନକ ନିଜ ପଥରେ ଥିବା ପକ୍ଷୀଠାରୁ ହଠାତ୍ ଦୂରେଇ ଗଲା ବେଳେ ଅନ୍ୟ ପାର୍ଶ୍ୱକୁ ଅବରୋଧ କରୁଥିବା ଏକ ଶିଖର ଉପରେ ଧକ୍କା

ଖାଇ ଖସି ପଡ଼ିଲା । ସମସ୍ତେ ଭାବିଲେ, ସେହିଠାରେହିଁ ବିଚକ୍ଷଣ ପକ୍ଷୀଟିର ସମାପ୍ତି ଘଟିଥିବ, ସେ ନିଶ୍ଚିତ ଭାବରେ ବର୍ତ୍ତମାନ କେବଳ ଏକ ମାଂସ ପିଣ୍ଡୁଳାରେ ପରିଣତ ହୋଇଥିବ । କିନ୍ତୁ ନା, କି ଚମତ୍କାର ହେଲା ! ସୁସ୍ଥସବଳ ଶୋଭନକ ସେଠାରେ ଧୀରେ ଧୀରେ ଏବଂ ଆରାମରେ ଉଡୁଥିଲା, ତା'ପରେ ଅତି ସୁନ୍ଦର ଭାବରେ ପୃଥିବୀକୁ ଓହ୍ଲାଇଲା, ଯେପରି କିଛି ହୋଇ ନାହିଁ । ତା'ର ଶରୀର ହାଡ଼ ମାଂସରେ ନିର୍ମିତ ପରି ମନେ ହେଉ ନଥିଲା; ମନେ ହେଉଥିଲା ଯେପରି କିଛି ବାୟବୀୟ ପଦାର୍ଥରେ ତିଆରି ହୋଇଥିଲା ! ତାହା ଏତେ ନରମ, ଏତେ ନମନୀୟ ଥିଲା ଯେ ତା' ଉପରେ କୌଣସି ପ୍ରତିରୋଧ କାର୍ଯ୍ୟ କରୁ ନଥିଲା । ଏହା ଏକ ଅଦୃଶ୍ୟ ଆଲୋକର କିରଣ ଅତିକ୍ରମ କଲା ଭଳି ଗତି କରୁଥିଲା ।

ପରିଣାମରେ ପୁରାତନ ସମ୍ପ୍ରଦାୟ ଧୀରେ ଧୀରେ ଏବଂ ଏକ ନିଶ୍ଚିତତାର ସହ ସେମାନଙ୍କର ଅଭ୍ୟାସକୁ ବଦଳାଇଲେ । ସେମାନେ ଦୁଃସାହସିକ ତଥା ଦୂରଦୂରାନ୍ତରେ, ଅଜ୍ଞାତ ଅସୀମ ନୀଳ ତରଙ୍ଗ ଉପରେ ଯାତ୍ରାକଲେ । ଅନେକେ ସେଥିରେ ନିପୁଣ ହୋଇଥିଲେ । ସେମାନେ ନିକଟସ୍ଥ ନୂତନ ବାସସ୍ଥାନକୁ ଯାଇ ନୂତନ ଗୋଷ୍ଠୀ ଗଠନ କରିଥିଲେ ଏବଂ ସେମାନଙ୍କୁ ନୂତନ ଜୀବନ କୌଶଳ ପ୍ରଦାନ କରିଥିଲେ । ସେହି ପୁରାତନ ନିପୁଣମାନେ, ଶୋଭନକ ଓ ତାଙ୍କ ସହଯୋଗୀ ସେମାନଙ୍କ ସହିତ ଗୁରୁ ଏବଂ ମାର୍ଗଦର୍ଶକ ଭାବରେ ରହିଥିଲେ । ଏହିପରି କାଳକ୍ରମେ ନୂତନ ମାର୍ଗଦର୍ଶକ ଏବଂ ନୂତନ ଶିକ୍ଷକମାନେ ସୃଷ୍ଟି ହେଲେ । ଗୋଷ୍ଠୀ ପରେ ଗୋଷ୍ଠୀ ନୂତନ ଜୀବନରେ ଆଗେଇ ଯିବା ପରେ ଏପରି ଏକ ଜୀବନ ଆସିଲା ଯେଉଁଥିରେ ପୁରାତନ ଏବଂ ଅପରିଚ୍ଛନ୍ନ ଅଭ୍ୟାସଗୁଡ଼ିକ ଦୂର ହୋଇଗଲା ଏବଂ ଏକ ସୁନ୍ଦର ଓ ସଙ୍ଗତିପୂର୍ଣ୍ଣ ଜୀବନ ରହିଲା ।

ଏଠାରେ ମୋର କାହାଣୀ ସମାପ୍ତ ହେଲା । ଏହା ହେଉଛି ଏକ କାହାଣୀ, ବରଂ ଜଣେ ପାଇଲଟଙ୍କ ସୂକ୍ଷ୍ମଦର୍ଶନ ଏବଂ ଆସ୍ପୃହାର ଏକ ସୁନ୍ଦର ପ୍ରତୀକ; ଏକ ପ୍ରକୃତ ପାଇଲଟ ଯିଏ ପ୍ରକୃତ ବିମାନ ଉଡ଼ାଉଥିଲେ । ଯେତେବେଳେ ସେ ନିଜର ବିମାନର କଠିନ ଯାନ୍ତ୍ରିକ ଡେଣା ସହିତ ପୃଥିବୀର ମାଧ୍ୟାକର୍ଷଣ ନିୟନ୍ତ୍ରଣରୁ ମୁକ୍ତ ଅନ୍ୟ ଏକ ଅଞ୍ଚଳକୁ ଉଡ଼ି ଯାଉଥିଲେ, ସେତେବେଳେ ସେ ଅନ୍ୟ ଏକ ଡେଣା, ସୁବର୍ଣ୍ଣ ଡେଣା; ଅନ୍ୟ ଏକ ଅଞ୍ଚଳ, ସୁବର୍ଣ୍ଣ ଅଞ୍ଚଳ; ଅନ୍ୟ ଏକ ଚେତନା, ଅତିମାନବ ଚେତନାରେ ଉଡ଼ିବାର କଳ୍ପନା କରିଥିଲେ ।

ଏଠାରେ ବ୍ୟବହୃତ ପ୍ରତୀକ ଅତ୍ୟନ୍ତ ଉପଯୁକ୍ତ ଏବଂ ଅର୍ଥପୂର୍ଣ୍ଣ । ସି-ଗଲ୍ ସାଧାରଣତଃ ଦେଖିବାକୁ ଅତ୍ୟନ୍ତ ସୁନ୍ଦର : ଏହାର ତୁଷାରଧବଳ ସ୍ୱଚ୍ଛ ଶରୀର, ବିସ୍ତାରିତ ଡେଣା ଏବଂ ଉଡ଼ାଣରେ ଏହାର ସୁନ୍ଦରତା ପ୍ରକୃତରେ ଏକ ମନୋମୁଗ୍ଧକର ଦୃଶ୍ୟ । ଏହି ପାର୍ଥିବ ଜୀବ ମନୁଷ୍ୟ ଅନ୍ତରରେ ମଧ୍ୟ ସେହିପରି ଏକ ସୁନ୍ଦର ସତ୍ତା ରହିଛି ଏବଂ ଯାହାର ଶୁଦ୍ଧତା ତୁଷାର ପରି ଶୁଭ୍ର ଏବଂ ଗତିବୃତ୍ତିରେ ଅତ୍ୟନ୍ତ କମନୀୟ । ଏହି ସତ୍ତାଟିକୁ ବାହାରକୁ ଆଣି ପ୍ରକାଶ କରିବାକୁ ପଡ଼ିବ, ଯେମିତି ସି-ଗଲ୍ ନିଜକୁ ରୂପାନ୍ତରିତ କଲା; ତାହାର ନିଜସ୍ୱ ପ୍ରକୃତି ଓ ପଦାର୍ଥକୁ ଏକ ସ୍ପନ୍ଦିତ ହୀରକ ଜ୍ୟୋତିଃରେ ରୂପାନ୍ତରିତ କଲା, ତା'ର ଜଡ଼ ଶରୀରଟି ଏକ ତୀବ୍ର ଏବଂ ନିୟନ୍ତ୍ରିତ ବିଚ୍ଛୁରିତ ଶକ୍ତିରେ ପରିଣତ ହେଲା ।

ଭାଷାନ୍ତର : ଯଶସ୍ୱିନୀ ରାୟ ❑

---

*(ପୃଷ୍ଠା ୪୩ର ଅବଶିଷ୍ଟାଂଶ)*

ଛବି-ଦି' । କିନ୍ତୁ ମୋର ବୋଧାତୀତ ଥିଲା ସେ କାହିଁକି ମଧ୍ୟାହ୍ନ ଭୋଜନ ପରେ ଦିନ ଦୁଇଟା କି ସାଢ଼େ ଦୁଇଟା ସମୟରେ ଘରୁ ବାହାରୁ ଥିଲେ । ଗ୍ରାମାଞ୍ଚଳର ବୃକ୍ଷ ଛାୟାରେ ନୀରବରେ ବସି ପ୍ରକୃତିର ଅପରୂପ ଶୋଭା ସମ୍ଭାର ଉପଭୋଗ କରି ସେ ଗୋଧୂଳି ସମୟରେ ଘରକୁ ଫେରୁଥିଲେ । ...

'ଲ ଫୋସେୟର ଗାର୍ଡେନ୍‌ସ୍'ରେ କାମ କରି ସୁନିଲ-ଦା' ଉଦ୍ଭିଦ-ବିଜ୍ଞାନରେ ତାଙ୍କର ପାରଦର୍ଶିତାର ପ୍ରଦର୍ଶନ କରିପାରିଥିଲେ । ଆଶ୍ଚର୍ଯ୍ୟଜନକ ଭାବରେ ସେ ମଞ୍ଜି ନଥିବା ଭେଣ୍ଡି ଉତ୍ପାଦନ କରିଥିଲେ ଏବଂ ଉତ୍କୃଷ୍ଟ ଧରଣର ଗହମ ଚାଷ ମଧ୍ୟ କରିଥିଲେ, ଯାହାକି ଶ୍ରୀମା'ଙ୍କର ବ୍ୟବହାର ସକାଶେ ଯଥେଷ୍ଟ ପରିମାଣର ଥିଲା ।

ଏହି ସମୟକାଳଟି ଥିଲା ସୁନିଲ-ଦା'ଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ଶେଷ ପୃଷ୍ଠା । ତାଙ୍କର ଅଧ୍ୟାପନାରୁ ବେଶ୍ କତିପୟ ଶ୍ରଦ୍ଧାବାନ୍ ବିଦ୍ୟାର୍ଥୀ ବଞ୍ଚିତ ହେଲେ ସତ; କିନ୍ତୁ ପରବର୍ତ୍ତୀ ସମୟରେ ଜଗତ୍ ଏକ ଅସାଧାରଣ ସଙ୍ଗୀତ ଶିଳ୍ପୀ ପ୍ରାପ୍ତ ହେବାର ସୌଭାଗ୍ୟ ଅର୍ଜନ କରିଥିଲା ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ଦେବାଶିଷର କୁମ୍ଭୀର

## ପ୍ରସାଦ ତ୍ରିପାଠୀ

ଦେବାଶିଷ କିଣ୍ଡରଗାର୍ଟେନ୍‌ରେ ନୂଆ କରି ନାମ ଲେଖାଇଥିବା ଛାତ୍ରଟିଏ, ବୟସରେ ସାଥୀମାନଙ୍କଠାରୁ ସାମାନ୍ୟ ବଡ଼ । ମାନସିକ ଅଗ୍ରଗତିରେ ବୋଧହୁଏ ଟିକେ ପଛୁଆ । ସେଇଥିପାଇଁ ମାଆବାପା ତାକୁ ଡେରିରେ ସ୍କୁଲରେ ଦାଖଲ କରିଛନ୍ତି ପାଠ ପଢ଼ିବାକୁ । ତା' ମଧ୍ୟରେ ପାଠ ପ୍ରତି ଟିକେ ହେଲେ ଆଗ୍ରହ ନାହିଁ । ଏମିତି ତ କିଣ୍ଡରଗାର୍ଟେନ୍‌ରେ ପାଠପଢ଼ା ବହୁତ କମ୍ । ତଥାପି ସେତିକି ମଧ୍ୟ ସେ ପଢ଼ିବାକୁ ଆଦୌ ଚାହେଁ ନାହିଁ । ମାଆବାପାଙ୍କର ବିଶ୍ୱାସ, ହୁଏତ ଟିକେ ଡେରିରେ ପାଠ ବୁଝିବ, ମାତ୍ର ତା'ର ଆଗ୍ରହ ଶୂନ ।

ଦୀପାଅପା ତା'ର ଶ୍ରେଣୀ ଶିକ୍ଷୟିତ୍ରୀ । ଆରମ୍ଭରୁ ସବୁପିଲା ନୂଆ ଆସିଥିଲା ବେଳେ ସେ କିଛି ଜାଣିପାରି ନଥିଲେ । ସବୁ ପିଲା ଆସ୍ତେ ଆସ୍ତେ ପୁରୁଣା ହେଲେ । ମାତ୍ର ଦେବାଶିଷ ପ୍ରଥମ ଦିନ ଯାହା, ଛଅମାସ ପରେ ମଧ୍ୟ ସେଇଆ । ସ୍କୁଲ ଗେଟ୍ ପାଖରେ ପହଞ୍ଚି ବାପାଙ୍କ ସ୍କୁଟରରୁ ଓହ୍ଲାଇବ । ଟିକେ କାନ୍ଦିବ । ବାପା ବୁଝାଇ ଦେବେ । ବାପାଙ୍କୁ ପଚାରିବ – ଆଜି ଶୀଘ୍ର ଆସି ନେଇଯିବ ତ ? ବାପା କହିଦେବେ ହଁ । ପୁଣି ପଚାରିବ ବିସ୍କୁଟ ଦେଇଛ । ବାପାଙ୍କ ଉତ୍ତର ହଁ । ତା'ପରେ କହିବ ଚାଲ ମୋତେ ଛାଡ଼ିଦେଇ ଆସିବ । ବାପା କିଛି ବାଟ ଗେଟ୍ ପାଖରୁ ଭିତରକୁ ନେଇଯିବେ । ସେଠାରେ ନନ୍ଦାଅପା ତାକୁ ନେଇଯିବେ । ତା'ପରେ କାନ୍ଦ ବନ୍ଦ । ଏକଦମ୍ ଅଲଗା । ଯେମିତି ମୁହୂର୍ତ୍ତକ ଆଗରୁ ସେ ଆଦୌ ଘରୁ ଆସି ନାହିଁ । ଏଇଠି ଏଇ ସ୍କୁଲରେ ଥିଲା ।

ଶ୍ରେଣୀରେ ଟିକେ ବି ଥୟ ଧରି ବସିପାରେ ନାହିଁ । ସବୁ ପିଲାଙ୍କ ସହିତ ଲାଗେ । ଖୁବ୍ ଦୁଷ୍ଟାମୀ କରେ । ପାଠ ତ ଜମା ପଢ଼େ ନାହିଁ । ତେବେ ସମୟତକ କ'ଣ କରିବ ? ସମସ୍ତଙ୍କ ସହିତ ଟିକେ ଟିକେ ଦୁଷ୍ଟାମୀ କରି ସମୟ କଟାଏ । ଅପା ବିଚାରୀ ଅସହାୟ ହୋଇ ସାରିଲେଣି । ଦେବାଶିଷ ଶେଷକୁ ଅପାଙ୍କ ପାଖରେ ବସେ । ମାତ୍ର ତା'ର ଦୃଷ୍ଟି ସବୁ ଆଡ଼କୁ ଖେଳୁଥାଏ । ଟିକେ ସୁଯୋଗ ପାଇଲେ ଉଠି ଚାଲିଯାଏ । ତାକୁ ଜଗି ଜଗି ଅପା କ୍ଳାନ୍ତ ହୋଇଯା'ନ୍ତି । ଶେଷକୁ ବାଧ୍ୟ ହୋଇ ଛାଡ଼ି ଦିଅନ୍ତି । ସେ ପୁଣି ତାଙ୍କ କ୍ଲାସ ଛାଡ଼ି ଅନ୍ୟ କ୍ଲାସକୁ ଯାଏ । ସେଠାରେ କେହି ଜଣେ ଅପା ପଢ଼ାଉଥିବେ । ସେ ବିରକ୍ତ ହୁଅନ୍ତି । ସେଠାରୁ ଚାଲି ଆସେ । ଏମିତିରେ ସମୟ କଟେ । ଛୁଟି ହେଲେ ଦେବାଶିଷ ଘରକୁ ଫେରିଯାଏ ।

ଦେବାଶିଷ ପାଠ ପଢ଼େନି । କିନ୍ତୁ କାହାଣୀ କହିବାରେ ଧୁରନ୍ଧର । ଯେତେ ଯେତେ ଦୁଃସାହସିକ କାହାଣୀ ସେସବୁ ଭଲଭାବେ ମନେ ରଖେ ଏବଂ ଅବିକଳ ପ୍ରକାଶ କରେ । ପୂରାପୂରି ଚରିତ୍ର ସହିତ ମଜ୍ଜି ଯାଇ କହେ । ପାଟି ଲାଗୁଥିବାରୁ ତା'ର କଥାଗୁଡ଼ିକ ଶୁଣିବାକୁ ଭଲ ଲାଗେ । ସମସ୍ତେ ତା'ର ଖନା ପାଟିରୁ ଗପ ଶୁଣନ୍ତି, ଉପଭୋଗ କରନ୍ତି, ହସନ୍ତି; ମାତ୍ର ସେ ଟିକେ ବି ହସେ ନାହିଁ, ବିବ୍ରତ ହୁଏ ନାହିଁ । ହନୁମାନଙ୍କ କାହାଣୀ, ଭୀମଙ୍କ କାହାଣୀ ପ୍ରଭୃତି କହିବା ବେଳେ ସେ ନିଜ ମୁଖ ମଣ୍ଡଳରେ ତଦନୁଯାୟୀ ଭାବ ପ୍ରକାଶ କରି କହେ ।

ଦିନେ ଦିନେ ତା' ଅପା ଅତି ବ୍ୟସ୍ତ ହୋଇ ତାକୁ ମୋ ପାଖରେ ଛାଡ଼ି ଦେଇ ଯାଆନ୍ତି । ମୁଁ ତାକୁ ପାଖରେ ବସାଇ ତା'ର ମନୋଭାବ ବୁଝିବାକୁ ଚେଷ୍ଟା କରେ । ଥରେ ତା'ର ଗୋଟିଏ ଖାତାରେ ମୁଁ ଏକ ମୋଟା ମଣିଷର ଛବି ଆଙ୍କି ଦେଇ ତା'ର ନାମ ଭୀମ ବୋଲି କହିଲି । ଲକ୍ଷ୍ୟ କଲି – ଦେବାଶିଷ ଖୁବ୍ ଆଗ୍ରହରେ ଛବିଟିକୁ ନିରୀକ୍ଷଣ କଲା ଏବଂ ତୁରନ୍ତ ପ୍ରଶ୍ନ କଲା – ''ଆଉ ବକାସୁର ?'' ମୋତେ ବାଧ୍ୟ ହୋଇ ଗୋଟିଏ ବକାସୁର ଛବି ଆଙ୍କିବାକୁ ହେଲା । କିନ୍ତୁ ଦେବାଶିଷ ଯାହିତାହିରେ ମାନିଯିବା ପିଲା ନୁହେଁ, ସେ କହି ଚାଲିଛି – ''ଭାଇ, ବକାସୁରର ମୁହଁ ବଗଭଳି । ତୁମେ ମଣିଷ ଭଳି କ'ଣ କରୁଛ ?'' ମୁଁ ପୁଣି ମୋର ଭୁଲ୍ ସଂଶୋଧନ କଲି । ପୁଣି ଦିନେ ହନୁମାନଙ୍କର ଏକ କାଳ୍ପନିକ ଛବି ଆଙ୍କି କହିଲି – ଦେଖିଲ ଦେବାଶିଷ, ହନୁମାନ କିପରି ହୋଇଛନ୍ତି ? ଦେବାଶିଷ ଦୁଇହାତ ଯୋଡ଼ି ସାଙ୍ଗେ ସାଙ୍ଗେ ନମସ୍କାର କଲା ଏବଂ କହିଲା – ''ଭାଇ, ହନୁମାନ ପରା ଗନ୍ଧମାଦନ ପାହାଡ଼ ଧରି ଉଡ଼ି ଉଡ଼ି ଯାଇଥିଲେ । ଲକ୍ଷ୍ମଣଙ୍କ ଶକ୍ତିଭେଦ ହୋଇଥିଲା ତ ! ସେଥିପାଇଁ ଗନ୍ଧମାଦନ ପାହାଡ଼ରୁ ବିଶଲ୍ୟକରଣୀ ଆଣିବାକୁ ହନୁମାନ ଯାଇଥିଲେ । ଜାଣିଛ ଭାଇ, ହନୁମାନ ବିଶଲ୍ୟକରଣୀ ଗଛ ଚିହ୍ନି ପାରିଲେ ନାହିଁ । ସେଇଥିପାଇଁ ପୂରା ଗନ୍ଧମାଦନ ପାହାଡ଼କୁ

ଉଠାଇ ଆଣିଲେ ।'' ଅସମ୍ଭବ ସ୍ମୃତି । କୌଣସି କାହାଣୀର କିଛି ବି ବିସ୍ମରଣ ହୋଇ ନାହିଁ । ସବୁକିଛି ଅତି ପ୍ରାଞ୍ଜଳ, ସ୍ପଷ୍ଟ ।

ଦେବାଶିଷର ପାଠରେ କାହିଁକି ଆଗ୍ରହ ଆସୁନି । ଏ କଥାର ଉତ୍ତର ପାଇଲି । ଅନ୍ତତଃ ଗୋଟିଏ କଥା ସତ୍ୟ ଯେ, କାହାଣୀ ଭଳି ଆନନ୍ଦ ସେ ପାଠରେ ପାଉ ନାହିଁ । ପାଠଟି ତାକୁ ଶୁଷ୍କ ଲାଗୁଛି । ସେ ବହିରୁ ପଢ଼ିବାକୁ ଚାହେଁନି, ଅକ୍ଷରରୁ ଶିକ୍ଷା ଆରମ୍ଭ କରିବାକୁ ଇଚ୍ଛା କରେନି । ସଂଖ୍ୟାରୁ ଗଣିତ ଶିଖିବାକୁ ରାଜି ହେଉ ନାହିଁ ।

ଦିନେ ଦେବାଶିଷ ଶ୍ରେଣୀରୁ ବାହାରି ଆସିଛି । ତା' ଅପା ତାକୁ ଖୋଜି ଖୋଜି ପାଉ ନାହାନ୍ତି । ହଠାତ୍ ତାଙ୍କ ଶ୍ରେଣୀକୁ ଲାଗିଥିବା ପ୍ରକାଣ୍ଡ ଆମ୍ବଗଛ ଆଢୁଆଳରେ ଦେବାଶିଷର ପଛ ପାଖରୁ ଟିକେ ଦେଖାଗଲା । ଅପା ସେଠାରେ ପହଞ୍ଚି ଦେଖିଲେ ଦେବାଶିଷ ଅତି ନିବିଷ୍ଟ ଚିତ୍ତରେ ସେଠାରେ ବସି କ'ଣ ଗୋଟାଏ କରୁଛି । ଅପା ଅତି ବ୍ୟସ୍ତ ହୋଇ କହିଲେ – ''ଦେବାଶିଷ ତୁମେ ଏଇଠି ବସିଛ ? ମୁଁ କେତେ ବ୍ୟସ୍ତ ହୋଇ ତୁମକୁ ଖୋଜୁଛି । ତୁମେ ସେଠାରେ କ'ଣ କରୁଛ ? ଦେବାଶିଷ ଆଦୌ ମୁଣ୍ଡ ନ ଉଠାଇ କହିଲା – ''ଅପା, ଦେଖ ଗୋଟାଏ କୁମ୍ଭୀର ।'' ''ଶୁଖିଲା ବାଲିରେ କ୍ଲାସରୁମ୍ ପାଖରେ ଗୋଟାଏ କୁମ୍ଭୀର କେଉଁଠାରୁ ଆସିବ ?'' ଅପା ପୁଣି ବିରକ୍ତ ହୋଇ କହିଲେ – ''କୁମ୍ଭୀର ନା ହାତୀ । କ'ଣ କରୁଛ – ତୁମେ ଆସୁଛ ନା ନାହିଁ ?'' ଦେବାଶିଷ ତଥାପି ନିର୍ବିକାର । ଆଦୌ ବିଚଳିତ ନହୋଇ ସେମିତି ବସି କହିଲା – ''ଆସୁନ ଅପା, ଦେଖିବ ଗୋଟାଏ କେମିତିଆ କୁମ୍ଭୀର ।''

ସେଇ ବ୍ୟସ୍ତତା ଭିତରେ ଅପା ଦେବାଶିଷ ପାଖକୁ ଗଲେ । ଦେଖିଲେ ଆମ୍ବଗଛ ମୂଳରେ ଥିବା ଗୋଟିଏ ମୁନିଆ ଚେର ଠିକ୍ କୁମ୍ଭୀର ମୁହଁ ଭଳି ହୋଇଛି ଏବଂ ଦେବାଶିଷ ତାକୁ ଅତି ଆଗ୍ରହର ସହିତ ନିରୀକ୍ଷଣ କରୁଛି । ଅପାଙ୍କୁ ସେଇ ଚେରର ମୁନିଆ ଅଂଶକୁ ଦେଖାଇ ଦେବାଶିଷ କହିଲା – ''ଅପା ଏଇଟା ଗୋଟାଏ କୁମ୍ଭୀର ନୁହଁ ?''

ଅପା କିଛି ସମୟ ଧରି ଗଛର ଚେରକୁ ନିରୀକ୍ଷଣ କଲେ । ବିଶ୍ୱାସ କରି ପାରିଲେନି । ଅବିକଳ ନକଲ କଲା ଭଳି ଗଛର ଚେରଟି ଗୋଟିଏ କୁମ୍ଭୀରର ମୁଣ୍ଡ ଭଳି ଦିଶୁଛି । କି ଆଶ୍ଚର୍ଯ୍ୟ ! ବର୍ଷ ବର୍ଷ ଧରି ସେ ସେଇ ଶ୍ରେଣୀରେ ପିଲାମାନଙ୍କୁ ପଢ଼ାଇ ଆସୁଛନ୍ତି । ସେଇ ଗଛ ମୂଳରେ ଅନେକବାର ବସିଛନ୍ତି । ଗଛ ମୂଳରୁ ପତ୍ର ସଫା କରିଛନ୍ତି, ମାତ୍ର ତାହା ଯେ ଏକ କୁମ୍ଭୀର ସଦୃଶ ରୂପ ଧାରଣ କରିଛି ଏକଥା କଳ୍ପନାରେ ସୁଦ୍ଧା ଚିନ୍ତା କରି ପାରି ନାହାନ୍ତି, ମାତ୍ର ଦେବାଶିଷ ତାକୁ ଦେଖିବା ମାତ୍ରକେ ତା'ର ସୃଜନଶୀଳତା ଦ୍ୱାରା ଏକ କୁମ୍ଭୀର ସୃଷ୍ଟି କରି ପାରିଛି ।

ଅପା ପ୍ରକୃତରେ ଆତ୍ମ-ବିଭୋର ହେଲେ । ଦେବାଶିଷର ପାଠପଢ଼ାରେ ଅନାଗ୍ରହ, ଦୁଷ୍ଟାମୀ ତାଙ୍କୁ ଆଉ ବ୍ୟସ୍ତ କଲା ନାହିଁ । ସେ ଯେ ଅନ୍ୟ କୌଣସି ଏକ ରାଜ୍ୟରେ ବିଚରଣ କରୁଛି, ଏକଥାର ଅନୁଭବ ହେଲା । ତାକୁ ଚିରାଚରିତ ଧାରାରେ ଶିକ୍ଷା ଦେବାର ପ୍ରୟାସ ଯେ ବୃଥା, ଏକଥା ମଧ୍ୟ ସେ ଅନୁଭବ କଲେ ।

❑❑❑

ଜଣେ ଯଦି କଳ୍ପନାକୁ କିପରି ବ୍ୟବହାର କରିବାକୁ ହୁଏ ତାହା ଜାଣେ ଓ ସେଥିଲାଗି ତାହାର ସାମର୍ଥ୍ୟ ଥାଏ ତେବେ ତାହାଦ୍ୱାରା ସେ ତା'ର ନିଜ ଅସ୍ତିତ୍ୱକୁ ନିଜେହିଁ ଗଢ଼ିପାରିବ । ବାସ୍ତବରେ ସୃଷ୍ଟି କରିବାର ଓ ଜଗତରେ ବସ୍ତୁସକଳକୁ ଗଠନ କରିବାର ଏହା ହେଉଛି ଏକ ମୌଳିକ ଉପାୟ । ମୁଁ ସବୁବେଳେ ଅନୁଭବ କରିଛି ଯେ ଯଦି ଜଣକର କଳ୍ପନା ଶକ୍ତି ନାହିଁ ତେବେ ସେ କୌଣସି ଅଗ୍ରଗତି କରିପାରିବ ନାହିଁ । ତୁମର କଳ୍ପନା ସବୁବେଳେ ତୁମ ଜୀବନର ଆଗେ ଆଗେ ଚାଲୁଥାଏ । ଯେତେବେଳେ ତୁମେ ନିଜ ବିଷୟରେ ଚିନ୍ତା କର, ସାଧାରଣତଃ ତୁମେ ଯାହା ହେବାକୁ ଚାହଁ ତାହାହିଁ କଳ୍ପନା କରିଥାଅ । ଏଇଆ କରି ନଥାଅ କି ? ଏବଂ ସେହି କଳ୍ପନା ଆଗେ ଆଗେ ଯାଏ, ତୁମେ ତାକୁ ଅନୁସରଣ କର, ତା'ପରେ ଏହା ଆଗକୁ ଯିବାକୁ ଲାଗେ ଓ ତୁମେ ତାକୁ ଅନୁସରଣ କରିଥାଅ । କଳ୍ପନା ତୁମ ଲାଗି ଉପଲବ୍ଧିର ପଥ ଉନ୍ମୁକ୍ତ କରିଦିଏ । ...

(CWM, Vol. 7, p. 233) — ଶ୍ରୀମା

କାହାଣୀ :

# ଅଜଣା ଦ୍ୱୀପର ଆଶୀର୍ବାଦ

## ମନୋଜ ଦାସ

'କିସ ପୁଣି ଦେଖା ନଯାଏ ଜୀଇଁ ରହିଥିଲେ ଏ ମହୀରେ ।' ଜଣେ ଯୁବକ ବ୍ୟବସାୟୀଙ୍କର ହୋଇଥିଲା ଏମନ୍ତ ଏକ ଅଭିଜ୍ଞତା :

ପିତାମହଙ୍କ କାଳରୁ ଦେଶ-ବିଦେଶରୁ ନାନାଦି ଚିଜ ଆମଦାନି କରି ନିଜ ରାଜ୍ୟର ବେପାରୀମାନଙ୍କୁ ଯୋଗାଇବା ଥିଲା ତାଙ୍କ ବ୍ୟବସାୟ । ଥରେ ସେ ଜାହାଜରେ ଯାଇ ଏକ ବଡ଼ ବନ୍ଦରରେ ଡେରା ପକାଇଥା'ନ୍ତି । ଗୋଟାଏ ସୁସଜ୍ଜିତ ଦୋକାନରେ ସୁନ୍ଦର ଶତରଞ୍ଜି ଓ ଗଦି ଉପରେ ବିରାଟ ବାଲିଶକୁ ଆଉଜି ବସିଥା'ନ୍ତି ଜଣେ ପ୍ରୌଢ଼ । ଯୁବକଙ୍କର ମନେ ହେଲା, ସେ ଯେମିତି ତାଙ୍କୁ ପୂର୍ବରୁ ଦେଖିଛନ୍ତି ।

''କିହୋ ବାବୁ ! ମୋ ଆଡ଼େ ଅନାଇ ରହିଛ କାହିଁକି ?'' ପ୍ରୌଢ଼ କୋମଳ କଣ୍ଠରେ ପଚାରିଲେ ।

''କିଛି ମନେ କରିବେ ନାହିଁ । ମୋତେ ଯେତେବେଳେ ଦଶ ବର୍ଷ ବୟସ, ସେତେବେଳେ ଥରେ ମୋ ବାପାଙ୍କ ସହ ଏ ବନ୍ଦରକୁ ଆସିଥିଲି । ଏଠାକାର ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ସହ ତାଙ୍କର ବନ୍ଧୁତା ହୋଇଥିଲା । ମୋତେ ବି ସେ ଭାରି ସ୍ନେହ କରୁଥିଲେ । ବାପା ଆକସ୍ମିକ ଭାବେ ଚାଲିଗଲେ, ଦେଶ ବିଦେଶରେ ଥିବା ତାଙ୍କ ବନ୍ଧୁମାନଙ୍କ ନାମଧାମ ତାଙ୍କଠାରୁ ଜାଣିବାର ସୁଯୋଗ ମୁଁ ପାଇଲି ନାହିଁ । ଆପଣଙ୍କ ଚେହେରା ସହ ମୋ ବାପାଙ୍କ ବନ୍ଧୁଙ୍କର ଚେହେରାର ରହିଛି ବହୁ ସାମଞ୍ଜସ୍ୟ । ତେବେ ସେ ଥିଲେ ମୋ' ବାପାଙ୍କଠାରୁ ବଡ଼ । ମୁଁ ଭାବୁଥିଲି ଆପଣ ହୁଏତ ତାଙ୍କରି ପୁଅ ବା ନାତି ହୋଇଥିବେ ପରା !''

ପ୍ରୌଢ଼ କିଛି କହିଲେ ନାହିଁ । ଯୁବକଟିକୁ କିନ୍ତୁ ଖୁବ୍ ଆଦର କରି ଦୋକାନରୁ ନିଜ ଘରକୁ ନେଇଗଲେ । ''ତୁମେ ଆଜି ଏଇଠାରେ ଦିବାହାର କରିବ !'' ସେ କହିଲେ । ଅତିଥି ଯୁବକ ଜଣକ ଚିଠିଟିଏ ଲେଖି ତାଙ୍କ ଜାହାଜର ଲୋକଙ୍କ ପାଖକୁ ପଠାଇ ଦେଲେ – ତାଙ୍କ ପାଇଁ ଅପେକ୍ଷା ନକରି ସେମାନେ ଖିଆପିଆ ଶେଷ କରିବେ ।

''ଆପଣଙ୍କ ସୌଜନ୍ୟରେ ତ ମୁଁ ଅଭିଭୂତ । କିନ୍ତୁ ମୋ ଅନ୍ଦାଜ ଭୁଲ୍ କି ଠିକ୍ ଏ ପର୍ଯ୍ୟନ୍ତ ବୁଝିପାରିଲି ନାହିଁ ।'' ଯୁବକ କୌତୂହଳ ପ୍ରକଟ କଲେ ।

ପ୍ରୌଢ଼ ହସିଲେ ଓ ଯୁବକଙ୍କ ପିଠି ଥାପୁଡ଼େଇ ଦେଇ କହିଲେ, ''ବୁଝିବ, ବୁଝିବ । ସମୟ ଆସିବ ।''

ଦିବାହାର ବଢ଼ା ହେଲା । ଉଭୟେ ଖାଇ ବସିଲେ । ହଠାତ୍ ଯୁବକଙ୍କ ଦୃଷ୍ଟି ଗୋଟାଏ ବିଚିତ୍ର ଚିଜ ପ୍ରତି ଆକର୍ଷିତ ହେଲା । ଆକୃତି ତା'ର ଗୋଟାଏ ପକ୍ଷୀର ପର ପରି । ଖାଇବା ଘର କାନ୍ଥ ସହିତ ତାକୁ ସଂଲଗ୍ନ କରି ରଖା ଯାଇଥାଏ । କାନ୍ଥର ଉଚ୍ଚତା ଯେତିକି, ପରଟିର ସେତିକି । ପରର ରଙ୍ଗ ବିଚିତ୍ର : ଚହଟ ଚିକ୍କଣ ।

''ଆଜ୍ଞା, ଏ ଗୋଟିକ କ'ଣ ?'' ପଚାରିଲେ ଯୁବକ ଅତିଥି ।

ପ୍ରୌଢ଼ ଗୃହସ୍ୱାମୀ ହସିଲେ । ''ମୁଁ ତୁମର ଏହି ପ୍ରଶ୍ନକୁ ଅପେକ୍ଷା କରିଥିଲି । ଶୁଣ ।''

ସେ ଗପିଲେ – ଆଜିକୁ ବାର ବର୍ଷ ତଳର କଥା । ଥରେ ଆମ ଜାହାଜ ଯାଇ ଝଡ଼ ବର୍ଷା ଯୋଗୁଁ ଗୋଟାଏ ଅଜଣା ଦ୍ୱୀପ-ତଟରେ ଆଶ୍ରୟ ନେଲା । ଦୁଇ ତିନି ଦିନ ପରେ ପ୍ରକୃତି ଶାନ୍ତ ହେଲା । ଆମେ କେତେଜଣ ସେ ଦ୍ୱୀପ ଭିତରେ ଯାଇ ବୁଲାବୁଲି କଲୁ । ସେଠାରେ ଜନବସତି ନଥିଲା । ପାହାଡ଼ ଓ ବଣଜଙ୍ଗଲ । ଆମେ ଗୋଟାଏ ପାହାଡ଼ ଉପରକୁ ଉଠି ଚାରିଆଡ଼େ ଅନାଇଲୁ । ଆମ ଭିତରେ ଥିଲେ ଜଣେ ଖୁବ୍ ଅଭିଜ୍ଞ ଏବଂ ବୟସ୍କ ନାବିକ । ଜୀବନରେ ସେ କେତେ ଝଡ଼ ଝଞ୍ଜା, ସାମୁଦ୍ରିକ ବିପଦ ଏପରିକି ଜାହାଜ-ଡୁବି ମଧ୍ୟ ଅଙ୍ଗେ ନିଭାଇଥା'ନ୍ତି । ସେ କହିଲେ, ''ଏ ଦ୍ୱୀପରେ କୌଣସି ବାଘ, ସିଂହ, ଭାଲୁ ଭଳି ପ୍ରାଣୀ ନାହାନ୍ତି ବୋଲି ମନେ ହୁଏ । କିନ୍ତୁ କାହିଁକି ?''

ତା'ପରେ ହଠାତ୍ ସେ ତାଳିମାରି କହିଲେ, ''ବୁଝିଲି । ଏହା ସେହି ଅପୂର୍ବ ରକ୍ ଦ୍ୱୀପ ।''

ଦ୍ୱୀପଟି ସମ୍ପର୍କରେ ଆମେ ସମସ୍ତେ ଆଗରୁ ଶୁଣିଥିଲୁ । ରକ୍ ନାମକ ପକ୍ଷୀର ନିବାସ ସ୍ଥାନ ସେ ଦ୍ୱୀପ । ସେ ପକ୍ଷୀଙ୍କ ସଂଖ୍ୟା ଖୁବ୍ କମ୍ । କିନ୍ତୁ ପ୍ରତ୍ୟେକ ରକ୍ ପକ୍ଷୀ ଗୋଟାଏ ଗୋଟାଏ ପାହାଡ଼ ଭଳି । ସେମାନଙ୍କ ଆକ୍ରମଣ ଯୋଗୁଁ ବଡ଼ ବଡ଼ ପଶୁ ସେମାନଙ୍କ ଦ୍ୱୀପରେ ତିଷ୍ଠି ପାରନ୍ତି ନାହିଁ ।

''ତୁମେ କେମିତି ଜାଣିଲ ଏଇଟା ରକ୍ ଦ୍ୱୀପ ?'' ଆମେ ଆମ ପ୍ରବୀଣ ନାବିକ ଜଣଙ୍କୁ ପ୍ରଶ୍ନ କଲୁ ।

ସେ ହାତ ପ୍ରସାରିତ କରି ଆଗରେ ଥିବା ଗୋଟାଏ ପାହାଡ଼ ଆଡ଼େ ଆମ ଦୃଷ୍ଟି ଆକର୍ଷଣ କଲେ । ତାହା ଆମ ପାହାଡ଼ଠୁଁ ଛୋଟ । କିନ୍ତୁ ତା' ଉପରେ ଥୁଆ ହୋଇଥାଏ ଗୋଟାଏ ବିଶାଳାକୃତି ଗୋଲକଜାତୀୟ ପଦାର୍ଥ । ସକାଳର ସୂର୍ଯ୍ୟ କିରଣରେ ତାହା ଚିକ୍‌ଚିକ୍ କରୁଥାଏ ।

''ଏ ଗୋଟିକ କ'ଣ ବୋଲି ଭାବୁଛ ?'' ନାବିକ ପ୍ରଶ୍ନ କଲେ ।

''ଗୋଟାଏ କିସମର ମୂଲ୍ୟବାନ୍ ପଥର ହୋଇଥିବ ପରା !'' ଆମ ଭିତରୁ କେହି ଜଣେ କହିଲେ ।

''ଏ ଗୋଟିକ ରକ୍ ପକ୍ଷୀର ଅଣ୍ଡା ।'' ପ୍ରବୀଣ ନାବିକ ଜଣାଇଲେ ।

''ସତେ ? ଶୁଣିଛି, ରକ୍ ପକ୍ଷୀର ମାଂସ ଖାଇବାର ସୁଯୋଗ କୌଣସି ମଣିଷ ଭାଗ୍ୟରେ ଜୁଟେ ନାହିଁ । କିନ୍ତୁ ତାହା କୁଆଡ଼େ ଅତ୍ୟନ୍ତ ଉପକାରୀ । ଆମେ ଏ ଅଣ୍ଡାଟି ଫଟାଇଲେ କେମିତି ହୁଅନ୍ତା ? ହୁଏତ ତାହା ପାକଳ ହେବଣି; ତା' ଭିତରେ ପକ୍ଷୀ ଶାବକ ଥିବ । ତା' ମାଂସ ତ ପାଇପାରିବୁ !'' ଜଣେ କହିଲେ । ଦିଗ୍ ବିଦିଗରେ କୌଣସି ରକ୍ ପକ୍ଷୀର ଦେଖା ନଥିଲା । ଆମେ ନିଶ୍ଚିନ୍ତ ହେଲୁଁ ।

ଆମ ହାତରେ ଅସ୍ତ୍ରଶସ୍ତ୍ର ଥିଲା । ଅଣ୍ଡାଟି ଚଟାପଟ ଚୁର୍‌ମାର୍ ହୋଇଗଲା । ଭିତରେ ପକ୍ଷୀ ଶାବକ । ଆମେ ଜାହାଜରୁ ଗୋଟାଏ ବଡ଼ ପାତ୍ର ଆଣି ସେଥିରେ ତା'ର ବେଶ୍ କିଛି ମାଂସ ପୂରାଇଲୁ । ମୁଁ ତା'ର ପରଟିଏ ଘୋଷାରି ଘୋଷାରି ଜାହାଜ ଉପରକୁ ନେଇଗଲି । ଆକାଶ ପରିଷ୍କାର । ଆମେ ଲଙ୍ଗର ଉଠାଇଲୁ । ଅନୁକୂଳ ପବନରେ ଜାହାଜ କ୍ଷିପ୍ର ଗତିରେ ଆମ ଗନ୍ତବ୍ୟ ସ୍ଥାନ ଦିଗରେ ଅଗ୍ରସର ହେଲା ।

ରକ୍ ଶାବକର ମାଂସ ରନ୍ଧା ଚାଲିଥାଏ । ମୁଁ ପରଟିକୁ ସଫାସୁତୁରା କରି ଜାହାଜର କୋଠରି ଯୋଡ଼ିକ ଆଗରେ ଖରାରେ ପକାଇ ରଖିଥାଏ ।

ସୂର୍ଯ୍ୟ ଯେତେବେଳେ ମୁଣ୍ଡ ଉପରେ, ସେତେବେଳେ ହଠାତ୍ ଆକାଶରେ ପୁଳାଏ ମେଘ ଭଳି କିଛି ଦେଖାଗଲା । କେଇ ନିମିଷରେ ଆମେ ବୁଝିଲୁ, ତାହା ଗୋଟିଏ ରକ୍ ପକ୍ଷୀ । ଚାହୁଁ ଚାହୁଁ ତା'ର ଆକାର ବିଶାଳକାୟ ହେଲା । ଆହୁରି ମଧ୍ୟ ଆମେ ଲକ୍ଷ୍ୟ କରି ଦେଖିଲୁ, ସେ ତା'ର ପ୍ରକାଣ୍ଡ ଗୋଡ଼ ଦୁଇଟି ଯୋଗେ ଜାବୁଡ଼ି ଧରିଛି ଗୋଟାଏ ବୃହତ୍ ପଥର ।

ତା' ଦାଉରୁ ରକ୍ଷା ପାଇବାର କୌଣସି ଉପାୟ ଆମକୁ ଦେଖାଗଲା ନାହିଁ । ଆମେ ଆକୁଳ ଭାବରେ ଭଗବାନଙ୍କୁ ଡାକିବାକୁ ଲାଗିଲୁ ।

ସେ ଆସୁରିକ ପକ୍ଷୀ ଆମ ଜାହାଜ ଉପରେ ଚକ୍କର ଦେଲା । ତା'ପରେ ଗୋଟାଏ ତୀବ୍ର ଏବଂ ଭୟଙ୍କର ଧ୍ୱନି ସହ ପଥରଟି ପକାଇ ଦେଲା । ଜାହାଜ ଉପରେ ପଡ଼ିଥିଲେ ଆମେ ସଭିଏଁ ସମୁଦ୍ର ଗର୍ଭରେ ଲୀନ ହୋଇଥା'ନ୍ତୁ । କିନ୍ତୁ ଦୈବାତ୍ ତାହା ପଡ଼ିଲା ଜାହାଜ ସାମନାରେ । ଭୀଷଣ ଶବ୍ଦ ହେବା ସଙ୍ଗେ ସଙ୍ଗେ ଜଳର ଉଦ୍ଦାମ ଫୁତ୍କାର ଭିତରେ ଜାହାଜ ଲୁଚିଗଲା । ପକ୍ଷୀ ବୋଧହୁଏ ଧରି ନେଲା ଜାହାଜ ବିଚୂର୍ଣ୍ଣ । ସେ ଆଉ ଥରେ ଗୋଟାଏ ଧ୍ୱନି ଦେଇ ଦ୍ୱୀପ ଆଡ଼େ ଉଡ଼ି ଚାଲିଗଲା । ସେ ଧ୍ୱନିଟିରେ ଉଲ୍ଲାସ ଥିବା ଭଳି ମନେ ହେଲା ।

କିଛି ସମୟ ସ୍ତବ୍ଧ ହୋଇ ରହି ଆମେମାନେ ଭଗବାନଙ୍କୁ କୃତଜ୍ଞତା ଅର୍ପଣ କଲୁ । ରକ୍ ପକ୍ଷୀ ଫେରି ଆସିବାର ସମ୍ଭାବନା ଦେଖାଗଲା ନାହିଁ । ଆମେ ତା'ର ଶାବକର ମାଂସ ଭକ୍ଷଣ କଲୁଁ । ସେଭଳି ସୁସ୍ୱାଦୁ ଖାଦ୍ୟ ମୁଁ ଜୀବନରେ ଆଉ ଖାଇ ନାହିଁ । ପରଟିକୁ ସାଇତି ରଖିଛି ।

ପ୍ରୌଢ଼ ଗୃହସ୍ୱାମୀ ହସିଲେ । ତାଙ୍କ ଯୁବକ ଅତିଥି ବିସ୍ମୟରେ ସେ ବୃହତ୍ ପରଟି ଆଡ଼େ ଅନାଇ ରହିଥା'ନ୍ତି । କିଛି ସମୟ ପରେ ସେ ପଚାରିଲେ, ''ଆଜ୍ଞା, ରକ୍ ମାଂସ ପରା ଅତ୍ୟନ୍ତ ଉପକାରୀ ? କିଛି ପ୍ରମାଣ ପାଇଲେ ?''

ପ୍ରୌଢ଼ ଗୃହସ୍ୱାମୀ ଏଥର ପ୍ରାଣଖୋଲା ହସ ହସି କହିଲେ, ''ପ୍ରମାଣ ତ ତୁମ ଆଗରେ । ମୁଁ ତୁମ ପିତୃବନ୍ଧୁଙ୍କର ପୁଅ ବା ନାତି ନୁହେଁ, ଖୋଦ୍ ସେହି ପିତୃବନ୍ଧୁ । ରକ୍ ମାଂସ ଖାଇଥିବା ମୁଁ ଓ ମୋର ଅନ୍ୟ ମିତ୍ରମାନେ ଲକ୍ଷ୍ୟ କଲୁଁ ମାସକ ଭିତରେ ଆମର ସମସ୍ତ ଧଳାବାଳ କଳା ହୋଇଗଲା । ଆମ ବୟସ ବଢ଼ି ଚାଲିଛି, କିନ୍ତୁ ଚେହେରା ଉପରେ ବୟସର ଛାପ ପଡୁ ନାହିଁ । ରକ୍ ମାଂସ ଭକ୍ଷଣ ବେଳେ ଆମ ରୂପ ଯାହା ଥିଲା, ସେଥିରେ ଆଖିଦୃଶିଆ ପରିବର୍ତ୍ତନ କିଛି ଘଟି ନାହିଁ । ଅବଶ୍ୟ ମୃତ୍ୟୁ ତା' ଠିକଣା ବେଳେ ଆସିବ । କିନ୍ତୁ ସେ ମାଂସର କରାମତିରୁ ଆମକୁ ସେହି ଦିନରୁ କୌଣସି ବ୍ୟାଧି ଆକ୍ରମଣ କରି ନାହିଁ ।''

ବିସ୍ମିତ ଯୁବକଙ୍କୁ ପ୍ରୌଢ଼ ଅନେକ ଉପହାର ଦେଲେ ଓ

କହିଲେ, ''ତୁମକୁ ତୁମ ବାପାଙ୍କ ସହ ଦେଖିଥିଲି ଏବଂ ତାହା ଉତ୍ତମ ରୂପେ ମନେ ଥିଲା । ତୁମ ଉପରେ ଆଖି ପଡ଼ିବା ମାତ୍ରେ ସେକଥା ମୋର ମନେ ପଡୁଥିଲା । ବାପା ଆଉ ନାହାନ୍ତି ଜାଣି ମୁଁ ବହୁତ ଦୁଃଖିତ ।''

ପ୍ରୌଢ଼ ତାଙ୍କ ଯୁବକ ଅତିଥିକୁ ନେଇ ଜାହାଜରେ ଛାଡ଼ିଲେ ।

(ମନୋଜ କିଶୋର ସାହିତ୍ୟ ସଙ୍କଳନରୁ ସଂଗୃହୀତ, ପୃ. ୫୪୦-୫୪୪) ❑

# ସହଚର ପୂର୍ଣ୍ଣତାର

## କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳ

ରାତ୍ରି ଗୋ ତୁମେ, ନବ ପ୍ରଭାତର ସୂର୍ଯ୍ୟ ସ୍ୱାଗତ ଲାଗି,
ସହିଅଛ କେତେ ଜନ୍ମ ଯନ୍ତ୍ରଣା କଳଙ୍କ କାଳିମା ରାଜି ।

ତୁମ କପାଳରେ ଲେଖା ହୋଇଅଛି ଜରା ମୃତ୍ୟୁର ଟୀକା,
ଅମର ପ୍ରେମର ଦ୍ରଷ୍ଟା ଗୋ ତୁମେ, ଅମୃତ ଭାଗ୍ୟଲେଖା ।

ଆମେ ଖୋଜୁଅଛୁ ଅନ୍ଧକାରରେ ଅଣ୍ଡାଳି ସେହି ସତ୍ୟ,
ନୂତନ ଆଲୋକ, ନୂତନ ଜଗତ୍ ନବ ଚେତନାର ମନ୍ତ୍ର ।

ପୁରାତନ କିନ୍ତୁ ଜମା ବି ଛାଡୁନି ଓଗାଳି ରଖୁଛି ପଥ
ସଂଗ୍ରାମ ଆମେ ଜାରି ରଖିଅଛୁ ବଜ୍ର ବିଜୟ ଶପଥ ।

ଘନୀଭୂତ ତନ୍ଦ୍ରା, ପୁଞ୍ଜୀଭୂତ ଅମା, ପଥ ଦୁର୍ଗମ ଅତି
ରାତ୍ରି ଗୋ ତୁମ ସ୍ନିଗ୍ଧ ପରଶେ ଦିଅ ଅଦମ୍ୟ ଶକ୍ତି ।

ଫୁଟି ଉଠୁ କୋଟି ସୁପ୍ତ ଶତଦଳ ଲୁପ୍ତ ହେଉ ଅନ୍ଧକାର,
ମାତୃଚରଣ ଆଶ୍ରିତ ଆମେ, ବିନ୍ଧାଣୀ ଯେ ପୂର୍ଣ୍ଣତାର । ❑

### ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ନୀଳଦରିଆର ଆକର୍ଷଣ

## ବନମାଳୀ ଆଚାର୍ଯ୍ୟ

ନୀଳଦରିଆର ଅନତିଦୂରରେ କ୍ଷୁଦ୍ର ଅଥଚ କୋଳାହଳପୂର୍ଣ୍ଣ ଏକ ଜନବସତି । ମତ୍ସ୍ୟଜୀବୀମାନେ ଏହାକୁ ନିଜର ଇଲାକା ଭାବେ ବାଛି ନେଇଛନ୍ତି । ବର୍ତ୍ତମାନ ଏହା ଏକ ଅନାମଧେୟ ଚଳଚଞ୍ଚଳ ବସ୍ତି । ମଧ୍ୟଭାଗରେ ଏକ ପୁଷ୍କରିଣୀ ଏହାର ଶୋଭାବର୍ଦ୍ଧନ କରୁଅଛି । ବସ୍ତି ବାସିନ୍ଦାଙ୍କର କେଉଁ ଅଜ୍ଞାତ ଆବଶ୍ୟକତାରୁ ଏହି କୃତ୍ରିମ ପୁଷ୍କରିଣୀର ଜନ୍ମ । ସେମାନେ ଏହାର ଯେତିକି ଯତ୍ନ ନେଉଥା'ନ୍ତି, ତତୋଽଧିକ ଏହା ମଧ୍ୟରେ ବାସ କରୁଥିବା ଜଳଜୀବମାନଙ୍କ ପ୍ରତି ସମ୍ବେଦନଶୀଳ ଥା'ନ୍ତି । ଜୀବଗୁଡ଼ିକ ଏତାଦୃଶ ବିସ୍ମୟକର ପରିବେଶରେ ମୁକ୍ତଭାବେ ବିଚରଣ କରିବା ଏବଂ ଅନାୟାସରେ ସେମାନଙ୍କର ବଂଶବୃଦ୍ଧି ଘଟିବା ଅବଶ୍ୟ ଆଶ୍ଚର୍ଯ୍ୟଜନକ କଥା । ପୁଷ୍କରିଣୀ ମଧ୍ୟରେ ବାସ କରୁଥିବା ଏକ ବ୍ରାହ୍ମଣୀବେଙ୍ଗ ଅନ୍ୟ ଜୀବମାନଙ୍କଠାରୁ ପ୍ରାୟତଃ ସମ୍ପୂର୍ଣ୍ଣ ଭିନ୍ନ ସ୍ୱଭାବର ଥିଲା । ଦୈବାତ୍ କୌଣସି ଅଜଣା କାରଣରୁ ପୁଷ୍କରିଣୀର ପୃଷ୍ଠଦେଶରେ ଅପ୍ରତ୍ୟାଶିତ ସଂଗ୍ରାମର ସୂତ୍ରପାତ ହେଉଥିଲେ, ବେଙ୍ଗଟି ସେଠାରେ ଉପସ୍ଥିତ ହେଉଥିଲା । ତତ୍କ୍ଷଣାତ୍ ବେଙ୍ଗର ଯାଦୁକରୀ ଉପସ୍ଥିତି ଅଶାନ୍ତ ପରିସ୍ଥିତିକୁ ପରିବର୍ତ୍ତିତ କରି ଦେଉଥିଲା ଏବଂ ପୂର୍ବବତ୍ ଶାନ୍ତ ଅବସ୍ଥା ଫେରି ଆସୁଥିଲା । ସମସ୍ତଙ୍କ ଚକ୍ଷୁରେ ତା' ପ୍ରତି ଭୟମିଶ୍ରିତ ସମ୍ମାନବୋଧ ସ୍ପଷ୍ଟ ଜଣା ପଡୁଥିଲା । ବିକ୍ଷୁବ୍ଧ ଜଳରାଶି ଅବିଳମ୍ବେ ଶାନ୍ତ ସରୋବରରେ ପରିଣତ ହେଉଥିଲା ।

ରାସପୂର୍ଣ୍ଣିମାର ଜ୍ୟୋସ୍ନାବିଧୌତ ରଜନୀ । ଏକ ବିଶେଷ ବାର୍ତ୍ତା ଶ୍ରବଣ କରାଇବା ସକାଶେ ବେଙ୍ଗ ବୟସ୍କ ଜୀବମାନଙ୍କୁ ନେଇ ଏକ ସଭାର ଆୟୋଜନ କଲା । ପୁଷ୍କରିଣୀର ମଧ୍ୟ ଭାଗରେ ଭାସମାନ ଏକ କାଠଗଡ଼ । ଏହା ଉପରେ ସେ ସ୍ୱୟଂ ଉପବେଶନ କରିବା ଉଚିତ ମନେ କଲା । କାଠଗଡ଼କୁ ପରିବେଷ୍ଟିତ କରି ରହିଛି ପଦ୍ମପତ୍ରର ସବୁଜ ଗାଲିଚା । ଜ୍ୟୋସ୍ନାପ୍ଲାବିତ ଶିଶିର ବିନ୍ଦୁରେ ହୀରକଖଣ୍ଡର ଶୋଭା ଅତୁଳନୀୟ । ଏତାଦୃଶ ବିରଳଦୃଶ୍ୟ ଜୀବମାନଙ୍କୁ ଆକର୍ଷିତ କରିବାର ଅନ୍ୟତମ କାରଣ ଥିଲା । ସୁଶୀତଳ ଚନ୍ଦ୍ରକିରଣ ନିର୍ମଳ ଆକାଶରୁ ଝରି ଆସୁଥିଲା । ସମସ୍ତଙ୍କ ହୃଦୟ ଏକ ନୀରବ ପୁଲକରେ ଉଲ୍ଲସିତ ହେଉଥିଲା । ଶୀତଳ ପରିବେଶର ଅନୁପମ ଗାମ୍ଭୀର୍ଯ୍ୟ ଚିତ୍ତାକର୍ଷକ ଓ ମନଲୋଭା ଥିଲା । ପ୍ରତୀତ ହେଉଥିଲା ଯେପରି ଦୁର୍ବୋଧ ଇନ୍ଦ୍ରପୁରୀର କିୟଦଂଶ ମନୋମୁଗ୍ଧକର ଚନ୍ଦ୍ର କିରଣରେ ପ୍ରତିଫଳିତ ହେଉଛି । ଅସଲରେ ବ୍ରାହ୍ମଣୀବେଙ୍ଗର ଶାନ୍ତ ଗମ୍ଭୀର ଅହଂଶୂନ୍ୟ ଉପସ୍ଥିତିକୁ ଜୀବମାନେ ନିଜ ଭିତରେ ଅନୁଭବ କରି ପାରୁଥିଲେ ।

ନୀରବତା ମଧ୍ୟରେ କିଛି ସମୟ ଅତିବାହିତ ହେଲା । କୋମଳ ଓ ମଧୁର ସ୍ୱରରେ ବ୍ରାହ୍ମଣୀବେଙ୍ଗ ଆରମ୍ଭ କଲା, ''ପବିତ୍ର ରାସପୂର୍ଣ୍ଣିମାରେ ମୁଁ ତୁମମାନଙ୍କର ମଙ୍ଗଳ କାମନା କରୁଛି । ଆକାଶର ପୂର୍ଣ୍ଣଚନ୍ଦ୍ର ଭଳି ତୁମେ ଆଲୋକିତ ଓ ପରିପୂର୍ଣ୍ଣ ହୋଇଉଠ । ଶାନ୍ତ ସୁଶୀତଳ ଚନ୍ଦ୍ରକିରଣ ଭଳି ତୁମ ଜୀବନ ହିଂସା ଓ କ୍ରୋଧ ବିବର୍ଜିତ ହୋଇ ସରଳ ଓ ମାର୍ଜିତ ହେଉ । ତୁମକୁ ଜଣା ଅଛି କି ଆମର ଶତ୍ରୁ କିଏ ? ଆମେ ନିଜେ । ଆମ ଅଜାଣତରେ ରାଗ ଓ ହିଂସା ଆମକୁ କବଳିତ କରି ଆମର କ୍ଷତି କରିଥାଏ । ତଥାପି ଆମେ ଏସବୁକୁ ପୋଷଣ କରୁ । ଏମାନେ ସେହି ବିଷଧର କୃଷ୍ଣସର୍ପ, ଯିଏ ଅସହାୟ ଗଙ୍ଗଦଉକୁ ନିର୍ବଂଶ କରି ପକାଏ । ଏସବୁ ସମୂଳେ ପ୍ରତ୍ୟାଖ୍ୟାତ ହେବା ଆବଶ୍ୟକ । ମନୁଷ୍ୟ ବିଷୟରେ କେବେ କିଛି ଭାବିଛ ? ସେ ସମସ୍ତ ଦୃଷ୍ଟିରୁ ଆମ ଅପେକ୍ଷା ଶ୍ରେଷ୍ଠତର । ଆମ ଜୀବନ ଓ ମୃତ୍ୟୁର ଭାଗ୍ୟବିଧାତା । ସୌଭାଗ୍ୟବଶତଃ ଆମେ ଏ ସ୍ଥାନରେ ଅଦ୍ୟାପି ନିରାପଦରେ ରହିଛେ । ଆସନ୍ତାକାଲି କ'ଣ ଘଟିବ କହିହେବ ନାହିଁ । ହୋଇପାରେ ଯେଉଁମାନେ ଆମକୁ ନିର୍ଭୟରେ ବିଚରଣ କରିବାକୁ ଓ ସ୍ୱାଧୀନ ଭାବେ ବଞ୍ଚିବାକୁ ସ୍ୱୀକୃତି ଦେଇଛନ୍ତି, ତାଙ୍କର ବଂଶଧରମାନେ ତାହା ଆମଠାରୁ ଛଡ଼ାଇ ନେଇ ପାରନ୍ତି । ଯେକୌଣସି ମୁହୂର୍ତ୍ତରେ ଆମେ ବିଲୁପ୍ତ ହୋଇ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ ।''

ବ୍ରାହ୍ମଣୀବେଙ୍ଗ ନୀରବତା ଅବଲମ୍ବନ କଲା । ପ୍ରାଣିକ ଆନନ୍ଦର କମ୍ପନ ପରିବର୍ତ୍ତେ ଏକ ଅଜଣା ଆତଙ୍କର ଅଦୃଶ୍ୟ ତରଙ୍ଗ ସମସ୍ତଙ୍କୁ ଶିହରିତ କଲା । ସମ୍ଭାବ୍ୟ ମୃତ୍ୟୁର ଭୟ ଧୀରେ ଧୀରେ ସମସ୍ତଙ୍କୁ ଗ୍ରାସ କରୁଥିଲା । ମୃତ୍ୟୁ ଅପେକ୍ଷା ମୃତ୍ୟୁର ଭୟ ଅଧିକ ଭୟଙ୍କର – ଠିକ୍ କୂପ ମଧ୍ୟରେ ଆତିଥ୍ୟ ଗ୍ରହଣ

କରିଥିବା କୃଷ୍ଣସର୍ପ ଭଳି । ସମସ୍ତେ ନିର୍ବାକ୍, ନିସ୍ପନ୍ଦ ଓ ନିରୁତ୍ତର । ମାତ୍ର ନୀରବ ମୁହୂର୍ତ୍ତମାନ କାହାରିକୁ ଅପେକ୍ଷା କରୁ ନଥିଲେ ।

କିଛିକ୍ଷଣ ଉତ୍ତାରେ କଇଁଛ ମୁହଁ ଖୋଲିଲା, ''ମହାଭାଗ, ଆମେ କ'ଣ ମନୁଷ୍ୟକୁ ଅତିକ୍ରମ କରିପାରିବା ନାହିଁ ?''

ବେଙ୍ଗ ଉତ୍ତର ଦେବାକୁ ଯାଇ କହିଲା, ''ଜଣକୁ ଅତିକ୍ରମ କରିବାକୁ ହେଲେ ପ୍ରଥମତଃ ତାହାର ଦୁର୍ବଳତା ବିଷୟରେ ଅବଗତ ହେବା ଦରକାର । ମନୁଷ୍ୟର ଦୁଇଟି ଦୁର୍ବଳତା ଅଛି – ଅଜ୍ଞତା ଓ ଅହଂକାର । ଶୁଷ୍କ କାଠଖଣ୍ଡ ଅଗ୍ନି ଜଳିବାରେ ସମସ୍ତ ସହାୟତା ଦିଏ ଏବଂ ପରିଣାମସ୍ୱରୂପ ନିଜେ ପାଉଁଶରେ ପରିଣତ ହୁଏ । ସେହିଭଳି ମନୁଷ୍ୟ ନିଜର ଅହଂକାରକୁ ବୃଦ୍ଧି କରିବାରେ ସମୟ ଅପଚୟ କରେ ଏବଂ ସୁଖ ନାମରେ ଦୁଃଖକୁ ଆମନ୍ତ୍ରଣ କରେ । ମନୁଷ୍ୟର ବଡ଼ ଅଜ୍ଞାନତା ହେଲା ତା'ର ଜନ୍ମ ପରେ ଜନ୍ମ ବିତିଯାଏ, ମାତ୍ର ସେ କିଏ ଜାଣିପାରେ ନାହିଁ । ତା'ର ଜୀବନ ଅହଂକୈନ୍ଦ୍ରିକ ଓ ଅଜ୍ଞାନତାପୂର୍ଣ୍ଣ । କ୍ଳାନ୍ତି, ନୈରାଶ୍ୟ, ଦୁଃଖ, ଯନ୍ତ୍ରଣା, ରୋଗ, ଜରା ଓ ମୃତ୍ୟୁକୁ ନେଇ ବ୍ୟସ୍ତ ରହୁଥିବା ଏକ ଅପୂର୍ଣ୍ଣ ଜୀବନ । କେବଳ ଅନ୍ତରସ୍ଥ ସତ୍ୟ ନିକଟରେ ସମର୍ପିତ ମନୁଷ୍ୟ ପୂର୍ଣ୍ଣତା ଅଭିମୁଖେ ଯାତ୍ରା କରିପାରେ । ବାହ୍ୟ ଜୀବନ ତା'ର ଦିବ୍ୟତ୍ୱ ଲାଭ କରେ, ନହେଲେ ଜୀବନ କୁହେଳିକାମୟ ଓ ଅର୍ଥହୀନ ହୋଇ ରହେ । ଯେଉଁ ମନୁଷ୍ୟ ନିଜକୁ ରକ୍ଷା କରି ଜାଣେ ନାହିଁ, ସେ ଆମକୁ କିପରି ସୁରକ୍ଷା ଦେବ ?''

ଏକ ପଦ୍ମନାଗ ଫଣା ଉଠାଇ କହିଲା, ''କେବଳ ମନୁଷ୍ୟର ସଚେତନତା ଓ ସାଧନା ନିଜକୁ ଓ ଜୀବଜଗତକୁ ରକ୍ଷା କରିପାରିବ ।'' ଏକ କଙ୍କଡ଼ା ପଦ୍ମପତ୍ର ଉପରେ ଦୋଳାୟମାନ ଅବସ୍ଥାରେ କହିଲା, ''ସ୍ୱାଧୀନତା, ସୁରକ୍ଷା, ସ୍ୱାଭିମାନ ନ ଥିଲେ ଜୀବନର କିଛି ଅର୍ଥ ନାହିଁ । ଏକ ଭାକୁଡ଼ ମୁଣ୍ଡଟେକି କହିଲା, ''ଏ ଘଡ଼ିସନ୍ଧି ମୁହୂର୍ତ୍ତରେ କେବଳ ବ୍ରାହ୍ମଣୀ ବେଙ୍ଗହିଁ ଆମର ମାର୍ଗଦର୍ଶକ ।''

ସମସ୍ତଙ୍କଠାରୁ ଶୁଣିବା ପରେ ବ୍ରାହ୍ମଣୀବେଙ୍ଗ କହିଲା, ''ଜୀବନର ଯଥାର୍ଥ ଲକ୍ଷ୍ୟ ପୂର୍ଣ୍ଣତାପ୍ରାପ୍ତି; ମାତ୍ର ଏହା ଏତେ ସହଜ ନୁହେଁ । ମନୁଷ୍ୟ ଭାଷାରେ ସାଧନା ଦ୍ୱାରା ସିଦ୍ଧି ବା ପୂର୍ଣ୍ଣତା ମିଳେ । ପ୍ରତ୍ୟେକଙ୍କୁ ନିଜର ଅନ୍ତରାତ୍ମା ସହ ସଂଯୁକ୍ତ ହେବାକୁ ହେବ । ସମସ୍ତ ପ୍ରକାର ଜଡ଼ତା, ଅସ୍ଥିରତା ଓ ଚଞ୍ଚଳତାରୁ ମୁକ୍ତ ହେବାକୁ ପଡ଼ିବ । ଏକହିଁ ପରମସତ୍ୟଙ୍କର ଆମେ ଭିନ୍ନ ଭିନ୍ନ ରୂପ । ଆମେ ସମସ୍ତେ ଏକ ଓ ଅଭିନ୍ନ । ମୁଁ ସ୍ଥିର କରିଛି, ଆସନ୍ତା କାଲି ନୀଳଦରିଆକୁ ଚାଲିଯିବି । ତୁମ୍ଭେମାନେ ମୋତେ ଅନୁସରଣ କରିପାର କିଂବା ସାଗରର ଢେଉ ପୁଷ୍କରିଣୀ ମଧ୍ୟକୁ ପ୍ରବେଶ କରିବାଯାଏ ଅପେକ୍ଷା କରିପାର ଅଥବା ବର୍ଷା ଦିନର ଜଳଧାରା ତୁମ୍ଭମାନଙ୍କୁ ସେ ସ୍ଥାନକୁ ଯିବାରେ ସାହାଯ୍ୟ କରିପାରେ । ବିଶାଳ ସାଗରର ବକ୍ଷ ଆମକୁ ଅଧିକ କିଛି ପ୍ରଦାନ କରିବ, ଯାହା ସମ୍ବନ୍ଧରେ ଆମର ଜ୍ଞାନହିଁ ନାହିଁ ।''

ପରଦିନ ଉଦୟ ସୂର୍ଯ୍ୟଙ୍କ ଲୋହିତ କିରଣରେ ବ୍ରାହ୍ମଣୀବେଙ୍ଗ ନୀଳଦରିଆ ଅଭିମୁଖେ ଅଗ୍ରସର ହେଲା । ସାଗରର ଅସୀମତା ଓ ନୀଳଜଳ ତାକୁ ଆକର୍ଷିତ କରୁଥିଲା । ସାଗର ତଟରେ ପହଞ୍ଚିବା କ୍ଷଣି ତରଙ୍ଗମାଳା ତାହାର ଦେହକୁ ଧୋଇଦେଲା । ସେ ଦେହରେ ଏକ ପୁଲକ ଅନୁଭବ କଲା । ଧୀରେ ଧୀରେ ସେ ଫେରନ୍ତା ଉର୍ମିମାଳାରେ ନୀଳଦରିଆର ବକ୍ଷଦେଶ ଆଡ଼କୁ ଭାସି ଭାସି ଆଗେଇ ଗଲା – ଅସୀମତା, ଅନନ୍ତତା ଓ ପୂର୍ଣ୍ଣତା ଆଡ଼କୁ । ପୁଷ୍କରିଣୀର ଜଳଜୀବସବୁ ନିର୍ନିମେଷ ନୟନରେ ଏହି ଦୃଶ୍ୟକୁ ଅବଲୋକନ କରୁଥିଲେ । ସୂର୍ଯ୍ୟଙ୍କର ସୁନେଲି ରଶ୍ମିରେ ଚତୁର୍ଦ୍ଦିଗ ଉଦ୍ଭାସିତ ହେଉଥିଲା ।

ପ୍ରକୃତି ସେହି ଶକ୍ତି ଯାହା ବିଶ୍ୱାୟତନରେ ଓ ବ୍ୟକ୍ତି ଭିତର ଦେଇ କାର୍ଯ୍ୟ କରେ । ଏହାର ଦୁଇଟି ଭାଗ ଅଛି । ନିମ୍ନ ପ୍ରକୃତି ଓ ଦିବ୍ୟ ପ୍ରକୃତି । ନିମ୍ନ ପ୍ରକୃତି ଅଜ୍ଞାନତାକୁ ଆଶ୍ରୟ କରି ମନ, ପ୍ରାଣ ଓ ଜଡ଼ କ୍ଷେତ୍ରରେ କ୍ରିୟାକରେ । ଦିବ୍ୟପ୍ରକୃତି ବା ପରାପ୍ରକୃତି ସଚ୍ଚିଦାନନ୍ଦ ଓ ଅତିମାନସ ଭୂମିରୁ ପରିପୂର୍ଣ୍ଣ ସତ୍ୟର ପ୍ରକାଶ ସକାଶେ ଅଜ୍ଞାନତାରୁ ମୁକ୍ତ ରହି କ୍ରିୟା କରନ୍ତି । ମନୁଷ୍ୟ ଯେପର୍ଯ୍ୟନ୍ତ ଅଜ୍ଞାନତା ଭିତରେ ଥାଏ ସେ ନିମ୍ନପ୍ରକୃତିର ଅଧୀନରେ ରହେ । ଆଧାତ୍ମିକ ବିବର୍ତ୍ତନ ଦ୍ୱାରା ବ୍ୟକ୍ତି ଦିବ୍ୟ ପ୍ରକୃତି ବିଷୟରେ ସଜ୍ଞାନ ହୁଏ । ତାଙ୍କ ମଧ୍ୟକୁ ପ୍ରବେଶ କରିବାକୁ ଅଭୀପ୍ସା କରେ । ସେ ଚେତନାରେ ଦିବ୍ୟପ୍ରକୃତି ମଧ୍ୟକୁ ଆରୋହଣ କରିପାରେ । ଦିବ୍ୟପ୍ରକୃତି ତା' ମଧ୍ୟକୁ ଅବତରଣ କରି ପାରନ୍ତି । ଏହି ଆରୋହଣ ଓ ଅବତରଣ ତାହାର ଦେହ, ପ୍ରାଣ, ମନର ଅଦିବ୍ୟ ପ୍ରକୃତିକୁ ରୂପାନ୍ତର କରିପାରେ । ଦିବ୍ୟଜନନୀ ଶ୍ରୀମା ଓ ପରମପ୍ରଭୁ ଶ୍ରୀଅରବିନ୍ଦ ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଆମ୍ଭମାନଙ୍କୁ ଦେଇଛନ୍ତି । ଆଉ ବିଳମ୍ବ ନକରି ପ୍ରତ୍ୟେକ ବ୍ୟକ୍ତି ଏହି ଦିବ୍ୟତାର ଅନୁସନ୍ଧାନରେ ତାଙ୍କର ସାଧନାପଥକୁ ସ୍ୱୀକାର କରିନେବା ଆବଶ୍ୟକ, କାରଣ ଆସନ୍ତାକାଲି ବି ଆମ ସମସ୍ତଙ୍କ ସକାଶେ ବିଳମ୍ବ ହୋଇଯିବ ।

କାହାଣୀଟିରେ 'ନୀଳଦରିଆ' ଉଚ୍ଚତର ଚେତନାର ବିଶାଳତାକୁ ବୁଝାଉଛି । 'ବ୍ରାହ୍ମଣୀବେଙ୍ଗର ନୀଳଦରିଆ ମଧ୍ୟକୁ ଯାତ୍ରା' ପ୍ରତୀକାତ୍ମକ ଭାବେ ଉଚ୍ଚତର ଚେତନା ମଧ୍ୟକୁ ଆରୋହଣ । ଏହା ସାଧନାର ପଥକୁ ଇଙ୍ଗିତ କରୁଛି ଯାହା ପରିପୂର୍ଣ୍ଣତା ଦିଗରେ ଲମ୍ବି ଯାଇଛି ।

❑❑❑

# ପାଦ ତଳେ ଦିଅ ସ୍ଥାନ

## ଗୋପାଳକୃଷ୍ଣ ପଟ୍ଟନାୟକ

ଆରତନାଶିନୀ, ଅଭୟଦାୟିନୀ
ବିଘ୍ନବିନାଶିନୀ ମାଆ ।
ଶରଣ ମାଗୁଛି କରୁଣା ପରଷି
ଦୀନରେ କର ସୁଦୟା ॥ (୧)

ତୋ'ପରି ଜନନୀ ପାଇ ଏ ମାନବ-
ଜନମ ହୋଇଛି ଧନ୍ୟ,
ତୋ'ଠାରେ ମୋ ମନ ଲାଗିଛି ନିରତ
ଗାଉଛି ତୋ'ର ଭଜନ,
ଅର୍ଘ୍ୟଥାଳି ଘେନି ତୁମରି ମନ୍ଦିରେ
ଆସୀନ କରେ ଦଇନି,
ପ୍ରବାହିତ ହେଉ ଏ ପରାଣେ ତବ
କୃପା-ମଧୁ-ମନ୍ଦାକିନୀ ॥ (୨)

ତବ ଆଶିଷ ମୋ ଲଲାଟେ ଚନ୍ଦନ
ପ୍ରେମ ମୋ' ହୃଦୟ ହାର,
କମଳ ନୟନ ଦର୍ଶନେ ବିମୁଗ୍ଧ
ହୁଏ ବିଷଣ୍ଣ ଅନ୍ତର ॥ (୩)

ଅଧ୍ୟାତ୍ମ ଅମ୍ବରେ ତୁମେ ମା' ମୃଗାଙ୍କ
ଶ୍ରୀଅଙ୍ଗ ଅମିୟ ଆଭା
ହୁଏ ବିଭାସିତ, ଜୋଛନା ପରାଗ
ବିଶ୍ୱ ଜନ ମନଲୋଭା –
ସେ ସୁଧା ପରଶେ ନିମ୍ନ ଚେତନାର
ହେଉ ପୂର୍ଣ୍ଣ ରୂପାନ୍ତର,
ମୋ ହୃଦ ପୁଷ୍ପିତ କାନନେ ଜନନୀ
କର ଗୋ ସଦା ବିହାର ॥ (୪)

କଙ୍କରିଳ ମାୟା ସଂସାର ସରଣୀ
ଅନ୍ଧାର ତୁମ ବିହୁନେ,
ଭବ୍ୟ ଜ୍ୟୋତିଃ ଝର ବୁହାଇ ଦିଅ ମା
ଦିବ୍ୟତାର ମହାଗୁଣେ ॥ (୫)

ଭକ୍ତି ଅଶ୍ରୁ ଜଳେ ଚରଣ ପଖାଳି
କରୁଛି ତୋ'ର ବନ୍ଦନ,
କୃପା ମକରନ୍ଦ ଢାଳି ଦିଅ ମାଗୋ
ପାଦତଳେ ଦିଅ ସ୍ଥାନ ॥ (୬) ❑

ପୃଥିବୀପୃଷ୍ଠସ୍ଥ ଜୀବନ ପ୍ରଧାନତଃ ଅଗ୍ରଗତି ନିମନ୍ତେ ଏକ କ୍ଷେତ୍ର । କିନ୍ତୁ ଯେଉଁସବୁ ଅଗ୍ରଗତି କରିବାକୁ ହେବ ତା' ତୁଳନାରେ ଜୀବନ କେତେ ସଂକ୍ଷିପ୍ତ !
ନିଜର କ୍ଷୁଦ୍ର କ୍ଷୁଦ୍ର କାମନା-ବାସନାକୁ ଚରିତାର୍ଥ କରିବା ନିମନ୍ତେ ଚାହିଁବାରେ ସମୟ ନଷ୍ଟ କରିବା ତୁଚ୍ଛା ନିର୍ବୋଧତା ଛଡ଼ା ଆଉ କିଛି ନୁହେଁ । ଯଥାର୍ଥ ସୁଖ ସେତିକିବେଳେ ସମ୍ଭବ ଯେତେବେଳେ ତୁମେ ଭଗବାନଙ୍କୁ ପାଇଛ ।

– ଶ୍ରୀମା

**ଚେତନାର ଦିଗ୍‌ବଳୟ :**

# ରାଧା ବାସ୍ତବ ନା କଳ୍ପନା ?

***ପ୍ରଶ୍ନ :** ରାଧାତତ୍ତ୍ୱର ଗୁରୁତ୍ୱ ଅପରିସୀମ । କିନ୍ତୁ ମହାନ୍ ବ୍ୟାସଦେବ ତାଙ୍କ ଭାଗବତ ମହାପୁରାଣରେ ତାଙ୍କ କଥା ଅନୁଲ୍ଲେଖ ରଖିଲେ କାହିଁକି ?*

**ଉତ୍ତର :** ବୃନ୍ଦାବନରେ ସ୍ୱାମୀ ହରିଦାସଙ୍କ ଆଶ୍ରମର ପଣ୍ଡିତପ୍ରବର ଉତ୍ତରାଧିକାରୀଙ୍କୁ ଲେଖକ ଏ ପ୍ରଶ୍ନ କରନ୍ତେ ସେ କହିଥିଲେ, ବ୍ୟାସଦେବ ରାଧାଙ୍କୁ ସ୍ମରଣ କରିବା ମାତ୍ରେହିଁ ଧ୍ୟାନ-ସମାଧିସ୍ଥ ହୋଇ ଯାଉଥିଲେ; ରଚନା ଓ ଲେଖନ ଶକ୍ତି ଅସାଡ଼ ହୋଇ ଯାଉଥିଲା । ଦିବ୍ୟ ପ୍ରେମର ରାଧା-ରୂପକ ମହାଶକ୍ତିର ରୂପାୟନ ନିମନ୍ତେ ଭାଷା ମଧ୍ୟ ସେ ପାଉ ନଥିଲେ ।

ସେ ଯାହା ହେଉ, ଭାଗବତରେ ରାଧାଙ୍କ ଅସ୍ତିତ୍ୱର ସାଙ୍କେତିକ ଉଲ୍ଲେଖ ରହିଛି ବୋଲି ବୈଷ୍ଣବ ଗବେଷକମାନେ କହନ୍ତି । ସେଥିରେ ଜଣେ ରହସ୍ୟମୟୀ ଗୋପୀଙ୍କ ଉପସ୍ଥିତିର ସଙ୍କେତ ରହିଛି । ମୋର ସୀମିତ ଅଧ୍ୟୟନ ଭିତରେ ମୁଁ ସେ ସୂତ୍ର ସନ୍ଧାନରେ ବ୍ରତୀ ହୋଇ ନାହିଁ । ଦେବୀ ଭାଗବତ, ବ୍ରହ୍ମବୈବର୍ତ୍ତ ପୁରାଣ ଏବଂ ଦେବୀ ପୁରାଣରେ ରାଧାଙ୍କ ଶାଶ୍ୱତ ଅସ୍ତିତ୍ୱ ସମ୍ପର୍କରେ ତଥ୍ୟମାନ ରହିଛି ବୋଲି ଜଣା; ଅଧ୍ୟୟନ କରିପାରି ନାହିଁ । ମୋର ବିଶ୍ୱାସ, ରାଧା ସ୍ଥୂଳ ଶରୀରରେ ଆବିର୍ଭୂତା ହୋଇ ନଥିଲେ । ଭକ୍ତ ସାଧକମାନେ ସେ ଅବର୍ଣ୍ଣନୀୟ ମହାଶକ୍ତିକୁ ସୂକ୍ଷ୍ମ ସ୍ତରରେ ଅନୁଭବ କରିଛନ୍ତି, କିନ୍ତୁ ଯେତେବେଳେ ତାଙ୍କୁ ସ୍ଥୂଳ ସ୍ତରକୁ ନେଇ ଆସିଛନ୍ତି, ସେ ପ୍ରସଙ୍ଗ କିମ୍ଭୂତକିମାକାର ରୂପମାନ ଗ୍ରହଣ କରିଛି, କେତେବେଳେ ରୋମାଣ୍ଟିକ ନାଟକ ବା କବିତା ରୂପରେ ତ କେତେବେଳେ ଦୟନୀୟ ପ୍ରହସନ ପର୍ଯ୍ୟାୟରେ । ଅତିଭୌତିକ ସ୍ତରର ଏକ ବାସ୍ତବତାକୁ ପାର୍ଥିବ ସ୍ତରରେ କଳ୍ପନା କଲେ ତାହାର ଅବସ୍ଥା ପ୍ରାୟ ବିକଳ ବା ବିକୃତ ହୋଇଥାଏ । ଧରନ୍ତୁ ଗୋପୀମାନଙ୍କ କଥା । ସେମାନେ ସଭିଏଁ ମୋକ୍ଷ ପ୍ରାପ୍ତ ଋଷି-ଆତ୍ମା । ପାର୍ଥିବ ପରିସ୍ଥିତିରେ ଦିବ୍ୟ ସାନ୍ନିଧ୍ୟର ଅଭିନବ ରସାସ୍ୱାଦନ ସକାଶେ ସେମାନେ ଜନ୍ମଗ୍ରହଣ କରିଥିଲେ । ପ୍ରତ୍ୟେକ ଗୋପୀ ସହ ଜଣେ ଜଣେ କୃଷ୍ଣଙ୍କ ନୃତ୍ୟର ତାତ୍ପର୍ଯ୍ୟ – ଭଗବାନ୍ ଅସୀମ ଓ ଅଖଣ୍ଡ ହେଲେ ମଧ୍ୟ ପ୍ରତ୍ୟେକ ଅଭୀପ୍‌ସୁର ସେ ଏକାନ୍ତ ନିଜସ୍ୱ ।

ଗୋଟାଏ କଥା ସ୍ପଷ୍ଟ କରିଦେବା ଉଚିତ । ସମଗ୍ର ବାସ୍ତବତାର ଏକ କ୍ଷୁଦ୍ର ଅଂଶ ମାତ୍ର ଆମର ଏ ସ୍ଥୂଳ ଜଗତ୍; ବହୁ ସ୍ତର, ବହୁ ବୈଚିତ୍ର୍ୟ ବିଶିଷ୍ଟ ସୂକ୍ଷ୍ମ ଜଗତ୍ ଏହା ତୁଳନାରେ ଅବିଶ୍ୱାସ୍ୟ ମାତ୍ରାରେ ବ୍ୟାପକ । ସେ ଜଗତରେ ଉପଲବ୍ଧ ଶ୍ରୀରାଧା ସ୍ଥୂଳ ଅସ୍ତିତ୍ୱବନ୍ତ ନରନାରୀ ତୁଳନାରେ ବହୁ ଅଧିକ ବାସ୍ତବ । ଶ୍ରୀରାଧା ସ୍ଥୂଳ ନୁହନ୍ତି କି କଳ୍ପନା ନୁହନ୍ତି, ସେ ଅତି-ବାସ୍ତବ ସୂକ୍ଷ୍ମ । ଏହା ପ୍ରହେଳିକାମୟ ମନେ ହେଲେ ମଧ୍ୟ ସତ୍ୟ । ଆରାଧ୍ୟ ପାଖରେ ଦିବ୍ୟ ପ୍ରେମ-ଉତ୍ସାରିତ ପରିପୂର୍ଣ୍ଣ ସମର୍ପଣର ଦୃଷ୍ଟାନ୍ତ ହେଲେ ରାଧା ।

ସ୍ଥୂଳ ଶରୀରକୁ ଆଧାର କରି ଆମେ ଯେଉଁ ଆବେଗ ପ୍ରବେଗ ଅନୁଭବ କରିବାକୁ ସକ୍ଷମ, ତାହା ରାଧା ଚେତନାର ସ୍ପର୍ଶ ମାତ୍ର ହୋଇପାରେ – ଅନୁଭବ ହୋଇ ପାରେନା, ଉପଲବ୍ଧି ତ ସୁଦୂର ପରାହତ । ସେହି ସାମାନ୍ୟ ସ୍ପର୍ଶରେ କେହି କେହି ଭକ୍ତ ଉନ୍ମାଦ ଭଳି ଆଚରଣ କରନ୍ତି । ଯେଉଁମାନେ ଅପେକ୍ଷାକୃତ ନିବିଡ଼ ସ୍ପର୍ଶ ପାଆନ୍ତି, ସେମାନେ ସମାଧିସ୍ଥ ହୋଇ ଯାଆନ୍ତି । ରାଧା ପ୍ରେମ ଅଦ୍ୟାବଧି ଅବ୍ୟକ୍ତ । ଭାଷା ଦୃଷ୍ଟିରୁ ଅବ୍ୟକ୍ତ ହେଲେ ମଧ୍ୟ କୃଷ୍ଣପ୍ରାଣ ବିଦଗ୍ଧ ସ୍ୱଚ୍ଛ ଚେତନାରେ ତାହା ଅନୁଭୂତ ହୋଇପାରେ ।

**– ମନୋଜ ଦାସ**

(‘ଜିଜ୍ଞାସାର ଦିଗ୍‌ଦିଗନ୍ତ’ରୁ ସଂଗୃହୀତ, ପୃଷ୍ଠା : ୮୧-୮୨) ❑

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 12** **R.N.I. No. 18163/70.**
Navaprakash (Monthly), December, 2023 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**
**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Gopal Chandra Mahana
**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**